# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୧/୨୦୧୮ (୨୦ ପୃଷ୍ଠା+ମେଟ୍ରୋ ମିଜାଜ) Bhubaneswar, Thursday, October 11/ 2018 | ★★★★★★

୪୪ଶ ଭାଗ ୩୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ହରବିନ୍ଦର ଜିତିଲେ ସ୍ୱର୍ଣ୍ଣ**

ଜାକର୍ତ୍ତାଠାରେ ଚାଲିଥିବା ଏସିଆନ ପାରା ଗେମ୍ସରେ ଭାରତୀୟ ତୀରନ୍ଦାଜ ହରବିନ୍ଦର ସିଂ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ।

୧୮

୧୬

**ମୁଡ୍ ଅଫ୍ କରିଦେଉଛି ଗୋଟିଏ ପ୍ରଶ୍ନ**

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନାଙ୍କ ମୁଡ୍ ଅଫ୍ କରିଦେଉଛି ଗୋଟିଏ ପ୍ରଶ୍ନ। ତାହା ହେଉଛି ତାଙ୍କ ମ୍ୟାରେଜ୍ ବିଷୟ।



# ଆଜି ସ୍ଥଳଭାଗ ଛୁଇଁବ ତିତ୍‌ଲି



- ଘଣ୍ଟାକୁ ବହିବ ୧୬୫ କି.ମି.
- ୧ ମିଟର ଲହଡି ଉଠିବ
- ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା
- ଖାଲୁଆ ଅଞ୍ଚଳରୁ ୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର
- ୫ ଜିଲାରେ ୧୮ ଓଡ୍ରାଫ,ଏନ୍‌ଡିଆର୍‌ଏଫ୍ ଟିମ୍ ସଜାଗ
- ଉଦ୍ଧାର ପାଇଁ ସେନାର ସହାୟତା ନିଆଯିବ
- ଋଷିକୁଲ୍ୟା ଓ ବଂଶଧାରାରେ ବନ୍ୟା ଆଶଙ୍କା



ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଉତ୍ତରାମୁଖୀ ଅଞ୍ଚଳରେ ଥିବା ବସ୍ତିବାସିନ୍ଦାଙ୍କୁ ନିକଟସ୍ଥ ରାଜୀବ ଆବାସ ଗୃହକୁ ସ୍ଥାନାନ୍ତର କରାଯାଉଛି।

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ତିତ୍‌ଲି' ଅତି ଭୟଙ୍କର ହେବାରେ ଲାଗିଛି। ଘଣ୍ଟାକୁ ୧୮ କି.ମି. ବେଗରେ ସ୍ଥଳଭାଗ ଆଡ଼କୁ ମାଡିଆସୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅତି ଭୟଙ୍କର ରୂପ ଧାରଣ କରିବ। ବୁଧବାର ରାତି ସାଢ଼େ ୧୧ଟା ସୁଦ୍ଧା ଝଡ଼ ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ୧୬୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଗତିକରୁଛି। ଗୁରୁବାର ସକାଳ ୫ଟାରୁ ୮ଟା ମଧ୍ୟରେ ଏହା ଗୋପାଳପୁର ଓ କଳିଙ୍ଗପଟନମ୍ ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ଝଡ଼ର ବେଗ ଘଣ୍ଟାପ୍ରତି ୧୫୦ରୁ ୧୬୫ କି.ମି. ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଝଡ଼ ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଜିଲା ଅତିମାତ୍ରାରେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହିସବୁ ଜିଲାରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଏହାଛଡା ୧୧ ତାରିଖରେ ଗଜପତି, ଗଞ୍ଜାମ, ପୁରୀ, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ☞ପୃଷ୍ଠା-୪

## ଛାତ୍ର ସଂସଦ ନିର୍ବାଚନ ବାତିଲ

■ **୨ ଦିନ ସମସ୍ତ ସ୍କୁଲ, କଲେଜ ବନ୍ଦ**

'ତିତ୍‌ଲି' ଯୋଗୁ ରାଜ୍ୟରେ ଗୁରୁବାର ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି। ତିତ୍‌ଲିକୁ କିପରି ମୁକାବିଲା କରାଯିବ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନ ୧୧ଟା ୪୫ରେ ସଚିବାଳୟରେ ଏକ ସମୀକ୍ଷା ବୈଠକ ବସିଥିଲା। ବାତ୍ୟା ପ୍ରଭାବରୁ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାର ୧୧ ଏବଂ ୧୨ ତାରିଖରେ ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଏବଂ କଲେଜକୁ ଛୁଟି ଘୋଷଣା କରିଛନ୍ତି। ☞ପୃଷ୍ଠା-୪

## ୫ ବିମାନ ବାତିଲ କଲା ଇଣ୍ଡିଗୋ

ଭୁବନେଶ୍ୱର ଓ ବିଶାଖାପାଟଣାରେ ଖରାପ ପାଗକୁ ଦୃଷ୍ଟିରେ ରଖି ଆସନ୍ତା ଗୁରୁବାର ଇଣ୍ଡିଗୋ ଏୟାରଲାଇନ୍ସ ଏହାର ୫ଟି ବିମାନର ଉଡ଼ାଣକୁ ବାତିଲ କରିଛି। ସେଗୁଡ଼ିକ ହେଲା ଭୁବନେଶ୍ୱର-ଦିଲ୍ଲୀ ୬ଇ୨୧୨୭, ଭୁବନେଶ୍ୱର-ଦିଲ୍ଲୀ ୬ଇ୨୪୮୯(ସମୟ ସକାଳ ୫ଟା ୧୫), ଭୁବନେଶ୍ୱର-କୋଲକାତା ୬ଇ୭୦୭(ସକାଳ ୫ଟା ୨୫), ଭୁବନେଶ୍ୱର-ବେଙ୍ଗାଲୁରୁ ୬ଇ୧୫୭(ସକାଳ ୬ଟା ୪୦) ଓ ଭୁବନେଶ୍ୱର-ମୁମ୍ବାଇ ୬ଇ୩୭୫(ସକାଳ ୮ଟା ୫୦)। ଏଥି ସହିତ ସେହି ☞ପୃଷ୍ଠା-୪

## ଟ୍ରେନ ଚଳାଚଳ ବାଧାପ୍ରାପ୍ତ

ବାତ୍ୟା ତିତ୍‌ଲିକୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ଟ୍ରେନକୁ ବାତିଲ କରାଯାଇଥିବା ବେଳେ କେତେକର ଚଳାଚଳ ସମୟ ପରିବର୍ତ୍ତନ, ଆଉ କିଛିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ପୂର୍ବତଟ ରେଳପଥ କହିଛି। ବୁଧବାର ସନ୍ଧ୍ୟା ୧୦ଟା ପରଠାରୁ ଖୋର୍ଦ୍ଧାରୋଡ ଏବଂ ବିଜୟନଗରମ ମଧ୍ୟରେ ଟ୍ରେନ ଚଳାଚଳକୁ ବାତିଲ୍ କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ସ୍ଥିତି ଅନୁଧ୍ୟାନ କଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପ୍ରତି ରେଲୱେ ଧ୍ୟାନ ଦେଉଛି। ଛତ୍ରପୁର, ଗଞ୍ଜାମ, ରମ୍ଭା, ହୁମ୍ମା, ପଲାସା, ଶ୍ରୀକାକୁଲମ୍ ଭଳି ଷ୍ଟେଶନକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଷ୍ଟେଶନଗୁଡିକ ସହ ନିରନ୍ତର ଯୋଗାଯୋଗ ରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି। ବିଦ୍ୟୁତ ସଂଯୋଗ ବାଧାପ୍ରାପ୍ତ ହେବା କ୍ଷେତ୍ରରେ ଡିଜେଲ ଚାଳିତ ଇଞ୍ଜିନ, ଟ୍ରାକ୍ ସଫା ଲାଗି ବ୍ୟବସ୍ଥା ହୋଇଛି। ☞ପୃଷ୍ଠା-୪




ଆପଣଙ୍କ ଏହି କପି ସହିତ ପାଇବେ ମେଟ୍ରୋ ମିଜାଜ

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ



**କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସ ଉଦ୍‌ଘାଟିତ**

........୧୮........



**ୟୁପିରେ ଟ୍ରେନ୍ ଦୁର୍ଘଟଣା**

**୭ ମୃତ**

ପୃଷ୍ଠା-୨




**ବରଗଡ଼: ୨ଜି ଇଥାନଲ ଜୈବ ବିଶୋଧନାଗାର ଶିଳାନ୍ୟାସ**

ପୃଷ୍ଠା-୫






■ **ସୁପ୍ରିମକୋର୍ଟଙ୍କ କଟକଣା**

## ସଶସ୍ତ୍ର ପୋଲିସଙ୍କୁ ଶ୍ରୀମନ୍ଦିର ମନା

ନୂଆଦିଲ୍ଲୀ,୧୦।୧୦ (ସ୍ୱ.ପ୍ର.)

ପୁରୀ ଶ୍ରୀମନ୍ଦିରକୁ ଏଣିକି କୌଣସି ସଶସ୍ତ୍ର ପୋଲିସ ଯାଇପାରିବେ ନାହିଁ। କାରଣ ବନ୍ଧୁକଧାରୀ ପୋଲିସ କର୍ମଚାରୀଙ୍କ ଶ୍ରୀମନ୍ଦିରକୁ ପ୍ରବେଶ ଉପରେ ବୁଧବାର କଟକଣା ଲଗାଇଛନ୍ତି ସୁପ୍ରିମକୋର୍ଟ। ଏହାସହ ଶ୍ରୀମନ୍ଦିର ପରିସରରେ ପୋଲିସ କର୍ମଚାରୀମାନେ ଜୋତା ମଧ୍ୟ ପିନ୍ଧିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ପକ୍ଷ ଆବେଦନକାରୀ ଦେବାଶିଷ ମିଶ୍ରଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ୍ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ମୂଳ ଆବେଦନକାରୀ ମୃଣାଳିନୀ ପାଢ଼ୀଙ୍କୁ ଏକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ହର୍ମୋନ୍ -ପ୍ରଯୁକ୍ତ ମାଂସ**

**ଆଜିର ମନ୍ତବ୍ୟ**

"ମୁଁ ରାଜନୀତିରେ ଯୋଗଦେଲେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ ।

-ଇନ୍ଦ୍ରା ନୁୟି, ପୂର୍ବତନ ସିଇଓ, ପେପ୍‌ସିକୋ


NECC NATIONAL EGG CO-ORDINATION COMMITTEE 10.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 62 | 109 | 119 |

*Conditions Apply

Eggs Retail Price- 45/-Dozen

Issued in the Interest of Consumers






**Kamal Watch Co.:** Esplanade One Mall, Rasulgarh Bhubaneswar, Ph: 07416415153; **Khimji:** Saheed Nagar, Janpath, Ph: 3017777; District Centre, Chandrasekharpur, Ph: 3057777; Cantonment Road, Cuttack, Ph: 3987777; Kesar Bhawan, Main Road, Rourkela, Ph: 6667777; **Lalchand Jewellers:** Ph: 2534014, 2534017.



ତୁର୍କୀର କାରାବୁରନ୍ ସହରସ୍ଥିତ ଏଇଜିଏନ ବେଳାଭୂମି ନିକଟରେ ଦେଶାନ୍ତରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ମଙ୍ଗଳବାର ରାତିରେ ଓଲଟି ପଡ଼ିଛି। ଏହାଦ୍ୱାରା ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ ନିଖୋଜ ଅଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଫାଣ୍ଡି ଅଧିକାରୀ



**ବାରିପଦା ଅଫିସ,୧୦।୧୦:** ଲାଞ୍ଚ ନେବା ଅଭିଯୋଗରେ ୫ ଦିନ ପୂର୍ବରୁ ମୟୂରଭଞ୍ଜ ଜିଲାର ୨ ପୋଲିସ ଅଧିକାରୀ ଗିରଫ ହୋଇଥିବା ବେଳେ ବୁଧବାର ପୁଣି ଜଣେ ଫାଣ୍ଡି ଅଧିକାରୀ ଗିରଫ ହୋଇଛନ୍ତି। ଜଣେ ପୋଖରୀ ଲିଜ୍‌ଧାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବେତନଟୀ ଥାନା ଅନ୍ତର୍ଗତ ବଡ଼ଜାମବଣି ଫାଣ୍ଡି ଏଏସଆଇ ସନ୍ତୋଷ କୁମାର ବାରିକ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମୋରଡ଼ା ବ୍ଲକର ଡାକୋଇ ଅମରନାମା ଗ୍ରାମର କାନ୍ଦ୍ରା ମୁର୍ମୁ ଭାଲିଆଡ଼ିହା ଗ୍ରାମପଞ୍ଚାୟତର ଛାଡ଼କୋଟା ପୋଖରୀକୁ ଲିଜ୍ ସୂତ୍ରରେ ନେଇ ମାଛ ଚାଷ କରିଥିଲେ। କାନ୍ଦ୍ରାଙ୍କୁ ଉକ୍ତ ପୋଖରୀରେ ମାଛ ଚାଷ କରାଇ ନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ କେତେକ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ କାନ୍ଦ୍ରା ବଡ଼ଜାମବଣି ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ଫାଣ୍ଡି ଅଧିକାରୀ ଏଏସଆଇ ସନ୍ତୋଷ ବାରିକ ରଫାଦଫା କରାଇଦେବା ସହ କାନ୍ଦ୍ରାଙ୍କୁ ସୁରକ୍ଷା ଦେବାକୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ କାନ୍ଦ୍ରା ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗ ବୁଧବାର ଅପରାହ୍ନରେ ଚଢ଼ାଉ କରି ଲାଞ୍ଚ ନେଉଥିବା ବେଳେ ସନ୍ତୋଷଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ଡିଏସପି ଶରତ କୁମାର ମହାନ୍ତଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିବା ବେଳେ ଏକ ମାମଲା (ନଂ ୪୪/୧୮) ରୁଜୁ ହୋଇଛି।

# ଏକ୍ସପ୍ରେସ୍ ଲାଇନଚ୍ୟୁତ: ୭ ମୃତ

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୦।୧୦(ପି.ଟି.)



**ୟୁପିରେ ପୁଣି ଟ୍ରେନ୍ ଦୁର୍ଘଟଣା**

- ଆହତ ଯାତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ
- ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ
- କ୍ଷତିପୂରଣ ରାଶି ଘୋଷଣା କଲେ ପୀୟୂଷ, ଯୋଗୀ

ଉତ୍ତରପ୍ରଦେଶ (ୟୁପି)ରେ ପୁଣି ଏକ ଯାତ୍ରୀବାହୀ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବୁଧବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ନ୍ୟୁ ଫରାକ୍କା ଏକ୍ସପ୍ରେସ୍‌ର ୯ ବଗି ଓ ଇଞ୍ଜିନ ରାଏବରେଲୀ ନିକଟରେ ଲାଇନ୍‌ଚ୍ୟୁତ ହୋଇଯାଇଛି। ଏହିଘଟଣାରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ୩୦ରୁ ୩୫ ଜଣ ମଧ୍ୟ ସାମାନ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

ପଶ୍ଚିମବଙ୍ଗର ମାଲ୍‌ଦାରୁ ନୂଆଦିଲ୍ଲୀ ମୁହାଁ ଯାତ୍ରା କରୁଥିଲା ନ୍ୟୁ ଫରାକ୍କା ଏକ୍ସପ୍ରେସ୍ (୧୪୦୦୩)। ରାଏବରେଲୀ ଜିଲାର ହରଚାନ୍ଦପୁର ଦେଇ ଏହା ଅତିକ୍ରମ କରୁଥିବାବେଳେ ସକାଳ ୬ଟାରେ ଦୁର୍ଘଟଣା ଘଟିଥିଲା ବୋଲି ଉତ୍ତରପ୍ରଦେଶ ଏଡିଜି (ଆଇନଶୃଙ୍ଖଳା) ଆନନ୍ଦ କୁମାର ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଅଛନ୍ତି। ଲକ୍ଷ୍ନୌର ହସ୍ପିଟାଲଗୁଡ଼ିକରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭର୍ତ୍ତି କରାଯାଇଛି। ଅନ୍ୟ ଆହତଙ୍କୁ ରାଏବରେଲୀ ହସ୍ପିଟାଲ ନିଆଯାଇଛି। ଦୁର୍ଘଟଣା ପରେ ଫସିରହିଥିବା ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଲାଗି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ୧,୩୬୯ ଯାତ୍ରୀଙ୍କୁ ନେଇ ଅପରାହ୍ନ ୨ଟା ୪୫ରେ ତାହା ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା। ତେବେ ରେଳ ସୁରକ୍ଷା ବିଭାଗର ମୁଖ୍ୟ କମିଶନର ଶୈଳେଶ ପାଠକ ଦୁର୍ଘଟଣା ସମ୍ପର୍କରେ ତଦନ୍ତ କରିବେ ବୋଲି ଜଣାପଡ଼ିଛି। ତେବେ ମୃତାହତଙ୍କ ସଂଖ୍ୟା ବିଷୟରେ ରେଳୱେ ବିଭାଗ ପକ୍ଷରୁ ପୃଥକ୍ ସୂଚନ ମିଳିଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହେବା ସହ ୧୯ ଜଣ ଆହତ ହୋଇଥିବା ରେଳୱେ ଅଧିକାର କହିଛନ୍ତି।

ସଦ୍ୟ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ୟୁପି ସରକାର, ରେଲୱେ ଅଧିକାରୀ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସହାୟତା ଯୋଗାଇଦେଇଥିବା ମୋଦି ଟୁଇଟ୍ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଳମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି। ଆହତଙ୍କୁ ୧ ଲକ୍ଷ ଏବଂ ସାମାନ୍ୟ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ଦିଆଯିବ। ଅନ୍ୟପଟେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

**ପୁରୀ ଷ୍ଟେଶନରେ ଦୁର୍ଘଟଣା**

### ଗରିବ ରଥର ୪ ବଗି ଲାଇନଚ୍ୟୁତ

**ପୁରୀ ଅଫିସ,୧୦।୧୦:** ପୁରୀ ରେଳ ଷ୍ଟେଶନ ୱାଶିଂ ଲାଇନ୍‌ରେ ବୁଧବାର ଦୁର୍ଘଟଣା ଘଟିଛି। ପୁରୀ-ହାଓଡା ଗରିବ ରଥ ଧୁଆ ହେବା ପାଇଁ ପ୍ଲାଟଫର୍ମରୁ ୱାଶିଂ ଲାଇନକୁ ଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଏହି ଟ୍ରେନର ୪ଟି ଏସି ବଗି ଲାଇନଚ୍ୟୁତ ହୋଇଛି। ଏହି ବଗିଗୁଡ଼ିକ ହେଲା ଜି-୧୨, ଜି-୧୩, ଜି-୧୪ ଓ ଜି-୧୫। ଟ୍ରାକ୍ ବାହାରକୁ ଦୁଇଟି ବଗି ପଳାଇଯାଇ ଅଣେଇ ହୋଇ ରହିଛି। ଏହି ସମୟରେ ଟ୍ରେନରେ ଯାତ୍ରୀ ନଥିଲେ। ବୁଧବାର ଉତ୍ତରପ୍ରଦେଶ ରାଏବରେଲିର ହରଚନ୍ଦପୁରଠାରେ ନ୍ୟୁ ଫରକା ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଥିବା ବେଳେ ମଧ୍ୟାହ୍ନରେ ପୁରୀରେ ଗରିବ ରଥ ଲାଇନ୍‌ଚ୍ୟୁତ ହୋଇଛି।

# ପରିବାରର ୪ ସଦସ୍ୟଙ୍କୁ ଏସିଡ୍ ମାଡ଼

ମହାକାଳପଡ଼ା/ମାର୍ଶାଘାଇ, ୧୦।୧୦ (ଡି.ଏନ୍.ଏ.)

- ରାତିରେ ଶୋଇଥିବା ବେଳେ ଏସିଡ୍ ପକାଇଲେ ଦୁର୍ବୃତ୍ତ
- ବାପା ଗୁରୁତର, ମା' ଓ ୨ଝିଅ ଆହତ

ମହାକାଳପଡ଼ା ବ୍ଲକ ପାଟଳିପଙ୍କ ଗ୍ରାମର ହିମାଂଶୁ ବାରିକ(୩୦)ଙ୍କ ପରିବାରର ୪ ସଦସ୍ୟଙ୍କ ଉପରେ ମଙ୍ଗଳବାର ରାତିରେ ଏସିଡ୍ ମାଡ଼ କରାଯାଇଛି। ଏଥିରେ ହିମାଂଶୁ ଗୁରୁତର ହୋଇଥିବା ବେଳେ ତାଙ୍କ ଗର୍ଭବତୀ ସ୍ତ୍ରୀ ମିନତି(୨୮), ୨ ଝିଅ ଶାଳିନୀ(୭) ଓ ସୋନାଲି(୨) ଆହତ ହୋଇଛନ୍ତି। ସେମାନଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ହିମାଂଶୁ, ତାଙ୍କ ସ୍ତ୍ରୀ ଓ ୨ ଝିଅ ଘରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଏକ ମଦ ବୋତଲରେ ଝରକା ପଟେ ଘର ଭିତରକୁ ଏସିଡ୍ ଫୋପାଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ୪ଜଣଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ହିମାଂଶୁଙ୍କ ଆଖି, ମୁହଁ, ବେକ ଓ ଛାତିରେ ଏସିଡ୍ ପଡ଼ିଥିବାରୁ ତାଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି।

ସୂଚନାଥାଉ କି, ହିମାଂଶୁ ପାରାଦୀପରେ ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟାଇ ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ନେଇ ହିମାଂଶୁଙ୍କ ସମ୍ପର୍କୀୟ ଭାଇ ବିନୋଦ କୁମାର ବାରିକ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୬୪/୧୮ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି।

# ରାଜ୍ୟର ଅଧିକାର କ୍ଷେତ୍ରରେ କେନ୍ଦ୍ର ଅଧିକାରୀ ଯାଞ୍ଚ କରିପାରିବେ

ନୂଆଦିଲ୍ଲୀ,୧୦।୧୦

**ଜିଏସ୍‌ଟିରେ ଟିକସ ଫାଙ୍କି**

କମ୍ପାନୀ ହେଉ ଅଥବା ବ୍ୟବସାୟୀ, ଟିକସ ଫାଙ୍କି କ୍ଷେତ୍ରରେ ସୂଚନା ପାଇବା ମାତ୍ରେ ଉଭୟ କେନ୍ଦ୍ର ଓ ରାଜ୍ୟର ଜିଏସ୍‌ଟି ଅଧିକାରୀ ନିଜର ଅଧିକାର କ୍ଷେତ୍ର ଭୁଲି ଏହାର ଯାଞ୍ଚ କରିପାରିବେ। ସମ୍ପୃକ୍ତ କମ୍ପାନୀ, ବ୍ୟବସାୟୀ ଅଥବା ବ୍ୟବସାୟ ପ୍ରତିଷ୍ଠାନ, କାରଖାନା ଆଦି ରାଜ୍ୟର ଅଧିକାର କ୍ଷେତ୍ର ମଧ୍ୟରେ ଆସୁଥିଲେ ମଧ୍ୟ ସେଠାକୁ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ଅଧିକାରୀ ଚଢ଼ଉ, ଯାଞ୍ଚ,ଜବତ ଆଦି କରିପାରିବେ। କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଇସି) ଗତ ସପ୍ତାହରେ ଏକ ସର୍କୁଲାର ଜାରି କରି ଏ ସମ୍ପର୍କରେ ସ୍ଥିତି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଚଢ଼ଉକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ଜିଏସ୍‌ଟି ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହୁଥିଲା। ଉଲ୍ଲେଖଥାଉ କି, ମାସକ ପୂର୍ବରୁ ଆନ୍ଧ୍ରପ୍ରଦେଶର ଷ୍ଟେଟ ଟ୍ୟାକ୍ସେସ୍‌ର ଚିଫ୍ କମିଶନର ଏଭଳି ଏକ ସର୍କୁଲାର ଜାରି କରିଥିଲେ। ସେଥିରେ ସେ ଲେଖିଥିଲେ ଯେ, କେନ୍ଦ୍ର ସରକାରଙ୍କ ଅଧିକାର ପରିସରଭୁକ୍ତ ହୋଇଥିଲେ ମଧ୍ୟ ରାଜ୍ୟର ଟିକସ ଅଧିକାରୀମାନେ ଜିଏସ୍‌ଟି ଫାଙ୍କି ହେଉଥିବାର ସୂଚନା ପାଇଲେ ସମ୍ପୃକ୍ତ କମ୍ପାନୀ, ବ୍ୟବସାୟ ପ୍ରତିଷ୍ଠାନରେ ତୁରନ୍ତ ଚଢ଼ଉ କରିପାରିବେ। ସୂଚନାଥାଉ କି, କିଛି କମ୍ପାନୀ କେବଳ କେନ୍ଦ୍ରୀୟ ଜିଏସ୍‌ଟି ଦେଇ ରାଜ୍ୟକୁ ଟିକସ ଦେଉନାହାନ୍ତି। ସେହିପରି କେତେକ ରାଜ୍ୟରେ ସେମାନେ ରାଜ୍ୟ ଜିଏସ୍‌ଟି ଦେଇ କେନ୍ଦ୍ରୀୟ ଟିକସ ଫାଙ୍କୁଛନ୍ତି। ଏଣୁ ଚଢ଼ଉକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ଜିଏସ୍‌ଟି ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହୁଥିଲା।

**କେନ୍ଦ୍ର କ୍ୟାବିନେଟର ଅନୁମୋଦନ**

# ପ୍ରତିଷ୍ଠା ହେବ ଜାତୀୟ ଧନ୍ଦାମୂଳକ ଶିକ୍ଷା ତାଲିମ ପ୍ରତିଷ୍ଠାନ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

- ଏନ୍‌ସିଭିଇଟି, ଏନ୍‌ଏସ୍‌ଡିଏ ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ

ଦକ୍ଷତା ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଜାତୀୟ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ ପ୍ରତିଷ୍ଠାନ (ଏନ୍‌ସିଭିଇଟି) ପ୍ରତିଷ୍ଠା କରିବାର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଜାତୀୟ ଧନ୍ଦାମୂଳକ ତାଲିମ ପରିଷଦ(ଏନ୍‌ସିଭିଟି) ଏବଂ ରାଷ୍ଟ୍ରୀୟ ଦକ୍ଷତା ବିକାଶ ଏଜେନ୍ସି(ଏନ୍‌ଏସ୍‌ଡିଏ)କୁ ମିଶ୍ରଣ କରାଯାଇ ଏନ୍‌ସିଭିଇଟି ନାମକ ଏହି ନୂଆ ପ୍ରତିଷ୍ଠାନ କରାଯିବ। ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ କାର୍ଯ୍ୟରେ ନିୟୋଜିତ ସଂସ୍ଥାନଗୁଡ଼ିକର କାର୍ଯ୍ୟକୁ ନିୟମିତ କରିବା ସହିତ ସେଗୁଡ଼ିକର ସର୍ବନିମ୍ନ ମାନକ ପ୍ରସ୍ତୁତ କରିବା ପାଇଁ ଏନ୍‌ସିଭିଇଟି କାର୍ଯ୍ୟ କରିବ। ନିୟାମକ ସଂସ୍ଥା, ମୂଲ୍ୟାଙ୍କନ ସଂସ୍ଥା ଏବଂ ଦକ୍ଷତା ବିକାଶ ସମ୍ବନ୍ଧୀୟ ସୂଚନା ପ୍ରଦାନକାରୀମାନଙ୍କୁ ମାନ୍ୟତା ପ୍ରଦାନ ଏନ୍‌ସିଭିଇଟିର କାର୍ଯ୍ୟ ହେବ। ଏନ୍‌ସିଭିଇଟି ପାଇଁ ଜଣେ ଅଧ୍ୟକ୍ଷ ନିଯୁକ୍ତ ହେବେ। ଏଥିସହ ଜଣେ କାର୍ଯ୍ୟକାରୀ ଏବଂ ଅଣକାର୍ଯ୍ୟକାରୀ ସଦସ୍ୟ ରହିବେ। ଭିତ୍ତିଭୂମି ଏବଂ ସମ୍ବଳର ସର୍ବାଧିକ ବିକାଶ କରାଯିବ। ଏହି ସଂସ୍ଥାନ ପ୍ରତିଷ୍ଠା କରାଯିବା ଦ୍ୱାରା ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ କାର୍ଯ୍ୟକ୍ରମରେ ଉନ୍ନତି ଆସିବ। ଦକ୍ଷତା ବିକାଶ କ୍ଷେତ୍ରରେ ଘରୋଇ ନିବେଶକୁ ପ୍ରୋତ୍ସାହନ ମିଳିବ।





ସେପ୍ଟେମ୍ବରରେ ଦେଶରେ ସୁନା ଆମଦାନୀ ୧୪% ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁ ଚାହିଦା କମିଥିବା ଜଣାପଡିଛି। ବିଶ୍ୱରେ ସୁନା ଦର ହ୍ରାସ ପାଇଥିଲେ ହେଁ ଭାରତରେ ସୁନା ଆମଦାନୀ ଚଳିତ ବର୍ଷ ଏବେ ସୁଦ୍ଧା ୮.୮% କମିଛି। ସୁନା ଆମଦାନୀ ହ୍ରାସ ପାଇବା କେନ୍ଦ୍ର ସରକାରଙ୍କ ମୁଣ୍ଡବ୍ୟଥା କମାଇଛି। କାରଣ ଏହାଦ୍ୱାରା ଚଳନ୍ତି ତଥା ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ ପାଇବ।



# କୂଅରୁ ମିଳିଲା ୫ ଭାଇଙ୍କ ମୃତଦେହ

ଭୋପାଳ,୧୦।୧୦

ମଧ୍ୟପ୍ରଦେଶରେ ବୁଧବାର ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ବରୱାଣି ଜିଲା ସେନ୍ଧୱା ଗ୍ରାମର ଏକ କୂଅରୁ ୫ ଭାଇଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବରୱାଣି ଜିଲାସ୍ଥିତ ଚିଖ୍‌ଲି ଗ୍ରାମର ଭତାର ସିଂ ପଡ଼ୋଶୀ ରାଜ୍ୟ ମହାରାଷ୍ଟ୍ରରେ ଶ୍ରମିକ ଭାବେ କାମ କରନ୍ତି। ତାଙ୍କର ଦୁଇଜଣ ସ୍ତ୍ରୀ। ପ୍ରଥମ ସ୍ତ୍ରୀ ସୁଙ୍ଗିବାଇଙ୍କ ୪ ଓ ଦ୍ୱିତୀୟ ସ୍ତ୍ରୀ ସୁନୀତାଙ୍କ ଜଣେ ପୁଅ। ୫ ଭାଇଙ୍କ ବୟସ ୩ରୁ ୭ ବର୍ଷ ମଧ୍ୟରେ। ଚିଖ୍‌ଲିଠାରୁ ଦେଢ଼ କି.ମି. ଦୂରରେ ଅବସ୍ଥିତ ଏକ ଖୋଲା କୂଅରେ ବୁଧବାର ସକାଳ ୬ଟାରେ ୫ ଭାଇଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ସେନ୍ଧୱା ରୁରାଲ୍ ପୋଲିସ ସେଠାରେ ପହଞ୍ଚି ମୃତଦେହଗୁଡ଼ିକୁ କୂଅରୁ ବାହାର କରିଛି। ଏହି ଘଟଣା ସାମ୍ନାକୁ ଆସିବା

### ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ

ପରେ ଭତାର ଓ ତାଙ୍କର ପ୍ରଥମ ସ୍ତ୍ରୀ ସୁଙ୍ଗିବାଇ ରହସ୍ୟଜନକ ଭାବେ ଉଭାନ ହୋଇଯାଇଛନ୍ତି। ସାନ ସ୍ତ୍ରୀ ସୁନୀତା ଏଥିରେ ମର୍ମାହତ ହୋଇ ପୋଲିସକୁ ନିଜ ବୟାନ ଦେଇପାରି ନାହାନ୍ତି। ଭତାର ସିଂ ଓ ତାଙ୍କ ଦୁଇ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଏହି ହତ୍ୟାକାଣ୍ଡର କାରଣ ବୋଲି ପୋଲିସ ଆଶଙ୍କା କରୁଛି। ଭାଇମାନଙ୍କୁ ତଣ୍ଟିଚିପି କିମ୍ବା ପିଟିପିଟି ହତ୍ୟାକରିବା ପରେ କୂଅକୁ ଫିଙ୍ଗି ଦିଆଯାଇଛି ନା ଅନ୍ୟ କୌଣସି ପ୍ରକାରେ ଏଭଳି କାଣ୍ଡ ଭିଆଯାଇଛି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ ବୋଲି ସେନ୍ଧୱା ରୁରାଲ୍ ଥାନା ଅଧିକାରୀ ଦୀନେଶ ଚୌହାନ କହିଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ସ୍ଥାନୀୟ ବିଧାୟକ ଅନ୍ତର ସିଂ ଆର୍ଯ୍ୟ ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇଥିବା ଜଣାପଡ଼ିଛି।

# ସମୁଦ୍ରକୁ ମାଛ ଧରିବାକୁ ଯାଇ ୪ ମତ୍ସ୍ୟଜୀବୀ ନିଖୋଜ

ମହାକାଳପଡ଼ା, ୧୦।୧୦ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅଧୀନ ପିତାପାଟ ଗ୍ରାମର ୪ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇ ୪ଦିନ ହେବ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ହିମାଂଶୁ ମଣ୍ଡଳ(୨୦), ଜୟନ୍ତ ଚୌକିଦାର (୨୦), ଗଣେଶ ମଣ୍ଡଳ(୩୦) ଓ କାର୍ତ୍ତିକ ମଣ୍ଡଳ (୨୪)। ପ୍ରକାଶ ଯେ, ନିଖୋଜ ୪ ମତ୍ସ୍ୟଜୀବୀ ରବିବାରଠାରୁ ଏକ ଇଞ୍ଜିନଚାଳିତ ଡଙ୍ଗା ସାହାଯ୍ୟରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ତେବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଝଡ଼ ଯୋଗୁ ସମୁଦ୍ର ଅଶାନ୍ତ ରହୁଥିବାରୁ ସେମାନେ ସମୁଦ୍ର ଭିତରେ ଫସି ଯାଇଥିବା ଆଶଙ୍କା କରାଯାଉଛି। ୪ଦିନ ହେବ ସେମାନେ ଫେରି ନ ଥିବାରୁ ପରିବାର ଲୋକଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି।









ଟାଟା ଷ୍ଟିଲ୍‌ର ସୁନୀଲ ଭାସ୍କରନଙ୍କୁ ଏୟାର ଏସିଆ ଇଣ୍ଡିଆ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରିଛି। ବୁଧବାର କମ୍ପାନୀ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଭାସ୍କରନ ଏବେ ଟାଟା ଷ୍ଟିଲର କର୍ପୋରେଟ୍ ବ୍ୟାପାର ବିଭାଗର ଭାଇସ ପ୍ରେସିଡେଣ୍ଟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ନଭେମ୍ବର ୧୫ରୁ ସେ ନୂତନ ଦାୟିତ୍ୱ ତୁଲାଇବେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:...................................

ଜନ୍ମ ତାରିଖ: ..............................



ତୁଗୁ
ପରିବାରବର୍ଗ



ଲିଲୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆସିମ୍ ମୁନିର ଆଇଏସ୍‌ଆଇ ମୁଖ୍ୟ



ଇସ୍‌ଲାମାବାଦ,୧୦।୧୦(ପି.ଟି.)- ପାକିସ୍ତାନର ପ୍ରଭାବଶାଳୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ମୁଖ୍ୟ ଭାବେ ବୁଧବାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆସିମ୍ ମୁନିରଙ୍କୁ ନିଯୁକ୍ତ କରାଯାଇଛି। ସେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନଭିଦ୍ ମୁଖ୍‌ତାରଙ୍କ ସ୍ଥାନରେ ଅବସ୍ଥାପିତ ହେବେ। ପାକିସ୍ତାନୀ ସେନାର ମିଡିଆ ଶାଖା ପକ୍ଷରୁ ଏହା ଘୋଷଣା କରାଯାଇଛି। ପୂର୍ବରୁ ମିଲିଟାରୀ ଇଣ୍ଟେଲିଜେନ୍ସ (ଏମ୍‌ଆଇ) ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ମୁନିରଙ୍କୁ ନିକଟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ପାହ୍ୟାକୁ ଉନ୍ନିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଆଜି ସ୍ଥଳଭାଗ ...

ନୟାଗଡ଼, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ଉତ୍ତରପୂର୍ବ ଗାଙ୍ଗେୟ ଉପତ୍ୟକା ଦେଇ ଯିବା ସହ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଛନ୍ତି ଯେ, ଝଡ଼ର ବେଗ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ସମୁଦ୍ରରେ ୧ ମିଟର ଉଚ୍ଚର ଲହଡ଼ି ଉଠିବ।

ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଆଦି ଜିଲାର ସମ୍ବେଦନଶୀଳ ଅଞ୍ଚଳରେ ଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଯୋଗୁ ଯେପରି ଜଣେ ବ୍ୟକ୍ତିଙ୍କର ଜୀବନ ହାନି ନ ହୁଏ ସେଥିପ୍ରତି ସମସ୍ତ ଜରୁରୀ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଦୁର୍ବଳ ହୋଇଯିବା ପରେ ଜରୁରିକାଳୀନ ଭିତ୍ତିରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉପକୂଳରେ ପବନର ବେଗ ଅଧିକ ରହିବ ବୋଲି ଅନୁମାନ କରାଯାଇଥିବାବେଳେ ଅନ୍ୟ ଜିଲାଗୁଡିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏପରିକି କେତେକ ସ୍ଥାନରେ ୨୦୦ରୁ ୩୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଋଷିକୁଲ୍ୟା ଓ ବଂଶଧାରା ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି। ଆବଶ୍ୟକ ହେଲେ ସେନାର ସହାୟତା ନିଆଯିବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି। ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ନୟାଗଡ଼, ଭଦ୍ରକ ଓ ଯାଜପୁର ଜିଲାରେ ୧୦ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଥିବା ବେଳେ ୮ଟି ଓଡ୍ରାଫ୍ ଟିମ୍ ପରିସ୍ଥିତି ଉପରେ କଡା ନଜର ରଖିଛି। ଏଥିସହିତ କୋଷ୍ଟଗାର୍ଡ, ନୌସେନା ଓ ବାୟୁସେନା ସହିତ ରାଜ୍ୟ ସରକାର ଯୋଗାଯୋଗରେ ରହିଛନ୍ତି। ବାତ୍ୟା ଅତିକ୍ରମ କରିବା ବେଳେ ଗଛ, କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ରାସ୍ତାଘାଟ ଆଦି କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ରାଜ୍ୟରେ ୮୩୬ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଏଥିରେ ପ୍ରାୟ ୧ ନିୟୁତ ଲୋକଙ୍କୁ ରଖାଯିବାର ସୁବିଧା ରହିଛି। ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକମାନଙ୍କୁ ମାଗଣାରେ ରନ୍ଧାଖାଦ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନେ ଭୟଭୀତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ଆବାସିକ ସ୍କୁଲଗୁଡିକରେ ପର୍ଯ୍ୟାପ୍ତ ଖାଦ୍ୟସାମଗ୍ରୀ ମହଜୁଦ ରଖିବାକୁ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗକୁ କୁହାଯାଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ଟାୱାର ଲାଇଟ ସହ ଜେନେରେଟର, ମେକାନିକାଲ କଟର ଆଦି ରଖିବାକୁ କୁହାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) କାର୍ଯ୍ୟାଳୟ ଏବଂ ପ୍ରଭାବିତ ଆଶଙ୍କା ଥିବା ଜିଲାଗୁଡିକର ସମସ୍ତ କର୍ମଚାରୀଙ୍କ ଛୁଟି ମଧ୍ୟ ବାତିଲ କରାଯାଇଛି। ଯେଉଁ ଅଧିକାରୀମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆସନ୍ନ ହେଉଥିବା ବେଳେ ବୁଧବାର ସକାଳୁ ଉପକୂଳବର୍ତ୍ତୀ ଜିଲାଗୁଡିକରେ ତୁହାକୁ ତୁହା ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଏହା ଦ୍ୱାରା ଜନଜୀବନ ପ୍ରଭାବିତ ହୋଇଛି।

ଝଡ଼ର ପ୍ରସ୍ତୁତି ନେଇ କେନ୍ଦ୍ର କ୍ୟାବିନେଟ ସଚିବ ପ୍ରଦୀପ କୁମାର ସିହ୍ନା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀଙ୍କ ସହ ବୁଧବାର ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ତିତ୍‌ଲିର ମୁକାବିଲା ନେଇ କ୍ୟାବିନେଟ ସଚିବ ସିହ୍ନା ଓଡ଼ିଶା, ଆନ୍ଧ୍ର ଓ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଆମେ ଓଡ଼ିଶାର ପ୍ରସ୍ତୁତି, ବର୍ତ୍ତମାନ ସ୍ଥିତି, ଉଦ୍ଧାର ଓ ରିଲିଫ ପ୍ରସ୍ତୁତି ବିଷୟରେ ତାଙ୍କୁ ଅବଗତ କରାଇଛୁ। ଅନ୍ୟପକ୍ଷରେ ବାତ୍ୟା ମୁକାବିଲା ନେଇ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡମା) ଓ ଏସଆରସି କିଭଳି ପ୍ରସ୍ତୁତି ହୋଇଛନ୍ତି ସେ ନେଇ ମୁଖ୍ୟମନ୍ତ୍ରୀ ସନ୍ଧ୍ୟାରେ ଏସଆରସି କାର୍ଯ୍ୟାଳୟକୁ ଯାଇ ସମୀକ୍ଷା କରିଛନ୍ତି। ବିଭିନ୍ନ ଜିଲାରେ ୩ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଏସ୍‌ଆର୍‌ସି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଟ୍ରେନ ଚଳାଚଳ...

ସେହିଭଳି ୮୪୫୫୮୮୫୯୩୬,୦୬୭୪-୨୩୦୧୫୨୫, ୦୬୭୪-୨୩୦୧୬୨୫ ହେଲ୍‌ପଲାଇନ ସୁବିଧା କରାଯାଇଛି। ଭୁବନେଶ୍ୱର-ବାଙ୍ଗାଲୋର-ପ୍ରଶାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର-ଚେନ୍ନାଇ ସେଣ୍ଟ୍ରାଲ ଏକ୍ସପ୍ରେସ, ବୁଧବାରର ସାଲିମାରଠାରୁ ଆସୁଥିବା ସାଲିମାର-ସିକନ୍ଦରାବାଦ ଏକ୍ସପ୍ରେସ, ବୁଧବାରର ଗୁଣୁପୁର-ପୁରୀ ପାସେଞ୍ଜର, ଗୁରୁବାର ଏବଂ ଶୁକ୍ରବାରର ସମ୍ବଲପୁର-କୋରାପୁଟ-ସମ୍ବଲପୁର ପାସେଞ୍ଜର, ଗୁରୁବାର ଏବଂ ଶୁକ୍ରବାରର ସମ୍ବଲପୁର-ଜୁନାଗଡ ରୋଡ-ସମ୍ବଲପୁର ପାସେଞ୍ଜର, ଗୁରୁବାର ଏବଂ ଶୁକ୍ରବାରର ବିଶାଖାପାଟଣା-ରାୟପୁର-ବିଶାଖାପାଟଣା ପାସେଞ୍ଜରକୁ ବାତିଲ କରାଯାଇଛି। ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଗୁରୁବାର ଏବଂ ଶୁକ୍ରବାର ପାଇଁ ବାତିଲ ହୋଇଛି।

ଅନ୍ୟ କେତେକ ଟ୍ରେନକୁ ସାମୟିକ ଭାବେ ବାତିଲ କରାଯାଇଛି। ଏହି ଟ୍ରେନଗୁଡିକ ମଧ୍ୟରେ ଗୁରୁବାରର ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ, ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ, ପୁରୀ- ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବୁଧବାରର ତିରୁପତି-ପୁରୀ ଏକ୍ସପ୍ରେସ, ବିଶାଖାପାଟଣା-ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ, ବିଶାଖାପାଟଣା ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ରହିଛି। ଭାଗଲପୁର-ଯଶବନ୍ତପୁର ଅଙ୍ଗ ଏକ୍ସପ୍ରେସ ଅଧାରୁ ଅଟକିଛି। ସିଲଚର ତ୍ରିଭେନ୍ଦ୍ରମ ଏକ୍ସପ୍ରେସ ବୁଧବାର ହାଓଡାଠାରେ ଅଟକାଯାଇଛି। ଉଭୟ ବୁଧବାର ଏବଂ ଗୁରୁବାର ଲାଗି ପଲାସା-ବିଶାଖାପାଟଣା-ପଲାସା ପାସେଞ୍ଜର ବିଜୟ ନଗରମଠାରେ ଆଂଶିକଭାବେ ବାତିଲ ହୋଇଛି।

ଅପରପକ୍ଷରେ ଅନ୍ୟ କେତେକ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଏହା ମଧ୍ୟରେ ବୁଧବାରର ଚେନ୍ନାଇରୁ ଆସୁଥିବା ଚେନ୍ନାଇ-ସାନ୍ତ୍ରାଗାଛି ଏକ୍ସପ୍ରେସ ବିଜୟ ନଗରମ-ଟିଟିଲାଗଡ-ସମ୍ବଲପୁର-ଝାରସୁଗୁଡା-ଟାଟା-ଖଡଗପୁର ଦେଇ ଯିବ। ସେହିଭଳି ଚେନ୍ନାଇ-ହାଓଡା ଏକ୍ସପ୍ରେସ ସମାନ ରୁଟରେ ଯିବ। ତ୍ରିଭେନ୍ଦ୍ରମ-ସିଲଚର ଏକ୍ସପ୍ରେସ ବିଜୟ ନଗରମ୍-ଟିଟିଲାଗଡ-ସମ୍ବଲପୁର-ଝାରସୁଗୁଡା- ଆସାନସୋଲ ହୋଇ ଯିବ। ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ କାଜିପେଟ-ବଲହରଶାହା-ନାଗପୁର-ବିଳାସପୁର-ଝାରସୁଗୁଡା-ଟାଟା-ଖଡଗପୁର ଦେଇ ଯିବ। ଅନ୍ୟ ଟ୍ରେନଗୁଡିକ ମଧ୍ୟରେ ବୁଧବାରର ପୁଡୁଚେରୀ-ହାଓଡା, ଭୁବନେଶ୍ୱର-ଜଗଦଲପୁର ଜୁନାଗଡ ଏକ୍ସପ୍ରେସ, ହାଓଡା-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ, ଅଗରତାଲା-ବାଙ୍ଗାଲୋର କାଣ୍ଟ ଏକ୍ସପ୍ରେସ, ସିକନ୍ଦରାବାଦ-ହାଓଡା ଫାଲକନାମା ଏକ୍ସପ୍ରେସ, ହାଓଡା-ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ, ହାଓଡା-ଏସ୍‌ଏସ୍‌ପିଏନ୍ ଏକ୍ସପ୍ରେସ, ହାଓଡା-ଯଶବନ୍ତପୁର ଏକ୍ସପ୍ରେସ, ଏର୍ନାକୁଲମ-ପାଟଣା ଏକ୍ସପ୍ରେସ ଭଳି ଟ୍ରେନର ଗତିପଥ ବଦଳା ଯାଇଛି। ସୂଚୀ ପରିବର୍ତ୍ତନ ହୋଇଥିବା ଟ୍ରେନ ମଧ୍ୟରେ ବୁଧବାର ଏବଂ ଗୁରୁବାରର ହାଓଡା-ଚେନ୍ନାଇ ମେଲ୍, ସାଲିମାର ତ୍ରିଭେନ୍ଦ୍ରମ ଏକ୍ସପ୍ରେସ ରହିଛି। ପୁରୀ-ନୂଆଦିଲ୍ଲୀ-ପୁରୁଷୋତ୍ତମ ଏକ୍ସପ୍ରେସ, ପୁରୀ-ହାଓଡା ଜଗନ୍ନାଥ ଏକ୍ସପ୍ରେସକୁ ସାମିଲ କରାଯାଇଛି। ସେହିଭଳି ଆରଆରବି ପରୀକ୍ଷା ବାତ୍ୟା ଯୋଗୁ ବାତିଲ କରାଯାଇଛି। ଭୁବନେଶ୍ୱର ଅଧୀନରେ ଆସୁଥିବା ବିଭିନ୍ନ ପରୀକ୍ଷା କେନ୍ଦ୍ର ତଥା ତାରିଖ ନେଇ ପରେ ଅବଗତ କରାଯିବ ବୋଲି ଆର୍‌ଆରବି ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି।

### ସଶସ୍ତ୍ର ପୋଲିସଙ୍କୁ ...

ନିର୍ଦ୍ଦେଶନାମା ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନିଜ ନିଜ ଜବାବ ଦାଖଲ କରିବାକୁ ଏଥିରେ ସେମାନଙ୍କୁ ସମୟ ଦିଆଯାଇଛି। ପୋଲିସ କର୍ମଚାରୀମାନେ ଅସ୍ତ୍ରଶସ୍ତ୍ର ଧରି ଓ ଜୋତା ପିନ୍ଧି ଶ୍ରୀମନ୍ଦିରକୁ ପ୍ରବେଶ କରୁଥିବା ଦେବାଶିଷ ତାଙ୍କ ପିଟିଶନରେ ଅଭିଯୋଗ କରିଥିଲେ। ଶ୍ରୀମନ୍ଦିରକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପୁରୀରେ ଅସ୍ଥିର ସ୍ଥିତି ସୃଷ୍ଟିକରୁଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ସେହିପରି ମୂଳ ପିଟିଶନକୁ ସେ ଭିତ୍ତିହୀନ ଦର୍ଶାଇ ଉକ୍ତ ଆବେଦନ ସହ ଅଦାଲତ ଜୁଲାଇ ୫ରେ ଦେଇଥିବା ରାୟକୁ ରଦ୍ଦକରିବାକୁ ଏଥିରେ ଅନୁରୋଧ କରିଥିଲେ। ତେବେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଦେବାଶିଷଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନର ଓକିଲ ଶ୍ୱେତକେତୁ ମିଶ୍ର କହିଥିଲେ, ଆବେଦନକାରୀଙ୍କ ଅଭିଯୋଗ ଅମୂଳକ। ଏହି ଅବସରରେ ସେ ହିଂସା ବେଳେ ମନ୍ଦିରର ହୋଇଥିବା କ୍ଷୟକ୍ଷତି ନେଇ ଅଦାଲତଙ୍କୁ ଅବଗତ କରାଇଥିଲେ। ବିକ୍ଷୋଭକାରୀମାନେ ମନ୍ଦିର ପରିସରକୁ ପ୍ରବେଶ କରି ସମ୍ପତ୍ତି ଲୁଟ୍ କରିଛନ୍ତି। ସେମାନେ ମନ୍ଦିରର ବ୍ୟାରିକେଡ୍, କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ ବୋଲି ଶ୍ୱେତକେତୁ ଯୁକ୍ତି ବାଢ଼ିଥିଲେ। ଖଣ୍ଡପୀଠ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ପିଟିଶନ ଏବଂ ନିଜର ପୂର୍ବ ରାୟକୁ ଖାରଜ କରିବାକୁ ମନା କରିଦେଇଛନ୍ତି। ଏଥିସହ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ରେ କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ଶ୍ରୀମନ୍ଦିରର ସଂସ୍କାର ଉପରେ ପୁରୀ ଜିଲା ଜଜ୍‌ଙ୍କ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଜୁଲାଇ ୫ରେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଶ୍ରୀଜୀଉଙ୍କ ଦର୍ଶନ ବେଳେ ଧାଡ଼ି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମଧ୍ୟ ଏଥିରେ ଆଦେଶ ରହିଥିଲା, ଯାହାକୁ ପୁରୀରେ ଆନ୍ଦୋଳନକାରୀମାନେ ବିରୋଧ କରିଥିଲେ।

### ଛାତ୍ର ସଂସଦ ...

କିନ୍ତୁ ଶିକ୍ଷୟିତ୍ରୀ-ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଉପସ୍ଥିତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଲେଜ ଛୁଟି ରହୁଥିବାରୁ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ବାତିଲ କରି ଦିଆଯାଇଥିବା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକ ପରେ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି, ତିତ୍‌ଲି ପ୍ରଭାବରେ ରାଜ୍ୟରେ ଅତି ପ୍ରବଳ ବର୍ଷା ସହିତ ଘଣ୍ଟାପ୍ରତି ପାଖାପାଖି ୧୬୫ କି.ମି. ବେଗରେ ପବନ ବହିବ। ଏହାକୁ ଦୃଷ୍ଟିରେ ରଖି କଲେଜଗୁଡିକୁ ଦୁଇଦିନ ପାଇଁ ଛୁଟି କରି ଦିଆଯିବା ସହ ନିର୍ବାଚନ ବାତିଲ କରାଯାଇଛି।

### ୫ ବିମାନ ବାତିଲ...

ରୁଟ୍‌ରେ ଆସିବାକୁ ଥିବା ବିମାନଗୁଡ଼ିକ ମଧ୍ୟ ବାତିଲ ହୋଇଥିବା ଜଣାପଡ଼ିଛି। ବୁଧବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ରାତିରେ ଇଣ୍ଡିଗୋର କୌଣସି ବିମାନ ପାର୍କିଂ କରିବ ନାହିଁ ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି।

## ମନେ ପଡ଼ନ୍ତି

### ୧୨ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଶ୍ରୀମତୀ ନିର୍ମଳା ମହାପାତ୍ର**

ପ୍ଲଟ ନଂ- ୧୫୫୨, ମହାନଦୀ ବିହାର, କଟକ

ଆବିର୍ଭାବ: ୧୪।୦୨।୧୯୪୭

ତିରୋଧାନ: ୨୫।୦୯।୨୦୦୬

ଆଶ୍ୱିନ ଶୁକ୍ଳତୃତୀୟା

ଅର୍ଘ୍ୟ ତୁଙ୍ଗୁରା ବଜାଇ ସଜାଡି କୋକେଇ
ତୁମେ ଚାଲିଗଲ କନ୍ଦାଇ କନ୍ଦାଇ
ତେଜିମର୍ତ୍ତ୍ୟ ଧାମ ଅମର ମଣ୍ଡଳେ
ରହିଅଛ ସ୍ୱର୍ଗେ ତବ ପୁଣ୍ୟଫଳେ

ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ: ସ୍ୱାମୀ- ଇଂ ଯଦୁନାଥ ମହାପାତ୍ର, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୮୮୬୪

## ଖଟିରେ ଖଟିରେ...

### କବାଟ କିଳା

ଆଜ୍ଞା, ଆପଣଙ୍କ ଟିକଟ ଖଣ୍ଡକ ତ ଏଥର ପକ୍କା ହେଇକି ଅଛି, ପୁଣି କାହିଁକି ଏତେ ଚିନ୍ତା କରୁଛନ୍ତି। ଆମ ଛେନାଝିଲ୍ଲୀ ଏରିଆ ମାନ୍ୟବର କ'ଣ ଗୋଟେ ଭାବନା ଭିତରେ ବୁଡିକି ଥିଲେ। ସେତେବେଳେ ତାଙ୍କର ଜଣେ କର୍ମୀ ଭାଇ ଯେମିତି ଟିକଟ କଥା କହିଛନ୍ତି, ମାନ୍ୟବର ରାଗିକି କହିଲେ, କାହିଁକି ଖାଲି ସବୁବେଳେ ଏମିତି ରାଉରାଉ ହଉଚୁ। ଇରେ ହେ ତୋର କ'ଣ କିଛି କାମ ନାହିଁ। ଯେତେବେଳେ ଦେଖିଲେ ଗୋଟେ ମହାଜ୍ଞାନୀଙ୍କ ଭଳିଆ ଗପିବା ଅଭ୍ୟାସ ହେଇଗଲାଣି। ଯେମିତି ମୋ ଟିକଟ କଟିଗଲେ ତୁ ପକେଟରୁ କାଢି ଦେଇ ପକେଇବୁ। ଏତିକି ଗାଳି ଶୁଣିଲା ପରେ ପୁଣିଥରେ କର୍ମୀ ଜଣକ କହିଲେ, ଆପଣଙ୍କର ତ ବହୁ ବୟସ ଅଛି, ଟିକଟ କଥାଟା କହିଦେଲି ବୋଲି ସେ ପାରାଦୀପର ବରିଷ୍ଠ ମହାଶୟଙ୍କ ଭଳିଆ କାହିଁକି ଚେହିଁକି ପଡୁଛନ୍ତି କହିଲେ। ଆପଣଙ୍କ ବିରୋଧରେ ମୁଖିଆଙ୍କୁ କିଏ କ'ଣ ଫୋଡୁଚି ନା କ'ଣ, ଏତେ ରାଗୁଛନ୍ତି ଯେ। ଏଥର କିନ୍ତୁ ମାନ୍ୟବରଙ୍କ ସ୍ୱରଟା ପରିବର୍ତ୍ତନ ହେଇଗଲା, ଆଉ କହିବାକୁ ଲାଗିଲେ, ଇରେ ବାପା ଆଉ ସେ ସମୟ ନାହିଁ। ଭୋଟ ଯାଏଁ ମୁଖିଆଙ୍କୁ ଭେଟିବା ମନା। ଏବେ କବାଟ କିଳା ଅଭିଯାନ ଆରମ୍ଭ ହେଇଯାଇଛି।

### ଧୋଇଗଲା

କି ତିତ୍‌ଲି ଆସିଲା ଯେ ସମସ୍ତେ ସେଇ ଚିନ୍ତାରେ ବ୍ୟସ୍ତ। ଟିଭି ଖୋଲିଲେ ତିତ୍‌ଲି, ଖବରକାଗଜ ପୃଷ୍ଠା ଓଲଟାଇଲେ ତିତ୍‌ଲି। ଚା' ଦୋକାନ ଖଟି ମଧ୍ୟ ଭଲ ଜମୁଛି। ମାଷ୍ଟରକ୍ୟାଣ୍ଟିନ ଚା' ଦୋକାନରେ ସେମିତି ଖଟି ଜମିଥିଲା। ତିତ୍‌ଲି ଯୋଗୁ କାହାର ଲାଭ କ୍ଷତି ସବୁ ହିସାବ ନିକାଶ ଚାଲିଥିଲା। କଲେଜ ପଢୁଆ ଟୋକା କହିଲା, ଲକ୍ଷାଧିକ ଟଙ୍କାର ବିରିୟାନୀ ବାଣ୍ଟିଥିଲି। କଲେଜରେ ୱେଲକମ୍ ଦିନ କେତେ ଗୋଲାପ ବାଣ୍ଟିଥିଲି। ଭାବିଥିଲି ଛାତ୍ର ସଂସଦ ନିର୍ବାଚନ ଜିତିବି, ହେଲେ ତିତ୍‌ଲି ସବୁ ଧୋଇଦେଲା। ସେହିଭଳି ରାଜନୀତି କଥା ବି ଆଲୋଚନା ହେଲା। ଜଣେ ରାଜନୀତିଆ ବନ୍ଧୁ କହିଲେ, ତିତ୍‌ଲି ଆସି ସରକାରଙ୍କୁ ବଞ୍ଚାଇ ଦେଲା। ଉପସ୍ଥିତ ଥିବା ମଉସା ପଚାରିଲେ, କିରେ ଭଗିଆ କେମିତି ବଞ୍ଚାଇଲା। ସେ କହିଲା, ଦେଖିନାହାନ୍ତି ପୁରୀରେ କେଡେବଡ କାଣ୍ଡ ହୋଇଥିଲା। ରାଜସ୍ୱ ମାନ୍ୟବରଙ୍କଠାରୁ ଆରମ୍ଭ କରି ଏସ୍‌ପି ପର୍ଯ୍ୟନ୍ତ ସମସ୍ତେ ଅକଳରେ ପଡିଥିଲେ। ତିତ୍‌ଲି ଆସିବାରୁ ସେ ପ୍ରସଙ୍ଗ ମଳିନ ପଡ଼ିଗଲା। ତେଣୁ ବିରୋଧୀ ଆଶା ଧୋଇଗଲା, ଠିକ୍ ଛାତ୍ର ସଂସଦ ନିର୍ବାଚନ ପରି।

**କିଛି ତଥ୍ୟ** ଗତ ବର୍ଷ ତୁଳନାରେ ଚଳିତ ବର୍ଷର ୯ ମାସ ମଧ୍ୟରେ ସୁନା ଆମଦାନୀ ୧୫% ହ୍ରାସ ଘଟି ୫୫୨.୮ ଟନ୍ ରହିଛି। **– ସର୍ବଭାରତୀୟ ସୁନା ଏବଂ ରତ୍ନପଥର ବାଣିଜ୍ୟ ମହାସଂଘ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କେନ୍ଦ୍ରସ୍ଥାନରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କରିବାରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ।

**ବୃଷ** ଧନାଧିପତି ଶୁଭଭାବରେ ରହିଥିବା କାରଣରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବୁଧ ପ୍ରଭାବରେ ବନ୍ଧୁଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ମହିଳାମାନେ ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡିବ। ଅବଶ୍ୟ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଅନ୍ୟମନସ୍କ ନ ରହି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଶନିଙ୍କ ସ୍ଥିତି ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ମନାନ୍ତର ସୃଷ୍ଟି କରିବ। ମାତ୍ର ଶିଳ୍ପ, ବ୍ୟବସାୟ ପାଇଁ ଦିନଟି ଭଲ ରହିବ। କେତେକ କ୍ଷେତ୍ରରେ ଏମିତି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ବନ୍ଧୁମିଳନରୁ ଉତ୍ସାହିତ ହେବେ। ମହିଳାମାନଙ୍କ ସକାଶେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପଦ ରହିବ।

**ସିଂହ** ସ୍ୱଗୃହୀ ଶୁକ୍ର ଚତୁର୍ଥଗ୍ରହ ମଧ୍ୟସ୍ଥ ଯୋଗୁ ପ୍ରତ୍ୟେକ ପ୍ରକାରର ସମସ୍ୟା ମଧ୍ୟରେ ନିଜକୁ ସମ୍ଭାଳି ନେଇ କାମ କରିବା ଦୁଷ୍କର ହୋଇପଡିବ। ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇ ପାରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ। ମହିଳାମାନେ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା** ଶୁକ୍ର ଦ୍ୱିତୀୟରେ କ୍ଷେତ୍ର ସିଂହାସନ ଯୋଗ ସୃଷ୍ଟି ହେଉଥିବାରୁ ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ। ଫଳରେ ପାରିବାରିକ ଜୀବନରେ ବିଲୁପ୍ତ ସ୍ନେହ,ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ। ତଥାପି ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ଶନିଙ୍କ ପ୍ରଭାବରେ ପୂର୍ବରୁ ମନେ ମନେ ଚିନ୍ତା କରିଥିବା କଥା ବନ୍ଧୁଙ୍କ ସମ୍ମୁଖରେ ପ୍ରକାଶ କରିବାରେ ପଛେଇ ଯିବେ। ବିବାଦୀୟ ଘଟଣାର ଆପୋସ ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ମହିଳାଙ୍କ ପାଇଁ କାର୍ଯ୍ୟବ୍ୟସ୍ତତାର ସମୟ କହିଲେ ଅତ୍ୟୁକ୍ତି ହେବନାହିଁ।

**ବିଛା** ମନ ଅନୁଯାୟୀ କାମ ହାସଲ ନ ହେବା ସାଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚସ୍ଥ ଚନ୍ଦ୍ର ପ୍ରଭାବରୁ ମାନସିକ ସ୍ଥିତି ଦୁର୍ବଳ ରହିବା ସାଙ୍ଗକୁ ସଂସର୍ଗତା ଦୋଷ ଲାଗିପାରେ। କଳା,ସଙ୍ଗୀତ,ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ମହିଳାମାନେ କଳା, ସାହିତ୍ୟରେ ଉନ୍ନତି କରିବେ।

**ଧନୁ** ପରିସ୍ଥିତି କେତେକାଂଶରେ ବଦଳି ଯିବାରୁ ମନ ହାଲୁକା ହୋଇଯିବ। ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ମହିଳାମାନେ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଏକାଧିକ ଗ୍ରହ କର୍ମସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ** ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ମହିଳାମାନେ ବାନ୍ଧବୀଙ୍କ କାର୍ଯ୍ୟରେ ଅପମାନିତ ବୋଧ କରିପାରନ୍ତି।

**ମୀନ** ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ ଫଳରେ ଅଶାନ୍ତିର ଆଶଙ୍କା ରହିଛି। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

ଆଜି ଆଶ୍ୱିନ ଶୁକ୍ଳ ତୃତୀୟା ଗୁରୁବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟାସନ୍ତାନ ଦିବସ, ବାଜି ରାଉତ ଶହୀଦ ଦିବସ, ରାଶି ନକ୍ଷତ୍ର-ଦିବା ଘ୧୧।୦୫ମି. ଗତେ ବିଶାଖା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଆଜି ବିଶାଖା ନକ୍ଷତ୍ର ବିଛା ରାଶିକୁ ବୃହସ୍ପତି ଚଳନ ହେବ। ମେଷ, ମିଥୁନ, ସିଂହ, କନ୍ୟା, ଧନୁ ଓ କୁମ୍ଭ ରାଶିପାଇଁ ଶୁଭଫଳ କିନ୍ତୁ ତୁଳା ଓ ମକର ରାଶିକୁ ଅତିଶୁଭ ଫଳ ପ୍ରାପ୍ତ ହେବ। ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୦୦ମି. ଗତେ ଘ୨।୨୮ମି. ମଧ୍ୟେ ରାହୁକାଳ।


## classified



### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Premium 3BHK Vaastu based North/ South facing duplex at Benupur, near Hanspal Chhaka, Bhubaneswar. 9040106942, 9777617166. D-8776

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Gharabari flats studio, 1BHK, 2BHK at Puri with all facilities. 9124289585. D-8837

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1200 sqft. 3,40,000/-ରେ ବିକ୍ରିହେବ। (outright) 9776934361, 9658523912. D-64347

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 900 ମିଟର 1200କୁ 1,80,000/- ପ୍ରତାପ ନଗରୀ ଧାଙ୍କୁଲେଇ ପୀଠରୁ ଅଳ୍ପ ଦୂରତାରେ 1200କୁ 2,10,000/- outrightରେ ମିଳୁଛି। 9776934361, 9938177361. D-64346

3BHK duplex at Atala/ BDA approved duplex at Hanspal Square, Bhubaneswar/ gharabari plot at Khandagiri Square. 9438419823, 9437286655. D-65015

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437192512, 9437040045. D-8823

Core house completed 2BHK/ 3BHK flat at Kalinga Vihar, Bhubaneswar. Price: 37/ 47 lakh onwards. Contact: 7381087905. D-65108

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64336



800 sqft. 3rd floor at plot-44, Kharavel Nagar, final rate- 15000/-. Contact: 9437033691. D-63855

### ACCOMMODATION

**Office Space required on rent at Bhubaneswar North/ East facing carpet area min 2000 sqft. Hall type 4/5 car parking between Vani Vihar to CRP on either side of NH within half km. Property owners may mail details to hrhobbsr@gmail.com. Tel No.: 0674-2540557, 8763210470 (M).** D-64518



Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Saishree ayurvedic full body massage ladies & gents. Contact: 7438896074. D-64615

All type of full body massage by expert therapist. 7609005923. D-65107

Physiotherapy and herbal massage by trained ladies/ gents therapist: 9938811534. D-65020

Newly opening ayurvedic body massage smart therapist, Shree herbal. 7750020754. D-65106

Experience full body massage with us by experts. Enquiry: 7377048581. D-65109



All type certified precious and semi-precious Gemstones, Rudraksha, Yantras, Malas, Idols & other astrology products wholesaler retailer Bhubaneswar. Call: 91+8093050401. D-8828

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୋପ୍ ଫ୍ରାନ୍ସିସ୍ ଗର୍ଭପାତକୁ ଭଡାଟିଆ ହତ୍ୟାକାରୀଙ୍କ ସହ ତୁଳନା କରିଛନ୍ତି। ଭାଟିକାନ୍ ସିଟିରେ ବୁଧବାର ଏକ ପ୍ରାର୍ଥନା ସଭାରେ ପୋପ୍ କହିଛନ୍ତି, ଗର୍ଭାବସ୍ଥାରେ ହସ୍ତକ୍ଷେପ କରିବା ହତ୍ୟା ଭଳି ସମାନ।






## ସଂକ୍ଷେପରେ

### ତିତ୍ଲି ପାଇଁ କଂଗ୍ରେସର ଜରୁରିକାଳୀନ ପ୍ରକୋଷ୍ଠ

**ଭୁବନେଶ୍ୱର ୧୦।୧୦(ବ୍ୟୁରୋ):** ଭୟଙ୍କର ରୂପ ନେଉଥିବା ବାତ୍ୟା ତିତ୍ଲିକୁ ଦୃଷ୍ଟିରେ ରଖି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଜରୁରୀକାଳୀନ ପ୍ରକୋଷ୍ଠ ଖୋଲାଯାଇଛି। ବୁଧବାର ସନ୍ଧ୍ୟା ୭ଟାରୁ ଆସନ୍ତା ୭ଦିନ ପର୍ଯ୍ୟନ୍ତ ୨୪ଘଣ୍ଟିଆ ଏହି ପ୍ରକୋଷ୍ଠ ଖୋଲା ରହିବ। ପ୍ରକୋଷ୍ଠ ଦାୟିତ୍ୱରେ ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଏହାସହ ଦୁଇଜଣ ସମ୍ପାଦକ ପଦ୍ମାକର ଗୁରୁ, ରସିକ ପଟ୍ଟନାୟକଙ୍କ ସମେତ ରବିନ୍ଦ୍ର ଆଚାର୍ଯ୍ୟ, ଅଲେଖ ସାମଲ, ମାନସ ଆଚାର୍ଯ୍ୟ ଓ ଲିଙ୍ଗରାଜ ସାହୁ ସହ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିବେ। ତିତ୍ଲି ଦ୍ୱାରା ପ୍ରଭାବିତ ଲୋକମାନେ ଜରୁରୀକାଳୀନ ପ୍ରକୋଷ୍ଠ ପକ୍ଷରୁ ଜାରି କରାଯାଇଥିବା ଫୋନ୍ ନମ୍ବର ୭୬୦୯୮୫୨୧୩୧, ୮୮୯୫୨୦୩୦୦୧, ୯୮୬୧୦୧୧୯୬୨, ୭୦୦୮୭୯୯୩୬୪, ୯୩୪୮୧୬୧୬୩୩, ୮୮୪୭୮୫୮୦୨୦, ୯୯୩୭୯୪୮୮୬୮, ୯୨୩୭୦୧୦୯୩୯ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଏସ୍‌ସିବିରେ ସ୍ୱାଇନ୍ ଫ୍ଲୁ ରୋଗୀ

**କଟକ ଅଫିସ, ୧୦।୧୦:** ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି ଜଣେ ସ୍ୱାଇନ୍ ଫ୍ଲୁ ରୋଗୀ। ଏହି ରୋଗୀ ୪ ଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ମେଡିକାଲର ଚର୍ମରୋଗ ବିଭାଗ ନିକଟରେ ଥିବା ଆଇସୋଲେଶନ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପଲ୍‌ମନାରୀ ମେଡିସିନ ବିଭାଗର ବରିଷ୍ଠ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ଏସ୍‌ସିବିକୁ ସ୍ୱାଇନ୍ ଫ୍ଲୁ ରୋଗୀ ଆସିବା ପ୍ରଥମ ଘଟଣା।




# ଶୁକ୍ରବାର ପର୍ଯ୍ୟନ୍ତ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

- ନବୀନ ନିବାସ ଘେରାଉ ପାଇଁ ସଜବାଜ
- ହାଜର ହେଲେ କ୍ରାଇମବ୍ରାଞ୍ଚ ଆଇଜି

**କଟକ ଅଫିସ, ୧୦।୧୦**

ମାଡ଼ ଘଟଣାକୁ ନେଇ ଆଇନଜୀବୀଙ୍କ ଆନ୍ଦୋଳନ ୪୩ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ବଳବତ୍ତର ରହିବ। ଉକ୍ତଦିନ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଏଥିସହ ନବୀନ ନିବାସ ଘେରାଉ ପାଇଁ ଆଇନଜୀବୀମାନେ ଯେଉଁ ନିଷ୍ପତ୍ତି ନେଇଥିଲେ ସେ ସମ୍ପର୍କରେ ଆଲୋଚନା ହେବ। ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ହାଇକୋର୍ଟ ବାର୍ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ ବୁଧବାର ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ବ୍ୟକ୍ତିଗତ ଭାବେ ହାଜର ହୋଇ ମାମଲାର ତଦନ୍ତ ପାଇଁ ହାଇକୋର୍ଟଙ୍କୁ ଆଉ କିଛିଦିନ ସମୟ ମାଗିଥିଲେ। ତେବେ ଆସନ୍ତା ଶୁକ୍ରବାର ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ■ ୨ଜି ଇଥାନଲ ଜୈବ ବିଶୋଧନାଗାର ଶିଳାନ୍ୟାସ

# ଚାଷୀଙ୍କ ପାଇଁ ଇଥାନଲ ପ୍ରକଳ୍ପ ସମର୍ପିତ: ରାଜ୍ୟପାଳ

**ବରଗଡ଼ ଅଫିସ,୧୦।୧୦**

୨ଜି ଇଥାନଲ ଜୈବ ବିଶୋଧନାଗାର ପ୍ରକଳ୍ପ ଚାଷୀଙ୍କ ପାଇଁ ସମର୍ପିତ। ଏହି ପ୍ରକଳ୍ପ ଅଞ୍ଚଳବାସୀଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ବୁଧବାର ବରଗଡ଼ ଜିଲା ଭଟଲି ତହସିଲ ଅନ୍ତର୍ଗତ ବାଉଲସିଂହାଠାରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ)ର ୨ଜି ଇଥାନଲ ଜୈବ ବିଶୋଧନାଗାର ଭିତ୍ତିପ୍ରସ୍ତର ସ୍ଥାପନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଲେ, ଉକ୍ତ ପ୍ରକଳ୍ପ ପାଇଁ ୧ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଚାଷରୁ ବାହାରୁଥିବା ନଡ଼ା, ବର୍ଜ୍ୟବସ୍ତୁରୁ ଇଥାନଲ ପ୍ରସ୍ତୁତ ହେବ। ଦେଶରେ ହେବାକୁ ଥିବା ଏଭଳି ୧୨ଟି ପ୍ରକଳ୍ପ ମଧ୍ୟରୁ ଏହା ଗୋଟିଏ। ବରଗଡ଼ ଜିଲାରେ ଏପରି ଆଉ ୫ଟି ପ୍ରକଳ୍ପ ହେବାର ଅଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ ଉକ୍ତ ପ୍ରକଳ୍ପରେ ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ବରଗଡ଼-ନୂଆପଡ଼ା ରେଳପଥ ନିର୍ମାଣ କରିବାକୁ ସେ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଇଥାନଲ ପ୍ରକଳ୍ପ ଏଠାକାର ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ମତପ୍ରକାଶ କରି ରାଜନୈତିକ ଚଷମା ହଟାଇ ବିକାଶ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଚାଷୀମାନେ ବରଗଡ଼ର ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି ବୋଲି ମତବ୍ୟକ୍ତ କରି ଇଥାନଲ ପ୍ରକଳ୍ପରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ୨ବର୍ଷ ବାକି ରହିଛି। ଫଳରେ ପ୍ରକଳ୍ପରେ ନିଯୁକ୍ତି ପାଇଁ ଯେଉଁ ସବୁ ଦକ୍ଷତାର ଆବଶ୍ୟକତା ରହିଛି, ସେହି ୨ବର୍ଷ ଅବଧି ମଧ୍ୟରେ ସ୍ଥାନୀୟ ଯୁବକଙ୍କୁ ସେଭଳି ଦକ୍ଷତା ଉପରେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ଦେବାକୁ ମନ୍ତ୍ରୀ ଛୁରିଆ କହିଥିଲେ। ପୂର୍ବତ୍ତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଧ୍ୟ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ପେଟ୍ରୋଲର ଦର ଯେଭଳି ବଢ଼ି ଚାଲିଛି, ଏଥିପାଇଁ ଏହାର ବିକଳ୍ପ ଲୋଡ଼ା। ଇଥାନଲ ପ୍ରକଳ୍ପ ସେଥିରେ କିଛି ସହାୟକ ହେବ ବୋଲି ସେ ଆଶା ପ୍ରକଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ବିପିସିଏଲ୍‌ର ଚେୟାରମ୍ୟାନ ବି. ରାଜକୁମାର, ସିଜିଏମ (ବାୟୋ ଫୁଏଲ୍ସ) ସଞ୍ଜୀବ ପଲ, ଓଡ଼ିଶା ଓ ଝାଡ଼ଖଣ୍ଡ ଷ୍ଟେଟ ହେଡ୍ (ରିଟେଲ୍) ଦେବାଶିଷ ପାଲିତ ଏବଂ ଡିଜିଏମ୍ (ବ୍ରାଣ୍ଡ ଓ ଲୋକସମ୍ପର୍କ) ଏସ୍.ଏସ୍.ସୁନ୍ଦରରାଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାଙ୍କୁ ସେମାନଙ୍କ ବ୍ୟବହାର ଉପକରଣ ବଣ୍ଟନ କରାଯାଇଥିଲା।





ରାଜ୍ୟପାଳ ଗଣେଶୀ ଲାଲ୍ ୨ଜି ଇଥାନଲ ଜୈବ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି । ପାଖରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।












ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁତ୍ସିତ। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍ପଥରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ରିଶତ୍ରୁ। -ଶ୍ରୀଅରବିନ୍ଦ



# ହର୍ମୋନ୍-ପ୍ରଯୁକ୍ତ ମାଂସ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ସାରା ପୃଥିବୀରେ ମାଂସାହାର ବ୍ୟାପକ ଭାବେ ଚାଲିଛି, ଯେଉଁଥିପାଇଁ ପ୍ରତିବର୍ଷ ଶହ ଶହ କୋଟି ପ୍ରାଣୀଙ୍କୁ ହତ୍ୟା କରାଯାଉଛି। ଭାରତ ଏ ଦିଗରେ କିଛି ପଛରେ ନାହିଁ। ପ୍ରକୃତରେ ୨୦୧୫-୧୬ରେ ଭାରତ ୭ ନିୟୁତ ଟନ୍ ମାଂସ ଉତ୍ପାଦନ କରି ପୃଥିବୀରେ ପଞ୍ଚମ ସ୍ଥାନରେ ରହିଥିଲା। ଏ ସରକାର ଅମଳରେ ମାଂସ ରପ୍ତାନି ୨୫% ବୃଦ୍ଧି ପାଇଛି, ତେଣୁ ସବୁଠାରୁ ମାଂସ ଉତ୍ପାଦନରେ ଆମେ ଏବେ ଚତୁର୍ଥ ସ୍ଥାନରେ ଥିବୁ। କ୍ଷୀର ଉତ୍ପାଦନ ଦୃଷ୍ଟିରୁ ବିଚାର କଲେ ଆମେ ପୃଥିବୀରେ ଏକ ନମ୍ବର ଏବଂ ୨୦୧୫-୧୬ରେ ପୃଥିବୀର ୧୮.୫% କ୍ଷୀର ଆମେ ଉତ୍ପାଦନ କରିଛୁ।

ଭାରତ ବିପୁଳ ପରିମାଣର କ୍ଷୀର ଓ ମାଂସ ଉତ୍ପାଦନ କରୁଥିବାରୁ ଏ ସମ୍ପର୍କିତ ଉତ୍ପାଦ ଯଥା ଛେନା, ଦହି, ସସେଜ୍ (କଟା ମାଂସରେ ତିଆରି ଖାଦ୍ୟ ବିଶେଷ), ନଗେଟ୍ (ମାଂସ ପକୁଡ଼ା) ଇତ୍ୟାଦି ପାଇଁ ବିଶ୍ୱ କେନ୍ଦ୍ରରେ ପରିଣତ ହୋଇଛି। ସରକାର ଏହାକୁ ବିରାଟ ଅର୍ଥନୈତିକ ସଫଳତା ବୋଲି ବିଚାର କରୁଥିବା ବେଳେ ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ଘୋର ପ୍ରତିକୂଳ ପ୍ରଭାବ ପଡୁଛି। ମାଂସ ଓ କ୍ଷୀରର ଉତ୍ପାଦନ ଯୋଗୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଉଛି, ଯାହା ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ। ଦୁର୍ଭିକ୍ଷ, ବାତ୍ୟା, ଚର୍ମରୋଗ, ସୁନାମି, ଜଳାଭାବ ଇତ୍ୟାଦି ଏହାର ପରିଣାମ।

ଯେତେବେଳେ ମାଂସ ଓ କ୍ଷୀର କମ୍ ବ୍ୟବହାର ହେଉଥିଲା, ସେତେବେଳେ ଏହା ଥିଲା କୁଟୀରଶିଳ୍ପ। ଗାଁର ପଶୁପାଳକମାନେ ଗାଈ, ଛେଳି ପ୍ରଭୃତି ଅଳ୍ପ କିଛି ପ୍ରାଣୀ ରଖୁଥିଲେ। ସେମାନଙ୍କୁ ଚରାଇବାକୁ ବଣ, ଦଣ୍ଡାକୁ ନେଉଥିଲେ। ତା'ପରେ ସେମାନଙ୍କୁ ମାରି ମାଂସ ବିକ୍ରି କରୁଥିଲେ। ବର୍ତ୍ତମାନ ସେ କୁଟୀରଶିଳ୍ପଟା ବୃହତ୍ ଶିଳ୍ପରେ ପରିଣତ ହୋଇଯାଇଛି। ଫାର୍ମମାନଙ୍କରେ ପଶୁପାଳନ କରାଯାଉଛି। ଏହି ଫାର୍ମ ମାଲିକମାନେ ପାରମ୍ପରିକ କୃଷକ ନୁହଁନ୍ତି। ବଡ଼ ବଡ଼ କର୍ପୋରେଶନ ଏଥିରେ ସମ୍ପୃକ୍ତ, ଯେଉଁମାନେ ଦେଶର ପ୍ରତ୍ୟେକ ସ୍ଥାନରେ ଦୋକାନ ଖୋଲିଛନ୍ତି। ସେମାନଙ୍କ ପ୍ରଭାବରେ ସାଧାରଣ କୃଷକମାନେ ପାଶ୍ଚାତ୍ୟ ପଶୁପାଳନ ପଦ୍ଧତି ଅବଲମ୍ବନ କରିବାକୁ ବାଧ ହେଉଛନ୍ତି। ଅଧିକାଂଶ ମାଂସ ରପ୍ତାନିକାରୀ ମଧ୍ୟପ୍ରାଚ୍ୟ ବା ଚାଇନାର କର୍ପୋରେଶନଗୁଡ଼ିକ ସହିତ ଖୋଲାରେ ବା ଲୁଚାରେ ସହଭାଗିତା ଆପଣାଇଛନ୍ତି।

ବର୍ତ୍ତମାନ ମାଂସ ଉତ୍ପାଦନ ପ୍ରତିବର୍ଷ ବୃଦ୍ଧିପାଇବାରେ ଲାଗିଛି। କେବଳ ଗୋମାଂସ ରପ୍ତାନି, ଯାହା ୧୯୯୮-୨୦୦୧ରେ ୦.୩୧ ନିୟୁତ ଟନ୍ ଥିଲା, ତାହା ୨୦୧୬ରେ ୧.୫୬ ନିୟୁତ ଟନ୍‌ରେ ପହଞ୍ଚିଛି। ଭାରତରେ ଏହି ହାର ଆହୁରି ବୃଦ୍ଧି ପାଇପାରେ, କାରଣ ଏହା ଚତୁର୍ଥରୁ ତୃତୀୟ ବୃହତ୍ତମ ମାଂସ ରପ୍ତାନିକାରୀ ଦେଶଭାବେ ପରିଗଣିତ ହେବାକୁ ବସିଛି। ସରକାରୀ ତଥ୍ୟରୁ ଜଣାପଡ଼ୁଛି ଯେ, ପୁଷ୍ଟିରି ମାଂସ ରପ୍ତାନି ମଧ୍ୟ ୨୦୧୫-୧୬ ତୁଳନାରେ ୨୦୧୬-୧୭ରେ ୨୧% ବୃଦ୍ଧି ପାଇଛି। ଗୋରୁ ଫାର୍ମ ଶିଳ୍ପ ପ୍ରତିବର୍ଷ ବୃଦ୍ଧି ପାଉଥିବା ବେଳେ ସେଥିରୁ କେମିତି ଅଧିକ କରିହେବ, ତା'ର ନୂଆ ନୂଆ ଉପାୟ ମଧ୍ୟ ବାହାରୁଛି। ଅଳ୍ପ ଜାଗାରେ କେମିତି ଅଧିକ ପଶୁ ପାଳନ କରିହେବ, ସେମାନେ କିପରି ଶୀଘ୍ର ଶୀଘ୍ର ବଢ଼ିବେ ଏବଂ ମାଂସକୁ ବଜାରରେ ନେଇ କେମିତି କମ୍ ସମୟରେ ପହଞ୍ଚାଇ ହେବ, ସେ ଦିଗରେ ନୂଆ ନୂଆ ଉପାୟ ବାହାରୁଛି। ସେଥିପାଇଁ ନିର୍ଦ୍ଦିଷ୍ଟ ପରିସରରେ ଅଧିକ ସଂଖ୍ୟକ ପଶୁ ପାଳନ କରାଯାଉଛି। ସେମାନଙ୍କୁ ଶୀଘ୍ର ବଢ଼ିବା ପାଇଁ ଆହାର, ଔଷଧ ଓ ହର୍ମୋନ ଇତ୍ୟାଦି ଦିଆଯାଉଛି। ଏଇଥିରୁ 'ଫିଡ୍ କନ୍‌ଭର୍ଜନ ଏଫିସିଏନ୍ସି' (ଏଫ୍‌ସିଇ)ର ଚିନ୍ତାଧାରା ଜନ୍ମ ନେଇଛି। ଏକ ୟୁନିଟ୍ ମାଂସ ଉତ୍ପାଦନ ପାଇଁ ଯେତିକି ଖାଦ୍ୟ, ପାନୀୟ ଆଦି ଇନ୍‌ପୁଟ୍ ଦିଆଯାଏ ତାହା ହିଁ ଏଫ୍‌ସିଇ। ଏହା ହେଉଛି ଇନ୍‌ପୁଟ୍ ଓ ଆଉଟ୍‌ପୁଟ୍‌ର ସରଳ ଅର୍ଥନୈତିକ ତର୍କ, ଯେଉଁଥିରେ ପ୍ରାଣୀ ବା ଖାଉଟିଙ୍କ କଥା ବିଚାର କରାଯାଇ ନ ଥାଏ। ଏହି ତର୍କ ଆଧାରରେ ଗୋରୁ ଫାର୍ମଗୁଡ଼ିକ ଗୋରୁମାନଙ୍କୁ ବିଭିନ୍ନ ପ୍ରକାର ହର୍ମୋନ ଦିଅନ୍ତି, ଯାହାଦ୍ୱାରା ସେମାନେ ଶୀଘ୍ର ଶୀଘ୍ର ବଢ଼ିବେ ଓ ମୋଟା ହୋଇଯିବେ। କମ୍ ସମୟରେ ସେମାନଙ୍କ ମାଂସ ବିକି ଅଧିକ ଲାଭ ଅର୍ଜନ କରିହେବ। ଏହି ହର୍ମୋନ୍‌ଗୁଡ଼ିକ ମୁଖ୍ୟତଃ ଦୁଇପ୍ରକାର- 'କ୍ଲାସିକ୍' ଷ୍ଟେରଏଡ୍ ସେକ୍ସ ହର୍ମୋନ୍ ଯଥା ଇଷ୍ଟ୍ରାଡାୟୋଲ-୧୭ବିଟା, ଟେଷ୍ଟୋଷ୍ଟେରୋନ୍ ଏବଂ ପ୍ରୋଜେଷ୍ଟେରୋନ୍ ବା ସିନ୍ଥେଟିକ୍ ହର୍ମୋନ୍। ଏହି ହର୍ମୋନ୍‌ଗୁଡ଼ିକ ଗୋରୁମାନଙ୍କୁ ଖାଦ୍ୟରେ ମିଶାଇ ବା ଇଞ୍ଜେକ୍ସନ ଆକାରରେ ଦିଆଯାଏ। କିନ୍ତୁ ଏଭଳି ହର୍ମୋନ୍ ଦିଆ ଗୋରୁ ମାଂସ ଖାଇଲେ ଖାଉଟିମାନଙ୍କ ଅବସ୍ଥା କ'ଣ ହେବ, ସେ ବିଷୟରେ କେହି ଚିନ୍ତା କରନ୍ତି ନାହିଁ।

୧୯୫୦ ଦଶକରେ ଆମେରିକା ଓ ଇଂଲଣ୍ଡରେ ଗୋରୁ ଫାର୍ମରେ ହର୍ମୋନ୍‌ର ବ୍ୟବହାର ଲୋକପ୍ରିୟତା ଅର୍ଜନ କଲା। ସେତେବେଳେ ଗୋରୁମାନଙ୍କୁ ଡିଇଏସ୍ (ଡାଇଇଥାଇଲ୍‌ଷ୍ଟିଲ୍‌ବୋଏଷ୍ଟ୍ରୋଲ୍) ଏବଂ ହେକ୍ସୋଇଷ୍ଟ୍ରୋଲ୍ ଦିଆଯାଉଥିଲା। ଏହାଦ୍ୱାରା ଫାର୍ମ ମାଲିକମାନେ ଦେଖିଲେ ଯେ, ଗୋରୁମାନଙ୍କ ଓଜନ ୧୦-୧୫% ବୃଦ୍ଧିପାଇଲା। ତେଣୁ ଏଫ୍‌ସିଇ ବଢ଼ିଲା, ଅର୍ଥାତ୍ କମ୍ ଖାଦ୍ୟ ଦେଲେ ମଧ୍ୟ ଓଜନ ବଢ଼ିଲା। ଏହାଦ୍ୱାରା ହର୍ମୋନ୍‌ର ବ୍ୟବହାର ବୃଦ୍ଧି ପାଇବାକୁ ଲାଗିଲା। ଭାରତ ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟ କଥା ଚିନ୍ତା ନ କରି ହର୍ମୋନ୍ ବ୍ୟବହାର ଆପଣେଇବାକୁ ଲାଗିଲା।

ଆଜିକାଲି ଗୋରୁମାନଙ୍କୁ ଦିଆଯାଉଥିବା ଏକ ସାଧାରଣ ହର୍ମୋନ୍ ହେଉଛି ମେଲେଙ୍ଗେଷ୍ଟ୍ରୋଲ୍ ଏସିଟେଟ୍ (ଏମ୍‌ଜିଏ)। ଏହା ଏକ ପ୍ରକାର ପ୍ରୋଜେଷ୍ଟେରୋନ୍ ଯାହା ଏଫ୍‌ସିଇ ବଢ଼ାଇବା ପାଇଁ ପ୍ରାଣୀମାନଙ୍କୁ ଖାଦ୍ୟରେ ଦିଆଯାଏ। ଏହା ଓଜନ ବଢ଼ାଏ ଏବଂ ଗାଈମାନଙ୍କର ଋତୁସ୍ରାବ ବନ୍ଦ କରିଦିଏ। ଆମେରିକାର ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଜନ୍ ହପ୍‌କିନ୍ସ ସେଣ୍ଟର ଫର୍ ଏ ଲିଭେବୁଲ୍ ଫ୍ୟୁଚରରେ ଟି.କେ. ସ୍ମିଥ୍ ଓ କେ.ଇ. ନାଚମାନଙ୍କ ଦ୍ୱାରା ପରିଚାଳିତ ଏକ ଅନୁଧ୍ୟାନରେ ମୂଷାମାନଙ୍କୁ ଏହି ହର୍ମୋନ୍ ଖାଇବାକୁ ଦିଆଯିବାରୁ ତାଙ୍କଠାରେ କ୍ୟାନ୍ସରର ଲକ୍ଷଣ ପ୍ରକାଶ ପାଇଲା। ବର୍ତ୍ତମାନ ଭାରତର ହଜାର ହଜାର ଯୁବତୀ ଝିଅଙ୍କ ଗର୍ଭାଶୟରେ ଏଣ୍ଡୋମେଟ୍ରିଓସିସ୍ (ଯାହା ଜରାୟୁରେ କର୍କଟ) ଓ ସିଷ୍ଟ (ପୁଜକୋଷ) ହେବାର ଦେଖାଯାଉଛି। ତେବେ ଏହାର କାରଣ କ'ଣ? ବନ୍ୟବିଡ଼ାଳଠାରେ ଏମ୍‌ଜିଏ ପ୍ରୟୋଗ କରି ତା'ଠାରେ ଅନୁରୂପ ସମସ୍ୟା ଦେଖାଯାଇଛି। ତଥାପି ଏମ୍‌ଜିଏର ବ୍ୟବହାର ଅବ୍ୟାହତ ରହିଛି। ଗୋରୁ ଶିଳ୍ପରେ ଆଉ ଏକ ହର୍ମୋନ୍ ବ୍ୟବହାର କରାଯାଉଛି, ଯାହା ଜେରାନୋଲ ନାମକ ଏକ ସିନ୍ଥେଟିକ୍ ଅଣଷ୍ଟେରଏଡ୍‌ଯୁକ୍ତ ଇଷ୍ଟ୍ରୋଜେନ୍। ଏହାକୁ ଏକ ଗ୍ରୋଥ୍ ପ୍ରମୋଟର ଭାବେ ଆମେରିକା ଓ କାନାଡ଼ାରେ ଅନୁମତି ମିଳିଥିବା ବେଳେ ୟୁରୋପରେ ନିଷିଦ୍ଧ କରାଯାଇଛି। ଜେରାନୋଲ ସ୍ତନକର୍କଟ ରୋଗର ବୃଦ୍ଧିକାରକ ଭାବେ ଜଣାଶୁଣା। ଡିଇଏସ୍‌କୁ ଗୋରୁଙ୍କୁ ଗ୍ରୋଥ୍ ପ୍ରମୋଟର ଭାବେ ଦିଆଯାଉଥିବାବେଳେ ଏହା ମଧ୍ୟ କ୍ୟାନ୍ସରକାରକ ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଛି।

ମାଂସ ଶିଳ୍ପ ପାଇଁ ଟଙ୍କା ଓ ଲାଭ ବଡ଼, ମଣିଷର ସ୍ୱାସ୍ଥ୍ୟ ନୁହେଁ। ପ୍ରାଣୀମାନଙ୍କୁ ହର୍ମୋନ୍ ନ ଦେଇ ଉପଯୁକ୍ତ ଖାଦ୍ୟ ଓ ପାନୀୟ ଦେଲେ ବି ସେମାନେ ସୁସ୍ଥ ସବଳ ହୋଇ ବଢ଼ିପାରିବେ। କିନ୍ତୁ ତାହାଦ୍ୱାରା ମାଂସ ଶିଳ୍ପ ମାଲିକମାନଙ୍କ ଲାଭ କମିଯିବ। ଯଦି କମ୍ପାନୀମାନେ ସ୍ୱାସ୍ଥ୍ୟକର ପଦ୍ଧତି ଗ୍ରହଣ କରିବାକୁ ରାଜି ନୁହଁନ୍ତି, ଆମେ ସେମାନଙ୍କୁ ତାହା ଗ୍ରହଣ କରିବା ପାଇଁ ବାଧ କରିବା ଉଚିତ। ଲୋକମାନେ ଯଦି ହର୍ମୋନ୍ ଦିଆ ମାଂସ ଖାଇବାକୁ ଚାହିଁବେ ନାହିଁ, ତେବେ ତା'ର ଚାହିଦା କମିଯିବ ଏବଂ କମ୍ପାନୀମାନେ ହର୍ମୋନ୍‌ର ବ୍ୟବହାର ବନ୍ଦ କରିବାକୁ ବାଧ ହେବେ। ୟୁରୋପରେ ତାହାହିଁ ଘଟିଛି। ଆମେ ଇତିମଧ୍ୟରେ ସରକାରୀ ନିୟାମକ ସଂସ୍ଥା ଏଫ୍‌ଏସ୍‌ଏସ୍‌ଏଆଇ ଉପରେ ଚାପ ପ୍ରୟୋଗ କରିବା ଦରକାର।

Email: gandhim@nic.in

## ଏଇ ଭାରତରେ

ସ୍ୱାର୍ଥଲୋଭୀ ଦୁନିଆରେ ଏବେ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟଙ୍କୁ ସାହାଯ୍ୟ କରିବାରେ ହିଁ ଆନନ୍ଦ ପାଇଥାନ୍ତି। ଏଇ ଯେପରି ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ତାଙ୍କ ସ୍ତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବିଦ୍ୟାଳୟକୁ ୧୭ ଲକ୍ଷ ଟଙ୍କା ଦାନ କରିଛନ୍ତି। ଆଉ ଏହି ଟଙ୍କା ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡର ଜେ.ପି. ବାଦୁନି। ବାଦୁନିଙ୍କ ସ୍ତ୍ରୀ ବିଧୁ ଗତ ଜାନୁୟାରୀ ମାସରେ ହୃଦ୍‌ଘାତରେ ମୃତ୍ୟୁ ବରଣ କରିଥିଲେ। ବିଧୁଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଥିବା ୧୭ ଲକ୍ଷ ଟଙ୍କାକୁ ଲୋଭ ନ କରି ବାଦୁନି ଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଦୀର୍ଘ ୨୧ ବର୍ଷ ଧରି ସ୍ତ୍ରୀ ବିଧୁ ଚାକିରି କରିଥିବା ନୂଆଦିଲ୍ଲୀସ୍ଥିତ ଏୟାର ଫୋର୍ସ ଗୋଲ୍‌ଡେନ୍ ଜୁବ୍‌ଲୀ ବିଦ୍ୟାଳୟକୁ ଉକ୍ତ ଟଙ୍କା ବାଦୁନି ଦାନ କରିଛନ୍ତି। ଉକ୍ତ ଟଙ୍କା ମଧ୍ୟରୁ ୧୦ ଲକ୍ଷ ଟଙ୍କା ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଆକାରରେ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ବାକି ୭ ଲକ୍ଷ ଟଙ୍କା ବିଦ୍ୟାଳୟର ଗୃହ ନିର୍ମାଣରେ ଖର୍ଚ୍ଚ କରାଯିବ ବୋଲି କୁହାଯାଉଛି। ଏହି ଟଙ୍କା ଦାନ ଫଳରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରମାନେ ବେଶ୍ ଉପକୃତ ହୋଇପାରିବେ। ଏହା ପରଲୋକରେ ଥିବା ପତ୍ନୀ ବିଧୁଙ୍କ ପ୍ରତି ସବୁଠାରୁ ବଡ଼ ଶ୍ରଦ୍ଧାଞ୍ଜଳି ହେବ ବୋଲି ବାଦୁନି ପ୍ରକାଶ କରିଛନ୍ତି। ବାଦୁନିଙ୍କ ଏଭଳି ମହତ୍ କାର୍ଯ୍ୟକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଅଭିଭାବକ ମହଲ ପର୍ଯ୍ୟନ୍ତ ସମସ୍ତେ ଭୁରି ଭୁରି ପ୍ରଶଂସା କରିଛନ୍ତି।

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ କୁଳ ହୁଏ କୁଆଁ ରବ!
ଆଲୋକ-ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରତି ସୁଖ ଦୁଃଖ ନବ ନବ
କେତେ କୁଳ ହୁଏ କୁଆଁ ରବ।

(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | A | C | | | | 7 | | E | | |
| | A | | | | 9 | | | D | | | | B | | |
| E | 1 | | | 8 | | | | 0 | | | | | | |
| 0 | | 2 | | | 7 | 9 | 3 | | 6 | | A | | | |
| | B | 6 | 5 | | | | 4 | | | E | D | 7 | | |
| | | | A | | | 0 | 2 | 3 | | | 7 | | C | |
| | | | 6 | B | | | C | | | | E | | | 3 |
| | | C | 0 | | | D | 5 | 8 | 9 | A | | 4 | | 1 |
| | | | | | | | | | | | 6 | | | |
| | | | | | | 7 | | | 5 | | 1 | 0 | | |
| | | 5 | | C | 3 | A | | | 2 | 1 | 9 | | | |
| 9 | | | 1 | | 0 | 4 | | | | 6 | | | | |
| D | | | | 7 | | | 1 | 5 | | | 3 | 8 | | |
| C | 8 | | | 6 | | | | | | | | | B | |
| A | 6 | | | | 5 | 8 | | 9 | 4 | C | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 8 | 1 | 6 | E | B | 9 | C | A | D | 4 | 5 | 2 | 0 | 7 |
| D | A | C | 2 | 9 | 5 | B | E | 0 | 3 | 1 | 7 | 4 | 6 | 8 |
| 2 | 0 | 5 | A | 4 | 3 | 8 | D | 7 | 6 | 9 | E | C | 1 | B |
| 9 | E | 6 | 7 | D | C | 2 | 1 | 4 | 8 | 0 | B | 3 | 5 | A |
| B | 7 | 4 | 8 | 0 | 1 | 5 | 3 | 6 | A | C | 2 | E | D | 9 |
| C | 6 | D | 4 | 5 | A | E | 0 | 9 | B | 7 | 8 | 1 | 3 | 2 |
| 4 | 1 | 9 | E | B | 6 | D | 8 | 5 | 2 | 3 | C | 7 | A | 0 |
| 7 | B | 8 | 3 | 2 | 0 | 4 | 6 | C | 1 | A | D | 9 | E | 5 |
| A | 2 | E | 9 | 1 | D | 3 | 7 | B | 0 | 5 | 4 | 6 | 8 | C |
| 0 | 5 | 3 | C | 7 | 8 | 1 | A | 2 | E | 6 | 9 | D | B | 4 |
| 8 | 9 | 2 | 1 | 6 | 7 | 0 | 5 | D | C | B | 3 | A | 4 | E |
| E | C | B | 0 | A | 9 | 6 | 2 | 3 | 4 | 8 | 1 | 5 | 7 | D |
| 1 | D | A | 5 | 3 | E | C | 4 | 8 | 7 | 2 | 0 | B | 9 | 6 |
| 6 | 3 | 0 | B | C | 4 | 7 | 9 | E | 5 | D | A | 8 | 2 | 1 |
| 5 | 4 | 7 | D | 8 | 2 | A | B | 1 | 9 | E | 6 | 0 | C | 3 |

ଗତକାଲିର ଉତ୍ତର

# ବିଛାରାଶିକୁ ବୃହସ୍ପତି ଚଳନ

ଦୋଳଗୋବିନ୍ଦ ପଣ୍ଡା

ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ଦେବଗୁରୁ ବୃହସ୍ପତି ଆଜି ସନ୍ଧ୍ୟା ଘ୭।୧୯।୩୭ଠାରେ ତୁଳାରାଶିରୁ ବିଛାରାଶିକୁ ଚଳୁଛନ୍ତି। ଏହି ଚଳନ ରାଜ୍ୟ ତଥା ଦେଶ ପାଇଁ ତଥା ବ୍ୟକ୍ତିଗତ ରାଶି ପାଇଁ କି ଫଳ ପ୍ରଦାନ କରିବ ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ସ୍ୱାଭାବିକ ଆଗ୍ରହ ରହିଥାଏ। ତେବେ ପତ୍ରପତ୍ରିକା ଏବଂ ବିଭିନ୍ନ ଟିଭି ଚ୍ୟାନେଲରେ ଯେଉଁ ଗୋଚରଫଳ ବା ରାଶିଫଳର ଆଲୋଚନା କରାଯାଉଛି ତାହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। କାରଣ ଜ୍ୟୋତିଷଶାସ୍ତ୍ରରେ ଫଳ ବିଚାରର ବିଭିନ୍ନ ଦିଗ ରହିଛି, ଯାହା ଉକ୍ତ ରାଶିଫଳରେ ବିଚାର କରିବା ସମ୍ଭବ ନୁହେଁ। ମନେକର ଜଣକର ବିଛା ରାଶି ଓ କୁମ୍ଭ ଲଗ୍ନ। ବର୍ତ୍ତମାନ ବୃହସ୍ପତି ବିଛାକୁ ଚଳିଲା ପରେ ଏ ପ୍ରକାର ବୃହସ୍ପତିଙ୍କୁ କୁହାଯିବ ବିଛାରାଶି ଲୋକଙ୍କର ଜନ୍ମବୃହସ୍ପତି। ଶାସ୍ତ୍ରରେ ଅଛି 'ଜନ୍ମରାଶୌ ସୁରାଚାର୍ଯ୍ୟେ ରାମୋ ରାଜା ବନଂ ଗତଃ'-ଅର୍ଥାତ୍ ଜନ୍ମରାଶିରେ ବୃହସ୍ପତି ଥିବାବେଳେ ରାଜା ରାମଙ୍କୁ ରାଜ୍ୟ ହରାଇ ବନବାସ ଦୁଃଖ ଭୋଗ କରିବାକୁ ପଡ଼ିଥିଲା। ତେଣୁ ଜନ୍ମବୃହସ୍ପତି ଅର୍ଥ, ସମ୍ପଦ, ରାଜ୍ୟ, ପଦପଦବୀ ନାଶ କରିଥାନ୍ତି। କିନ୍ତୁ ଉପରୋକ୍ତ ବ୍ୟକ୍ତିଙ୍କର ତାହା ନ ହୋଇପାରେ। କାରଣ ବୃହସ୍ପତି ତାଙ୍କର ଜନ୍ମଲଗ୍ନ କୁମ୍ଭରୁ ଦଶମ ଭାବରେ ଅବସ୍ଥାନ କରୁଛନ୍ତି ଏବଂ ତାଙ୍କର ଶୁଭ ଦୃଷ୍ଟି ଦ୍ୱିତୀୟ (ଧନ ଭାବ), ଚତୁର୍ଥ (ସୁଖ, ଜମିବାଡ଼ି, ଗାଡ଼ି) ଓ ଷଷ୍ଠ (ଚାକିରି, ରୋଗ, ଶତ୍ରୁ, ଋଣ) ଭାବକୁ ରହିଥିବାରୁ ଦଶା ଶୁଭ ଥିଲେ (ଦଶା ମୁଖ୍ୟ, ଗୋଚର ଗୌଣ) ସେହିସବୁ ଭାବର ନିଶ୍ଚୟ ଶୁଭଫଳ ମିଳିବ। ତାଙ୍କର ଚାକିରି ଓ କର୍ମକ୍ଷେତ୍ରରେ ଉନ୍ନତି ହେବ। ପଦୋନ୍ନତି ମିଳିବାର ସମୟ ସନ୍ନିକଟ ହୋଇଥିଲେ ତାହା ମିଳିବ। ରୋଗ, ଋଣ ଓ ଶତ୍ରୁ ନାଶ ହେବ। ଧନ, ସୁଖ, ଗାଡ଼ି, ଜମି ଇତ୍ୟାଦି ଲାଭ ହେବ। ଗୃହ ନିର୍ମାଣାଦି ବଡ଼ କାର୍ଯ୍ୟ ପାଇଁ ଋଣସୂତ୍ରରେ ଅର୍ଥଲାଭର ମଧ୍ୟ ସମ୍ଭାବନା ଅଛି। ଜନ୍ମରାଶିଠାରୁ ଜନ୍ମଲଗ୍ନ ଅଧିକ ବଳବାନ ହୋଇଥିଲେ ଏହି ଫଳ ମିଳିବା ନିଶ୍ଚିତ। ବିଶିଷ୍ଟ ଜ୍ୟୋତିର୍ବିଦ୍ କୃଷ୍ଣମୂର୍ତ୍ତି ତ କେବଳ ଲଗ୍ନରୁ ହିଁ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ତା' ଛଡ଼ା ଜ୍ୟୋତିଷଶାସ୍ତ୍ରରେ ଆଉ ଏକ ପାଠ ଅଛି ଯାହାର ନାମ ଅଷ୍ଟକବର୍ଗ ବିଚାର। ଲଗ୍ନ ଓ ଗ୍ରହଗୁଡ଼ିକର ପାରସ୍ପରିକ ସ୍ଥିତିକୁ ନେଇ ତାହା ବିଚାର କରାଯାଇଥାଏ। ବୃହସ୍ପତିଙ୍କ ଅଷ୍ଟକବର୍ଗରେ ଯଦି ସେ ଚାରୋଟିରୁ ଅଧିକ ଶୁଭ ରେଖା ପାଇଥାନ୍ତି ତେବେ ଜନ୍ମବୃହସ୍ପତି ହେଲେ ବି ସେ ଶୁଭଫଳ ଦେବେ। ଶୁଭ ସ୍ଥାନସ୍ଥ ଗ୍ରହ ବି ଶୁଭଫଳ ଦେଇପାରନ୍ତି ନାହିଁ ଯଦି ସେ ନୀଚସ୍ଥ, ଅସ୍ତଂଗତ ବା ଅନ୍ୟ ପ୍ରକାରେ ଦୁର୍ବଳ ହୋଇଥାନ୍ତି କିମ୍ବା ତାଙ୍କର ବେଧ ସ୍ଥାନରେ ଅନ୍ୟ ଗ୍ରହ ଅବସ୍ଥାନ କରିଥାନ୍ତି। ବଳାବଳ, ଗ୍ରହବେଧ ଏବଂ ଅନ୍ୟ ଗ୍ରହମାନଙ୍କ ସହ ପାରସ୍ପରିକ ସମ୍ପର୍କ ବିଚାର ବିନା ଗୋଚର ବିଚାର ପୂର୍ଣ୍ଣାଙ୍ଗ ହୋଇ ନ ଥାଏ।

ଶାସ୍ତ୍ରରେ ଅଛି-''ଜୀବେ ଦ୍ୱିତୀୟେ ଧନଧାନ୍ୟଭୋଗୀ, ସୁତାର୍ଥଲାଭୋ ନବପଞ୍ଚକେଷୁ। ଯାମିତ୍ରସଂସ୍ଥେ ବିପୁଳା ଚ ଲକ୍ଷ୍ମୀର୍ଶୈକାଦଶେ ସର୍ବ ଫଳଂ ଦଦାତି॥'' ଅର୍ଥାତ୍ ବୃହସ୍ପତି ଜନ୍ମରାଶିରୁ ଦ୍ୱିତୀୟରେ ଥିଲେ ଧନଧାନ୍ୟଭୋଗୀ କରାନ୍ତି, ନବମ ବା ପଞ୍ଚମରେ ଥିଲେ ସୁତ ଓ ଅର୍ଥଲାଭ କରାନ୍ତି, ସପ୍ତମରେ ଥିଲେ ବିପୁଳ ଲକ୍ଷ୍ମୀ (ଧନ ଓ ଐଶ୍ୱର୍ଯ୍ୟ)ର ଅଧିକାରୀ କରାନ୍ତି ଏବଂ ଏକାଦଶରେ ଥିଲେ ଉପରୋକ୍ତ ସବୁ ପ୍ରକାର ସୁଫଳ ଜାତକ ପାଇଥାଏ। କିନ୍ତୁ ଜନ୍ମରାଶିରୁ ବୃହସ୍ପତି ଅନ୍ୟ ସ୍ଥାନଗୁଡ଼ିକ ଅର୍ଥାତ୍ ୧, ୩, ୪, ୬, ୮, ୧୦, ୧୨ରେ ଥିଲେ ଶୁଭଫଳ ମିଳି ନ ଥାଏ। ବୃହସ୍ପତି ବା ଅନ୍ୟ ଗ୍ରହ କେଉଁ ରାଶିର କେଉଁ ନକ୍ଷତ୍ରକୁ ଚଳୁଛନ୍ତି ଏବଂ କର୍ତ୍ତାଙ୍କ ଜନ୍ମନକ୍ଷତ୍ର କ'ଣ ତାହା ଉପରେ ମଧ୍ୟ ସେ କେତେ ପରିମାଣରେ ଶୁଭ ବା ଅଶୁଭ ଫଳ ଦେବେ ତାହା ନିର୍ଭର କରେ। ଏହା ଜାଣିବା ପାଇଁ ଏକ ସୂତ୍ର ଅଛି। ଗ୍ରହର ଚଳନ ନକ୍ଷତ୍ର ସଂଖ୍ୟା (ବର୍ତ୍ତମାନ ବୃହସ୍ପତିଙ୍କ ଚଳନ ନକ୍ଷତ୍ର ସଂଖ୍ୟା ୧୬), କର୍ତ୍ତାଙ୍କ ଜନ୍ମନକ୍ଷତ୍ର ସଂଖ୍ୟା ଓ ରାଶି ସଂଖ୍ୟାକୁ ମିଶାଇ ମିଶାଣଫଳକୁ ୮ ଦ୍ୱାରା ଭାଗ କରନ୍ତୁ। ଭାଗଶେଷ ୧ ରହିଲେ ଧନ ପ୍ରାପ୍ତି, ୨ ରହିଲେ ସୁଖପ୍ରାପ୍ତି, ୩ ରହିଲେ ଲକ୍ଷ୍ମୀପ୍ରାପ୍ତି, ୪ ରହିଲେ ଦ୍ରବ୍ୟହାନି, ୫ ରହିଲେ ଦୁଃଖଲାଭ, ୬ ରହିଲେ ଭୂମି ଓ ଅର୍ଥଲାଭ, ୭ ରହିଲେ କଳହ ଏବଂ ଶୂନ ରହିଲେ ଶସ୍ତ୍ରାଘାତ। ଗ୍ରହ ଚଳନ ସମୟରେ ଚନ୍ଦ୍ର କେଉଁ ରାଶିରେ ଅଛି ତାହା ମଧ୍ୟ ବିଚାର୍ଯ୍ୟ। ଯଦି ଗ୍ରହ ଚଳନ ସମୟରେ କର୍ତ୍ତାଙ୍କ ଜନ୍ମରାଶିକୁ ଚନ୍ଦ୍ର ଶୁଭ ଥିବେ ତେବେ ଗ୍ରହର ଅଶୁଭତ୍ୱ ହ୍ରାସ ପାଇବ। ଉପରେ ବୃହସ୍ପତିଙ୍କ ବିଛାକୁ ଚଳନ ସମୟ ଯାହା ଲେଖା ଅଛି ସେହି ସମୟରେ ଚନ୍ଦ୍ର ତୁଳାରାଶିରେ ଥିବେ। ତେଣୁ ଏହା ଶୁକ୍ଳପକ୍ଷ ହୋଇଥିବାରୁ କର୍ତ୍ତାଙ୍କ ଜନ୍ମରାଶିରୁ ଗଣିଲେ ଚନ୍ଦ୍ର ୧, ୨, ୩, ୫, ୬, ୭, ୯, ୧୦ ବା ୧୧ ହେଉଥିଲେ ଶୁଭ, ଅନ୍ୟଥା ଅଶୁଭ। କର୍ତ୍ତାଙ୍କ ଜନ୍ମରାଶିରୁ ଗଣିଲେ ବୃହସ୍ପତି ୨, ୫, ୭ ବା ୧୧ ହେଉଥିଲେ ଶୁଭ, ଅନ୍ୟଥା ଅଶୁଭ। ଉଭୟ ଚନ୍ଦ୍ର ଓ ବୃହସ୍ପତି ଶୁଭ ହେଉଥିଲେ ପୂର୍ଣ୍ଣ ଶୁଭ, ଉଭୟ ଅଶୁଭ ହେଉଥିଲେ ପୂର୍ଣ୍ଣ ଅଶୁଭ ଏବଂ ଗୋଟିଏ ଶୁଭ ଓ ଅନ୍ୟଟି ଅଶୁଭ ହେଉଥିଲେ ଅଧା ଶୁଭ ଓ ଅଧା ଅଶୁଭ ଫଳ ମିଳିବ।

ହଳଦିଆ ରଙ୍ଗ, ଘିଅ, ହଳଦୀ ଓ ପକ୍ୱଫଳର କାରକ ବୃହସ୍ପତି ମିତ୍ରଗ୍ରହ ମଙ୍ଗଳଙ୍କ କ୍ଷେତ୍ରକୁ ଚଳିବା ହେତୁ ଗୁଡ଼, ଚିନି ଓ ମିଠାଫଳ ଏବଂ ଡାଲିର ବଜାର ଦର ହ୍ରାସ ପାଇବ। ବିଛାର ଅଧିପତି ମଙ୍ଗଳ ହେଉଛନ୍ତି ଗ୍ରହଜଗତର ସେନାପତି। ଏଣୁ ଆମର ପ୍ରତିରକ୍ଷା କ୍ଷେତ୍ର ଆଗ ଅପେକ୍ଷା ଅଧିକ ସୁଦୃଢ଼ ହେବ। ଆତଙ୍କବାଦୀ ଓ ଦେଶଦ୍ରୋହୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗୁପ୍ତ ଶତ୍ରୁମାନେ ଧରାପଡ଼ିବେ। ବୃହସ୍ପତି ନ୍ୟାୟ, ଧର୍ମ ଓ ଆଧ୍ୟାତ୍ମିକତାର କାରକ ହୋଇଥିବାରୁ ନୀତି-ଆଦର୍ଶକୁ ପାଳନ କରୁଥିବା ନେତାମାନଙ୍କର ସମ୍ମାନ ଓ ପ୍ରତିଷ୍ଠା ବୃଦ୍ଧି ପାଇବ। ନ୍ୟାୟାଳୟ ଓ ନ୍ୟାୟାଧୀଶମାନଙ୍କର କାର୍ଯ୍ୟକଳାପ ଓ ଖ୍ୟାତି ବଢ଼ିବ। ପଡ଼ିରହିଥିବା ଅନେକ ବିବାଦୀୟ ମାମଲାର ବିଚାର କରାଯାଇ ରାୟ ପ୍ରକାଶ ପାଇବ। ଧର୍ମ ଓ ଆଧ୍ୟାତ୍ମିକତାର ପ୍ରସାର ଘଟିବ। ଶିକ୍ଷା, ଅର୍ଥ, ବିଜ୍ଞାନ, ଅଧ୍ୟାପନା, ଆଇନ, ନ୍ୟାୟପାଳିକା, ଗବେଷଣା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କର ଉନ୍ନତି ଘଟିବ।

ପ୍ରକୃତରେ ମଣିଷ ତା'ର କର୍ମ ଅନୁସାରେ ଫଳ ପାଇଥାଏ। ଗ୍ରହମାନେ କେବଳ ଅନୁପ୍ରେରିତ କରନ୍ତି। ଯେଉଁମାନେ ସତ୍‌ନିଷ୍ଠ, ଆଦର୍ଶନିଷ୍ଠ ସେମାନେ ଖରାପ ଅନୁପ୍ରେରଣାର ବଶବର୍ତ୍ତୀ ହୁଅନ୍ତି ନାହିଁ। ସେମାନେ ପରିବେଶରୁ ଖରାପ କିଛି ଗ୍ରହଣ କରନ୍ତି ନାହିଁ। ତେଣୁ ସେମାନେ ଗ୍ରହଦୋଷ (ଗ୍ରହଣ କରିବାର ଦୋଷ)ରେ ପୀଡ଼ିତ ହୁଅନ୍ତି ନାହିଁ। ଆଦର୍ଶନିଷ୍ଠ ହୁଅନ୍ତୁ, ସତ୍‌କର୍ମ କରନ୍ତୁ, ଅଶୁଭ ଗ୍ରହର ପ୍ରଭାବ ଦ୍ୱାରା ଆପଣ କ୍ଷତିଗ୍ରସ୍ତ ହେବେ ନାହିଁ। ଶାସ୍ତ୍ରରେ ଅଛି-'କିଂ କୁର୍ବନ୍ତି ଗ୍ରହାଃ ସର୍ବେ ଯସ୍ୟ କେନ୍ଦ୍ରୀ ବୃହସ୍ପତିଃ?' ଅର୍ଥାତ୍ ବୃହସ୍ପତି କେନ୍ଦ୍ରରେ ଥିଲେ ଦୁଷ୍ଟଗ୍ରହମାନେ କିଛି କ୍ଷତି କରିପାରନ୍ତି ନାହିଁ। ଆପଣଙ୍କ ଜନ୍ମକୋଷ୍ଠୀରେ ଯଦି ବୃହସ୍ପତି କେନ୍ଦ୍ରରେ ନ ଥାନ୍ତି, ତେବେ ଇଚ୍ଛାପୂର୍ବକ ତାଙ୍କୁ (ଗୁରୁଙ୍କୁ) କେନ୍ଦ୍ରରେ ରଖନ୍ତୁ। ଅର୍ଥାତ୍ ଗୁରୁକୈନ୍ଦ୍ରିକ ଜୀବନଯାପନ କରନ୍ତୁ। ଗୁରୁ ସବୁବେଳେ ଆମର ମଙ୍ଗଳ ଚାହାନ୍ତି ଓ ଭଲ କାମ କରିବା ପାଇଁ ଅନୁପ୍ରେରିତ କରନ୍ତି। ତେଣୁ ତାଙ୍କ ଇଚ୍ଛା ପୂରଣକୁ ଜୀବନର ବ୍ରତ କଲେ ଗ୍ରହବୈଗୁଣ୍ୟ ଆମର କିଛି କରିପାରିବ ନାହିଁ।

ନିଗମ ବିହାର, ଶ୍ରୀରାମନଗର (୩ୟ ଗଳି), ପୁରୁଣା ଭୁବନେଶ୍ୱର, ମୋ-୭୦୦୮୯୬୦୫୦୨

## ପାଠକ ଶ୍ରେଷ୍ଠ ବିଚାରକ

### ପଲିଥିନ କଟକଣା

ମହାଶୟ,

ବହୁ ପ୍ରତୀକ୍ଷିତ ପ୍ଲାଷ୍ଟିକ୍ ମୁଣା ଓ ପଲିଥିନ ନିଷେଧ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରିବେଶ ସଚେତନ ଲକ୍ଷ ଲକ୍ଷ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଛି। ତେବେ ଏହାର ସଫଳ ରୂପାୟନ ଦିଗରେ ପ୍ରଶାସନ କେତେଦୂର ତତ୍ପର ସେନେଇ ସନ୍ଦେହ ରହିଛି। ପ୍ଲାଷ୍ଟିକ୍ ନିଷିଦ୍ଧ କରିବା ଦିଗରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ସରକାରଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ। ତା' ନ ହେଲେ ଗୁଟ୍‌ଖା, ତମାଖୁ ସେବନ ଓ ବିକ୍ରୟ ନିଷେଧ ତଥା ସର୍ବସାଧାରଣ ସ୍ଥାନମାନଙ୍କରେ ଧୂମପାନ ନିଷେଧ ଉପରେ ଲଗାଯାଇଥିବା କଟକଣା ପ୍ରହସନରେ ପରିଣତ ହେବା ପରି ଏହାର ଅବସ୍ଥା ହେବ।

ଅରୁଣ କୁମାର ଦାସ, କାଶୀପୁର, ବଳରାମପୁର, କେନ୍ଦୁଝର

### ନରପିଶାଚଙ୍କୁ ଫାଶୀ ମିଳିବା ଉଚିତ

ଆଜିର ସମାଜରେ ଅନେକ ନରପିଶାଚ ଯୌନ ଶୋଷଣରେ ଲିପ୍ତ ରହୁଛନ୍ତି। ଭିନ୍ନକ୍ଷମ ମହିଳା, ଏପରି କି ନିଷ୍ପାପ ଶିଶୁମାନଙ୍କୁ ଏମାନେ ଯୌନଶୋଷଣ କରିବାକୁ ବି ପଛାଇ ନ ଥାନ୍ତି। ଏମାନେ ଆମ ମଣିଷ ସମାଜର କଳଙ୍କ। ଆଇନ ଅନୁଯାୟୀ ଏମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଆବଶ୍ୟକ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଦୃଶ୍ୟ ଆତ୍ମୀୟତା



ଦ୍ୱିତୀ ଚନ୍ଦ୍ର ସାହୁ

ସେଦିନର ବର୍ଷା ଧୋଇଦେଇଥିଲା ଅଞ୍ଚଳର ଭୂଗୋଳକୁ। ଚାରିଆଡ଼ ସଫା ଦେଖାଯାଉଥିଲା। ଅନତିଦୂରରେ ଥିବା ପାହାଡ଼ ଘନ କଳା-ସବୁଜ ମିଶ୍ରିତ ରଙ୍ଗରେ ଯେମିତି ଘୋଡେଇ ହୋଇଯାଇଥିଲା। ମାଟି ମଝିରେ ଠାଏ ଠାଏ ଗାତରେ ପାଣି ଭର୍ତ୍ତି ହୋଇଥିଲା। ପାଖ ଦେଇ ବହିଯାଉଥିବା ନଦୀରେ ମାଟିଆ ଜଳ ବର୍ଷାର ପ୍ରମାଣ ଦେଉଥିଲା। ଧାନଗଛ ସବୁ ଠିଆ ହୋଇସାରିଥିଲେ ନିଜ ଦେହରେ ରୁଆ ହୋଇଥିବା ଦିନ ପରେ। ଧାନଗଛରେ ଭରା ଜମି ସବୁ ଦିଶୁଥିଲା ଖୁବ୍ ସୁନ୍ଦର। ଚାରିଆଡ଼େ ସବୁଜିମାର ରାଜୁତି। ମଝିରେ ମଝିରେ ଧାନ ଫସଲରେ ରାସାୟନିକ ସାର ଛିଞ୍ଚିବା ଚାଷୀଟି ଦୂରରୁ ଲାଗୁଥିଲା ଚଳମାନ ପାଳଭୂତ ପରି। ବିକ୍ଷିପ୍ତ ଭାବେ ଖରା ଅଳତି ହୋଇପଡ଼ିଥିଲା ସବୁଠି। ବର୍ଷାଧୌତ ପରିବେଶ ଆହୁରି କମନୀୟ ଲାଗୁଥିଲା।

ରାସ୍ତାରେ ଡ୍ରାଇଭର ଗାଡି ରଖିଲା। ରାସ୍ତାକଡରେ ଜଣେ ଆଦିବାସୀ ମକା ବିକ୍ରି କରୁଥିଲା। ପାଖରେ ଦେଶୀ କାଙ୍କଡ଼ ଗଦା ହୋଇଥିଲା। ତା' ପାଖକୁ ଲାଗି ଦାଉ ଦାଉ ଜଳୁଥିବା ଅଙ୍ଗାର, ଅନ୍ୟ ଥାଳିରେ ଲେମ୍ବୁ ଖଣ୍ଡ, ଲୁଣ ଓ ଲଙ୍କାଲଙ୍କା। ସେଠାରେ ବସିଛି ଜଣେ ମହିଳା। କୋଳରେ ଛୋଟ ଛୁଆ। ଆଉ ଗୋଟେ ଛୁଆ ଦୂରରେ ବସି ପୋଡ଼ା ମକାର ଆବରଣକୁ ନେଇ ଖେଳୁଛି। ପଲିଥିନ ଛାମୁଣ୍ଡିଆରେ ଚାଲିଛି ତା'ର ଦୋକାନ। ମକା ଦଶ ଟଙ୍କାକୁ ଗୋଟିଏ। ମକା ପୋଡା ନେଲେ ଗୋଟାକୁ ପାଞ୍ଚ ଟଙ୍କା। କାଙ୍କଡ ଭାଗକୁ କୋଡିଏ ଟଙ୍କା। ଯାତାୟାତ କରୁଥିବା ଅନେକ ଗାଡି ଅଟକିଯାଏ। ସଜ ପରିବା ନେବା ଲୋଭରେ କିମ୍ବା ବର୍ଷା ପାଗରେ ଗରମ ଗରମ ମକା ପୋଡା ଖାଇବାର ଲୋଭରେ ଠିକ୍ ଆମ ଗାଡି ଯେମିତି ଅଟକିଛି।

ଆମ ଗାଡିରେ ଥିବା ବନ୍ଧୁମାନେ ମକା ଓ କାଙ୍କଡ କିଣିଲେ। କାଙ୍କଡ ଗୋଟିଏ ଭାଗ ପାଖାପାଖି ୨୫୦ ଗ୍ରାମ୍‌ରୁ ୩୦୦ ଗ୍ରାମ୍ ହେବ। ନେଲାବେଳେ ଗ୍ରାହକଙ୍କୁ ବିନା ଅନୁରୋଧରେ ଗୋଟିଏ ଦୁଇଟା ଅଧିକା ଦେଉଛି ସେ। ତଥାପି ଗ୍ରାହକ ବଳେଇ ବଳେଇ ମାଗିଲେ ଗୋଟାଏ ପକେଇ ଦେଉଛି। ଗ୍ରାହକ ଖୁସି। ବିକୁଥିବା ଆଦିବାସୀ ବି ଖୁସି। ସହରକୁ ନ ଯାଇ ନିଜ ଗୋଡ ତଳେ ବିକ୍ରି କରିଦେଉଛି ତା'ର ଉତ୍ପାଦିତ ସାମଗ୍ରୀ। ମକା ପୋଡା ଲାଗି ମକା ବାଛିବା ଆଳରେ ପଚାରିଲି ଦେଶ କଥା ପରିବାର କଥା। ସାମଗ୍ରିକ କଥାବାର୍ତ୍ତାରୁ ଅନେକ କିଛି ପାଇଲି ଆଦିବାସୀଙ୍କ ସାମ୍ପ୍ରତିକ ଜୀବନଜୀବିକା ସମ୍ପର୍କରେ। ସାମେଲି ଜାକାକାର ଚାରୋଟି ସନ୍ତାନ। ପାଖରେ ଦି' ଜଣ ଅଛନ୍ତି। ଆଉ ଦି' ଜଣରୁ ବଡ ଝିଅ ନବମ ଶ୍ରେଣୀରେ ପଢ଼େ। ତା' ପର ପୁଅଟିର ସପ୍ତମ ଶ୍ରେଣୀ। ଦି'ଜଣ ସାମାନ୍ୟ ଦୂରରେ ଥିବା ଅଲଗା ଅଲଗା ଆବାସିକ ବିଦ୍ୟାଳୟରେ ରହି ପଢୁଛନ୍ତି। ରହିବା, ଖାଇବା, ପଢିବା ଓ ପଢାଇବା ଜଞ୍ଜାଳରୁ ମୁକ୍ତି। ପୋଷାକଠାରୁ ପାଠ୍ୟସାମଗ୍ରୀ ପର୍ଯ୍ୟନ୍ତ ସବୁ ମିଳୁଛି ସେଠି। ଦେହପା' ଖରାପ ହେଲେ ବି ଦାୟିତ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର। ଯାହା ଖାଲି ପୂଜାପାର୍ବଣରେ ଯାଇ ଭେଟିବା କିମ୍ବା ଛୁଟି ପୂର୍ବରୁ ସେମାନଙ୍କୁ ଘରକୁ ଆଣିବା କାମ କରିଦେଲେ ହେଲା।

ପାଠ ପଢ଼ାପଢ଼ି ସମ୍ପର୍କରେ ତାଙ୍କର ମତ ଅଦ୍ଭୁତ। ସେମାନେ ଦୁହେଁ ପାଠ ପଢି ନାହାନ୍ତି। ତେଣୁ ସେମାନଙ୍କ ପିଲାମାନେ କ'ଣ ପଢୁଛନ୍ତି ଜାଣନ୍ତିନି। କିନ୍ତୁ ପରବର୍ତ୍ତୀ ପିଢ଼ି ଭାବେ ସେମାନଙ୍କ ପିଲା ପାଠ ପଢ଼ି ଚାକିରିବାକିରି କରନ୍ତୁ, ଡଙ୍ଗର ପାହାଡ଼ ଭିତରେ ସେମାନଙ୍କ ଭଳି ଘାଣ୍ଟି ହୁଅନ୍ତୁନି, ଦୁନିଆ ବିଷୟରେ ଜାଣନ୍ତୁ- ଏଇଆ ସେମାନଙ୍କ ଇଚ୍ଛା। ଚାକିରି ନ ମିଳିଲେ ଆଦିବାସୀ ପିଲା ଯେମିତି ହେଲେ ବଞ୍ଚିଯିବ, କିଛି ଚିନ୍ତା ନାହିଁ। ଏହା ତାଙ୍କର ଦୃଢବିଶ୍ୱାସ। ଏଇ ବିଶ୍ୱାସ ହିଁ ସେମାନଙ୍କୁ ଅଧିକ ଶକ୍ତିଶାଳୀ କରୁଛି ମାନସିକ ସ୍ତରରେ। ପରିବାରର ଚାପ ନ ଥିବା ଏମିତି ଅନେକ ସନ୍ତାନ ହିଁ ପଙ୍କରୁ ପଦ୍ମ ପ୍ରାୟ ବହୁ ପ୍ରାଶାସନିକ ଅଧିକାରୀଭାବେ ତଥା ବଡ ବଡ ପଦବୀରେ ନିଯୁକ୍ତି ପାଉଛନ୍ତି। ସେମାନଙ୍କୁ କାଳେ ସରକାରୀ ଯୋଜନାରେ ପକ୍କା ଘର ମଧ୍ୟ ମିଳିଛି। ନିକଟରେ ଥିବା ଗାଁରେ ଅଛି କିଛି ଧାନ ଜମି ଓ ବାଡ଼। ଜମିରୁ ଧାନ ଓ ବାଡ଼ରୁ ମିଳୁଛି କପା। ପାହାଡ଼ରେ ଲାଗିଛି ମକା। ପାହାଡ଼ ତଳ ବାଡ଼ରେ ପନିପରିବା। ନିଜେ ଖାଇବା ସହ ଏମିତି ବସି ନିତି ବିକ୍ରି କରିଦିଅନ୍ତି।

ଦିନକୁ ପାଖାପାଖି ପାଞ୍ଚରୁ ସାତ ଶହ ଟଙ୍କା ଯାଏ ରୋଜଗାର ହୋଇଯାଏ। ଏହି ରୋଜଗାରକୁ ସେମାନେ ସାଇତି ରଖନ୍ତି ଘରେ। ହିନ୍ଦୁ ନୂଆବର୍ଷ ପୂର୍ବରୁ ସ୍ତ୍ରୀ ଲାଗି ସୁନା କିଣନ୍ତି। ନ ହେଲେ ବିଭିନ୍ନ ପର୍ବପର୍ବାଣିରେ ଖର୍ଚ୍ଚ କରନ୍ତି ଏଇ ଅର୍ଥ। ଖାଲି ସେତିକି ନୁହେଁ ଆଦିବାସୀ ଏମିତି ଜମା କରିଥିବା ପୁଞ୍ଜିକୁ ଚିଟ୍‌ଫଣ୍ଡ ଦଲାଲ କିମ୍ବା ଅନାମଧେୟ କୌଣସି ଅର୍ଥଲଗାଣକାରୀ ସଂସ୍ଥା ଅଧିକ ଫେରାଇବା ଲୋଭ ଦେଖାଇ ଲୁଟି ନିଅନ୍ତି ନିମିଷକରେ। ତା'ଛଡା ବହୁ ଠକ କମ୍ପାନୀ ନିଜର ନକଲି ସାମଗ୍ରୀ ବିକ୍ରି ଲାଗି ଆଦିବାସୀବହୁଳ ଅଞ୍ଚଳକୁ ଟାର୍ଗେଟ କରନ୍ତି। ସେମାନଙ୍କ ଅର୍ଜିତ ଅର୍ଥର କିଛି ଅଂଶ ଜମା କରାଇବାରେ ବ୍ୟାଙ୍କଗୁଡିକ ଏବେ ସଫଳ ହୋଇଛନ୍ତି। ସାମେଲିଙ୍କ ପରିବାର ଭଳି ବହୁ ଆଦିବାସୀ ଆଉ ଆଗଭଳି ସହରକୁ ନେଉ ନାହାନ୍ତି ନିଜର ଉତ୍ପାଦିତ ଫସଲ। ଅଧିକାଂଶ ଆଦିବାସୀ ଉତ୍ପାଦିତ ପରିବା, ଋତୁକାଳୀନ ଛତୁ, କାଙ୍କଡ, କରଡି, ପଣସ, କାନ୍ଦୁଲ ଭଳି ଦ୍ରବ୍ୟକୁ ରାସ୍ତା କଡରେ ନିଜର ଦୋକାନ ଖୋଲି ବିକ୍ରି କରନ୍ତି। ଯଦିଓ ଓଜନ ପଦ୍ଧତି ବଦଳରେ ଭାଗ ଜରିଆରେ ବିକ୍ରି ସେମାନଙ୍କୁ ହୁଏତ କିଛି ମାତ୍ରାରେ କ୍ଷତି ପହଞ୍ଚାଉଥାଇପାରେ, କିନ୍ତୁ ସେଥିରେ ଭରି ରହିଛି ସେମାନଙ୍କ ଆନନ୍ଦ। ମିଳିଛି ଶୋଷଣରୁ ମୁକ୍ତି। ଆଉ ହାତମୁଠାରେ ମିଳୁଛି ନଗଦ, ଯାହାକି ବେପାରୀଙ୍କଠାରୁ ମିଳିବାକୁ ଲାଗୁଥିଲା ଅନେକ ସମୟ। ଏହା ହୁଏତ ବଦଳୁଥିବା ଆଦିବାସୀ ଜୀବନଜୀବିକାର ଗୋଟିଏ ପାଖର ଚିତ୍ର। ଗାଡିର ଡାକରାରେ ଉଲ୍ଲସିତ ମନରେ ଗୋଟିଏ ଲେମ୍ବୁଲୁଣଲଙ୍କାଘଷା ପୋଡା ମକାରୁ ପୁଳାଏ ଖାଇ ଗାଡିକୁ ଫେରିବାବେଳେ ସାମେଲି ନିଜ ବସିବା ଜାଗାରୁ ଉଠି ଆସି ଯାଚିଲା ଆଉ ଏକ ପୋଡ଼ା ମକା। ମୁଁ ମନା କରିବାରୁ ହର୍ଷ ଭରେ କହିଲା- 'ଆଜ୍ଞା! ପଇସା ଲୁଡାନି। ଏଇଟା ମୁଁ ଦେଉଛି ତୋତେ ଖୁସିରେ, ନାଇଁ କରୁନା!' ବୋଧହୁଏ ଏମିତି ଅଦୃଶ୍ୟ ଆତ୍ମୀୟତା ହିଁ ଆଦିବାସୀଙ୍କୁ କରିପାରିଛି ମହିମାମଣ୍ଡିତ।

ଇନ୍ଦିରା ନଗର, ରାୟଗଡା, ମୋ-୯୫୫୬୨୮୭୭୭୫

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅକ୍ଟୋବର ୧୯୯୩

- ଦକ୍ଷିଣ କୋରିଆର ଏକ ଜାହାଜ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୫୦ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ବିହାରର ଗଙ୍ଗାନଦୀ ଉପରେ ନିର୍ମିତ ଏସିଆର ସର୍ବବୃହତ୍ ମହାତ୍ମା ଗାନ୍ଧୀ ସେତୁରେ ଏକ ବସ୍ ଦୁର୍ଘଟଣା ଘଟି ୫୦ ଜଣଙ୍କ ମୃତ୍ୟୁ।



ଦିଲ୍ଲୀର ବସନ୍ତକୁଞ୍ଜ ଅଞ୍ଚଳରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା କରାଯାଇଛି। ବୁଧବାର ସକାଳେ ଘର ଭିତରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ମିଥିଲେଶ, ତାଙ୍କ ସ୍ତ୍ରୀ ସିୟା ଏବଂ ଝିଅ ନେହା। ପୋଲିସର ସୂଚନା ଅନୁସାରେ, ପରିବାରର ସମସ୍ତଙ୍କୁ ପରିବା କଟା ଛୁରିରେ ଭୁସି ହତ୍ୟା କରାଯାଇଛି।






# ୪୨ଟି ୧୦୮ ଆମ୍ବୁଲାନ୍ସ ଲୋକାର୍ପିତ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୨ଟି ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ୨୦୧୭ରେ ଘୋଷଣା କରିଥିଲେ। ପୂର୍ବରୁ ୫୦ଟି ୧୦୮ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିବାବେଳେ ବୁଧବାର ଆଉ ୪୨ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସହିତ ଅନ୍ୟ ଜିଲାଗୁଡିକରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଏହା ସହାୟକ ହେବ ବୋଲି ଆମ୍ବୁଲାନ୍ସ ଲୋକାର୍ପଣ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ୟୁନିଟ୍-୨ ପୁରୁଣା ବସଷ୍ଟାଣ୍ଡଠାରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା କହିଥିଲେ, ଆମ୍ବୁଲାନ୍ସ ଲୋକାର୍ପିତ ହେବା ଦ୍ୱାରା ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସଂଖ୍ୟା ୫୧୨ରେ ପହଞ୍ଚିଛି। ୧୦୨ ଆମ୍ବୁଲାନ୍ସ ୫୦୦ଟି ଗଡୁଛି। ଯେଉଁ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚ ନ ପାରୁଛି ସେହି ଅଞ୍ଚଳର ଗର୍ଭବତୀ ମା' ଏବଂ ଅସୁସ୍ଥ ଶିଶୁଙ୍କୁ କିପରି ଆମ୍ବୁଲାନ୍ସ ପହଞ୍ଚ ପାରୁଥିବା ଅଞ୍ଚଳ ପର୍ଯ୍ୟନ୍ତ ଅଣାଯିବ ସେଥିପାଇଁ ଆଶା କର୍ମୀମାନେ ବ୍ୟବସ୍ଥା କରୁଛନ୍ତି। ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବା ଅଞ୍ଚଳର ଗର୍ଭବତୀ ମା' ଏବଂ ଅସୁସ୍ଥ ଶିଶୁଙ୍କୁ ଡାକ୍ତରଖାନା ଆଣିବା ପାଇଁ ପରିବହନ ଖର୍ଚ୍ଚ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଏବଂ ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକଙ୍କ ସହିତ ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୩ ମାର୍ଚ୍ଚରୁ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ୩୮ ଲକ୍ଷରୁ ଅଧିକ ଲୋକ ଏହି ସେବା ଦ୍ୱାରା ଉପକୃତ ହୋଇଛନ୍ତି। ମାତୃ ଏବଂ ଶିଶୁ ମୃତ୍ୟୁହାର କମିବା କ୍ଷେତ୍ରରେ ଏହି ଆମ୍ବୁଲାନ୍ସ ସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରୁଛନ୍ତି।

## ଜଙ୍ଗଲରୁ ବିସ୍ଫୋରକ ଜବତ

ଜମନକିରା,୧୦।୧୦(ଡି.ଏନ୍.ଏ.): ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ବଡ଼ଭାଲୁଚୁଆଁ ଜଙ୍ଗଲ ମଧ୍ୟରେ ଥିବା ଏକ ପଥର ଖୋଲରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେଥିରେ ୪୯ ଜିଲୋଟିନ୍ ଷ୍ଟିକ୍, ୪୫ କମର୍ସିଆଲ ଇଲେକ୍ଟ୍ରିକ୍ ଡିଟୋନେଟର ଆଦି ବିସ୍ଫୋରକ ସାମଗ୍ରୀ ସହ ୧୨ ଭୋଲ୍ଟର ଗୋଟିଏ ବ୍ୟାଟେରି, ୨ ଟର୍ଚ୍ଚ ଲାଇଟ୍, ୫ ଏଏ ସାଇଜ୍‌ର ପେନ୍‌ସିଲ ବ୍ୟାଟେରି ମିଳିଛି।

# ତିତ୍‌ଲି ପାଇଁ ଆଳୁ, ପିଆଜ ଦର ବଢ଼ୁଛି

## ■ ବେଆଇନ ମହଜୁଦକାରୀଙ୍କ ଉପରେ ପ୍ରଶାସନର ନଜର

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ବାତ୍ୟା 'ତିତ୍‌ଲି' ଆସୁଥିବାରୁ ଖାଉଟିମାନେ ବିଭିନ୍ନ ସାମଗ୍ରୀ ମହଜୁଦ୍ କରିବାରେ ଲାଗି ପଡିଛନ୍ତି। ଏମିତିକି ଆବଶ୍ୟକତାଠାରୁ ଅଧିକ ଆଳୁ, ପିଆଜ କ୍ରୟ କରି ଚଢ଼ା ଦରରେ ବିକ୍ରି କରିବା ପାଇଁ ସେମାନେ ଯୋଜନା ପ୍ରସ୍ତୁତ କରିଛନ୍ତି। ଫଳରେ ଉପକୂଳବର୍ତ୍ତୀ ବିଭିନ୍ନ ଜିଲାରେ ଥିବା ଖୁଚୁରା ଦୋକାନରେ ଆଳୁ, ପିଆଜର ସଙ୍କଟ ଲାଗି ରହିଥିବା ଅଭିଯୋଗ ହୋଇଛି। ସେହିପରି ବାତ୍ୟା ଆସିବାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଯେପରି ବେଆଇନ ମହଜୁଦ୍ ନ କରନ୍ତି ସେଥିପ୍ରତି ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, କୌଣସି ପରିସ୍ଥିତିରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା-ଆଳୁ, ପିଆଜର ଅଭାବ ଦେଖାଯିବ ନାହିଁ। ଜନସାଧାରଣ ଅଯଥା ବ୍ୟସ୍ତ ହୋଇ ଅଧିକ କିଣନ୍ତୁ ନାହିଁ। କୌଣସି ବ୍ୟବସାୟୀ ଯଦି ବେଆଇନ ମହଜୁଦ କରନ୍ତି କିମ୍ବା ଆଳୁ ପିଆଜ ପରି ଅନ୍ୟାନ୍ୟ ସାମଗ୍ରୀ ଉଚ୍ଚଦରରେ ବିକ୍ରୟ କରୁଥାନ୍ତି ପ୍ରଶାସନକୁ ଜଣାଇବା ପାଇଁ ମନ୍ତ୍ରୀ ପାତ୍ର ଅନୁରୋଧ କରିଛନ୍ତି । କୌଣସି ଅସାଧୁ ବ୍ୟବସାୟୀ ଆଳୁ, ପିଆଜ ପରି ସାମଗ୍ରୀ ମହଜୁଦ୍ କରି ରଖିବା ଜଣାପଡିଲେ ତୁରନ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଳୁ, ପିଆଜ ବ୍ୟତୀତ ଚୁଡା,ଚିନି,ଗୁଡ, ଖାଇବା ତେଲ, କିରୋସିନ ସହ ଅନ୍ୟାନ୍ୟ ରନ୍ଧନ ସାମଗ୍ରୀ ଯୋଗାଣ ଓ ଦର ନିୟନ୍ତ୍ରଣ ଇତ୍ୟାଦି ଉପରେ ମଧ୍ୟ ପ୍ରଶାସନ ନଜର ରଖିଛି। ସୂଚନାଯୋଗ୍ୟ,ବୁଧବାର ଭୁବନେଶ୍ୱରରେ ଆଳୁ କେଜି ୧୮ ଟଙ୍କାରେ ବିକ୍ରି ହେଉଥିବା ବେଳେ ପିଆଜ ୨୦ ଟଙ୍କାରେ ବିକ୍ରି ହେଉଛି।

ଅନ୍ୟପକ୍ଷେ ତିତ୍‌ଲି ଯୋଗୁ ମାଛ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ବାତ୍ୟା କାରଣରୁ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲୋକେ ବି ଏବେ ମାଛ କିଣୁ ନାହାନ୍ତି । ଫଳରେ ଯେଉଁ ଦରରେ ମାଛ ବିକ୍ରି ହେବା କଥା, ତା' ଠାରୁ ୫୦ ପ୍ରତିଶତ କମ୍ ଦରରେ ବିକ୍ରୟ ହେଉଛି। ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ମାଛ କମ୍ ଦରରେ ବିକ୍ରି ହେଉଥିବା ଖବର ମିଳିଛି ।



ପରିବା କିଣିବା ପାଇଁ କଟକ ଛତ୍ରବଜାରରେ ଗ୍ରାହକଙ୍କ ଭିଡ଼।

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

# ଜବରଦଖଲମୁକ୍ତ ହେବ ଭିମ୍‌ସାର୍ ଜମି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଭିମ୍‌ସାର୍ ଅଧୀନରେ ଥିବା ଜମିରୁ କିଛି ଅଂଶ ଜବରଦଖଲ ହୋଇଛି। ଉକ୍ତ ଜାଗାକୁ ଜବରଦଖଲମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଭିମସାର୍ ନିର୍ଦ୍ଦେଶକଙ୍କୁନିର୍ଦ୍ଦେଶ ଦେଇଛନ୍ତି। ଭିମ୍‌ସାରରବିଭିନ୍ନସମସ୍ୟା ନେଇ ମନ୍ତ୍ରୀ ଜେନା ବୁଧବାର ସଚିବାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଅନୁଷ୍ଠାନର ଜମିଜମା, ମାନବସମ୍ବଳ, ଜବରଦଖଲ ଏବଂ ବିଦ୍ୟୁତ ଭଳି ସମସ୍ୟାଗୁଡିକୁ କିପରି ସମାଧାନ କରାଯିବ ସେନେଇ ଆଲୋଚନା ହୋଇଥିଲା।

ଭିମ୍‌ସାର୍‌ରେ ଖାଲି ପଡିଥିବା ପ୍ରଫେସର, ଆସୋସିଏଟ ପ୍ରଫେସର, ସହକାରୀ ପ୍ରଫେସର ଏବଂ ପାରାମେଡିକାଲ ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଭିମ୍‌ସାର୍ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ଭିମ୍‌ସାର ପାଇଁ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପଦକ୍ଷେପଗୁଡିକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ କହିଛନ୍ତି। ସେହିପରି କ୍ୟାମ୍ପସ୍‌ରେ ନିର୍ମିତ ଗୃହଗୁଡିକୁ ଭିମ୍‌ସାର ବ୍ୟବହାର କରିବା ଏବଂ ଆବଶ୍ୟକ ଅନୁଯାୟୀ ବିଭିନ୍ନ ପଦବୀ ସୃଷ୍ଟି କରିବା ସହିତ ରୋଗୀଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଭିମ୍‌ସାର୍ ନିର୍ଦ୍ଦେଶକଙ୍କୁ କହିଛନ୍ତି। ଭିମସାର୍‌ରେ ଯାହାକିଛି ସମସ୍ୟା ରହିଛି ତାହାକୁ ଉତ୍ତମ ବୁଝାମଣା ଏବଂ ସହଯୋଗ ଦ୍ୱାରା ସମାଧାନ କରାଯିବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାହାରୀ, ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ସୁରଜିତ ଦାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବ ହରିବଲ୍ଲଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।








**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-କେଜିପି-ଡବ୍ଲ୍ୟୁ-୨୦୧୮-୧୯-୦୨, ତାରିଖ: ୦୮।୧୦।୨୦୧୮ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଇଇ/ଟିଆର୍‌ଡି/ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତ୍ୟେକ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହା ୧୫.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନରେ ଖଡ଼ଗପୁର-ଭଦ୍ରକ ସେକ୍ସନ ଅଧୀନରେ ଇଞ୍ଜିନିୟରିଂ ବିଭାଗର ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ ଏବଂ ଥ୍ରୁ ସ୍ଲିପର୍ ନବୀକରଣ ସଂକ୍ରାନ୍ତରେ ବିଭିନ୍ନ ପ୍ରକାରର ଟ୍ରାକ୍ସନ୍ ବଣ୍ଟର ବ୍ୟବସ୍ଥା। **ଟେଣ୍ଡର ମୂଲ୍ୟ:** ₹୧୮,୮୮,୩୧୩/-, **ଇଏମ୍‌ଡି:** ₹୩୭,୭୭୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୨,୦୦୦/-। **ଖୋଲାଯିବା ତାରିଖ:** ୨୦।୧୧।୨୦୧୮। **ସମାପ୍ତି ଅବଧି:** ୦୬ (ଛଅ) ମାସ। **ଦାଖଲ ତାରିଖ:** ତା୨୦।୧୧।୨୦୧୮ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡର୍‌ମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। PR-813

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍:୦୬୭୪-୨୫୪୯୬୬୩, ୨୫୪୯୬୧୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଜାମିନ୍‌ଦାର / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଟ୍ରେଡ଼ିଂ କର୍ପୋରେସନ୍, ଅଂଶୀଦାରମାନେ: (୧) ଶ୍ରୀ ରୋହିତ କୁମାର କାନ୍ଦୋଇ, ସା : ୩୧, ଗଣେଷ ଚନ୍ଦ୍ର ଆଭିନ୍ୟୁ, ଘର ନଂ. ୫ବି ଏବଂ ୫ସି, ୫ମ ମହଲା, କୋଲକାତା, ପିନ୍ - ୭୦୦୦୧୩, ପଶ୍ଚିମବଙ୍ଗ, (୨) ଶ୍ରୀ ପ୍ରଦୀପ କୁମାର କାନ୍ଦୋଇ, ପ୍ଲଟ ନଂ. - ୨୦, ଆଚାର୍ଯ୍ୟ ବିହାର, ୟୁନିଟ୍-୯, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା-୭୫୧୦୨୨ | ସମ୍ପତ୍ତିର ମାଲିକ: ଶ୍ରୀ ରୋହିତ କୁମାର କାନ୍ଦୋଇ | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଣ୍ଟିଲୋ, ଥାନା : ଏୟାରଫିଲ୍ଡ, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଭୁବନେଶ୍ୱର, ଖାତା ନଂ.: ୩୧୧/୭୬୨, ପ୍ଲଟ୍ ନଂ.: ୫୧୬, କ୍ଷେତ୍ର : ଏକର ୦.୦୩୮.୫ ଡିସିମିଲି, କିସମ : ଘରବାଡି । | ୦୭.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୫୧,୮୬,୩୨୧.୩୫ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା: ମେସର୍ସ ବୃକସନ୍ ଏନର୍ଜି ପ୍ରା.ଲିଃ., ପରିଚାଳନା ନିର୍ଦ୍ଦେଶକ : ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦ । | ଜାମିନଦାରମାନେ : (୧) ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ଲଟ ନଂ. - ୨୭, ୨ୟ ମହଲା, ଡ଼ିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୦, (୨) ଶ୍ରୀମତୀ ଭଗବତୀ ପଣ୍ଡା, (୨) ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି, ଉଭୟଙ୍କ ବାସସ୍ଥାନ : ଏଚଆଇଜି-୧୧୧, ଲୁମ୍ବିନୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧ / ସମ୍ପତ୍ତିର ମାଲିକ: ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳୀ ପତି | ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁଣ୍ଡଲା, ତହସିଲ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଖାତା ନଂ.: ୪୨, ପ୍ଲଟ୍ ନଂ.: ୭୬୮, କ୍ଷେତ୍ର : ଏକର ୦.୨୬୪ ଡିସିମିଲି, କିସମ : ଘରବାଡି । | ୧୧.୦୫.୨୦୧୮ | ୦୮.୧୦.୨୦୧୮ | ୦୭.୦୫.୨୦୧୮ ସୁଦ୍ଧା ଟ.୪୦,୬୩,୩୦୯.୩୦ + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୧୦.୧୦.୨୦୧୮
ସ୍ଥାନ : ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଅକ୍ଟୋବର, ୨୦୧୮



ଦିଲ୍ଲୀର ଜଣେ ପୂର୍ବତନ ବାୟୁସେନା ଅଧିକାରୀ ନିଜ ମୃତ ସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏକ ସ୍କୁଲକୁ ୧୭ ଲକ୍ଷ ଟଙ୍କା ଦାନ କରିଛନ୍ତି। ୨୧ ବର୍ଷ ହେବ ଏୟାରଫୋର୍ସ ଗୋଲ୍ଡେନ୍ ଜୁବିଲି ଇନ୍‌ଷ୍ଟିଚ୍ୟୁଟ୍‌ରେ ବାୟୁସେନାର ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ଜେପି ବଦୁନିଙ୍କ ସ୍ତ୍ରୀ ବିଧୁ ଶିକ୍ଷକତା କରୁଥିଲେ। ଫେବୃୟାରୀ ୬ରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା।



## ସଂକ୍ଷେପରେ

### ସଚିବାଳୟ ସେବା ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ):** ଓଡ଼ିଶା ସଚିବାଳୟ ସେବା(ଓଏସ୍ଏସ୍) କ୍ୟାଡର ୭ ଅଧିକାରୀ ପଦୋନ୍ନତି ପାଇ ନୂଆ ବିଭାଗରେ ଡେସ୍କ ଅଫିସର ଭାବେ ବୁଧବାର ନିଯୁକ୍ତି ପାଇଛନ୍ତି। ସେମାନେ ହେଉଛନ୍ତି- ବିଜୟ ଷଡ଼ଙ୍ଗୀ(ସମବାୟ), କିଶୋର ଚନ୍ଦ୍ର ସ୍ୱାଇଁ(ସୂଚନା ଓ ଲୋକସମ୍ପର୍କ), ଦିଲୀପ ସ୍ୱାଇଁ(ଅର୍ଥ), କେଦାରନାଥ ଜେନା(କୃଷି), କରୁଣାକର ବେହେରା(ଏସ୍‌ସି)(ଗ୍ରାମ ଉନ୍ନୟନ), ବନ୍ଦିତା ଦାସ(ଶିଳ୍ପ) ଏବଂ ନମିତା ମିଶ୍ର(ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା)। ସେହିପରି ବ୍ରହ୍ମପୁରସ୍ଥିତ ଆଇଏଏଚ୍‌ଟିୟୁର ପୂର୍ବତନ ଡିଏସ୍‌ପି ଦିବାକର ସିଂଙ୍କୁ ଅବସର ନେବା ପାଇଁ ଅନୁମତି ଦିଆଯାଇଛି। ସେହିପରି ଓଏଏସ୍ କ୍ୟାଡର-ଗ୍ରୁପ୍-ବି ଶ୍ରେଣୀୟ ୪୮ ଅଧିକାରୀ ସମାନ କ୍ୟାଡରରେ ଡେସ୍କ ଅଫିସର ଭାବେ ପଦୋନ୍ନତି ପାଇଛନ୍ତି।

### ବାତ୍ୟା ଭୟ: ନନ୍ଦନକାନନ ସଫାରି ୩ ଦିନ ପାଇଁ ବନ୍ଦ

**ବାରଙ୍ଗ,୧୦।୧୦(ଡି.ଏନ୍.ଏ.):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସତର୍କତା ଅବଲମ୍ବନ କରାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଜୀବଜନ୍ତୁ ଏବଂ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ବୁଧବାରଠାରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ୩ ଦିନ ପାଇଁ ବାଘ, ସିଂହ, ଭାଲୁ ଓ ତୃଣଭୋଜି ସଫାରିକୁ ବନ୍ଦ କରିଦିଆଯାଇଛି। ଏପରିକି ବୋଟଘାଟ ମଧ ଏହି ୩ ଦିନ ବନ୍ଦ ରହିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଅନ୍ୟପକ୍ଷରେ ପଶୁପକ୍ଷୀମାନଙ୍କୁ ଫିଡିଂଚାମ୍ବର ମଧରେ ପୂରାଯାଇଥିବା ବେଳେ ସେମାନଙ୍କ ଲାଗି ଅଧିକ ୩ ଦିନର ଖାଦ୍ୟ ମହଜୁଦ ରଖାଯାଇଛି। ସେହିଭଳି ଆବଶ୍ୟକ ପରିମାଣର ଡିଜେଲ ଓ ପେଟ୍ରୋଲ ଗଚ୍ଛିତ ରହିଛି। ବାତ୍ୟା ସମୟରେ ଟିମ୍ ସମ୍ପୂର୍ଣ୍ଣ ଭାବେ ସଜାଗ ରହି ରାସ୍ତାଘାଟ ସହ ଏନ୍‌କ୍ଲୋଜର ସଫା କରିବା, ଜୀବଜନ୍ତୁଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା, ଏନ୍‌କ୍ଲୋଜର ମରାମତି, ଜଳଯୋଗାଣ, ବିଦ୍ୟୁତ୍ ଆଦି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

■ ଗଡ଼ିଗଲା ସୁପ୍ରିମକୋର୍ଟଙ୍କ ମହଲତ ତାରିଖ

# ହୋଇପାରିଲାନି ଲୋକାୟୁକ୍ତ ନିଯୁକ୍ତି

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଲୋକାୟୁକ୍ତ ନିଯୁକ୍ତି ନେଇ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ସମୟସୀମା ବୁଧବାର ଶେଷ ହୋଇଛି। ଜୁଲାଇ ୧୦ ତାରିଖରେ ଏ ନେଇ ଶୁଣାଣି ହୋଇଥିଲା। ଲୋକାୟୁକ୍ତ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ ଓଡିଶା ସରକାରଙ୍କୁ ଅକ୍ଟୋବର ୧୦ ଯାଏ ମହଲତ ଦେଇଥିଲେ। ଇତିମଧ୍ୟରେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତ କରି ପାରିଲେ ନାହିଁ। ଏପରିକି ସର୍ଚ୍ଚ କମିଟି ମଧ ଗଠନ କରାଯାଇ ନାହିଁ। ତେବେ ଚୟନ କମିଟି ପାଇଁ ୫ମ ସଦସ୍ୟ ଭାବେ

**ଜଷ୍ଟିସ୍ ଅନଙ୍ଗ ପଟ୍ଟନାୟକ ଚୟନ କମିଟି ନୂଆ ସଦସ୍ୟ**



ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଚୟନ କମିଟିର ପ୍ରଥମ ବୈଠକ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ୫ମ ସଦସ୍ୟଙ୍କୁ ମନୋନୀତ କରିଥିଲା। ତାହା ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ରାଜ୍ୟପାଳ ଗଣେଶୀ ଲାଲ ଏହାକୁ ଅନୁମୋଦନ କରିବା ପରେ ବୁଧବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଲୋକାୟୁକ୍ତ ଆଇନ ଅନୁଯାୟୀ ସେହି କମିଟି ଏକ ୫ ଜଣିଆ ସର୍ଚ୍ଚ କମିଟି ଗଠନ କରିବାକୁ ସୁପାରିଶ କରିବ। ସର୍ଚ୍ଚ କମିଟି ଲୋକାୟୁକ୍ତ ନିଯୁକ୍ତି ପାଇଁ ୫ ଜଣଙ୍କର ନାମ ସୁପାରିସ କରିବ। ଏହାଛଡା ସର୍ଚ୍ଚ କମିଟି ୧୫ ଜଣିଆ ଲୋକାୟୁକ୍ତ ସଦସ୍ୟଙ୍କ ନାମ ଚୟନ କମିଟିକୁ ମଧ ସୁପାରିସ କରିବ। ସର୍ଚ୍ଚ କମିଟିର କାର୍ଯ୍ୟକାଳ ୨ ବର୍ଷ ରହିବ। ଚୟନ କମିଟିରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଓ ହାଇକୋର୍ଟ ମୁଖ୍ୟ ବିଚାରପତି ସଦସ୍ୟ ରହିଛନ୍ତି। ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିପାରନ୍ତି। ଅଦାଲତ ଏ ନେଇ ଆସନ୍ତା ୨୪ ତାରିଖରେ ଶୁଣାଣି କରିବେ।

# ଉପହାରରେ ୨ ଜଳହସ୍ତୀ ଦେଲା ନନ୍ଦନକାନନ

ବାରଙ୍ଗ,୧୦।୧୦(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅନ୍ୟ ଚିଡ଼ିଆଖାନାଠାରୁ ଉପହାରରେ ପଶୁପକ୍ଷୀ ଗ୍ରହଣ କରୁଥିବା ବେଳେ ବୁଧବାର ରାୟପୁରର ନନ୍ଦନବନ ଚିଡ଼ିଆଖାନାକୁ ଉପହାରରେ ଦୁଇଟି ଜଳହସ୍ତୀ ଦେଇଛି। ଜଳହସ୍ତୀଦ୍ୱୟକୁ ଉପହାରରେ ଗ୍ରହଣ କରିବା ପାଇଁ ସେଠାକାର ଚିଡ଼ିଆଖାନାର ଏକ ୫ଜଣିଆ ପ୍ରତିନିଧି ଦଳ ଗତ ୪ତାରିଖରେ ନନ୍ଦନକାନନରେ ଆସି ପହଞ୍ଚିଥିଲେ। ତେବେ ଏ ନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ(ସିଜେଡ୍ଏ)ଙ୍କଠାରୁ ସ୍ୱୀକୃତିପତ୍ର ଆସି ନ ଥିବାରୁ ନନ୍ଦନକାନନରୁ ଜଳହସ୍ତୀ ନେବା ପାଇଁ ଉକ୍ତ ଟିମ୍‌କୁ ଅପେକ୍ଷା କରିବାକୁ ପଡ଼ିଥିଲା। କିନ୍ତୁ ସ୍ୱୀକୃତିପତ୍ର ଆସିବା ପରେ ନନ୍ଦନକାନନ କର୍ମଚାରୀମାନେ ଜଳହସ୍ତୀ ଧରିବା ପ୍ରକ୍ରିୟା ଆରମ୍ଭ କରିଥିଲେ ମଧ ଜଳହସ୍ତୀଦ୍ୱୟ ଧରାଦେଇ ନ ଥିଲେ। ଶେଷରେ ଏକ ଯନ୍ତା ବସାଯାଇ ସେମାନଙ୍କୁ ଖାଇବାକୁ ଦେବାକୁ ଉଦ୍ୟମ କରାଯାଇଥିଲା। ସୋମବାରଠାରୁ ଯନ୍ତା ବସାଯାଇଥିବା ବେଳେ ବୁଧବାର ସନ୍ଧ୍ୟା ସୁଦ୍ଧା ଜଳହସ୍ତୀ ଦୁଇଟିକୁ ଧରିବାରେ କର୍ମଚାରୀମାନେ ସଫଳ ହୋଇଥିଲେ। ଧରାଦେବା ପରେ ରାତିରେ ଏକ ଗାଡ଼ି ଯୋଗେ ସେମାନଙ୍କୁ ଧରି ଟିମ୍ ରାୟପୁର ଅଭିମୁଖେ ବାହାରିଛି। ଉପହାରରେ ଦିଆଯାଇଥିବା ଏହି ଏକଯୋଡ଼ା ଜଳହସ୍ତୀ ମଧ୍ୟରେ ୯ବର୍ଷର ମାଈ ଓ ୧୧ବର୍ଷର ଅଣ୍ଡିରା ଜଳହସ୍ତୀ ରହିଛି। ଏମାନେ ଯିବା ପରେ ନନ୍ଦନକାନନରେ ଜଳହସ୍ତୀ ସଂଖ୍ୟା ୧୩କୁ ହ୍ରାସ ପାଇଛି ବୋଲି ପ୍ରାଣୀ ବିଭାଗ ରେଞ୍ଜର ଅଶୋକ କୁମାର ଦାସ କହିଛନ୍ତି।

# ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

### ୧୫୪ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କଲେ ୩୪.୫୨ କୋଟି

ଭୁବନେଶ୍ୱର, ୧୦।୧୦ (ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ଟି ଜିଲାର ୭ଟି ବ୍ଲକ ପାଇଁ ୩୪.୫୨ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି ବ୍ଲକଗୁଡ଼ିକ ହେଲା କନ୍ଧମାଳ ଜିଲାର ଫିରିଙ୍ଗିଆ, ମୟୂରଭଞ୍ଜ ଜିଲାର ବଡ଼ସାହି ଓ କରଞ୍ଜିଆ, କେନ୍ଦୁଝର ଜିଲାର ଝୁମ୍ପୁରା ଓ ହରିଚନ୍ଦନପୁର, ବରଗଡ଼ର ପାଇକମାଳ ଓ ରାୟଗଡ଼ା ଜିଲାର କୋଲନରା ବ୍ଲକ।

ମୁଖ୍ୟମନ୍ତ୍ରୀ ଫିରିଙ୍ଗିଆ ବ୍ଲକର ୨୪ଟିପଞ୍ଚାୟତ ପାଇଁ୪.୮୦ କୋଟି, ବଡ଼ସାହି ବ୍ଲକର ୩୦ଟି ପଞ୍ଚାୟତ ପାଇଁ ୭.୫୦ କୋଟି, କରଞ୍ଜିଆ ବ୍ଲକର ୧୫ଟି ପଞ୍ଚାୟତ ପାଇଁ ୩.୭୫ କୋଟି, ଝୁମ୍ପୁରାର ୨୨ଟି ପଞ୍ଚାୟତ ପାଇଁ ୫.୪୦ କୋଟି ଟଙ୍କା, କୋଟି ଟଙ୍କାରେ ୧୫୨ ପ୍ରକଳ୍ପ, କୋଲନରା ବ୍ଲକର ୧୬ ପଞ୍ଚାୟତ ପାଇଁ ୩.୨୦ କୋଟି ଟଙ୍କାରେ ୯୨ଟି ପ୍ରକଳ୍ପ। ଏହିପରି ସମୁଦାୟ ୭ଟି ବ୍ଲକର ୧୫୪ ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୩୪.୫୨ କୋଟି ଟଙ୍କାର ୧୨୯୭ଟି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି।



ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟାର ସମୀକ୍ଷା କରୁଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

**କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ**

# ବ୍ରହ୍ମପୁର ଆଇଜର ପାଇଁ ନିର୍ମାଣ ହେବ ସ୍ଥାୟୀ କ୍ୟାମ୍ପସ୍

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଓଡ଼ିଶାର ବ୍ରହ୍ମପୁର ଏବଂ ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଥିବା ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ଆଇଜର) ପାଇଁ ନୂତନ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରାଯିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ଦୁଇ ଆଇଜର କ୍ୟାମ୍ପସ୍ ପ୍ରତିଷ୍ଠା ଏବଂ ପରିଚାଳନା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ମୋଟ ୩୦୭୪.୧୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ଆଇଜରରେ ଦୁଇଟି ରେଜିଷ୍ଟ୍ରାର ପଦବୀ ସୃଷ୍ଟି କରାଯିବ। ବ୍ରହ୍ମପୁର ଆଇଜର ପାଇଁ ୧୫୮୨.୭୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ତିରୁପତିସ୍ଥିତ ଆଇଜର ଲାଗି ୧୪୯୧.୩୪ କୋଟି ଖର୍ଚ୍ଚ କରାଯିବ। ଉଭୟ ଆଇଜର ୧,୧୭,୦୦୦ ବର୍ଗମିଟର ଜାଗାରେ ନିର୍ମାଣ ହେବ। ପ୍ରତି ଆଇଜରରେ ୧୮୫୫ ଛାତ୍ରୀଛାତ୍ରଙ୍କ ପାଇଁ ସମ୍ପୂର୍ଣ୍ଣ ଭିତ୍ତିଭୂମିର ସୁବିଧା ରହିବ। ୨୦୨୧ ଡିସେମ୍ବର ସୁଦ୍ଧା ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସରିବ। ଏହି ଦୁଇଟି ଆଇଜରରେ ସ୍ନାତକ, ସ୍ନାତକୋତ୍ତର ସହିତ ପିଏଚ୍‌ଡି, ଇଣ୍ଟିଗ୍ରେଟେଡ୍ ପିଏଚ୍‌ଡି ଏବଂ ଉଚ୍ଚମାନର ବିଜ୍ଞାନ ଶିକ୍ଷା ପ୍ରଦାନ କରାଯିବ। ଏହି ସଂସ୍ଥାନ ଦୁଇଟି ଦେଶରେ ବୈଜ୍ଞାନିକମାନଙ୍କ ଶକ୍ତିର ଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବ। ସୂଚନାଯୋଗ୍ୟ, ୨୦୧୪ରେ ତିରୁପତିଠାରେ ଏବଂ ୨୦୧୬ରେ ବ୍ରହ୍ମପୁରଠାରେ ଆଇଜର ପ୍ରତିଷ୍ଠା ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଇ ସଉତୁଣୀ କଳିକି,**
**ଚୂନା ଚାଉଳ ଖଳିକି ।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହି ନକୁଳ ସମ୍ପର୍କ ରହିଥାଏ। କେହି କାହାର ସୁଖଶିରୀ ଦେଖିସହି ପାରି ନ ଥାନ୍ତି। ସେହିପରି ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ସାଜିଥାଏ। ଯେଉଁ ଘରେ ଦୁଇ ସଉତୁଣୀ ରହିଥାନ୍ତି ସେହି ଘରେ ନାନା ପ୍ରକାର ବିଶୃଙ୍ଖଳା ଘଟିବା ସହ ଦୁଇ ମନ ମିଶି ନ ପାରିବା ହେତୁ ହେବା କାମ ମଧ ଅନେକ ସମୟରେ ଅଟକି ଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦୂର ଲୋକ ପୁର ଖାଏ,**
**ପାଖ ଲୋକ ବାସନା ପାଏ ।**

ଯେଉଁ ବ୍ୟକ୍ତି ଦୂରରେ ରହିଥାଏ, କଦବା କ୍ୱଚିତ ଘରକୁ ଆସିଥାଏ ସେହି ବ୍ୟକ୍ତି ଭଲ ଚର୍ଚ୍ଚା ପାଇଥାଏ । ପରନ୍ତୁ ଯିଏ ଆଖପାଖରେ ରହିଥାଏ, ବରାବର ଯିବା ଆସିବା କରୁଥାଏ ସେହି ବ୍ୟକ୍ତି ସେତେଟା ଆଦର ସମ୍ମାନ ପାଇ ନ ଥାଏ। ସାନ୍ନିଧ ହେତୁ ଅଭ୍ୟର୍ଥନାରେ ଅବହେଳା । ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବାର ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ସାପ-କୁକୁର ମନୁଷ୍ୟକୃତ ଲଢ଼େଇ ଘଟଣା

# ଡିଏଫ୍‌ଓଙ୍କ ନିଲମ୍ବନ ଦାବିକଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଭଦ୍ରକ ଜିଲାରେ ଗତ ସେପ୍ଟେମ୍ବରରେ ଜଣେ ସାପ ଧରାଳି ଏକ ତମ୍ପ ସାପ ଏବଂ କୁକୁର ମଧ୍ୟରେ ଜୋରଜବରଦସ୍ତି ଲଢ଼େଇ କରାଇଥିଲେ। ଏହି ଘଟଣାର ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଭାଇରାଲ କରିଥିଲେ, ଯାହାକୁ ଦେଶବିଦେଶରେ ନିନ୍ଦା କରାଯାଇଛି। ଏଭଳି ଘଟଣା ଏକ ଅପରାଧ ଏବଂ ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ କରୁଛି। ତେଣୁ ଏହି ମନୁଷ୍ୟକୃତ ଘଟଣା ପାଇଁ ଭଦ୍ରକ ଡିଏଫ୍‌ଓଙ୍କ ନିଲମ୍ବନ ଦାବି କରିଛନ୍ତି କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ।

ସୂଚନାଯୋଗ୍ୟ, ସମ୍ପୃକ୍ତ ସାପ ଧରାଳି ବନ ବିଭାଗର ପ୍ରୋଟେକ୍ସନ ସ୍କ୍ୱାଡ୍‌ରେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ସାପଙ୍କୁ କ୍ଷୀର ପିଆଇବା ସହିତ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଗୋଟିଏ ବ୍ୟାଗ୍‌ରେ ୨୦ରୁ ଅଧିକ ନାଗ ଏବଂ ଅନ୍ୟ ସାପକୁ ରଖି ସେହି ଭିଡିଓକୁ ମଧ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏସବୁ ଘଟଣାକୁ ନେଇ ପିପୁଲ ଫର୍ ଆନିମଲର ସନ୍ତୋଷ ଦାସ ମାନେକା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏବଂ ନୂଆଦିଲ୍ଲୀସ୍ଥିତ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ ନିକଟରେ



ଅଭିଯୋଗ କରିଥିଲେ। ଏହା ପରେ ଭଦ୍ରକ ଡିଏଫ୍‌ଓ ସମ୍ପୃକ୍ତ ସାପ ଧରାଳିଙ୍କୁ କାରଣ ଦର୍ଶାଅ ନୋଟିସ ଜାରିବା ସହ ପ୍ରୋଟେକ୍ସନ ସ୍କ୍ୱାଡ୍‌ରୁ ବାହାର କରିଛନ୍ତି। କିନ୍ତୁ ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ ପାଇଁ କୌଣସ କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି।

ତେବେ ଏପରି ବେଆଇନ କାର୍ଯ୍ୟ କରୁଥିବା ସାପ ଧରାଳିଙ୍କୁ କିଭଳି ପ୍ରୋଟେକ୍ସନ ସ୍କ୍ୱାଡ୍‌ରେ ନିଯୁକ୍ତ ଦିଆଯାଇଛି ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ପିପୁଲ ଫର୍ ଆନିମଲର ଅଧ୍ୟକ୍ଷା ମାନେକା ଗାନ୍ଧୀ ପ୍ରଶ୍ନ କରିଛନ୍ତି। ଡିଏଫ୍‌ଓ ଉକ୍ତ ସାପ ଧରାଳିଙ୍କଠାରୁ ଟଙ୍କା ନେଇଛନ୍ତି, ତେଣୁ ତୁରନ୍ତ ତାଙ୍କୁ ନିଲମ୍ବନ କରାଯାଉ ବୋଲି ମାନେକା କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଅମ୍ଳାନ ନାୟକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ସତ୍ୟତା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି କାର୍ଯ୍ୟ ନ କରିବାକୁ ସମ୍ପୃକ୍ତ ସାପ ଧରାଳିଙ୍କୁ ଚେତାବନୀ ଦିଆଯାଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

INDIA'S NO.1 Govt. Approved SLT Company ଦ୍ୱାରା ଖାଲି ଜମି, ଛାତ, ପ୍ଲଟରେ ସବୁ କମ୍ପାନୀର ଡିଜିଟାଲ ଉପକରଣ ଲଗାନ୍ତୁ । ଅଗ୍ରିମ - 55 ଲକ୍ଷ, ଭଡ଼ା - 65000/- + ଅନ୍ୟାନ୍ୟ ସୁବିଧା + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ + ବୀମା ମାଗଣା। (ଦ୍ରଷ୍ଟବ୍ୟ- ସରକାରଙ୍କ ଦ୍ୱାରା 780 ଡିଜିଟାଲ ଉପକରଣ ଲଗାଇବାର ଅନୁମତି)
8750226673
9667741675
T-51, Gali No.8, Gautampuri, Delhi-110053

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Vasundra Financial Services
(Govt. Registered)
(Regd. No.:- odhCPR0533821)
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଋଣ, କୃଷି ଏବଂ ସବୁ ପ୍ରକାର ଋଣ ସହଜ କିସ୍ତିରେ ସରକାରୀ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ 2% ସୁଧ 50% Govt. Subsidy. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।
Mahatab Nagar, Bulandshahr, Sikandrabad, U.P.
8295842976
8295842985

TOWER VISION
(GOVT. APPROVED)
ଭାରତର ନଂ.1 କମ୍ପାନୀ
କମ୍ପାନୀ ଦ୍ୱାରା ସବୁ କମ୍ପାନୀର 3G/4G ଉପକରଣ ଲଗାନ୍ତୁ । ଅଗ୍ରିମ 60 ଲକ୍ଷ, ଭଡ଼ା 40,000/-, ଅନ୍ୟାନ୍ୟ ଲାଭ 20,000/- ପାଆନ୍ତୁ ନିଜ ଜମି, ଛାତ, ପ୍ଲଟ୍‌କୁ ଭଡ଼ାରେ ଦେଇ + ବାଇକ୍ + ବୀମା (ଏଜେଣ୍ଟ ଆମନ୍ତ୍ରିତ)
08818956614
09753490869
ରାମ ନଗର ନାରନୋର, ହରିୟାଣା

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

SAGAR FINANCE
ଋଣ ଟଙ୍କା ଡାଇରେକ୍ଟ ଟ୍ରାନ୍ସଫର୍ ହେବ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୭୨ ଘଣ୍ଟା ମଧ୍ୟରେ । ପର୍ସନାଲ, ପ୍ରପର୍ଟି , ଏଗ୍ରିକଲଚର୍, ମାର୍କସିଟ ଭଳି ସମସ୍ତ ପ୍ରକାର ଋଣ ବର୍ଷକୁ 3% ସୁଧରେ ଉପଲବ୍ଧ । ( ଏଜେଣ୍ଟ ଆମନ୍ତ୍ରିତ )
34/5, 1st Floor, Palam Vihar, Gurugram, Haryana
8920535530
8826532451

CTL Digital Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ବାଇକ୍ + ମାସିକ 30,000 ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି । ଏଗ୍ରିମେଣ୍ଟ ଦେୟ 1750/-
ଠିକଣା:- ମୁଖ୍ୟ କାର୍ଯ୍ୟାଳୟ କି-79, ଆଦର୍ଶ ନଗର, କ୍ଲୋଲବାଗ
Contact :- 7894865978,7894865768

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ
ଆବଶ୍ୟକତା ଅଛି ଶୁଭ ଜନଲକ୍ଷ୍ମୀ ଫାଇନାନ୍ସ କମ୍ପାନୀକୁ ଓଡ଼ିଶାରେ ଏଜେଣ୍ଟ, ଡିଲର ପଏଣ୍ଟ, ମାଇକ୍ରୋ ଫାଇନାନ୍ସ, ଫିଲଡ୍ ଅଫିସରମାନଙ୍କର, Fixed Salary- 25,000 to 35,000 + କମିଶନ, ଲୋନ, ପର୍ସନାଲ ଲୋନ, ଲୋନ୍ ଏଗ୍ରେଷ୍ଟ ପ୍ରପର୍ଟି ସଂପର୍କ କରନ୍ତୁ।
D2/A, Ambedkar Bhawan Near Paribartan Square, Lucknow, Delhi
9958114799
9667313428

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି କଠିନ ରୁ କଠିନ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ଧନଲକ୍ଷ୍ମୀ ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର !! ସ୍ୱରୋଜଗାର ପାଇଁ
୮ମ/ 10ମ ପାସ୍ ମହିଳା/ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ 25% ରିହାତି
20 ବର୍ଷରେ ଫେରସ୍ତ
8448812163
8130564846
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



"ଜାଣତରେ ହେଉ ଅବା ଅଜାଣତରେ, ଆମେ ମା'ବାପା ହିସାବରେ ଯାହା ବି କରୁ ସେସବୁର ପ୍ରଭାବ ପିଲାଙ୍କ ଉପରେ ପଡ଼େ। ତେଣୁ ଝିଅକୁ ପରମ୍ପରା ସହ ଜଡ଼ିତ ରଖିବାକୁ ମୁଁ ଚେଷ୍ଟା କରିବା ସ୍ୱାଭାବିକ କଥା।

- ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଅଭିନେତ୍ରୀ



### ■ ସିଆର୍‌ଆଇ ସୂଚକାଙ୍କ: ୧୪୭ ସ୍ଥାନରେ ଭାରତ

# ଅସମାନତାକୁ ନିଘା ନାହିଁ

**ଲଣ୍ଡନ:** ନିଜ ନାଗରିକଙ୍କ ମଧ୍ୟରେ ଅସମାନତା ହ୍ରାସ କରିବାରେ ବହୁ ପଛରେ ରହିଛି ଭାରତ। ଏହାକୁ ଦୂରକରିବା ଲାଗି ନୂଆଦିଲ୍ଲୀ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇପାରୁ ନାହିଁ। ଅସମାନତା ଦୂରୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧତା (କମିଟ୍‌ମେଣ୍ଟ ଟୁ ରିଡ୍ୟୁସିଂ ଇନ୍‌ଇକ୍ୱାଲିଟି ବା ସିଆର୍‌ଆଇ) ସୂଚକାଙ୍କରେ ନିମ୍ନରୁ ୧୧ ଦେଶ ମଧ୍ୟରେ ରହିଛି ଭାରତ। ନିଜ ଦେଶର ନାଗରିକଙ୍କ ମଧ୍ୟରେ ଅସମାନତା ଦୂରକରିବା ଲାଗି ବିଶ୍ୱର କେଉଁ ଦେଶ କେତେ ପ୍ରତିଶ୍ରୁତିବଦ୍ଧ ତାହା ଜାଣିବା ଲାଗି ବ୍ରିଟେନ୍‌ର ଜନକଲ୍ୟାଣକାରୀ ସଙ୍ଗଠନ ଅକ୍ସଫାମ୍ ଇଣ୍ଟରନ୍ୟାଶନାଲ ପକ୍ଷରୁ ୧୫୭ ଦେଶରେ ଅଧ୍ୟୟନ କରାଯାଇଥିଲା। ମଙ୍ଗଳବାର ପ୍ରକାଶିତ ଅକ୍ସଫାମ୍‌ର ସିଆର୍‌ଆଇ ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଅସମାନତା ଦୂରକରିବା ଲାଗି ଭାରତର ପ୍ରତିଶ୍ରୁତିବଦ୍ଧତା ଅତ୍ୟନ୍ତ ଚିନ୍ତାଜନକ। ସୂଚକାଙ୍କରେ ୧୫୭ ଦେଶ ମଧ୍ୟରୁ ଭାରତ ୧୪୭ତମ ସ୍ଥାନରେ ରହିଛି। ୧୩୦ କୋଟି ଜନସାଧାରଣଙ୍କ ବାସସ୍ଥଳୀ ଏହି



ଦେଶରେ ଅନେକ ଲୋକ ଚରମ ଦାରିଦ୍ର୍ୟ ପଙ୍କରେ ବୁଡ଼ି ରହିଛନ୍ତି। ଭାରତ ଯଦି ନିଜ ଦେଶରେ ଏକତୃତୀୟାଂଶ ଦରିଦ୍ରତା ଦୂର କରିବ ତା'ହେଲେ ୧୭ କୋଟି ଲୋକ ଗରିବୀରୁ ମୁକ୍ତି ପାଇପାରିବେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାରଙ୍କ ଦୂରଦୃଷ୍ଟି କମ ରହୁଛି। ସରକାର କିନ୍ତୁ ଘରୋଇ କ୍ଷେତ୍ରକୁ ଅଧିକ ଛାଡ଼ ଏବଂ ସୁବିଧା ସୁଯୋଗ ଦେଉଛନ୍ତି। ସେପଟେ ଖର୍ଚ୍ଚ ବଢ଼ାଇବା ଲାଗି ନାଗରିକ ସମାଜ ଅନବରତ ଅଭିଯାନ ଚଳାଇଛି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

ଅସମାନତା ଦୂର କରିବାରେ ପଦକ୍ଷେପ ନେବା ପାଇଁ ଦକ୍ଷିଣ କୋରିଆ, ନାମ୍ବିଆ, ଉରୁଗୁଏ ଭଳି ଦେଶ ବେଶ୍ ଆଗରେ ରହିଛନ୍ତି। କିନ୍ତୁ ଭାରତ ଏବଂ ନାଇଜେରିଆରେ ସ୍ଥିତି ଅତ୍ୟନ୍ତ ନିରାଶାଜନକ। ଧନୀରାଷ୍ଟ୍ର ମଧ୍ୟରେ ଆମେରିକାର ଉଦ୍ୟମର ଅଭାବ ରହିଛି। ସିଆର୍‌ଆଇ ସୂଚକାଙ୍କରେ ସବା ଆଗରେ ରହିଛି ଡେନ୍‌ମାର୍କ। ଏଠାକାର ସର୍ବାଧିକ ଏବଂ ପ୍ରଗତିଶୀଳ ଟିକସ ବ୍ୟବସ୍ଥା, ଲୋକଙ୍କ ଉପରେ ଅଧିକ ଖର୍ଚ୍ଚ ଏବଂ କର୍ମଚାରୀଙ୍କ ସୁରକ୍ଷା ଦିଗରେ ଡେନିଶ୍ ସରକାରଙ୍କ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ସୂଚକାଙ୍କରେ କୁହାଯାଇଛି। ଏସୀୟ ରାଷ୍ଟ୍ରଗୁଡ଼ିକରେ ଜାପାନ ରହିଛି ସବା ଆଗରେ। ଇଥିଓପିଆ ୧୩ତମ ସ୍ଥାନରେ ଥିବାବେଳେ ଚିଲି ୩୫, ଦକ୍ଷିଣ କୋରିଆ ୫୬, ଇଣ୍ଡୋନେସିଆ ୯୦ତମ ସ୍ଥାନରେ ରହିଛି।

# ମନେରହେ ୫୦୦୦ ଚେହେରା

**ଲଣ୍ଡନ:** ମଣିଷ ହାରାହାରି ୫୦୦୦ ଚେହେରା ମନେରଖିପାରେ ବୋଲି ବୈଜ୍ଞାନିକମାନେ ସଦ୍ୟ ଏକ ଗବେଷଣାରେ ଦାବି କରିଛନ୍ତି। ନିଜ ବ୍ୟକ୍ତିଗତ ଜୀବନ, କର୍ମକ୍ଷେତ୍ର ହେଉ ଅବା ବିଭିନ୍ନ ଗଣମାଧ୍ୟମରେ ନିତିଦିନିଆ ଭାବେ ଦେଖୁଥିବା କେତେ ଚେହରା ପ୍ରକୃତରେ ମଣିଷ ମନେରଖିପାରେ ତାହା ଜାଣିବା ଲାଗି ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍ ୟର୍କର ଗବେଷକ ଅଧ୍ୟୟନ ଆରମ୍ଭ କରିଥିଲେ। ୟୁନିଭର୍ସିଟି ଅଫ୍ ୟର୍କର ଗବେଷକ ରୋବ୍ ଜେନ୍‌କିନ୍ସଙ୍କ କହିବାନୁଯାୟୀ, ମଣିଷ ସାଧାରଣତଃ ପ୍ରାୟ ୧୦୦ ଜଣ ଲୋକଙ୍କ ଗୋଷ୍ଠୀ ଭିତରେ ରହିଥାଏ। ଏହାସତ୍ତ୍ୱେ ଆଧୁନିକ ଦୁନିଆରେ ଦେଖୁଥିବା ୫୦୦୦ ଚେହେରାକୁ ସ୍ମରଣ କରିପାରେ। ଭିନ୍ନ ଭିନ୍ନ ଚେହେରାକୁ ଚିହ୍ନିପାରିବା ପ୍ରକୃତରେ



ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ମଣିଷକୁ ଅନ୍ୟ ଜଣଙ୍କର ବ୍ୟବହାର ସମ୍ପର୍କିତ ତଥ୍ୟ ମନେରଖିବା ଲାଗି ସହଯୋଗୀ ହୋଇଥାଏ। ତେବେ ଏହି ଗବେଷଣାରେ ମଣିଷ କେତେ ଚେହେରା ମନେ ରଖିପାରେ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହାର ସ୍ପଷ୍ଟ ଚିତ୍ର ତଥ୍ୟ ଏପର୍ଯ୍ୟନ୍ତ ମିଳିପାରି ନ ଥିଲେ ସୁଦ୍ଧା ଗବେଷଣା ଫଳାଫଳ ଆଧାରରେ ମଣିଷ ହାରାହାରି ୫୦୦୦ ଚେହେରା ମନେରଖିପାରେ ବୋଲି ଗ୍ରହଣ କରାଯାଇଥିବା ଜେନ୍‌କିନ୍ସ ପ୍ରକାଶ କରିଛନ୍ତି।

ଗବେଷଣାରେ ଭାଗ ନେଇଥିବା ଲୋକଙ୍କୁ ନିଜ ମନେରଖିଥିବା ଚେହେରା ନାମ ଲେଖିବା ଲାଗି କୁହାଯାଇଥିଲା। ଏଥିଲାଗି ସେମାନଙ୍କୁ ଏକ ଘଣ୍ଟା ସମୟ ଦିଆଯାଇଥିଲା। ଘଣ୍ଟାଏ ଶେଷ ହେବା ବେଳକୁ ଚେହେରା ସ୍ମରଣ କରିବା ସେମାନଙ୍କ ପକ୍ଷେ ସାମାନ୍ୟ କଷ୍ଟକର ହୋଇପଡ଼ିଥିଲା। ଶେଷରେ ସେମାନଙ୍କୁ କିଛି ଲୋକଙ୍କ ଦୁଇଟି ଲେଖାଏ ପୃଥକ୍ ଫଟୋ ମଧ୍ୟ ଦେଖା ଯାଇଥିଲା। ଇତିମଧ୍ୟରେ ସେମାନେ ୧୦୦୦ରୁ ୫୦୦୦ ଚେହେରା ସ୍ମରଣ କରିବାରେ ସଫଳ ହୋଇଥିଲେ ବୋଲି ଜେନ୍‌କିନ୍ସ କହିଛନ୍ତି।

### ଇତିହାସର ଆଇନାରେ
### ଅକ୍ଟୋବର ୧୧ର ପ୍ରମୁଖ ଘଟଣା

୧୯୮୭ ଅକ୍ଟୋବର ୧୧ରେ ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେଶନ୍ ପଓ୍ୱନ୍ ଆରମ୍ଭ କରିଥିଲା। ବହୁବର୍ଷଧରି ଦେଶରେ ହତ୍ୟା ଓ ଅପରାଧ ଘଟାଇ ଚାଲିଥିବା ଏଲ୍‌ଟିଟିଇ କବଳରୁ ଜାଫ୍‌ନାକୁ ମୁକ୍ତକରିବା ଉଦ୍ଦେଶ୍ୟରେ ଭାରତୀୟ ଶାନ୍ତି ସେନା ଯେଉଁ ସାମରିକ ଅଭିଯାନ ଆରମ୍ଭ କରିଥିଲା ତାହାର କୋଡ୍ ନାମ ଥିଲା ଅପରେଶନ୍ ପଓ୍ୱନ୍।

୧୯୬୮ ଅକ୍ଟୋବର ୧୧ରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଆପୋଲୋ-୭ ମହାକାଶ ଯାନ ପଠାଇଥିଲା। ଏହା ଆପୋଲୋ ଅଭିଯାନ ପ୍ରଥମ ସଫଳ ମାନବବାହୀ ମିଶନ୍।

# ଶ୍ରୀଦେବୀ ଭୂମିକାରେ ରାକୁଲ୍

**ମୁମ୍ବାଇ:** ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମା ରାଓଙ୍କ ଜୀବନ କାହାଣୀକୁ ନେଇ ନିର୍ମାଣ ଚାଲିଛି ଫିଚର୍ ଫିଲ୍ମ। ଏହାର ନାମ ରଖାଯାଇଛି 'କଥାନାୟକୁଡୁ'। ଫିଲ୍ମର ଆଉ ଏକ ଛବି ବୁଧବାର ରିଲିଜ୍ ହୋଇଛି। ବଲିଉଡ଼ର ଚାନ୍ଦନୀ ତଥା ଚୁଲ୍‌ବୁଲି ନାୟିକା ଶ୍ରୀଦେବୀଙ୍କ ଫାଷ୍ଟ ଲୁକ୍‌କୁ ଏଥିରେ ଦେଖିବାକୁ ମିଳିଛି। 'କଥାନାୟକୁଡୁ'ରେ ଶ୍ରୀଦେବୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ରାକୁଲପ୍ରୀତ୍। ନିଜେ ରାକୁଲ୍ ଏହାକୁ ଟୁଇଟର୍‌ରେ ଶେୟାର୍ କରିଛନ୍ତି। ଦର୍ଶକେ ପସନ୍ଦ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବହୁ ପ୍ରତୀକ୍ଷିତ ଏନ୍‌ଟିଆର୍‌ଙ୍କ ବାୟୋପିକ୍‌ରେ ନିଜ ଭୂମିକା ସମ୍ପର୍କରେ ଏକ ସାକ୍ଷାତ୍‌କାରରେ ରାକୁଲ କହିଛନ୍ତି, ଏପର୍ଯ୍ୟନ୍ତ ଯାହାକିଛି ଚରିତ୍ରରେ ଅଭିନୟ କରିଛନ୍ତି ସେ ସବୁଠୁ ଏହି ଚରିତ୍ର ଭିନ୍ନ ଏବଂ ଚ୍ୟାଲେଞ୍ଜ୍ ଭରା। କାରଣ ଶ୍ରୀଦେବୀ ହେଉଛନ୍ତି ଜଣେ କିମ୍ବଦନ୍ତୀ କଳାକାର। ତାଙ୍କୁ କୋଟି କୋଟି ସିନେପ୍ରେମୀ ଭଲ ପାଉଥିଲେ ଏବଂ ପାଉଛନ୍ତି। ସେ ନିଜେ ମଧ୍ୟ ଶ୍ରୀଦେବୀଙ୍କ ବଡ଼ ଫ୍ୟାନ୍ ଏବଂ ବଲିଉଡ୍‌ର ମହାନାୟିକାଙ୍କ ଚରିତ୍ର ପରଦାରେ ରୂପାନ୍ତରିତ କରିବା ତାଙ୍କ ପାଇଁ ଦାୟିତ୍ୱର ବିଷୟ। ନିର୍ମାତା, ନିର୍ଦ୍ଦେଶକ ତାଙ୍କ ଉପରେ ଯେଉଁ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ପୂର୍ଣ୍ଣ କରିପାରିବେ ବୋଲି ରାକୁଲ୍ ଆଶା ରଖିଛନ୍ତି। କ୍ରିଶ୍‌ଙ୍କ ନିର୍ଦ୍ଦେଶନାରେ ତିଆରି ଚାଲିଥିବା 'କଥାନାୟକୁଡୁ'ରେ ଏନ୍‌ଟିଆର୍ ଭୂମିକାରେ ଅଭିନୟ କରିଛନ୍ତି ନନ୍ଦାମୁରୀ ବାଲକ୍ରିଷ୍ଣା। ଏହି ଫିଲ୍ମ ଜରିଆରେ ଅଭିନେତ୍ରୀ ବିଦ୍ୟା ବାଲାନ୍ ତେଲୁଗୁ ଫିଲ୍ମ ଜଗତରେ ପଦାର୍ପଣ କରିବାକୁ ଯାଉଛନ୍ତି। ଫିଲ୍ମଟି ୨୦୧୯ ଜାନୁୟାରୀ ୯ରେ ମୁକ୍ତିଲାଭ କରିବ।





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୪ | ୨୨.୬ |
| ଚାନ୍ଦବାଲି | ୨୬.୨ | ୨୪.୪ |
| କଟକ | ୨୪.୮ | ୨୧.୮ |
| ପାରାଦ୍ୱୀପ | ୨୭.୩ | ୨୪.୩ |
| ଭୁବନେଶ୍ୱର | ୨୪.୯ | ୨୩.୭ |
| ଗୋପାଳପୁର | ୨୬.୨ | ୨୪.୩ |
| ପୁରୀ | ୨୫.୫ | ୨୩.୬ |
| ଅନୁଗୋଳ | ୩୨.୧ | ୨୧.୦ |
| ବାରିପଦା | ୨୬.୬ | ୨୪.୬ |
| ଝାରସୁଗୁଡ଼ା | ୩୨.୦ | ୧୯.୫ |
| କେନ୍ଦୁଝର | ୨୪.୬ | ୧୯.୭ |
| ସମ୍ବଲପୁର | ୩୨.୭ | ୨୧.୫ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୩ | ୨୨.୨ |
| ତାଳଚେର | ୨୯.୫ | ୨୩.୩ |
| ଭବାନୀପାଟଣା | ୨୯.୦ | ୧୯.୦ |
| ବଲାଙ୍ଗୀର | ୩୨.୨ | ୨୦.୦ |
| କୋରାପୁଟ | ୨୭.୨ | ୧୫.୬ |
| ଫୁଲବାଣୀ | ୨୬.୦ | ୧୬.୪ |
| ଟିଟିଲାଗଡ଼ | ୩୧.୦ | ୨୦.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୦.୦ | ୨୩.୪ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

DSPL-196

ବିଶ୍ୱ ଦୃଷ୍ଟି ଦିବସ

୧୧ ଅକ୍ଟୋବର, ୨୦୧୮



ପ୍ରତିବର୍ଷ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ। ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ।

ଧ୍ୟାନ ଦିଅନ୍ତୁ :

- ଛାତ୍ରଛାତ୍ରୀ, ବୟସ୍କ ଓ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଜନିତ ସମସ୍ୟାରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ।
- ନିୟମିତ ଚକ୍ଷୁ ପରୀକ୍ଷା ଓ ଉପଯୁକ୍ତ ଯତ୍ନ ଦୃଷ୍ଟିଶକ୍ତିଜନିତ ଜଟିଳ ସମସ୍ୟାକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଅତ୍ୟାଧୁନିକ ଉପାୟରେ ବିନାମୂଲ୍ୟରେ ଚକ୍ଷୁ ଚିକିତ୍ସା ଯୋଗାଇ ଦିଆଯାଉଛି।
- ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯାଉଛି।
- ଗ୍ଲୁକୋମା ରୋଗୀଙ୍କ ପାଇଁ ଆଜୀବନ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି।
- ଚକ୍ଷୁ ଚିକିତ୍ସାକୁ ବ୍ୟାପକ ଓ ଫଳପ୍ରଦ କରିବାପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଜସ୍ୱ ପାଣ୍ଠିରେ **ସାର୍ବଜନୀନ ଚକ୍ଷୁସେବା କାର୍ଯ୍ୟକ୍ରମ** (ସୁନେତ୍ର) କାର୍ଯ୍ୟକାରୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚକ୍ଷୁର ଆବଶ୍ୟକୀୟ ପରୀକ୍ଷା, ଚିକିତ୍ସା ସହିତ ଔଷଧ ବିନାମୂଲ୍ୟରେ ଉପଲବ୍ଧ କରାଯାଉଛି।

ଆସନ୍ତୁ, ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହୋଇ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମକୁ ସଫଳ କରାଇବା।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

10003/13/0086/1819

DADLS-137





ରାଜ୍ୟସ୍ତରୀୟ

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

୧୧ ଅକ୍ଟୋବର, ୨୦୧୮

ସମୟ ସକାଳ ୯ ଘଟିକା

ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ଅପରାହ୍ନ ୩ ଘଟିକା — ସ୍ଥାନ – ଜୟଦେବ ଭବନ

ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନ ଦ୍ୱାରା 'ଭାରତରେ ସମାଜବାଦୀ ପ୍ରଗତି' ଶୀର୍ଷକ ଆଲୋଚନାଚକ୍ର।

ସାଧାରଣ ସଭା

ସମୟ – ସନ୍ଧ୍ୟା ୬ ଘଟିକା — ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି : ଶ୍ରୀଯୁକ୍ତ ଶଶିଭୂଷଣ ବେହେରା
ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ

ସମ୍ମାନିତ ବକ୍ତା : ପ୍ରଫେସର ବାସୁଦେବ ସାହୁ
ନିର୍ଦ୍ଦେଶକ, ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନ

: ଡଃ. ଉଦ୍ଧବ ଚରଣ ନାୟକ
ବିଶିଷ୍ଟ ଲେଖକ

ସଭାପତି : ଶ୍ରୀଯୁକ୍ତ ଅମର ପ୍ରସାଦ ଶତପଥୀ
ମାନ୍ୟବର ସରକାରୀ ମୁଖ୍ୟ ସଚେତକ

ନାଦବ୍ରହ୍ମ ଅନୁଷ୍ଠାନର ବିଶିଷ୍ଟ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ, ପ୍ରଭୁ ପ୍ରସାଦ ନନ୍ଦ, ପ୍ରିୟଙ୍କା ସ୍ୱାଇଁ, ଯଶ୍ ମହାନ୍ତି, ପ୍ରେମ୍ କୁମାର, ତପସ୍ୱିନୀ ଡଗରାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ ଅଲିଭା ମୁକତି ସଳିତା ...।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜୟପ୍ରକାଶ ନାରାୟଣ ଅର୍ଥନୀତି ଓ ସାମାଜିକ ଅଧ୍ୟୟନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0300/1819



"ଭାଜପା ସୁଖ ବାଣ୍ଟେ ଓ କଂଗ୍ରେସ ଲୋକଙ୍କୁ ବିଭାଜିତ କରେ। ବିଧାନସଭା ନିର୍ବାଚନ ହେବାକୁ ଥିବା ୫ ରାଜ୍ୟରେ ଛୋଟ ଛୋଟ କଥାକୁ ନେଇ ଲୋକଙ୍କୁ ନିଜ ନିଜ ମଧ୍ୟରେ ଲଢ଼ାଇବା ସହ ଉତ୍ତେଜନା ସୃଷ୍ଟି କରିବ କଂଗ୍ରେସ।"
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ତୁଷାର ମେହଟା ନୂଆ ସଲିସିଟର ଜେନେରାଲ



**ନୂଆଦିଲ୍ଲୀ,୧୦।୧୦:** ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ତୁଷାର ମେହଟାଙ୍କୁ ମିଳିଛି ପଦୋନ୍ନତି। ଦେଶର ସଲିସିଟର ଜେନେରାଲ ଭାବେ ତାଙ୍କୁ ବୁଧବାର ନିଯୁକ୍ତ କରାଯାଇଛି। ଗତବର୍ଷ ଅକ୍ଟୋବର ୨୦ରେ ରଣଜିତ୍ କୁମାର ଇସ୍ତଫା ଦେବା ପରେ ସଲିସିଟର ଜେନେରାଲ ପଦବୀ ଖାଲିପଡ଼ିଥିଲା। ମେହଟାଙ୍କୁ ଏହି ପାହ୍ୟା ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୧୪ରୁ ମେହଟା ଏଏସ୍‌ଜି ଭାବେ କାର୍ଯ୍ୟରତ ଅଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସେ ସରକାରଙ୍କ ପକ୍ଷ ରଖିଛନ୍ତି। ଏବେ ସଲିସିଟର ଜେନେରାଲ ଭାବେ ତାଙ୍କ କାର୍ଯ୍ୟକାଳ ୨୦୨୦ ଜୁନ୍ ୩୦ ପର୍ଯ୍ୟନ୍ତ ରହିବ। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇନ ଅଧିକାରୀଙ୍କ ମଧ୍ୟରୁ ସଲିସିଟର ଜେନେରାଲ ହେଉଛନ୍ତି ଦ୍ୱିତୀୟ ସର୍ବୋଚ୍ଚ ପଦବୀଧାରୀ।

### ବସ୍ ଓଲଟି ୫୦ ମୃତ

**ନାଇରୋବି,୧୦।୧୦(ପି.ଟି.):** କେନିଆର କେରଚୋ ସହରରେ ବୁଧବାର ବସ୍ ଓଲଟି ୫୦ ଜଣ ପ୍ରାଣ ହରାଇଥିବାବେଳେ ଅନେକ ଆହତ ହୋଇଛନ୍ତି। ବସ୍‌ଟି ଦେଶର ନାଇରୋବି ସହରରୁ କାକାମେଗା ଆଡ଼କୁ ଯାତ୍ରା କରୁଥିବା ବେଳେ ଭୋର ୪ଟା ବେଳେ ସହରର ଏକ ଗଡ଼ାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ଯାଇଥିଲା। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ରିଫ୍‌ଟ ଭେଲି ପୋଲିସ ମୁଖ୍ୟ ଫ୍ରାନ୍ସିସ୍ ମୁନ୍ୟାମ୍ବୁ ସୂଚନା ଦେଇଛନ୍ତି।

### 'ପୁଅକୁ ଫାଶୀଖୁଣ୍ଟରେ ଝୁଲାଇ ଦିଅ'

**ପାଟନା,୧୦।୧୦:** "ଦୋଷ ପ୍ରମାଣିତ ହେଲେ ବଳାତ୍କାରୀ ପୁଅକୁ ଫାଶୀଖୁଣ୍ଟରେ ଝୁଲାଇ ଦିଅ ପଛେ, ନିରୀହ ବିହାରୀଙ୍କୁ ଆକ୍ରମଣ କରନାହିଁ। ମୋ ପୁଅର ଦୋଷ ପାଇଁ ଅନ୍ୟମାନଙ୍କୁ ଦଣ୍ଡ ନ ମିଳୁ।" ଗୁଜରାଟରେ ହିନ୍ଦୀ ଭାଷାଭାଷୀ ଶ୍ରମିକଙ୍କ ଉପରକୁ ହେଉଥିବା ଆକ୍ରମଣ ପରେ ବଳାତ୍କାର ଘଟଣାର ଅଭିଯୁକ୍ତ ରବୀନ୍ଦ୍ର ସାହୁଙ୍କ ମା' ରମାଓ୍ୱତୀ ଦେବୀଙ୍କ ମୁହଁରୁ ବୁଧବାର ଏଭଳି ନିବେଦନ ଶୁଣିବାକୁ ମିଳିଛି। ଗଣମାଧ୍ୟମ ସମ୍ମୁଖରେ ସେ ଶାନ୍ତି ପାଇଁ ଗୁହାରି କରିଛନ୍ତି। ପ୍ରକାଶ ଯେ, ଉତ୍ତର ଗୁଜରାଟରେ ଜଣେ ୧୪ମାସର ଶିଶୁକନ୍ୟାକୁ ବିହାର ବାସିନ୍ଦା ରବୀନ୍ଦ୍ର ବଳାତ୍କାର କରିଥିବା ଅଭିଯୋଗ ହେବା ପରେ ରାଜ୍ୟରେ ହିନ୍ଦୀଭାଷୀଙ୍କ ଉପରକୁ ଆକ୍ରମଣ କରି ସେମାନଙ୍କୁ ତଡ଼ି ଦିଆଯାଉଛି।

#### ହାସିନାଙ୍କୁ ଆକ୍ରମଣ ମାମଲା
### ଦୁଇ ପୂର୍ବତନ ମନ୍ତ୍ରୀଙ୍କୁ ଫାଶୀ ଦଣ୍ଡାଦେଶ

**ଢାକା,୧୦।୧୦(ପି.ଟି.):** ୨୦୦୪ ବୋମା ବିସ୍ଫୋରଣ ଘଟଣାରେ ବୁଧବାର ବାଂଲାଦେଶ ସ୍ୱତନ୍ତ୍ର କୋର୍ଟ ଦେଶର ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ସମେତ ୧୯ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି। ଏଥିରେ ରହିଛନ୍ତି ପୂର୍ବତନ ଗୃହମନ୍ତ୍ରୀ ଏବଂ ପୂର୍ବତନ ଉପଶିକ୍ଷାମନ୍ତ୍ରୀ। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ଖାଲେଦା ଜିଆଙ୍କ ପୁଅ ତାରିକ୍ ରହମନ୍‌ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଆହୁରି ୧୮ ଜଣଙ୍କୁ ମଧ୍ୟ ଆଜୀବନ ଜେଲ ହୋଇଛି। ତାରିକ୍ ବର୍ତ୍ତମାନ ଦେଶରେ ପଳାତକ ଘୋଷିତ ହୋଇଛନ୍ତି। ଅନେକ ମାମଲାରେ ନ୍ୟାୟିକ ପ୍ରକ୍ରିୟାରୁ ବର୍ତ୍ତିବା ଲାଗି ସେ ବିଦେଶରେ ଲୁଚି ରହିଛନ୍ତି। ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଉକ୍ତ ବିସ୍ଫୋରଣ ଘଟାଇଥିବା ସମସ୍ତଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ୨୦୦୪ ଅଗଷ୍ଟ ୨୧ରେ ଆୱାମୀ ଲିଗ୍‌ର ଏକ ରାଲିରେ ହାସିନାଙ୍କୁ ଟାର୍ଗେଟ୍ କରାଯାଇଥିଲା। କିନ୍ତୁ ଏଥିରୁ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ। କିନ୍ତୁ ଆଂଶିକ ଶ୍ରବଣଶକ୍ତି ହରାଇଥିଲେ। ଆକ୍ରମଣରେ ତାଙ୍କ ଦଳର ମହିଳା ଶାଖା ମୁଖ୍ୟ ତଥା ପୂର୍ବତନ ରାଷ୍ଟ୍ରପତି ଜିଲୁର ରହମନ୍‌ଙ୍କ ସ୍ତ୍ରୀ ଇଭିଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁଦଣ୍ଡାଦେଶ ପାଇଥିବା ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି, ପୂର୍ବତନ କନିଷ୍ଠ ଗୃହମନ୍ତ୍ରୀ ଲୁତ୍‌ଫୁଜ୍ଜାମାନ୍ ବାବର୍, ପୂର୍ବତନ ଉପ ଶିକ୍ଷାମନ୍ତ୍ରୀ ଅବ୍‌ଦୁସ ସଲାମ୍ ପିଣ୍ଟୁ ଏବଂ ଅନେକ ସେନା ଓ ଗୋଇନ୍ଦା ଅଧିକାରୀ।

# କେନ୍ଦ୍ରକୁ ରାଫାଲ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୧୦(ପି.ଟି.):** ଫ୍ରାନ୍ସ ସହିତ କେଉଁ ପରିସ୍ଥିତିରେ ରାଫାଲ ଚୁକ୍ତି ହୋଇଥିଲା। ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା କ'ଣ ଥିଲା ସେନେଇ ସବିଶେଷ ବିବରଣୀ ଏକ ବନ୍ଦ ଲଫାପାରେ ଆସନ୍ତା ୨୯ ତାରିଖ ମଧ୍ୟରେ ସୁପ୍ରିମକୋର୍ଟରେ ଦାଖଲ କରିବେ କେନ୍ଦ୍ର ସରକାର। ସର୍ବୋଚ୍ଚ ଅଦାଲତ ବୁଧବାର କେନ୍ଦ୍ରକୁ ଏସମ୍ପର୍କିତ ତଥ୍ୟ ମାଗିଛନ୍ତି। ତେବେ ରାଫାଲ ଯୁଦ୍ଧ ବିମାନର ମୂଲ୍ୟ ଓ ବୈଷୟିକ ଦିଗକୁ ନେଇ ତଥ୍ୟ ଦରକାର ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ରାଫାଲ ଚୁକ୍ତିକୁ ନେଇ ଦାଏର ଏକାଧିକ ପିଟିଶନର ଶୁଣାଣି କରିଛନ୍ତି। ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ୍ ସାମିଲ ଥିବା ଖଣ୍ଡପୀଠ କହିଛନ୍ତି, ୨ ଆଇନଜୀବୀଙ୍କ ପକ୍ଷରୁ ଦାଏର ୨ଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ଅଣାଯାଇଥିବା ଦୁର୍ନୀତି ଅଭିଯୋଗକୁ ଅଦାଲତ ବିଚାରକୁ ନେଇ ନାହାନ୍ତି। ତେଣୁ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରୁନାହାନ୍ତି। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଯୁକ୍ତି ବାଢ଼ିଥିଲେ ଯେ, ଚୁକ୍ତି ସମ୍ପର୍କିତ ସବିଶେଷ ତଥ୍ୟ ଅନ୍ୟ କାହାରିକୁ ଦେଖାଯାଇ ପାରିବ ନାହିଁ। କାରଣ ଏହା ଜାତୀୟ ନିରାପତ୍ତା ଏବଂ ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟା ଭଳି ପ୍ରସଙ୍ଗ ସହିତ ଜଡ଼ିତ। ଶେଷରେ ଖଣ୍ଡପୀଠ ରାଫାଲ ଚୁକ୍ତିର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ବନ୍ଦ ଲଫାପା ମଧ୍ୟରେ ୨୯ ତାରିଖ ସୁଦ୍ଧା ତଥ୍ୟ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆସନ୍ତା ୩୧ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, କଂଗ୍ରେସ ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଘେରିବାରେ ଲାଗିଛି। ଅନୁରୂପ ଭାବେ ଉକ୍ତ ଚୁକ୍ତି ଉପରେ ସ୍ଥଗିତାଦେଶ ଜାରି କରିବା ପାଇଁ ଆଇନଜୀବୀ ବିନୀତ ଧାଣ୍ଡା ଏବଂ ଏମ୍.ଏଲ୍. ଶର୍ମାଙ୍କ ସମେତ ଅନେକ ଆବେଦନକାରୀ ଏକାଧିକ ପିଟିଶନ ସୁପ୍ରିମକୋର୍ଟରେ ଦାଏର କରିଛନ୍ତି।

**ଅଦାଳତଙ୍କ ନିର୍ଦ୍ଦେଶ**
- ଫ୍ରାନ୍ସ ସହ ଚୁକ୍ତି ପ୍ରକ୍ରିୟାର ସବିଶେଷ ବିବରଣୀ ଦିଅ
- ୨୯ ସୁଦ୍ଧା ବନ୍ଦ ଲଫାପାରେ ଦାଖଲ କର ତଥ୍ୟ
- ୩୧ରେ ପରବର୍ତ୍ତୀ ଶୁଣାଣି



#### '#ମିଟୁ' ଝଡ଼: ଆକବରଙ୍କ ଇସ୍ତଫା ଦାବିକଲା କଂଗ୍ରେସ
# ଜବାବ ଦିଅ, ନଚେତ୍ ଗାଦି ଛାଡ଼

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

- ହରଡ଼ ଘଣାରେ ମୋଦି ସରକାର
- ସୁଷମାଙ୍କ ପରେ ସୀଥାରାମନ୍ ବି ଚୁପ
- ଲିଖିତ ଅଭିଯୋଗ ଆଣନ୍ତୁ ପୀଡ଼ିତା: ଏନ୍‌ସିଡବ୍ଲ୍ୟୁ



ଉଣେଇଶ ନିର୍ବାଚନ ଯେତିକି ପାଖେଇ ଆସୁଛି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସେତିକି ବିବାଦ ଘେରରେ ଛନ୍ଦି ହେଉଛନ୍ତି। ଦେଶବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା '#ମିଟୁ' ଅଭିଯାନରେ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ (ଖବରକାଗଜ) ଏମ୍.ଜେ. ଆକବରଙ୍କ ନାମ ଯୋଡ଼ିହୋଇଥିବାରୁ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ହରଡ଼ଘଣାରେ ପଡ଼ିଯାଇଛି। ଦୁଇ ସାମ୍ବାଦିକା ଆକବରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ କଂଗ୍ରେସକୁ ଆକ୍ରମଣ କରିବା ଲାଗି ସାନି ଅସ୍ତ୍ର ମିଳିଯାଇଛି। ଅଭିଯୋଗ ଉପରେ ଆକବର ସନ୍ତୋଷଜନକ ଉତ୍ତର ଦିଅନ୍ତୁ, ନଚେତ୍ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ ବୋଲି ବୁଧବାର କଂଗ୍ରେସ ଦାବି କରିଛି। ଏଭଳି ଆରୋପ ଯୋଗୁ ନିନ୍ଦିତ ହେବା ସତ୍ତ୍ୱେ ସରକାର ଚୁପ୍ ବସିଛନ୍ତି। ମୋଦିଙ୍କ କ୍ୟାବିନେଟରେ ପ୍ରମୁଖ ପଦବୀରେ ଥିବା ଦୁଇ ମହିଳା ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ନିର୍ମଳା ସୀଥାରାମନ୍ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି। ଆକବରଙ୍କ କେଲେଙ୍କାରୀ ବିଷୟରେ ପ୍ରଘଟ ହେବା ପରେ ମୋଦି ସରକାରଙ୍କୁ ମହିଳା ବିରୋଧୀ କହି ଆକ୍ଷେପ କରାଯାଉଛି। ଏସବୁ ସତ୍ତ୍ୱେ ମନ୍ତ୍ରୀମାନେ ପାଟି ଫିଟାଉ ନାହାନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଖବରଦାତାଙ୍କ ପ୍ରଶ୍ନକୁ ଏଡ଼ାଇଯିବା ପରେ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ସୀଥାରାମନ୍ ମଧ୍ୟ ସମାନ ପଥ ଆପଣାଇଛନ୍ତି। ଏକ ଟେଲିଭିଜନ ସାକ୍ଷାତ୍‌କାରବେଳେ ଆକବରଙ୍କ ବିରୋଧରେ ଆସିଥିବା ସଙ୍ଗିନ ଅଭିଯୋଗ ଉପରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। କିନ୍ତୁ ଏ ବାବଦରେ କିଛି ମନ୍ତବ୍ୟ ଦେବା ଅନୁଚିତ ବୋଲି ସୀଥାରାମନ୍ ରୋକ୍‌ଠୋକ୍ କହିଛନ୍ତି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ବିବୃତି ଦେବାବେଳେ ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ମଧ୍ୟ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନବାଣରେ ଛନ୍ଦିଦେଇଥିଲେ। କିନ୍ତୁ '#ମିଟୁ' ଅଭିଯାନ ସମ୍ପର୍କରେ କୌଣସି ଜବାବ ଦେବେ ନାହିଁ ବୋଲି ସେ ସ୍ପଷ୍ଟଭାବେ ମନା କରିଦେଲେ। ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପ୍ରସଙ୍ଗରେ ମୋଦି ସରକାର ଅଡୁଆରେ ପଡ଼ିଯାଇଥିବାବେଳେ ଏହାର ସୁଯୋଗ ନେଇ ଗୋଟିଚାଳନା କରୁଛି କଂଗ୍ରେସ। ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବାବେଳେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବର ପୂର୍ବତନ ମହିଳା ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେବା ଅତି ନିନ୍ଦନୀୟ ଘଟଣା। ଏଥିପାଇଁ ସେ ଇସ୍ତଫା ଦିଅନ୍ତୁ। ତାଙ୍କ ବିରୋଧରେ ତଦନ୍ତ ମଧ୍ୟ ଆରମ୍ଭ ହେଉ ବୋଲି କଂଗ୍ରେସ ଦାବି କରିଛି। କଂଗ୍ରେସ ମୁଖପାତ୍ର ଏସ୍. ଜୟପାଲ ରେଡ୍ଡୀ ମଧ୍ୟ ସୁଷମାଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଯୌନ ନିର୍ଯାତନା ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ କହିଛନ୍ତି। କାହିଁକିନା ଅନେକ ମହିଳା ଭୟରେ ପାଟି ଫିଟାଉ ନାହାନ୍ତି। ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ମହିଳାଙ୍କ ପ୍ରତି ବ୍ୟଭିଚାର ପଦାରେ ପଡ଼ିବା ପରେ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଉଦ୍‌ବେଗ ପ୍ରକାଶ କରିଛନ୍ତି। କେବଳ ମୌଖିକ ନୁହେଁ, ଲିଖିତ ଆକାରରେ ପୀଡ଼ିତା ଅଭିଯୋଗ ଦାଏର କରନ୍ତୁ। ନ୍ୟାୟ ପାଇବା ପାଇଁ ସେମାନଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ବୁଧବାର କମିଶନ ପକ୍ଷରୁ କୁହାଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ରକ୍ଷା କରିବା ଲାଗି ଉଦ୍ଦିଷ୍ଟ ଆଇନ କାର୍ଯ୍ୟକାରୀ ନ ହେବା ଲଜ୍ଜାର ବିଷୟ ବୋଲି ସିପିଏମ୍ ନେତ୍ରୀ ବ୍ରିନ୍ଦା କରାଟ କହିଛନ୍ତି।

## କୈଳାସଙ୍କ ବିରୋଧରେ ମୁହଁ ଖୋଲିଲେ ସୋନା ମହାପାତ୍ର



**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

'#ମିଟୁ' ଅଭିଯାନ ଭାରତୀୟ ମନୋରଞ୍ଜନ ଦୁନିଆର କଳଙ୍କିତ ରହସ୍ୟ ଉନ୍ମୋଚନ କରିଛି। ଅନେକ ନାମୀଦାମୀ କଳାକାରଙ୍କ ପରେ ଏବେ ଆଉ କିଛି ନୂଆ ନାମ ଏହି କେଲେଙ୍କାରୀ ସହ ଯୋଡ଼ିହୋଇଛି। ତନ୍ମଧ୍ୟରେ ଅଛନ୍ତି କୈଳାସ ଖେର, ରଘୁ ଦୀକ୍ଷିତ, ଗୀତିକାର ଭୈରାମୁଥୁ, କମେଣ୍ଟେଟର ସୁହେଲ ସେଠ୍ ଓ ମହିଳା କମେଡି ଷ୍ଟାର ଅଦିତି ମିତ୍ତଲ। ଲୋକପ୍ରିୟ ଗାୟକ କୈଳାସ ଖେର୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ଗାୟିକା ତଥା ଓଡ଼ିଆ ଝିଅ ସୋନା ମହାପାତ୍ର। ଏକ କଫି ଶପ୍‌ରେ ମ୍ୟୁଜିକ୍ କନ୍‌ସର୍ଟ ବିଷୟରେ ଆଲୋଚନା କରୁଥିବାବେଳେ କୈଳାସ ତାଙ୍କ ଜଙ୍ଘରେ ହାତ ରଖି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ପରେ ମଧ୍ୟ ତାଙ୍କୁ ଗାୟକ ଜଣକ ଅନେକ ଥର ହଇରାଣ କରିଥିବା ସେ କହିଛନ୍ତି।

ଅଦିତିଙ୍କ ବିରୋଧରେ ମୁହଁ ଖୋଲିଛନ୍ତି ଆଉ ଜଣେ ମହିଳା କମେଡି ଷ୍ଟାର କନିଜ୍ ସୁର୍କା। ଏକ କମେଡି ଶୋ'ରେ ଅଦିତି ତାଙ୍କୁ ଜବରଦସ୍ତି ଚୁମ୍ବନ ଦେଇଥିଲେ। ଦର୍ଶକଙ୍କ ସାମ୍ନାରେ ଏହି ଘଟଣା ଘଟିଥିଲା ବୋଲି ସୁର୍କା ଟୁଇଟ୍ କରିଛନ୍ତି।

## ଆଲୋକ ନାଥଙ୍କ ନାଁରେ ସାନି ଅଭିଯୋଗ

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**





ବଲିଉଡ୍ ଜଗତର 'ବାବୁଜୀ' ଅର୍ଥାତ୍ ଆଦର୍ଶ ବାପା ଭାବେ ପରିଚିତ ଆଲୋକ ନାଥଙ୍କ ବିରୋଧରେ ଆଉ ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେ ହେଉଛନ୍ତି ଅଭିନେତ୍ରୀ ସନ୍ଧ୍ୟା ମୃଦୁଲ। ଏକ ଟେଲିଫିଲ୍ମର ଶୁଟିଂବେଳେ ଆଲୋକ ନାଥ ତାଙ୍କୁ ଯୌନ ଶୋଷଣ କରିଥିଲେ ବୋଲି ସେ ଟୁଇଟର ଜରିଆରେ ପ୍ରକାଶ କରିଛନ୍ତି। ମଙ୍ଗଳବାର ଲେଖିକା ତଥା ପ୍ରଯୋଜିକା ବିନ୍ତା ନନ୍ଦ ମଧ୍ୟ ଆଲୋକ ନାଥଙ୍କ କାରନାମା ପ୍ରଘଟ କରିଥିଲେ। ସେପଟେ ନିର୍ଦ୍ଦେଶକ ବିକାଶ ବେହଲ ମଧ୍ୟ ଯୌନ ନିର୍ଯାତନା ସମ୍ପର୍କିତ ବିବାଦୀୟ ମନ୍ତବ୍ୟ ପାଇଁ ଅନୁରାଗ କାଶ୍ୟପ ଏବଂ ବିକ୍ରମାଦିତ୍ୟ ମତୱାନେଙ୍କୁ କୋର୍ଟ ନୋଟିସ ପଠାଇଛନ୍ତି। ସେହିପରି ଅଭିନେତା ନାନା ପାଟେକରଙ୍କ ବିରୋଧରେ ବ୍ୟଭିଚାର ଅଭିଯୋଗ ଆଣିଥିବା ତନୁଶ୍ରୀ ଦତ୍ତଙ୍କ ବୟାନ ରେକର୍ଡ କରିଛି ମୁମ୍ବାଇ ପୋଲିସ।

#### ■ ପୁଣି କାଠଗଡ଼ାରେ ଏଏପି ସରକାର
# ଗେହଲଟଙ୍କ ଘରେ ଆଇଟି ଚଢ଼ାଉ

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**



**ଦିଲ୍ଲୀ ମନ୍ତ୍ରୀଙ୍କୁ ଟାର୍ଗେଟ କରୁଥିବାରୁ ମୋଦି କ୍ଷମା ମାଗନ୍ତୁ: କେଜ୍‌ରିୱାଲ**

ଟିକସ ଫାଙ୍କି ମାମଲାରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଦିଲ୍ଲୀ ପରିବହନ ମନ୍ତ୍ରୀ କୈଳାସ ଗେହଲଟଙ୍କ ଅଡୁଆ ବଢ଼ିଯାଇଛି। ଆୟକର ବିଭାଗ (ଆଇଟିଡି) ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି। ଗେହଲଟଙ୍କ ବାସଭବନ ଓ ସେ ସମ୍ପୃକ୍ତ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ତଦନ୍ତ ଅଧିକାରୀ ଛାନ୍‌ଭିନ୍ କରି ନଗଦ ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ଆଇଟିଡିର କାର୍ଯ୍ୟାନୁଷ୍ଠାନ ପରେ ଦିଲ୍ଲୀର ଏଏପି ସରକାର ମଧ୍ୟ କାଠଗଡ଼ାକୁ ଟାଣିହୋଇଛନ୍ତି। ଦିଲ୍ଲୀ ମନ୍ତ୍ରୀମାନଙ୍କୁ ବାରମ୍ବାର ହଇରାଣ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ଗେହଲଟଙ୍କ ପରିବାର ସଦସ୍ୟଙ୍କ ମାଲିକାନାରେ ପରିଚାଳିତ ଦୁଇ ଫାର୍ମ ବ୍ରିସ୍କ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଆଣ୍ଡ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ଏବଂ କର୍ପୋରେଟ ଇଣ୍ଟରନ୍ୟାଶନାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ ଟିକସ ଫାଙ୍କିଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ ଜୋରଦାର ଚାଲିଛି। ଉକ୍ତ ଫାର୍ମ ସହ ଗେହଲଟ ମଧ୍ୟ ସମ୍ପୃକ୍ତ ଅଛନ୍ତି। ତେଣୁ ସେ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ପୋଲିସ ଅଧିକାରୀଙ୍କ ସହ ମିଶି ଆୟକର ବିଭାଗର ୬୦ ଜଣିଆ ଟିମ୍ ଦିଲ୍ଲୀ ଏବଂ ନିକଟବର୍ତ୍ତୀ ଗୁଡ଼ଗାଓଁର ୧୬ ସ୍ଥାନରେ ଚଢ଼ାଉ କରିଥିଲେ। ତଦନ୍ତ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଲାସ କରିଥିଲେ। ଏହି ଚଢ଼ାଉ ଘଟଣାକୁ ନେଇ ରାଜନୀତି ଜୋର୍ ଧରିବା ପରେ ଏଏପି ସରକାର କେନ୍ଦ୍ରକୁ ତୀବ୍ର ନିନ୍ଦା କରିଛନ୍ତି। ଗହଣା ବ୍ୟବସାୟୀ ନୀରବ ମୋଦି ଏବଂ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସହ ପ୍ରଧାନମନ୍ତ୍ରୀ ବନ୍ଧୁତା କରୁଥିବାବେଳେ ଦିଲ୍ଲୀ ମନ୍ତ୍ରୀଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇ ହଇରାଣ ହରକତ କରୁଛନ୍ତି ବୋଲି କେଜ୍‌ରିୱାଲ କହିଛନ୍ତି।

#### ଜମ୍ମୁ-କଶ୍ମୀର ପୌର ନିର୍ବାଚନ
## ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୩୧.୩%

**ଜମ୍ମୁ/ଶ୍ରୀନଗର,୧୦।୧୦ (ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀର ଦ୍ୱିତୀୟ ପର୍ଯ୍ୟାୟ ପୌର ନିର୍ବାଚନରେ ମୋଟ ୩୧.୩% ଭୋଟ ଗ୍ରହଣ ହୋଇଛି। ଜମ୍ମୁର ୬ଟି ଜିଲା ଏବଂ କଶ୍ମୀରର ୫ଟି ଜିଲାରେ ମୋଟ ୨୬୩ ଓ୍ୱାର୍ଡରେ ଭୋଟ ଗ୍ରହଣ ହୋଇଛି। ଜମ୍ମୁରେ ୭୯.୮% ଭୋଟ ଗ୍ରହଣ ହୋଇଛି। ରାମ୍‌ବନ ଜିଲାରେ ସବୁଠାରୁ ଅଧିକ ୮୦% ଭୋଟ ଗ୍ରହଣ ହୋଇଛି। କିନ୍ତୁ କଶ୍ମୀରର ସ୍ଥିତି ଅତି ନୈରାଶ୍ୟ ଜନକ ରହିଛି। ସେଠାରେ ମାତ୍ର ୩.୪% ମତଦାନ ହୋଇଛି। ଉପତ୍ୟକାର ଆତଙ୍କବାଦୀ ଉପଦ୍ରୁତ ଅନନ୍ତନାଗ ଜିଲାରେ ମାତ୍ର ୧.୧% ମତଦାନ ହୋଇଛି। ରାମବନ ଜିଲାରେ ଭୋଟ ଦେଇ ସାରିବା ପରେ ଭାଜପା ପ୍ରାର୍ଥୀ ଆଜାଦ୍ ସିଂଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ବୁଥ୍‌ରେ ହିଁ ଆଜାଦ୍ ଟଳି ପଡ଼ିଥିଲେ।

## ଜାତିସଂଘରେ ଡିନାମାଇଟ୍ ଭଳି କାମ କରିବେ ଇଭାଙ୍କା: ଟ୍ରମ୍ପ

**ଓ୍ୱାଶିଂଟନ,୧୦।୧୦(ପି.ଟି.)**

ଝିଅ ଇଭାଙ୍କା ଟ୍ରମ୍ପ ଜାତିସଂଘରେ ରାଷ୍ଟ୍ରଦୂତ ନିଯୁକ୍ତ ହେଲେ 'ଡିନାମାଇଟ୍' ଭଳି କାର୍ଯ୍ୟ କରିବେ ବୋଲି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ତେବେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ନିକ୍କି ହାଲିଙ୍କ ସ୍ଥାନରେ ଇଭାଙ୍କାଙ୍କୁ ଅବସ୍ଥାପିତ କରାଗଲେ ତାଙ୍କ ବିରୋଧରେ ପ୍ରିୟାପ୍ରୀତିତୋଷଣ ଅଭିଯୋଗ ଆସିପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଟ୍ରମ୍ପ। ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଥିବା ନିକ୍କି ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ଟ୍ରମ୍ପ ଝିଅ ଇଭାଙ୍କାଙ୍କୁ ଉଚ୍ଚଶକ୍ତିସମ୍ପନ୍ନ ବିସ୍ଫୋରକ ପଦାର୍ଥ ଡିନାମାଇଟ୍ ସହିତ ତୁଳନା କରିଛନ୍ତି। ତେବେ ଜାତିସଂଘ ରାଷ୍ଟ୍ରଦୂତ ଦୌଡ଼ରେ ନ ଥିବା ଇଭାଙ୍କା ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି।

## ଅଲଗା ବସିଲେ ହିନ୍ଦୁ-ମୁସଲ୍‌ମାନ ଛାତ୍ରୀଛାତ୍ର

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

**ଭେଦଭାବ କରି ଶିକ୍ଷକ ନିଲମ୍ବିତ**

ଉତ୍ତର ଦିଲ୍ଲୀର ଏକ ପ୍ରାଥମିକ ସ୍କୁଲ୍‌ରେ ହିନ୍ଦୁ-ମୁସଲ୍‌ମାନ ଛାତ୍ରୀଛାତ୍ରଙ୍କୁ ଭିନ୍ନ ଭାବେ ବସାଯିବା ଅଭିଯୋଗ ହୋଇଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ଚାରିଆଡୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେଶନ୍ (ଏନ୍‌ଡିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସ୍କୁଲ୍ ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ଦିଲ୍ଲୀ ସରକାର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ରିପୋର୍ଟ ତଲବ କରାଯାଇଛି।

ଓ୍ୱଜିରାବାଦ୍ ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୁ ଏବଂ ମୁସଲ୍‌ମାନ ଛାତ୍ରୀଛାତ୍ରଙ୍କୁ ପୃଥକ୍ କରି ବସାଯାଉଥିବା ଏନ୍‌ଡିଏମ୍‌ସି ଦ୍ୱାରା ନିଯୁକ୍ତି ପ୍ରାପ୍ତ କେତେକ ଶିକ୍ଷକ ଅଭିଯୋଗ ଆଣିଥିଲେ। ଅଭିଯୋଗର ତଦନ୍ତ ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏମ୍‌ସି ପ୍ରମାଣ ପାଇଥିଲା। ଏହାପରେ ବିଦ୍ୟାଳୟର ମୁଖ୍ୟଙ୍କ ବିରୋଧରେ ବୁଧବାର କାର୍ଯ୍ୟାନୁଷ୍ଠାନ ହୋଇଛି। ଶିକ୍ଷକଙ୍କ ଏଭଳି କାର୍ଯ୍ୟ ଅବିଶ୍ୱସନୀୟ ଏବଂ ଅକ୍ଷମଣୀୟ। ଅଭିଯୋଗକାରୀ ଶିକ୍ଷକଙ୍କୁ ମଧ୍ୟ ଏଥିଲାଗି ଧନ୍ୟବାଦ ବୋଲି ଏନ୍‌ଡିଏମ୍‌ସି କମିଶନର ମାଧୁପ ବ୍ୟାସ ପ୍ରକାଶ କରିଛନ୍ତି।

ଦିଲ୍ଲୀ ଶିଶୁ ଅଧିକାର ସୁରକ୍ଷା କମିଶନର ମଧ୍ୟ ସ୍କୁଲ ଏବଂ ବିଦ୍ୟାଳୟ ମୁଖ୍ୟଙ୍କୁ ନୋଟିସ କରି ରିପୋର୍ଟ ମାଗିଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏହାକୁ ସମ୍ବିଧାନ ବିରୋଧୀ କାର୍ଯ୍ୟ କହିଛନ୍ତି। ଶୁକ୍ରବାର ସୁଦ୍ଧା ଏ ସମ୍ପର୍କିତ ରିପୋର୍ଟ ଦେବା ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ସିସୋଡିଆ କହିଛନ୍ତି। ଏଚ୍‌ଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। ଗଣମାଧ୍ୟମରେ ଏ ବିଷୟରେ ଶୁଣିବାକୁ ମିଳିଛି।

# ପଞ୍ଜାବରୁ ୩ କଶ୍ମୀରୀ ଛାତ୍ର ଗିରଫ

**ଚଣ୍ଡିଗଡ଼,୧୦।୧୦(ପି.ଟି.)**

**ଜେଇଏମ୍ ମଡ୍ୟୁଲ୍ ଠାବ**



ପଞ୍ଜାବର ଜଲନ୍ଧରସ୍ଥିତ ଏକ କଲେଜରୁ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଙ୍ଗଠନ ସହ ସମ୍ପୃକ୍ତି ଅଭିଯୋଗରେ ୩ ଜଣ କଶ୍ମୀରୀ ଛାତ୍ରଙ୍କୁ ବୁଧବାର ଗିରଫ କରାଯାଇଛି। ସେମାନେ ରହୁଥିବା କଲେଜ ହଷ୍ଟେଲ ରୁମ୍‌ରୁ ରାଇଫଲ ଏବଂ ବିସ୍ଫୋରକ ମଧ୍ୟ ଜବତ କରାଯାଇଛି। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ସୁରେଶ ଅରୋରାଙ୍କ ସୂଚନା ମୁତାବକ, ୩ ଛାତ୍ର କଶ୍ମୀରୀ ଆତଙ୍କବାଦୀ ସଙ୍ଗଠନ ଘାଜ୍‌ୱତ୍-ଉଲ୍-ହିନ୍ଦର ସଦସ୍ୟ। ଜେଇଏମ୍ ସହ ମଧ୍ୟ ସେମାନଙ୍କର ସମ୍ପର୍କ ରହିଛି। ଜଲନ୍ଧର ଉପକଣ୍ଠ ଶାହପୁର ଅଞ୍ଚଳରେ ଥିବା ସିଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଟେକ୍ନୋଲୋଜି ହଷ୍ଟେଲ୍‌ରୁ ସେମାନଙ୍କୁ ଗିରଫ କରାଯାଇଛି। ଛାତ୍ରଙ୍କ ଆତଙ୍କବାଦୀ ଲିଙ୍କ୍ ଖବର ମିଳିବା ପରେ ପଞ୍ଜାବ ପୋଲିସ ଏବଂ ଜମ୍ମୁ-କଶ୍ମୀର ପୋଲିସର ସ୍ପେଶାଲ୍ ଅପରେଶନ ଗ୍ରୁପ୍‌ର ଏକ ଟିମ୍ ହଷ୍ଟେଲ୍‌ରେ ଚଢ଼ାଉ କରିଥିଲେ। ସେମାନଙ୍କ ମଧ୍ୟରୁ ବି.ଟେକ୍ (ସିଭିଲ୍) ଦ୍ୱିତୀୟ ସେମିଷ୍ଟାର୍ ଛାତ୍ର ଜାହିଦ୍ ଗୁଲ୍‌ଜାରଙ୍କ ରୁମ୍‌ରୁ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ଗୁଲ୍‌ଜାର ଶ୍ରୀନଗରର ରାଜପୋରା ଅଞ୍ଚଳର ବାସିନ୍ଦା ବୋଲି ଅରୋରା ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ସଦସ୍ୟ ହେଉଛନ୍ତି ପୁଲ୍‌ୱାମା ବାସିନ୍ଦା ମହମ୍ମଦ ଇଦ୍ରିସ୍ ଶାହ ଏବଂ ୟୁସୁଫ୍ ରାଫିକ୍ ଭଟ୍ଟ। ପଞ୍ଜାବ ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ସଙ୍ଗଠନ ମଡ୍ୟୁଲ୍ ବିଷୟରେ ଖବର ପାଇବା ପରେ ଦୁଇରାଜ୍ୟର ପୋଲିସ ଟିମ୍ ପକ୍ଷରୁ ଏହି ଅପରେଶନ୍ ଆରମ୍ଭ ହୋଇଥିଲା। ଏକ ମାମଲା ଦାଏର କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଅରୋରା ସୂଚନା ଦେଇଛନ୍ତି। ପଞ୍ଜାବ ଏବଂ କଶ୍ମୀରରେ ଆତଙ୍କବାଦୀ ସଙ୍ଗଠନ ନେଟ୍‌ୱର୍କ ସୁଦୃଢ଼ କରିବାରେ ଉଦ୍ୟମ ଚଳାଇଥିବା ଜଣାପଡ଼ିବା ପରେ ଦୁଇ ରାଜ୍ୟର ପୋଲିସ ସେମାନଙ୍କ ପ୍ରତିଟି ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଭାରତର ଉତ୍ତର ପ୍ରାନ୍ତରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଆତଙ୍କବାଦକୁ ପ୍ରୋତ୍ସାହନ କରୁଥିବା ମଡ୍ୟୁଲ୍ ଠାବ ହେବା ପରେ ପ୍ରମାଣ ମିଳିଛି ବୋଲି ଅରୋରା ଅଭିଯୋଗ ଆଣିଛନ୍ତି। କିଛିଦିନ ପୂର୍ବରୁ ସୋପିଆନ୍ ବାସିନ୍ଦା ଗାଜି ଅହମ୍ମଦ ମଲିକ ନାମକ ଜଣେ ପଲିଟେକ୍ନିକ୍ ଛାତ୍ରଙ୍କୁ ମଧ୍ୟ ପଟିଆଲାର ବାନୁର୍ ଅଞ୍ଚଳରୁ ପଞ୍ଜାବ ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ ଜମ୍ମୁ-କଶ୍ମୀର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀନଗରରୁ ପିଡିପି ବିଧାୟକଙ୍କ ଘରୁ ଅସ୍ତ୍ରଶସ୍ତ୍ର ଚୋରିକରି ଫେରାର ହୋଇଯାଇଥିବା ସ୍ୱତନ୍ତ୍ର ପୋଲିସ ଅଧିକାରୀ ଆଦିଲ୍ ବଶିର୍ ଶେଖ୍‌ଙ୍କ ସହ ଗାଜିଙ୍କ ଘନିଷ୍ଠ ସମ୍ପର୍କ ଥିଲା ବୋଲି ପଞ୍ଜାବ ପୋଲିସ ମୁଖ୍ୟ କହିଛନ୍ତି। ପ୍ରକାଶ ଯେ, ବିଧାୟକଙ୍କ ଘରୁ ଅସ୍ତ୍ରଶସ୍ତ୍ର ଚୋରି କରିବା ପରେ ବଶିର୍ ହିଜ୍‌ବୁଲ୍ ମୁଜାହିଦ୍ଦିନ୍‌ରେ ସାମିଲ ହୋଇଥିବା ଅଭିଯୋଗ ହୋଇଥିଲା।



ଅଲେଖା କାଗଜ ଖଣ୍ଡକର ଆଗପଟ କିଏ ପଛପଟ କିଏ ଯେପରି ଜାଣିବା ଅସମ୍ଭବ, ସେହିପରି ଅହିଂସା ଓ ସତ୍ୟର କିଏ ଆଗ କିଏ ପଛ କହିବା ଅସମ୍ଭବ। ତେଣୁ ଗୋଟିକୁ ଛାଡ଼ି ଆରଟି ରହି ନ ପାରେ।

- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମାଷ୍ଟରକ୍ୟାଣ୍ଟିନ୍ ଛକ, ସକାଳ ୯ଟା। ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ସମାବେଶ ଓ ଆଲୋଚନା ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟରକ୍ଷା ଏବଂ ପରିମଳ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟାଳୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩, ମଞ୍ଚେଶ୍ୱର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍କିଲ ଡେଭେଲପ୍‌ମେଣ୍ଟ ଅଥରିଟି ପକ୍ଷରୁ 'ଇଣ୍ଡିଆ ସ୍କିଲ୍‌ସ-୨୦୧୮'ର ବିଜୟୀଙ୍କୁ ସମ୍ବର୍ଦ୍ଧନା, ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିନେରାଲ୍ସ ଆଣ୍ଡ ମାଟେରିଆଲ୍ସ ଟେକ୍ନୋଲଜି, ଆଚାର୍ଯ୍ୟ ବିହାର, ମଧ୍ୟାହ୍ନ ୧୨ଟା।
- ନୃତ୍ୟାନୁଷ୍ଠାନ 'ନୃତ୍ୟାଂକ୍ଷୀ'ର ବାର୍ଷିକ ଉତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଗାନ୍ଧୀ-ଲୋହିଆ ଜୟପ୍ରକାଶ ମଞ୍ଚ ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳନ, ଲୋକନାୟକ ଜୟପ୍ରକାଶ ପାର୍କ, ସେକ୍ଟର-୬, ମର୍କତନଗର, ସକାଳ ୮ଟା ୩୦।

**କାକଟପୁର**

- ମା' ମଙ୍ଗଳାଙ୍କ ରତ୍ନଗିରି ବିଜେ, ମହିଷାସୁର ଠାବ ଓ ନାଲିକଲି ବେଶ, ମନ୍ଦିର ପରିସର, ରାତି ୯ଟା।

### ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ

# ମୋବାଇଲ କଟକଣାକୁ ଭୁଲିଗଲେ

**ପୁରୀ ଅଫିସ,୧୦।୧୦**

ଶ୍ରୀମନ୍ଦିରରେ ଶୃଙ୍ଖଳା ଏବଂ ସଂସ୍କାର ଆଣିବା ଲାଗି ଚାଲିଛି ପ୍ରୟାସ। ଏ ନେଇ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ ହୋଇଛି। ଅନ୍ତରୀଣ ଆଦେଶରେ ସର୍ବୋଚ୍ଚ ଅଦାଲତ କେତେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିବା ବେଳେ ୧୨ଟି ପ୍ରସ୍ତାବ ରଖିଛନ୍ତି। ଏହି ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ନେଇ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ପୁରୀ ଆସି ବିଭିନ୍ନ ପକ୍ଷଙ୍କଠାରୁ ମତ ସଂଗ୍ରହ କରି ଫେରି ଯାଇଛନ୍ତି। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଏବଂ ସର୍ବୋଚ୍ଚ ଅଦାଲତଙ୍କ ଚୂଡ଼ାନ୍ତ ରାୟ କ'ଣ ରହୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର। ହେଲେ ଶ୍ରୀମନ୍ଦିର ସୁରକ୍ଷା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ସହିତ ଜଡ଼ିତ ମୋବାଇଲ କଟକଣାକୁ ଭୁଲି ଯାଇଛନ୍ତି ସମସ୍ତେ। କେବଳ ଭକ୍ତଙ୍କ ପାଇଁ ଏହି କଟକଣା ବଳବତ୍ତର ରହିଥିବାବେଳେ ଏବେ ବି ଶ୍ରୀମନ୍ଦିର କର୍ମଚାରୀ, ସେବକ ଓ ପୋଲିସ ମନ୍ଦିର ଭିତରେ ବ୍ୟବହାର କରୁଛନ୍ତି ମାଲ ମାଲ ସ୍ମାର୍ଟ ଫୋନ।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର। ଏ ନେଇ ଗୋଇନ୍ଦା ବିଭାଗ ବହୁ ପୂର୍ବରୁ ରିପୋର୍ଟ ଦେଇସାରିଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରତି ଦ୍ୱାରରେ ଭକ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡାଯାଉଛି। ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିରକୁ ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଏହାସତ୍ତ୍ୱେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ ସୋସିଆଲ ମିଡିଆରେ ବୁଲିବାରୁ ଶ୍ରୀମନ୍ଦିର ପ୍ରଶାସନ ମୋବାଇଲ ଫୋନ କଟକଣାକୁ ଅଧିକ କଡାକଡି କରିଥିଲା। ଗତବର୍ଷ ସେପ୍ଟେମ୍ବର ୨୦ରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ମୁତାବକ, ଶ୍ରୀମନ୍ଦିର ସେବାୟତ ଓ କର୍ମଚାରୀ ମନ୍ଦିର ଭିତରକୁ ସ୍ମାର୍ଟ ଫୋନ ନେଇ ଯାଇପାରିବେ ନାହିଁ। କେବଳ ସାଧାରଣ ମୋବାଇଲ (କ୍ୟାମେରା ଓ ଇଣ୍ଟରନେଟ୍ ସୁବିଧା ନ ଥିବା) ଫୋନ ନେଇପିବେ। ଶ୍ରୀମନ୍ଦିର ପ୍ରଶାସନ ଏହି ସ୍ୱତନ୍ତ୍ର ମୋବାଇଲ ଯୋଗାଇଦେବା ଲାଗି ଆବଶ୍ୟକ ବ୍ୟବସ୍ଥା କରିବ। ସେବକମାନେ ଏହାକୁ କିଣି ନେବେ। ହେଲେ ଆରମ୍ଭରୁ କେତେଜଣ ସେବାୟତ ଏହାକୁ ବିରୋଧ କରିଥିଲେ। ପରେ ଏହାକୁ ନେଇ ବହୁ ବାଦବିବାଦ ଉପୁଜିଲା। ଏହା ସତ୍ତ୍ୱେ ସେବକଙ୍କୁ ସ୍ୱତନ୍ତ୍ର ମୋବାଇଲ ବିକ୍ରି ପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦୁଇଟି କାଉଣ୍ଟର ଖୋଲିଥିଲା। ହେଲେ ଗତ ଜାନୁୟାରୀ ୪ରେ ତରବରିଆ ଭାବେ ଶ୍ରୀମନ୍ଦିର ପ୍ରଶାସନର ଆଦେଶକ୍ରମେ ଏହି କାଉଣ୍ଟର ବନ୍ଦ କରି ଦିଆଗଲା। ଏହାର ରହସ୍ୟ ଏ ପର୍ଯ୍ୟନ୍ତ ଜଣାପଡି ନ ଥିବା ବେଳେ ଏବେ ବି ଶ୍ରୀମନ୍ଦିର କର୍ମଚାରୀ, ସେବକ ସ୍ମାର୍ଟ ଫୋନ ନେଇ ମନ୍ଦିର ଭିତରକୁ ଯାଉଛନ୍ତି। କିନ୍ତୁ ଏହି କଟକଣାରେ ଭକ୍ତଙ୍କୁ ଛନ୍ଦି ଦିଆଯାଇଛି। ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଧରାପଡିଲେ ୧ ହଜାର ଟଙ୍କା ଜରିମାନା ଗଣୁଛନ୍ତି ଭକ୍ତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ନିଷିଦ୍ଧ ବୋଲି ଭକ୍ତଙ୍କୁ ସଚେତନ କରିବା ଲାଗି ମନ୍ଦିର ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୂଚନା ଫଳକ ଲଗାଇଛି। ଏହା ସତ୍ତ୍ୱେ ଜାଣତରେ ହେଉ ଅବା ଅଜାଣତରେ ଭକ୍ତ ମନ୍ଦିର ଭିତରକୁ ମୋବାଇଲ ନେଇ ହଇରାଣରେ ପଡୁଛନ୍ତି।

ଶ୍ରୀମନ୍ଦିର ଆଇନ ଅନୁଯାୟୀ, ମନ୍ଦିର ଭିତରକୁ କେବଳ ୪ ଜଣ ବରିଷ୍ଠ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀ ମୋବାଇଲ ଫୋନ ନେଇପାରିବେ। ଏମାନଙ୍କ ଛଡା ଅନ୍ୟ କେହି ମୋବାଇଲ ଫୋନ ନେଲେ ଆଇନ ଅନୁଯାୟୀ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। ଯେହେତୁ ଏହା ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ତେଣୁ ଏହାକୁ କଡାକଡି ପାଳନ କରିବା ଲାଗି ଚାରିଦ୍ୱାରରେ ଯାଞ୍ଚ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ଶ୍ରୀମନ୍ଦିର ଭିତରେ ବୁଲୁଛି ମାଲ ମାଲ ମୋବାଇଲ ଫୋନ। ଯିଏ ଯେମିତି ଚାହୁଁଛି ସେମିତି ସେଲ୍‌ଫି ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ କରୁଛନ୍ତି। କେବଳ ଭକ୍ତ ନୁହନ୍ତି, ସୁରକ୍ଷା ଲାଗି ନିୟୋଜିତ ପୋଲିସ କର୍ମଚାରୀଙ୍କ ପୋଜ ଦେଇ ଉଠାଇଥିବା ଫଟୋ ବି ନିକଟ ଅତୀତରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସେହିପରି ସେବାୟତମାନେ ମଧ୍ୟ ଭିତରକୁ ସ୍ମାର୍ଟ ଫୋନ ଧରି ଯାଉଛନ୍ତି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ପ୍ରଶାସନିକ ଅଧିକାରୀ ସୁପ୍ରିମ୍‌କୋର୍ଟଙ୍କୁ ଏକାଧିକ ସୁପାରିସ କରିଛନ୍ତି। ହେଲେ କେହି ମୋବାଇଲ ଫୋନ କଟକଣାକୁ ସମସ୍ତଙ୍କ ପାଇଁ କଡାକଡି କରିବା ଲାଗି ରିପୋର୍ଟରେ ସ୍ଥାନ ନ ଦେବା ଦୁର୍ଭାଗ୍ୟଜନକ ବିଷୟ ବୋଲି କୁହାଯାଉଛି।




### ପୁରୀ ହିଂସାକୁ ନେଇ ଶଙ୍କରାଚାର୍ଯ୍ୟଙ୍କ ମତ

# ସଫଳତା ପାଇଁ ଭାବନା ଶୁଦ୍ଧ ହେବା ଦରକାର

**ପୁରୀ ଅଫିସ, ୧୦।୧୦**



ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରୁ ହିଁ ଏହାକୁ ବିରୋଧ କରାଯାଇଛି। ଧାଡ଼ି ବ୍ୟବସ୍ଥାକୁ ବିରୋଧ କରି ଗତ ୩ ତାରିଖରେ ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦ ବେଳେ ପୁରୀରେ ବ୍ୟାପକ ହିଂସାକାଣ୍ଡ ଓ ଭଙ୍ଗାରୁଜା ହୋଇଛି। ଶ୍ରୀମନ୍ଦିରକୁ ନେଇ ପୁରୀ ଧାମରେ ଘଟିଯାଇଥିବା ବିଶୃଙ୍ଖଳା ସମ୍ବନ୍ଧରେ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କ ମତ ରଖିଛନ୍ତି। ବର୍ତ୍ତମାନ ପଞ୍ଜାବର ବଟାଲାରେ ଥିବା ଶଙ୍କରାଚାର୍ଯ୍ୟ ଏ ସମ୍ପର୍କରେ ଲିଖିତ ବାର୍ତ୍ତା ପଠାଇଛନ୍ତି। ଏଥିରେ ଶଙ୍କରାଚାର୍ଯ୍ୟ ଉଲ୍ଲେଖ କରିଛନ୍ତି ଯେ, ସମ୍ପୂର୍ଣ୍ଣ ସଫଳତା ପାଇବାକୁ ହେଲେ ଭାବନା, ନୀତି ଓ ନୀତିକୁ କାର୍ଯ୍ୟକାରୀ କରିବାର ଉପାୟ ଶୁଦ୍ଧ ହେବା ଦରକାର। ନିଜ ଇଚ୍ଛାର କୌଣସି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ଚାହୁଁଥିବା ବ୍ୟକ୍ତି ବିଚାର ବୁଦ୍ଧି ସମ୍ପନ୍ନ ଏବଂ ଅନୁଶାସିତ ହୋଇଥିବା ଆବଶ୍ୟକ। ନଚେତ୍ ବିସ୍ଫୋରଣ ହୋଇଥାଏ। ସେହିପରି ଶ୍ରୀମନ୍ଦିରର ସମସ୍ତ ବ୍ୟବସ୍ଥାକୁ ଧର୍ମ ନିରପେକ୍ଷ ନିୟମରେ ପରିଚାଳିତ କରିବାର ମୋହ, ସଦ୍‌ଭାବପୂର୍ଣ୍ଣ କଥାବାର୍ତ୍ତା ମାଧ୍ୟମରେ ସୈଦ୍ଧାନ୍ତିକ ନିଷ୍ପତ୍ତି ନେବା ଓ ତାକୁ କାର୍ଯ୍ୟକାରୀ କରିବାର ଘୋର ଅଭାବ ତଥା ଜନନାୟକ ରୂପରେ ନିଜକୁ ପ୍ରତିଷ୍ଠିତ କରୁଥିବା ବ୍ୟକ୍ତି ଜନଭାବନାକୁ ସମୁଚିତ ଢଙ୍ଗରେ ଉପସ୍ଥାପିତ କରିବାର ଅକ୍ଷମତା ଏହି ବିସ୍ଫୋରଣର କାରଣ ଅଟେ ବୋଲି ଶଙ୍କରାଚାର୍ଯ୍ୟ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

**OFFICE OF THE JOINT DIRECTOR (STATISTICS)**
**SOUTHERN RANGE, BERHAMPUR**
Tel— 0680-2281893, Email: jdstatisticssr@gmail.com

**QUOTATION CALL NOTICE**

Advertisement No. 01/ 2018

**No. 13-X:-** Sealed quotations are invited from interested reputed Travel Agencies/Tour Operators or private individuals for providing one Diesel driven vehicle Bolero/ Marshal/Tata Sumo/ Mahindra Max which shall not be more than 3 years old for official use in the office of Joint Director (Statistics), Southern Range, Berhampur on monthly rent basis. The bidders are to quote rate and send their quotation so as to reach the office of the undersigned on or before 12.11.2018 by 3.00 PM by registered/Speed Post. The details of application form of quotation containing general bid information & terms and conditions for hiring of vehicle etc. can be obtain from office of the Joint Director (Statistics), Southern Range, Berhampur, At- Komapalli (Near South Co Office, Berhampur) from 10/10/2018 to 09/11/2018 on any working day during office hour or can be downloaded from the district website www. ganjam chatrapur.nic.in

*Joint Director (Statistics)*
*S.R. Berhampur*

21025/11/0003/1819

# ଚିକିତ୍ସା ନ ପାଇ ଏସ୍‌ସିବିରୁ ଫେରିଗଲେ ତିତ୍‌ଲି

**କଟକ ଅଫିସ,୧୦।୧୦**

### ଡାକ୍ତର ଆସିବା ବିଳମ୍ବ ହେବ ବୋଲି କହି ଫେରାଇ ଦେଲେ ନର୍ସ



ସମ୍ଭାବ୍ୟ ବାତ୍ୟା 'ତିତ୍‌ଲି' ପାଇଁ ସଜାଗ ରହିବାକୁ ସରକାର ସବୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥିତି ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ପ୍ରସ୍ତୁତ ଥିବା କହିଛି। ହେଲେ ବାତ୍ୟା ଆସିବା ପୂର୍ବରୁ ଏସ୍‌ସିବି ମେଡିକାଲର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସ୍ଥିତି ପଦାକୁ ଆସିଛି। ଡାକ୍ତର ଅନୁପସ୍ଥିତ ଥିବାରୁ ଚିକିତ୍ସା ନ ପାଇଁ ଫେରି ଯାଇଛନ୍ତି ତିତ୍‌ଲି। ରୋଗ ଯନ୍ତ୍ରଣାରେ ଛଟପଟ ତିତ୍‌ଲିଙ୍କ ଘର ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ। ତାଙ୍କ ଭଲ ନାଁ ହେଉଛି କାବେରୀ। ବାପା ସ୍ୱର୍ଗତ ଶରତ ଦେହୁରୀ ସ୍ନେହରେ ଡାକ ନାଁ ଦେଇଥିଲେ ତିତ୍‌ଲି। ବାତ୍ୟା 'ତିତ୍‌ଲି'ଙ୍କୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଥିବାବେଳେ ତିତ୍‌ଲି ନାମକ ଏହି ଝିଅ ଜଣକ ଚିକିତ୍ସା ପାଇଁ ଏସ୍‌ସିବିକୁ ଯିବାବେଳେ ତାଙ୍କୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଥିଲା।

ତିତ୍‌ଲିଙ୍କ ବେକସାରା ବଡ଼ ବଡ଼ ଫୋଟକା ଉପରକୁ ଉଠି ରହିଥିଲା। ବେକମୂଳରୁ ଛାତି ପର୍ଯ୍ୟନ୍ତ ଫୋଟକା ଏପରି ମାଡ଼ି ଯାଇଥିଲା ଯେ ସେ ବେକ ବୁଲାଇବା ସମ୍ଭବ ନ ଥିଲା। ବୁଧବାର ପୂର୍ବାହ୍ନ ୧୧ଟାରେ ତିତ୍‌ଲି ପ୍ରଥମେ ତାଙ୍କ ମା' କାବୀ ଦେହୁରୀ ଓ ଜଣେ ସାମାଜିକ କର୍ମୀ ବିପ୍ଳବାଦିତ୍ୟଙ୍କ ସହ କଟକ ଶିଶୁ ଭବନକୁ ଚିକିତ୍ସା ପାଇଁ ଆସିଥିଲେ। ହେଲେ ସେଠାରେ ଆଡ୍‌ମିଶନ ପାଇଁ ସମସ୍ୟା ହୋଇଥିଲା। ଯନ୍ତ୍ରଣା ବଢ଼ିବା ସହ ତିତ୍‌ଲିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଉଥିବା ଦେଖି ତାଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ହେଲେ ଡାକ୍ତର ଆସିବାକୁ ବିଳମ୍ବ ହେବ ବୋଲି ନର୍ସ କହିଥିଲେ। ଏପଟେ ବାତ୍ୟା ଓ ବର୍ଷାକୁ ନେଇ ଚିନ୍ତାରେ ପଡିଥିଲେ ମା' କାବୀ। ତେଣୁ ବାଧ ହୋଇ ଝିଅ ତିତ୍‌ଲିଙ୍କ ଧରି ଯାଜପୁର ଫେରି ଯାଇଥିଲେ। ଶେଷ ସୂଚନା ଅନୁଯାୟୀ, ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଓ ଜିଲାପାଳଙ୍କ ହସ୍ତକ୍ଷେପ ପରେ ତିତ୍‌ଲିଙ୍କୁ ଯାଜପୁର ଟାଉନ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ହୋଇଥିବା ଜଣାପଡିଛି।

# ଯୋଗରେ ସ୍ମାରକ ରନର୍ସଅପ୍



ରନର୍ସଅପ୍ ଟ୍ରଫି ଗ୍ରହଣ କରୁଛନ୍ତି ସ୍ମାରକ।

**ଭୁବନେଶ୍ୱର, ୧୦।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ମୁମ୍ବାଇରେ ଗତ ୭ ତାରିଖରେ ଅନୁଷ୍ଠିତ ହୋଇଥିବା ଜାତୀୟ ଯୋଗ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି କଟକର ସ୍ମାରକ ଦେ ପ୍ରଥମ ରନର୍ସଅପ୍ ଟାଇଟଲ ହାସଲ କରିଛନ୍ତି। ଫଳରେ ସେ ଚାଇନାରେ ଡିସେମ୍ବର ୧ ଓ ୨ ତାରିଖରେ ଆୟୋଜନ ହେବାକୁ ଥିବା ବିଶ୍ୱ ଯୋଗ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ସ୍ମାରକ ଏକମାତ୍ର ଓଡ଼ିଆ ଭାବେ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ସବୁ ଦେଶର ସବୁ ରାଜ୍ୟରୁ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ମାରକ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ଏକମାତ୍ର ଓଡ଼ିଆ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଯୋଗଦେବାକୁ ଯୋଗ୍ୟତା ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଏକାଧିକ ବଲିଉଡ କଳାକାର ଯୋଗଦେଇଥିଲେ। ସ୍ମାରକ ବଲିଉଡ କଳାକାର ପୂଜା ଭଟ୍ଟ ଓ ଅତୁଲ ଅଗ୍ନିହୋତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ଭଡ଼ାରେ ମିଳିବ ସାଇକେଲ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ସହରବାସୀ ଏବଂ ପର୍ଯ୍ୟଟକଙ୍କୁ ଭଡାରେ ମିଳିବ ସାଇକେଲ। ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍) ଏହି ବ୍ୟବସ୍ଥା କରିଛି। ହକି ବିଶ୍ୱକପ୍ ପୂର୍ବରୁ ସହରରେ ୧୫୦୦ ସାଇକେଲ ଚଳାଚଳ ପାଇଁ ବିଏସ୍‌ସିଏଲ୍ ବୁଧବାର ଚୁକ୍ତି ସ୍ୱାକ୍ଷର କରିଛି। ହେକଷି କମ୍ପାନୀ ୧୦୦୦ ସାଇକେଲ ଚଳାଚଳ ପାଇଁ ବିଏସ୍‌ସିଏଲ୍ ସହିତ ଅନୁବନ୍ଧିତ କରିଥିବାବେଳେ ୟାନ ବାଇକ କମ୍ପାନୀ ୫୦୦ ସାଇକେଲ ଚଳାଚଳ ପାଇଁ ଚୁକ୍ତି କରିଛି। ଏହି ଦୁଇ କମ୍ପାନୀ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ସାଇକେଲ ତିଆରି କରିଛନ୍ତି। ସାଇକେଲଗୁଡିକୁ ସମସ୍ତ ବର୍ଗର ଲୋକ ଚଳାଇ ପାରିବେ।

ସାଇକେଲରେ ଜିପିଏସ୍ ବ୍ୟବସ୍ଥା ରହିବ, ଯାହାଦ୍ୱାରା ସାଇକେଲର ଗତିବିଧି ଏବଂ ଅବସ୍ଥିତି ବିଷୟରେ ସୂଚନା ମିଳିପାରିବ। ମୋବାଇଲ ଆପ ଦ୍ୱାରା ଏହି ସୁବିଧା ପାଇବା ଲାଗି ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା କରାଯାଇ ପାରିବ। କ୍ୟାପିଟାଲ ରିଜୟନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ଏବଂ ବିଏସ୍‌ସିଏଲ୍ ଏହି ସାଇକେଲ ବ୍ୟବସ୍ଥା ପରିଚାଳନା କରିବେ। ସିଆରୟୁଟି ଦ୍ୱାରା ହେବାକୁ ଥିବା ବସ୍ କ୍ୟୁ ସେଲଟର(ବିକ୍ୟୁଏସ୍)ରେ ଏହି ଅତ୍ୟାଧୁନିକ ସାଇକେଲ ପାଇଁ ଜାଗା ରହିବ।

ସାଇକେଲରେ ସ୍ମାର୍ଟ ତାଲା ଲଗାଯିବ, ଯାହାକୁ ମୋବାଇଲ ଆପ୍ ଦ୍ୱାରା ଖୋଲାଯାଇ ପାରିବ। ସାଇକେଲ ପାଇବା ପାଇଁ ପ୍ରଥମେ ପିବିଏସ୍ ମେମ୍ବର ହେବାକୁ ପଡିବ। ପିବିଏସ୍ ମେମ୍ବରମାନେ ପ୍ରଥମେ ୩୦ ମିନିଟ ବିନା ଦେୟରେ ସାଇକେଲ ଚଳାଇ ପାରିବେ। ମେମ୍ବର ହୋଇ ନ ଥିବା ବ୍ୟକ୍ତି ପ୍ରଥମେ ସାଇକେଲ ଚଳାଇବା ପାଇଁ ଦେୟ ଦେବାକୁ ପଡିବ। ଅଧଘଣ୍ଟା ପରେ ସେ ମେମ୍ବର ହୋଇଗଲେ ପରେ ୩୦ ମିନିଟ ପାଇଁ ମାଗଣାରେ ସାଇକେଲ ଚଳାଇବା ପାଇଁ ସୁବିଧା ପାଇବେ। ପରେ ପିବିଏସ୍ ମେମ୍ବର ହୋଇଥିବା ସାଇକେଲ ବ୍ୟବହାରକାରୀ ଦେୟ ପଇଠ କରି ସାଇକେଲ ଚଳାଇବା ପାଇଁ ନେବେ ବୋଲି ବିଏସ୍‌ସିଏଲ୍ ପକ୍ଷରୁ ସୂଚନା ମିଳିଛି।

**ଆଲ୍ଲାହାବାଦ ବ୍ୟାଙ୍କ**
**କିଟ୍ ଶାଖା**
କୋଏଲ କ୍ୟାମ୍ପସ୍, କିଟ୍, ପଟିଆ, ଭୁବନେଶ୍ୱର - ୭୫୧୦୨୪

**ଦଖଲ ନୋଟିସ୍**
[ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି । ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, କିଟ୍ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ରମାରାଣୀ ଡେକର ଟାଇଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜିତ୍ ଜେନା,** ପିତା: ଶ୍ରୀ କାହ୍ନୁ ଚରଣ ଜେନା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ କାହ୍ନୁ ଚରଣ ଜେନା, ୨) ଶ୍ରୀ ରାକେଶ ଜେନା,** ପିତା: ଶ୍ରୀ କାହ୍ନୁ ଚରଣ ଜେନା, ସମସ୍ତଙ୍କ ଠିକଣା: ଗ୍ରାମ/ପୋ: ରାଏପୁର, ଭାୟା: ଫୁଲନଖରା, ଜିଲ୍ଲା: କଟକ-୭୫୪୦୦୧ | ଟ.୧୯,୯୦,୦୨୨/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୦୭.୨୦୧୮ / ୦୫.୧୦.୨୦୧୮ | **ଶ୍ରୀ କାହ୍ନୁ ଚରଣ ଜେନାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାଏପୁର, ଖାତା ନଂ.: ୧୭୧/୫୯, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୦୪୦ଡିସିମିଲି, ଥାନା ନଂ.: ୧୮୦, ଥାନା: କଟକ ସଦର, ତହସିଲ: ବାରଙ୍ଗ, ଡିଏସ୍‌ଆର୍‌ଓ: କଟକ, ଜିଲ୍ଲା: କଟକ, ପ୍ରକାର: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରାସ୍ତା, ପଶ୍ଚିମ: ମେନେକା ଓରଫ ମିନା କୁମାରୀ ଦାସ |
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଗଣେଶ (କେ) ମାନୁଫାକ୍‌ଚରିଂ କୋଃ., ଅଂଶୀଦାରମାନେ: ୧) ଶ୍ରୀ ନିରାପଦ କର୍ମକାର (ପରିଚାଳନା ଅଂଶୀଦାର ଏବଂ ଗ୍ୟାରେଣ୍ଟିଦାତା),** ପିତା: ଶ୍ରୀ ଯୁଗଳ ଚନ୍ଦ୍ର କର୍ମକାର, ପ୍ଲଟ୍ ନଂ.: ୨୧୦୨/୫୦୮୪, ମହାଦେବ ନଗର, ଝାରପଡା, ଥାନା: ଲକ୍ଷ୍ମୀ ସାଗର, ଭୁବନେଶ୍ୱର-୭୫୧୦୦୬, **ବର୍ତ୍ତମାନ ଠିକଣା:** ସାହେବଜାଦେ ବଜାର, ପେନ୍‌ସନ୍ ଲେନ୍, ଚାନ୍ଦିନୀ ଚୌକ, କଟକ-୭୫୩୦୦୨, **୨) ଶ୍ରୀ ସଞ୍ଜୟ ସ୍ୱାଇଁ (ଗ୍ୟାରେଣ୍ଟିଦାତା),** ପିତା: ଭାଗିରଥି ସ୍ୱାଇଁ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ କୁନ୍ତଳା କୁମାରୀ ସ୍ୱାଇଁ,** ସ୍ୱାମୀ: ଭାଗିରଥି ସ୍ୱାଇଁ, **ଉଭୟଙ୍କ ବର୍ତ୍ତମାନ ଠିକଣା:** ପ୍ଲଟ୍ ନଂ.: ୩୫୧/୨୯୭୩, ଗ୍ରାମ: ସୁନ୍ଦରପଦା, ପୋ.: ଭୀମଟାଙ୍ଗୀ, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୨ | ଟ.୭୯,୧୨,୫୬୮/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୦୭.୨୦୧୮ / ୦୫.୧୦.୨୦୧୮ | **ଶ୍ରୀମତୀ କୁନ୍ତଳା କୁମାରୀ ସ୍ୱାଇଁ,** ସ୍ୱାମୀ: ଭାଗିରଥି ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଏବରଙ୍ଗ, ଥାନା ନଂ.: ୬୧, ଥାନା: ଲିଙ୍ଗରାଜ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୪୫/୧୦୬୪, ପ୍ଲଟ୍ ନଂ.: ୩୫୧/୨୯୭୩, କ୍ଷେତ୍ର: ଏକର୦.୧୩୩ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ସତ୍ୟବାଦୀ ଚମ୍ପତି, ପୂର୍ବ: ଚରଣ ଓଝା, ପଶ୍ଚିମ: କେଳୁ ନନ୍ଦ |
| **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନ୍ମଥ ମହାନ୍ତି,** ପିତା: ଶ୍ରୀ ନବ କିଶୋର ମହାନ୍ତି / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଦୀପିକା ମହାନ୍ତି,** ସ୍ୱାମୀ: ଶ୍ରୀ ମନ୍ମଥ ମହାନ୍ତି, ଉଭୟଙ୍କ ଠିକଣା ପ୍ଲଟ୍ ନଂ.: ୮୩/୧୯୪୬, ସୈନିକ ନଗର, କେଶୁରା, ପୋ.: ବାଙ୍କୁଆଳ, ଥାନା: ସହୀଦ ନଗର, ଗ୍ରୀଡ୍ ସବ୍‌ଷ୍ଟେସନ୍ ସମ୍ମୁଖ, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା | ଟ.୧,୩୭,୪୦,୨୯୦/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୦୭.୨୦୧୮ / ୦୮.୧୦.୨୦୧୮ | **୧) ଶ୍ରୀ ମନ୍ମଥ ମହାନ୍ତିଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍‌ଓ: ଭୁବନେଶ୍ୱର, ଥାନା: ସହୀଦ ନଗର, ଥାନା ନଂ.: ୭୯, ମୌଜା: କେଶୁରା, ପ୍ଲଟ୍ ନଂ.: ୧୧୦୯, ଅନୁରୂପ ଖାତା ନଂ.: ୫୧୪/୩୪୬, କ୍ଷେତ୍ର: ଏକର୦.୭୦୯ଡିସିମିଲିରୁ ଏକର୦.୧୩୫ଡିସିମିଲି, ପ୍ରକାର: ସ୍ଥିତିବାନ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା ଏବଂ ସମୀର କୁମାର ଜେନା, ଦକ୍ଷିଣ: କେନାଲ, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୧୧୦୮/୧୨୭୦, ପଶ୍ଚିମ: ବିଜ୍ଞାନ ବେହେରା ଏବଂ ରେଭିନ୍ୟୁ ପ୍ଲଟ୍ ନଂ.: ୧୨୭୪, **୨) ଶ୍ରୀ ମନ୍ମଥ ମହାନ୍ତିଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍‌ଓ: ଭୁବନେଶ୍ୱର, ଥାନା: ସହୀଦ ନଗର, ଥାନା ନଂ.: ୭୯, ମୌଜା: କେଶୁରା, ପ୍ଲଟ୍ ନଂ.: ୬୦୩/୧୫୩୫, ଅନୁରୂପ ଖାତା ନଂ.: ୫୧୪/୮୧୬, କ୍ଷେତ୍ର: ଏକର୦.୦୭୨ଡିସିମିଲିରୁ ଏକର୦.୦୩୬ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ସସ୍ମିତା ସେଠୀ, ପଶ୍ଚିମ: ସବ୍ ପ୍ଲଟ୍: ଏ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୦.୨୦୧୮** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

**Bhubaneswar Smart City Limited**
Block-1, II Floor, BMC- Bhawani Mall, Bhubaneswar-751007

No. 5240 Date: 10.10.2018

**1st Corrigendum to Tender Call Notice vide bid Identification No. 4695/BSCL/ 149/2018, dated 17.09.2018**

**No. 302-C:-** With reference to the Notice Inviting Request for Proposal (RFP) No. 4695/ BSCL/149/2018, dated 17.09.2018 towards Consultancy services for Supervision of all types of Building Projects of Bhubaneswar Smart City Limited the revised schedule of Bidding Process is as follows:

| | | |
|---|---|---|
| 1. | Last date and time for receipt of proposals | 29.10.2018 upto 5.00PM |
| 2. | Last date of receipt of original documents of financial instruments & cover-iii | 30.10.2018 upto 5.00PM |
| 3. | Time and date of opening of technical proposals | 01.11.2018 at 11.30AM |

The revised amended Notice inviting tender along with other documents has published in the e-Procurement portal website http://tendersorissa.gov.in

*Sd./- Chief Executive Officer*
*Bhubaneswar Smart City Limited*

13070/11/0032/1819

**Odisha State Health & Family Welfare Society,**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha), Phone/Fax: 0674- 2392480/79**

**Adv. No.: 44/18** **CONTRACTUAL APPOINTMENT** **Date: 11/10.2018**

**No.483-E:-** Applications are invited from eligible candidates for filling up the following posts under National Health Mission, Odisha on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The positions are purely temporary and co-terminus with the scheme.

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | Accounts Officer (Junior) | Rs. 41,454/-+ PI |
| 02 | Assistant Manager- ASHA | Rs. 31,201/-+ PI |
| 03 | Assistant Manager- GKS & Health System Strengthening | Rs. 31,201/-+ PI |
| 04 | City Accounts Manager, NUHM | Rs. 31,201/-+ PI |
| 05 | Nurse Trainer | Rs. 29,715/-+ PI |
| 06 | PPM Coordinator, RNTCP | Rs.48,510/-+ PI |
| 07 | ACSM Officer, RNTCP | Rs. 31,311/-+ PI |

Interested candidates can log on to www.nrhmorissa.gov.in for details of vacancy, eligibility criteria, age, selection procedure etc. Online application form will be available from 12.10.2018 to 22.10.2018 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 31.10.2018 (by 5.00 P.M.).

**Sd./- Mission Director, NHM**
**Member Secretary, OSH&FWS, Odisha**

10084/11/0060/1819



> ଯେଉଁ ନାବିକ କେଉଁ ବନ୍ଦରକୁ ଯାଉଛି ନିଜେ ଜାଣେ ନାହିଁ, ତା' ପକ୍ଷରେ କୌଣସି ବାୟୁ ଅନୁକୂଳ ନୁହେଁ।
> - ସେନେକା



# ବେଳାଭୂମିରେ ଲାଗିଲା ରେଡ୍ ଫ୍ଲାଗ

- ସମୁଦ୍ରରେ ଅସୁଛି ଉଚ୍ଚ ଲହଡ଼ି
- ସ୍ଥାନାନ୍ତର ଆରମ୍ଭ କଲା ପ୍ରଶାସନ
- ପ୍ରତି ବ୍ଲକ ପାଇଁ ନୋଡାଲ ଅଫିସର ନିଯୁକ୍ତ
- ଖୋଲିଛି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ପୁରୀ ଅଫିସ,୧୦।୧୦**

ସମ୍ଭାବ୍ୟ ବାତ୍ୟାକୁ ନେଇ ଭୟଭୀତ ପୁରୀ ଉପକୂଳବାସୀ। ବାତ୍ୟା ତିତ୍ଲି ଯେତେ ସ୍ଥଳଭାଗ ଆଡ଼କୁ ମୁହାଁଉଛି ତାହା ଅଧିକ ଭୟଙ୍କର ରୂପ ଧାରଣ କରୁଥିବାରୁ ଲୋକେ ଛାନିଆଁ ହୋଇପଡିଛନ୍ତି। ୧୯୯୯ ମହାବାତ୍ୟା, ଫାଇଲିନ୍ ଏବଂ ହୁଡ୍‌ହୁଡ୍‌କୁ ଦେଖିଥିବା ପୁରୀବାସିନ୍ଦା ଏବେ ତିତ୍ଲିକୁ ନେଇ ଆଶଙ୍କାରେ ରହିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ଲାଗି ନିଜକୁ ପ୍ରସ୍ତୁତ କରିଛି ଜିଲା ପ୍ରଶାସନ। ରାଜ୍ୟ ସରକାରଙ୍କ ଜିରୋ କାଜୁଆଲିଟି ଅର୍ଥାତ୍ ବାତ୍ୟାରେ ଜଣେ କେହି ହେଲେ ବି ମୃତାହତ ନ ହୁଅନ୍ତୁ ତାହାକୁ ଆଖି ଆଗରେ ରଖି ସଜାଗ ରହିଛି। ପୁରୀ ଓ ଅସ୍ତରଙ୍ଗରେ ଏନ୍‌ଡିଆରଏଫ୍ ଟିମ୍ ସଜାଗ ରହିଥିବା ବେଳେ କୃଷ୍ଣପ୍ରସାଦ ବ୍ଲକରେ ଓଡ୍ରାଫ ଟିମ୍ ରହିଛନ୍ତି।

ମଙ୍ଗଳବାରଠାରୁ ପାଗ ମେଘୁଆ ରହିଥିଲା। ରାତିରୁ ବର୍ଷା ଆରମ୍ଭ ହୋଇଥିଲା। ବୁଧବାର ସକାଳୁ କୋହଲା ପବନ ସାଙ୍ଗକୁ ମଧ୍ୟମ ଧରଣର ବର୍ଷା ଜାରି ରହିଛି। ମଙ୍ଗଳବାର ସକାଳ ୮ଟାଠାରୁ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ଅର୍ଥାତ୍ ୨୪ ଘଣ୍ଟାରେ ପୁରୀ ସହରରେ ୧୪ ମିଲିମିଟର ବର୍ଷା ହୋଇଛି। ଏହି ସମୟ ମଧ୍ୟରେ କାକଟପୁରରେ ସର୍ବାଧିକ ୩୮ ମିଲିମିଟର, ଅସ୍ତରଙ୍ଗରେ ୩୦, ଗୋପ ୨୫, ସତ୍ୟବାଦୀ ୨୨, ବ୍ରହ୍ମଗିରି ୬, ପିପିଲି ୮, ନିମାପଡ଼ାରେ ୩ ମିଲିମିଟର ବର୍ଷା ହୋଇଛି। କଣାସ, ଡେଲାଙ୍ଗ ଓ କୃଷ୍ଣପ୍ରସାଦରେ ଆଦୌ ବର୍ଷା ହୋଇନାହିଁ।

ଅନ୍ୟପକ୍ଷରେ ଲଘୁଚାପ ଓ ବାତ୍ୟାର ପ୍ରକୋପରେ ପୁରୀ ସମୁଦ୍ର ଉଗ୍ର ହେବାରେ ଲାଗିଛି। ଅତି ଉଚ୍ଚରେ ଲହଡ଼ି ଆସି କୂଳରେ ବାଡେଇ ହେଉଛି। ପ୍ରତି ୭ ସେକେଣ୍ଡରେ ଦେଢ ମିଟରରୁ ୨ ମିଟର ଉଚ୍ଚରେ ଜୁଆର ଆସୁଛି। ତିତ୍ଲି ସ୍ଥଳଭାଗକୁ ଛୁଇଁବା ବେଳେ ଏହା ବୃଦ୍ଧି ପାଇ ୪ରୁ ୫ ମିଟର ହେବ ବୋଲି କୁହାଯାଉଛି। ଅର୍ଥାତ୍ ସମୁଦ୍ର କୂଳ ଲଂଘିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ର ସ୍ନାନକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇ ବେଳାଭୂମିରେ ରେଡ୍ ଫ୍ଲାଗ (ନାଲି ପତାକା) ଲଗାଯାଇଛି। ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ପେଣ୍ଟକଟା ଏବଂ ଚନ୍ଦ୍ରଭାଗାର ମତ୍ସ୍ୟଜୀବୀ ରହୁଥିବା ଅଞ୍ଚଳରେ ସମୁଦ୍ର ଭିତରକୁ ନ ଯିବା ଲାଗି ମାଇକ୍ ଜରିଆରେ ସଚେତନ କରାଯାଉଛି। ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପ୍ରମୁଖ ପ୍ରଶାସନିକ ଅଧିକାରୀ ବେଳାଭୂମିରେ ବୁଲି ପର୍ଯ୍ୟଟକଙ୍କୁ ସମୁଦ୍ରରେ ନ ଗାଧୋଇବା ପାଇଁ କହିଥିବା ଦେଖିବାକୁ ମିଳିଛି। ଅସ୍ତରଙ୍ଗ ଉପକୂଳ ସମୁଦ୍ର ବୁଧବାର ମଧ୍ୟାହ୍ନରୁ ଅଶାନ୍ତ ହୋଇପଡିଛି। ବଡ଼ ବଡ଼ ଜୁଆର ଆସି ବେଳାଭୂମିରେ ମାଡ଼ ହେଉଛି। ଜାହାନିଆଁ, ନୂଆଗଡ଼, ଡାଲୁଅକଣି, କେଉଟଜଙ୍ଗା ପ୍ରଭୃତି ସ୍ଥାନରେ ସମୁଦ୍ରରେ ଉଚ୍ଚ ଲହଡ଼ି ଆସୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେହିପରି ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳ ଅରଖକୁଦା, ସାନପାଟଣା, ଗବକୁଣ୍ଡ, ମିର୍ଜାପୁର, ବ୍ରହ୍ମଗିରିର ମୋଟ ପ୍ରଭୃତି ଗ୍ରାମ ପ୍ରତି ବିପଦ ଦେଖାଦେଇଛି। ମଙ୍ଗଳବାର ଅମାବାସ୍ୟା ଯୋଗୁ ଚିଲିକା ପାଣି ଅରଖକୁଦାରେ ପଶି ଛାଡିଥିଲେ ମଧ୍ୟ ସମ୍ଭାବ୍ୟ ବାତ୍ୟାକୁ ନେଇ ଏହି ଅଞ୍ଚଳବାସୀ ପୁଣି ଭୟଭୀତ ହୋଇପଡିଛନ୍ତି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୧୧ ଓ ୧୨ ତାରିଖ ଦୁଇଦିନ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି। ଗୁରୁବାର ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ବାତିଲ କରାଯାଇଛି। ଜିଲାସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏହି କଣ୍ଟ୍ରୋଲରୁମ୍ ଦାୟିତ୍ୱରେ ଶିଫ୍ଟ ଅନୁଯାୟୀ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ବ୍ଲକସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିଛି। ପ୍ରତି ବ୍ଲକରେ ଚୁଡ଼ା, ଚିନି ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବା ଲାଗି ଜିଲା ଯୋଗାଣ ବିଭାଗକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲାରେ ଥିବା ୧୮୨ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି। ଏହାସହିତ ଆବଶ୍ୟକ ପଡିଲେ ସ୍କୁଲଗୁଡ଼ିକରେ ଲୋକଙ୍କୁ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ସମୁଦ୍ର ଏବଂ ଚିଲିକା କୂଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ଜିଲାର ଉପକୂଳିଆ ୬ଟି ବ୍ଲକ ବ୍ରହ୍ମଗିରି, କୃଷ୍ଣପ୍ରସାଦ, କାକଟପୁର, ଅସ୍ତରଙ୍ଗ, ପୁରୀ ସଦର ଓ ଗୋପକୁ ଫୋକସରେ ରଖିଛି ପ୍ରଶାସନ। ପ୍ରତି ବ୍ଲକ ପାଇଁ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି।



# 'ତିତ୍ଲି' ଭୟ



ଅଶାନ୍ତ ହୋଇ ପଡ଼ିଥିବା ପୁରୀ ସମୁଦ୍ର।

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ବେଳକୁ ବେଳ ଭୟଙ୍କର ରୂପନେଇ ତିତ୍ଲି ସ୍ଥଳଭାଗ ଆଡ଼କୁ ମାଡ଼ି ଆସୁଥିବା ବେଳେ ଗୁରୁବାର ସକାଳେ ଏହା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲା ଉପରେ ବାତ୍ୟା ବିଶେଷ ଭାବେ ପ୍ରଭାବ ପକାଇବ। ଖୋର୍ଦ୍ଧା ଜିଲା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେବ। ଭୁବନେଶ୍ୱରରେ ତିତ୍ଲିର ପ୍ରଭାବକୁ ଦୃଷ୍ଟିରେ ରଖି ସହରରେ ଅରେଞ୍ଜ ସିଗ୍‌ନାଲ ଦିଆଯାଇଛି। ଲୋକେ ସତର୍କ ରହିବାକୁ କୁହାଯିବା ପରେ ସହରରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଫାଇଲିନ୍, ହୁଡ୍‌ହୁଡ୍ ବାତ୍ୟାକୁ ଅଙ୍ଗେ ନିଭାଇଥିବା ରାଜଧାନୀବାସୀ ତିତ୍ଲି ଆସିବା ପୂର୍ବରୁ ନିଜକୁ ସଜାଗ କରିନେଇଛନ୍ତି। ବାତ୍ୟାର ସମ୍ଭାବନାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ସୁରକ୍ଷିତ ରହିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେଇଛନ୍ତି।

## ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ

ଗୁରୁବାର ସକାଳେ ବାତ୍ୟା ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଏହାର ଗୋଟିଏ ଦିନ ପୂର୍ବରୁ ରାଜଧାନର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ବାଣୀବିହାର, ଆଚାର୍ଯ୍ୟବିହାର, ଚନ୍ଦ୍ରଶେଖରପୁର, ବରମୁଣ୍ଡା, ସିଆର୍‌ପି, ଗଙ୍ଗନଗର, ମଞ୍ଚେଶ୍ୱର ସମେତ ସହରର ପ୍ରମୁଖ ଅଞ୍ଚଳରେ ଘନ ଘନ ବିଜୁଳି କାଟ୍ କରାଯାଉଛି। ସାମାନ୍ୟ ପବନ କିମ୍ବା ବର୍ଷା ହେବ। ମାତ୍ରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଛି। ସେହିଭଳି ସହରର ଯେଉଁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ଦୁର୍ବଳ ହୋଇପଡ଼ିଥିଲା, ଯୁଦ୍ଧକାଳୀନ ଭିତ୍ତିରେ ଗତ ୨୪ଘଣ୍ଟା ମଧ୍ୟରେ ତାହାର ମରାମତି କରାଯାଇଛି। ଏ ନେଇ ସେସୁର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବାତ୍ୟା ଆସିବା ପୂର୍ବରୁ ଆମେ ସଜାଗ ରହିଛୁ। ପବନର ବେଗ ଅଧିକ ହେବା ମାତ୍ରେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ କର୍ମଚାରୀମାନଙ୍କୁ କୁହାଯାଇଛି। କ୍ୟାପିଟାଲ ହସ୍ପିଟାଲରେ କିଛି ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାଘାତ ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ତାହାର ମରାମତି କରାଯାଇଛି।

### ସବୁଆଡ଼େ ଖାଁ ଖାଁ

ବାତ୍ୟା ଆସିବା ପୂର୍ବରୁ ସହର, ବଜାର ସବୁଆଡ଼ ଖାଁ ଖାଁ ହୋଇଯାଇଛି। ଅଧିକାଂଶ ବେସରକାରୀ ଅଫିସ ମଧ୍ୟ ବନ୍ଦ ରହିଛି। ସେହିଭଳି ସ୍କୁଲ, କଲେଜ ବନ୍ଦ ଥିବାରୁ ରାସ୍ତାଘାଟ ସମ୍ପୂର୍ଣ୍ଣ ଶୂନ୍‌ଶାନ ହୋଇପଡ଼ିଛି। ବୁଧବାର ଦିନସାରା ଡୁହାକୁ ଡୁହା ବର୍ଷା ଲାଗିରହିଥିବା ବେଳେ ଲୋକେ ଘରୁ ବାହାରିବାକୁ ଉଚିତ ମଣୁନାହାନ୍ତି। କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ ସହରର ବିଭିନ୍ନ ସ୍ଥାନରେ ଥିବା ସୁପରମାର୍କେଟ୍ ଏବଂ ମଲ୍‌ରେ ଲୋକେ ଭିଡ଼ ଲଗାଇଥିଲେ। ଏପଟେ ଓଡ଼ିଶାକୁ ଆସିବାକୁ ଥିବା ପର୍ଯ୍ୟଟକ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନିଜ ନିଜ ଟୁର୍ ବାତିଲ୍ କରିଦେଇଛନ୍ତି। ଅକ୍ଟୋବର ମାସ ଶେଷ ଯାଏ ଜୋରଦାର୍ ବୁକିଂ ରହିଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟକ ଶେଷ ମୁହୂର୍ତ୍ତରେ ଗସ୍ତ ବାତିଲ୍ କରିଛନ୍ତି। ସେହିଭଳି ଟୁର୍ ଅପରେଟର ସଂସ୍ଥାଗୁଡ଼ିକ ବି ଏହି ସମୟରେ ଓଡ଼ିଶା ନ ଆସିବାକୁ ପର୍ଯ୍ୟଟକଙ୍କୁ ସତର୍କ କରିଦେଇଛନ୍ତି।



## ଫିକାପଡ଼ିବ ନବରାତ୍ରୀ, ଭୟରେ ପୂଜାମଣ୍ଡପ

ଚଳିତବର୍ଷ ବୁଧବାରଠାରୁ ନବରାତ୍ରୀ ଉତ୍ସବ ଆରମ୍ଭ ହୋଇଥିବା ବେଳେ ତିତ୍ଲି ଏହାକୁ ସମ୍ପୂର୍ଣ୍ଣ ଫିକା କରିଦେଇଛି। ଗୁଜରାଟୀ ସମାଜ ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନବରାତ୍ରୀକୁ ମହାଆଡ଼ମ୍ବରରେ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ବାତ୍ୟା ସବୁଥିରେ ପାଣି ମିଶାଇଦେଇଛି। ବୁଧବାରଠାରୁ ଅର୍ଥାତ୍ ନବରାତ୍ରୀର ପ୍ରଥମଦିନରୁ ମା'ଙ୍କୁ ଭିନ୍ନ ଭିନ୍ନ ବେଶରେ ପୂଜା କରିବାର ବିଧି ରହିଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନମାନ କରାଯାଇଥିଲା। ପୂଜାର ମୁଖ୍ୟ ଆକର୍ଷଣ ଦାଣ୍ଡିଆ ରାସ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଦାଣ୍ଡିଆ ଖେଳ ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ବଡ଼ ବଡ଼ ଖୋଲା ପଡ଼ିଆଗୁଡ଼ିକରେ ଦାଣ୍ଡିଆ ଉତ୍ସବର ଆୟୋଜନ କରାଯାଇଥିଲା। ହେଲେ ବାତ୍ୟା ଯୋଗୁ ସେ ସବୁକୁ ଏବେ ବାତିଲ୍ କରାଯାଇଛି। ଏହାବ୍ୟତୀତ ପୂଜାମଣ୍ଡପଗୁଡ଼ିକ ମଧ୍ୟ ଭୟରେ ରହିଛନ୍ତି। ତୋରଣ ନିର୍ମାଣ କାର୍ଯ୍ୟ ଶେଷ ହୋଇଯାଇଥିବାରୁ ବାତ୍ୟାରେ ତାହା ଭାଙ୍ଗିଯିବାର ଅଧିକ ସମ୍ଭାବନା ରହିଛି। ତେଣୁ ତୋରଣକୁ ମଜଭୁତ୍ କରିବାକୁ ଶେଷ ମୁହୂର୍ତ୍ତରେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଉଛି। ଅଧିକାଂଶ ସ୍ଥାନରେ ମୁଖ୍ୟ ଷ୍ଟ୍ରକ୍‌ଚର ସହ ତୋରଣକୁ ବାନ୍ଧି ରଖିବାକୁ ପ୍ରୟାସ କରାଯାଉଥିବା ଦେଖିବାକୁ ମିଳିଛି।

### ଏବେଠୁ ଦଶହରା ଛୁଟିରେ ଗଲେ ପିଲା

ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ, କଲେଜକୁ ଗୁରୁବାର ଓ ଶୁକ୍ରବାର ଛୁଟି ଘୋଷଣା କରିଛନ୍ତି। ଏଥିପାଇଁ ବୁଧବାରଠାରୁ ଛାତ୍ରୀଛାତ୍ରଙ୍କ ଦଶହରା ଛୁଟି ଆରମ୍ଭ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ର ବୁଧବାର ସକାଳୁ ହଷ୍ଟେଲ ଛାଡୁଥିବା ଦେଖିବାକୁ ମିଳିଥିଲା। ୧୪ତାରିଖଠାରୁ ବିଧିବଦ୍ଧ ଭାବେ ଦଶହରା ଛୁଟି ହେବାକୁ ଥିବା ବେଳେ ଏହାର ୪ଦିନ ପୂର୍ବରୁ ପିଲାମାନେ ଘରକୁ ଚାଲିଯାଇଛନ୍ତି। ଯେଉଁ କେତେଜଣ ପିଲା ଛାତ୍ର ସଂସଦ ନିର୍ବାଚନ ଲାଗି ଅପେକ୍ଷା କରିଥିଲେ, ବାତ୍ୟା ପାଇଁ ରାଜ୍ୟ ସରକାର ନିର୍ବାଚନ ବାତିଲ ଘୋଷଣା ପରେ ସେମାନେ ମଧ କ୍ୟାମ୍ପସ୍ ଛାଡ଼ିଦେଇଛନ୍ତି।

# ବିଏମ୍‌ସିର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

'ତିତଲି'ର ସାମ୍ନା କରିବା ସହିତ ପ୍ରବଳ ବର୍ଷା ଯୋଗୁ ସୃଷ୍ଟି ହେବାକୁ ଥିବା ଜଳବନ୍ଦୀ ସମସ୍ୟାରୁ ସହରବାସୀଙ୍କୁ ମୁକ୍ତ କରିବା ପାଇଁ ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଲୋକମାନଙ୍କୁ ଅଭିଯୋଗ ଜଣାଇବା ଲାଗି ବିଏମ୍‌ସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। କୌଣସି ବ୍ୟକ୍ତି ସମସ୍ୟାରେ ପଡିଲେ ଭୁବନେଶ୍ୱର ଅପରେଶନ ସେଣ୍ଟର(ବିଓସି) ନଂ.୧୮୦୦-୩୪୫-୦୦୬୧ ଏବଂ ବାତ୍ୟା କଣ୍ଟ୍ରୋଲ ରୁମ୍ ନଂ. ୦୬୭୪-୨୪୩୨୨୮୧କୁ ଫୋନ କରିବାକୁ କୁହାଯାଇଛି। ଏହି କଣ୍ଟ୍ରୋଲ ରୁମରେ ବିଏମ୍‌ସି, ବିଡିଏ, ଅଗ୍ନିଶମ, ପୋଲିସ୍, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ କର୍ମଚାରୀ ଏବଂ ବିଦ୍ୟୁତ୍ ବିଭାଗର ଜଣେ ଲେଖାଏ କର୍ମଚାରୀ ରହିଛନ୍ତି। ବୁଧବାର ବିଓସି କଣ୍ଟ୍ରୋଲ ରୁମ୍‌କୁ ୫ ଏବଂ ବାତ୍ୟା କଣ୍ଟ୍ରୋଲ ରୁମକୁ ୪ଟି ଅଭିଯୋଗ ଆସିଛି। ଅଭିଯୋଗ ପାଇବା ପରେ କର୍ମଚାରୀମାନେ ପହଞ୍ଚି ତାହାର ସମାଧାନ କରିଥିବା ବିଏମ୍‌ସି କହିଛି। ବର୍ଷା ସମୟରେ ଅତ୍ୟଧିକ ପାଣି ଜମିରହୁଥିବା ଗୌରୀଗାର୍ଡେନ, ରତନ ଭିଲ୍ଲା, ଅହଲ୍ୟାନଗର, ଜଗମୋହନ ନଗର, ପରିଜା କଲୋନୀ, ନୟାପଲ୍ଲୀ ବେହେରାସାହି, ମଞ୍ଚେଶ୍ୱର, ପାଇକନଗର, ହଂସପାଳ, ଅଡେଇକଳା, ପାହାଳ, ଭୋଇସାହି, ଗାୟତ୍ରୀନଗର ଏବଂ ମଲ୍ଲିକ କମ୍ପେକ୍ସରେ ବିଏମ୍‌ସି ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ନିଷ୍କାସନ ଲାଗି ପମ୍ପ ରଖାଯାଇଛି। ପରିସ୍ଥିତି ଅନୁଧ୍ୟାନ ପାଇଁ ୧୩ ଅଧିକାରୀଙ୍କ ଅଧୀନରେ ଟିମ୍ ଗଠନ ହୋଇଛି। ଟିମ୍‌ରେ ୪୦ ଇଞ୍ଜିନିୟରଙ୍କ ସମେତ ବିଏମ୍‌ସିର କର୍ମଚାରୀମାନେ ରହିଛନ୍ତି।

# ଅସ୍ତରଙ୍ଗ, କାକଟପୁରରୁ ୩୩୦୦ଜଣ ସ୍ଥାନାନ୍ତର

**କାକଟପୁର,୧୦।୧୦(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା ତିତ୍ଲିକୁ ନେଇ ଅସ୍ତରଙ୍ଗ ଓ କାକଟପୁରର ଉପକୂଳବାସୀ ଆତଙ୍କିତ ହୋଇଯାଇଛନ୍ତି। ବାତ୍ୟା ଆଶଙ୍କା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଅସ୍ତରଙ୍ଗରୁ ୨୧୦୦ଜଣ ଏବଂ କାକଟପୁରରୁ ୧୨୦୦ଜଣ ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବିଡିଓ ମନୋଜ ବେହେରା, ତହସିଲଦାର ଅଶୋକ ସ୍ୱାଇଁ ପ୍ରମୁଖ ସମ୍ଭାବ୍ୟ ଝଡ଼ବାତ୍ୟା ସମ୍ପର୍କରେ ଗ୍ରାମବାସୀ, ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି କାକଟପୁର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ତହସିଲଦାର ରୋଜିନା ଦାସ ବିଭିନ୍ନ ପଞ୍ଚାୟତର ନଦୀ ତଟବର୍ତ୍ତୀ ଗ୍ରାମଗୁଡିକୁ ଗସ୍ତ କରି ବାତ୍ୟା ସମ୍ପର୍କରେ ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ କାକଟପୁରର ସିଙ୍ଗାରପାଳ, କୁରୁଜଙ୍ଗ, ଜଳେଶ୍ୱରପଡ଼ା, କୁଣ୍ଡେଇ, ପାଟସୁନ୍ଦରପୁରରୁ ମୋଟ ୧୨୦୦ ଗ୍ରାମବାସୀଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ପୁରୀରୁ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ.ଉଦ୍ଧବଚରଣ ମାଝି, ବିଧାୟକ ସୁରେନ୍ଦ୍ର ସେଠୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳକୁ ଆସି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବିଡିଓ, ତହସିଲଦାର, ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଅସ୍ତରଙ୍ଗସ୍ଥିତ ଅଗ୍ନିଶମ ବାହିନୀ ଓ ଗୋଟିଏ ଓଡ୍ରାଫ୍ଟ ଉଭୟ ବ୍ଲକ ପାଇଁ ସଜାଗ ରଖାଯାଇଛି ବୋଲି ନିର୍ଦ୍ଦେଶକ ମାଝି ସୂଚନା ଦେଇଛନ୍ତି।




ତିତ୍ଲି ନେଇ ଭୟଭୀତ ନ ହେବା ପାଇଁ ସଚେତନ ସୃଷ୍ଟି ଉଦ୍ଦେଶ୍ୟରେ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# କଟକରେ ହଠାତ୍ ବଢ଼ିଗଲା ଦର



**କଟକ ଅଫିସ,୧୦।୧୦**

'ତିତ୍ଲି'କୁ ନେଇ କଟକ ସହରରେ ଗୁରୁବାର ଦିନସାରା ଲାଗିରହିଥିଲା ଭୟ ଓ ଚର୍ଚ୍ଚା। ଏହାର ପ୍ରଭାବ ସହରର ଦୋକାନ ବଜାର ଉପରେ ପଡ଼ିଥିଲା। ସକାଳୁ କୋହଲା ପାଗକୁ ଝିପିଝିପି ବର୍ଷା ଜାରି ରହିଥିବାବେଳେ କାଁଭାଁ ଗ୍ରାହକଙ୍କୁ ଦେଖି ଦୋକାନୀମାନେ ବ୍ୟବସାୟକୁ ନେଇ ଦ୍ୱନ୍ଦ୍ୱରେ ରହିଥିଲେ। ବିଶେଷକରି ପରିବା ଓ ମିଠା ଦୋକାନୀମାନେ ଅପ୍ରସ୍ତୁତ ଭାବେ ବେପାର ଆରମ୍ଭ କରିଥିଲେ। ହେଲେ ବାତ୍ୟାକୁ ନେଇ ପ୍ରସ୍ତୁତ ହୋଇଉଠିଥିଲେ ସହରବାସୀ। ଘରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ବ୍ୟାଗ୍ ଧରି ବାହାରି ଯାଇଥିଲେ ବଜାରକୁ। ସକାଳ ପ୍ରାୟ ୯ଟା ପରଠାରୁ ସହରର ବିଭିନ୍ନ ଦୋକାନ ବଜାରକୁ ଲୋକଙ୍କ ସୁଅ ଛୁଟିଥିଲା। ମାଲ୍‌ଗୋଦାମ, ଛତ୍ରବଜାର ଓ କୃଷକ ବଜାରରେ ପାଦ ପକାଇବାକୁ ସ୍ଥାନ ନ ଥିଲା। ପୁଣି ବାତ୍ୟାର ସ୍ଥିତିକୁ ନେଇ ସରକାରଙ୍କ ଘୋଷଣା ବଜାରର ସ୍ଥିତି ଅସମ୍ଭାଳ ହୋଇପଡିଥିଲା। ଫଳରେ ବଜାରରେ ବିଭିନ୍ନ ସାମଗ୍ରୀର ଗୋଦାମ ଓ ଖୁଚୁରା ଦରଦାମ ହଠାତ୍ ବଢ଼ି ଯାଇଥିଲା। ଚୁଡା, ଆଳୁ, ପିଆଜ, ଡାଲି ଆଦି ଖାଦ୍ୟ ସମାଗ୍ରୀର ମୂଲ୍ୟ କୁଇଣ୍ଟାଲ ପିଛା ୨୫୦ ରୁ ୩୦୦ ଟଙ୍କା ବୃଦ୍ଧି ଘଟିଥିଲାବେଳେ ଆଳୁ କିଲୋ ପିଛା ଖୁଚୁରାରେ ୩୦ରୁ ୪୦ ଟଙ୍କା, ପିଆଜ କିଲୋ ୩୦ରୁ ୩୫ ଟଙ୍କା, ଚୁଡା ୪୦ରୁ ୪୫ ଟଙ୍କା ଏବଂ ଚିନି ୩୦ରୁ ୩୫ଟଙ୍କା ଦରରେ ବିକ୍ରି ହୋଇଥିଲା। ଦରବୃଦ୍ଧି ସତ୍ତ୍ୱେ ଲୋକେ ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଦ୍ୟ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା। ପରିବା କିଣୁଥିବାବେଳେ ନୂଆବଜାର ଅଞ୍ଚଳର ରଘୁନାଥ ସାହୁ କହିଥିଲେ, ଆଜ୍ଞା ସକାଳୁ ସବୁ ଜିନିଷର ଦର ବଢ଼ିଯାଇଛି। ତଥାପି ସତର୍କ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଥିବାରୁ ଅଧିକ ପରିବା ନେଲେ କିଛିଦିନ ଅନ୍ତତଃ ଚଳିଯିବା। ଜଣେ ଆଳୁ ବ୍ୟବସାୟୀ କହିଛନ୍ତି, ମଙ୍ଗଳବାରଠାରୁ ଲୋକେ କିଣାକିଣି ଜାରି ରଖିଛନ୍ତି। ମଙ୍ଗଳବାରଠାରୁ ଚାହିଦା ହଠାତ୍ ବଢ଼ିଯାଇଛି। ସେହି ଅନୁପାତରେ ଆଳୁ ଆସି ନ ଥିବାରୁ ଦରବୃଦ୍ଧି ଘଟିଛି। କିଲୋ ପିଛା ୧୫ରୁ ୨୦ ଟଙ୍କା ବଢ଼ିଗଲାଣି। ଲୋକେ ତରବରିଆ ଭାବେ ଅଧିକ କିଣୁଥିବାରୁ ବଜାରର ଏ ସ୍ଥିତି ଉପୁଜିଛି। କିନ୍ତୁ ବ୍ୟବସାୟୀମାନେ ବିଭିନ୍ନ ସାମଗ୍ରୀର କଳାବଜାର କରିବା ସହ ଦରବୃଦ୍ଧି କରିଥିବା ବକ୍ସି ବଜାର ଅଞ୍ଚଳର ସହଦେବ ସାମଲ କହିବା ସହ ଯୋଗାଣ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତି ଦୃଷ୍ଟି ଦିଆଯାଉଥିବା କହିଛନ୍ତି ଜିଲାପାଳ ଅରବିନ୍ଦ ଅଗ୍ରୱାଲ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୧ ଅକ୍ଟୋବର, ୨୦୧୮



ସୁଖ ହେଉଛି ଦୁଇଟି ଦୁଃଖ ମଧ୍ୟରେ ଏକ ମଧ୍ୟାନ୍ତର। ଦୁଃଖ ହେଉଛି ଦୁଇଟି ମୁହୂର୍ତ୍ତରେ ସୁଖ ମଧ୍ୟରେ ଏକ ଶୂନ୍ୟସ୍ଥାନ।
- ସତ୍ୟସାଇ ବାବା



## ଜାଲ୍ କାଗଜପତ୍ରରେ ବ୍ୟାଙ୍କ ଋଣ ଠକେଇ

# ଦମ୍ପତିଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଫ୍ଲାଟ କିଣିବା ଲାଗି ଜାଲ୍ କାଗଜପତ୍ର ଦାଖଲ କରି ବ୍ୟାଙ୍କରୁ ଋଣ ଠକେଇ କରିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ଦମ୍ପତିଙ୍କ ସମେତ ୩ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଶ୍ରୀରାମଚନ୍ଦ୍ରପୁର ହାଟସାହି ଅଞ୍ଚଳର ଦେବୀ ପ୍ରସାଦ ପଟ୍ଟନାୟକ(୩୬), ତାଙ୍କ ସ୍ତ୍ରୀ ସଂଯୁକ୍ତା ଜେନା(୩୨) ଏବଂ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ବଡସହରା ଅଞ୍ଚଳର ଖଲି ମହାନ୍ତି(୫୦)।

ସୂଚନା ମୁତାବକ, ଦେବୀ ପ୍ରସାଦ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ବସେରା ଡିଜାଇନ ପ୍ରାଇଭେଟ ଲିମିଟେଡ୍ ନାମକ କନଷ୍ଟ୍ରକ୍ସନ କମ୍ପାନୀରୁ ଫ୍ଲାଟ କିଣିବାକୁ ଚୁକ୍ତି କରିଥିଲେ। ଏହି କମ୍ପାନୀର 'ବସେରା ଇମ୍ପ୍ରିଜନ ପ୍ଲସ' ଆପାର୍ଟମେଣ୍ଟ ପ୍ରୋଜେକ୍ଟର ୪୦୪ ନମ୍ବର ଫ୍ଲାଟ କିଣିବା ଲାଗି ସେମାନେ ବାପୁଜୀନଗରସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କରେ ଜାଲ କାଗଜ ପତ୍ର ଦାଖଲ କରି ୨୦୧୧ରେ ୩୯ ଲକ୍ଷ ଟଙ୍କା ଋଣ କରିଥିଲେ। ପରବର୍ତ୍ତୀ ସମୟରେ ଋଣ ପରିଶୋଧ କରି ନ ଥିଲେ। ଫଳରେ ଋଣ ପରିମାଣ ୪୬ ଲକ୍ଷ ୫୨ ହଜାର ଟଙ୍କା ହୋଇଥିଲା। ଏହା ପରେ ଉଭୟେ ଫେରାର ହୋଇଯାଇଥିଲେ। ସେହିପରି ଖଲି ମହାନ୍ତି ନାମକ ବ୍ୟକ୍ତି ବସେରା ଡିଜାଇନ ପ୍ରାଇଭେଟ ଲିମିଟେଡ କନଷ୍ଟ୍ରକ୍ସନ କମ୍ପାନୀର 'ବସେରା ବୃନ୍ଦାବନ' ପ୍ରୋଜେକ୍ଟରୁ ଫ୍ଲାଟ କିଣିବା ଲାଗି ଜାଲ କାଗଜ ପତ୍ର ଦାଖଲ କରି ବାପୁଜୀନଗରସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କରୁ ୩୦ ଲକ୍ଷ ଟଙ୍କା ଋଣ କରିଥିଲେ। ପରବର୍ତ୍ତୀ ସମୟରେ ଫ୍ଲାଟ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଥିଲେ ମଧ୍ୟ ଋଣ ପରିଶୋଧ ନ କରି ଫେରାର ହୋଇଯାଇଥିଲେ। ଏହି ଦୁଇଟି ଘଟଣାରେ ବ୍ୟାଙ୍କର ୧କୋଟି ୧୭ ଲକ୍ଷ ୭୫ ହଜାର ଟଙ୍କା ଠକେଇ ନେଇ ମୁଖ୍ୟ ପରିଚାଳକ ଇଶିଦୋର କୁଜୁର ଗତ ୨୭ ତାରିଖରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲ୍ୟୁରେ ଏକ ମାମଲା ରୁଜୁ ହୋଇଥିଲା। ବୁଧବାର ଇଓଡବ୍ଲ୍ୟୁର ୨ଟି ଟିମ ଭିନ୍ନ ଭିନ୍ନ ସ୍ଥାନରେ ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି।

## ପୂଜା ପୂର୍ବରୁ ପୋଲିସର ସ୍ୱତନ୍ତ୍ର ଅପରେଶନ

# ୩୨୭ ଗିରଫ, ୬ ବନ୍ଧୁକ ଜବତ

କଟକ ଅଫିସ,୧୦।୧୦

ଦୁର୍ଗାପୂଜାକୁ ଶୃଙ୍ଖଳିତ କରିବାକୁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହୋଇଛି। ମଙ୍ଗଳବାର ପ୍ରଥମ ଦିନରେ ରାଜ୍ୟରେ ମୋଟ ୩୨୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବିପୁଳ ଟଙ୍କା ଓ ୬ଟି ବନ୍ଧୁକ ଜବତ କରାଯାଇଛି। କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ଆଇପିସି ଦଫା ୧୧୦ରେ ୫୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଏନ୍‌ବିଡବ୍ଲ୍ୟୁ ବଳରେ ୧୩୯ ଏବଂ ଆଇପିସି ଦଫା ୫୧୦ରେ ୨୯ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ମଦ କାରବାର ଅଭିଯୋଗରେ ଏକ୍ସାଇଜ୍ ଆକ୍ଟରେ ୮୫ ଜଣଙ୍କୁ ଗିରଫ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଏ ନେଇ ୧୧୫ଟି ମାମଲା ରୁଜୁ କରାଯାଇଛି। ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ୭୩ ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିବା ବେଳେ ୧ ଲକ୍ଷ ୧୦ ହଜାର ୨୫୦ ଟଙ୍କା ଜବତ କରାଯାଇଛି। ଗୋଟିଏ ନାର୍କୋଟିକ୍ ମାମଲା ରୁଜୁ କରାଯାଇଥିବା ବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୮ ଲକ୍ଷ ଟଙ୍କା, ୬୬୦ କେଜି ଗଞ୍ଜେଇ, ଗୋଟିଏ କାର ଜବତ କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୧୬୫୫ ଜଣଙ୍କଠାରୁ ୭ ଲକ୍ଷ ୧୮ ହଜାର ୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଅର୍ବାନ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ୧୫.୦୩ ଲକ୍ଷର ଋଣ ଆଦାୟ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

ଭୁବନେଶ୍ୱର ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ଲିଃ. ପକ୍ଷରୁ ଖିଲାପି ଋଣ ଆଦାୟ ଲାଗି ଭୁବନେଶ୍ୱର ସହରାଞ୍ଚଳର ବିଭିନ୍ନ ଅନୁଷ୍ଠାନ ଉପରେ କମିଶନରେଟ ପୋଲିସ ସହାୟତାରେ ଚଢ଼ାଉ କରାଯାଇ ଋଣ ଆଦାୟ କରାଯାଇଛି। ଖାରବେଳନଗରସ୍ଥିତ ଗିନି ହାଉସ୍, ମାଷ୍ଟରକ୍ୟାଣ୍ଟିନସ୍ଥିତ ମନୋଜ ଟ୍ରେଡିଂ କୋ, ଲକ୍ଷ୍ମୀସାଗରସ୍ଥିତ ଏଲିଗାଣ୍ଟକାର ଜୁଏସ୍ ଏବଂ ଖିଲାପି ଋଣୀଙ୍କ ବାସଗୃହ ଉପରେ ଚଢ଼ାଉ କରାଯାଇ ୧୫ ଲକ୍ଷ ୩ ହଜାର ଟଙ୍କା ଋଣ ଆଦାୟ କରାଯାଇଛି। ସମବାୟ ସମିତି ସମୂହ, ଖୋର୍ଦ୍ଧା ଡିଭିଜନର ଉପନିବନ୍ଧକ ସବୀର କୁମାର ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଭୁବନେଶ୍ୱର ଓ ଖୋର୍ଦ୍ଧା ମଣ୍ଡଳ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିକ୍ୟୁଡେଟର ଏବଂ ସମବାୟ ବିଭାଗର ସେଲ୍ ଅଫିସର ପ୍ରମୁଖ ସାମିଲ ଥିଲେ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।


**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, BHAWANIPATNA**
E-mail ID: liftirrigation_bpt@yahoo.in

**"E"- Procurement Notice**

**BID ID NO. OLIC-BPT-04/2018-19 TCN No. 3303 Dt. 09.10.18**

Bid document consisting of work, estimated cost, cost of Tender paper, E.M.D., time of completion, class of contractors and the set of terms and condition of contract and other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| Total Number of work | : | 7 No. LIPs in 7 No. Packages |
| Approximate Estimated cost | : | 0.659 lakhs to 13.30 lakhs |
| Period of Completion | : | 90 Days |
| Date & time for availability of Bid Documents in the portal | : | 11.10.2018 at 11.00 A.M. to 26.10.2018 upto 5.00 P.M. |
| Last Date of seeking clarification | : | 22.10.2018 upto 5.00 P.M. |
| Last date of receipt of the Bid through Online | : | 26.10.2018 upto 05.00 P.M. |
| Offline Receipt of Document | : | 27.10.2018 upto 03.00 P.M. |
| Date of opening of Bid | : | 27.10.2018 04.00 P.M. |

**Sd./- Executive Engineer,**
**L.I. Division, Bhawanipatna**

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION, GUNUPUR**
**LR.NO 2684, DATED. 04.10.2018**
**No.855-O:-** **"e" Procurement Notice for road works in Odisha**
**(Tender eerwgnp-Online-04/2018-19 (Lr. NO. 2684, dtd 04.10.2018)**

1. Name of the work : S/R of Road works.
2. Total No. of Works : 04 (Four) nos.
3. Estimated cost : Varies from Rs. 13.27 lakhs to Rs.28.66 lakh
4. Class of contractor : "D", "C"& "B" class as applicable
5. Period of Completion : 03 (Three) calendar months.
6. Other Details :

| Procurement Officer | Bid Identification | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP On line- 04/2018-19 | 04 (Four) nos. | 12.10.2018 At 10.00 A.M. | 25.10.2018 up to 5.00 P.M. | 27.10.2018 at 11.00 A.M. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersorissa.gov.in
Any subsequent addendum or corrigendum will be made available in the above website.

**25170/11/0007/1819** **Sd./- Executive Engineer, Rural Works Division, Gunupur**

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

**DISTRICT PROJECT OFFICE**
**RTE-SARVA SHIKSHA ABHIYAN (SSA), KANDHAMAL**

No. 4248/Estt/18 Dated 09.10.18
File No.I-25/2017

In continuation to the Advertise No. 2291/Estt/18 Dt.21.05.2018, the list of all candidates who had applied for the post of different contractual posts udner RTE-SSA, Kandhamal have been uploaded in the **Kandhamal district website i.e. http://kandhamal.nic.in & OPEPA website i.e. www.opepa.in**. All the candidates as per the list uploaded, are invited to come to the office of the District Project, RTE-SSA, At- Main Road, Po: Phulbani, Dist: Kandhamal on the date and venue as mentioned below with original of all Educational certificates, all the mark sheets of all the examinations, equivalence certificate in support of +2 & Graduation (for non-academic candidates) / numerical equivalence of Grade marks / points, one pass photo, Aadhaar Card, Recent Residence & Caste Certificates & all the other required documents / testimonials.

Candidates who comes after the scheduled date will not be entertained under any circumstances. 2) Candidates who fails to produce the above documents & certificates during verification, their application will be rejected directly. 3) No undertaking during verification will be taken into consideration. 4) No representative of the candidate will also be allowed.

| Sl. No. | Name of the Post | Date & Time | Venue |
|---|---|---|---|
| 1 | Mis-cum-Planning Coordinator | 27.10.2018 at 9.30 AM | District Cultural Building, Near District Tourism Office, Phulbani |
| 2 | Accountant-cum-Support Staff | 29.10.2018 at 9.30 AM | |
| 3 | Part Time Physical Edn. Instructor | 30.10.2018 at 9.30 AM | |
| 4 | Part Time Art Education Instructor | 31.10.2018 at 9.30 AM | |
| 5 | Jr. Stenographer | 31.10.2018 at 9.30 AM | |

**By order of Collector-cum-Chairperson, RTE-SSA, Kandhamal**
**Sd./- District Project Coordinator, RTE-SSA, Kandhamal**

OFFICE OF THE MUNICIPAL COUNCIL, ANGUL
**No. 5644** **Date: 10.10.18**

**TENDER CALL NOTICE**

Sealed tenders in prescribed form are invited from the specified class of contractors registered with Govt. of Orissa and enlished contractors of Angul Municipality for the following works having experience in execution of similar types of Works. The tender document for the work will be available from the office of the Executive Officer, Angul Municipality during the office hours in the working day in shape of cash of required amount as mentioned against the work (non-refundable) from dt. 11.10.2018 to 26.10.2018 upto 5.00 P.M. The tender will be received upto 3.00 P.M. on dt. 27.10.2018 office of the Executive Officer, Angul Municipality. The tender received after the due time will not be entertained. Any delay will be at the risk of applicant only. The tender will be opened on 27.10.2018 at 3.30 P.M. in the presence of the tenderers or their authorised agents if present. The tenderers should deposit the E.M.D. at the rate of 1% of the estimated cost as indicated in shape of cash/N.S.C./K.V.P./T.D./Postal saving pass book duly pledged in favour of Executive Officer, Angul Municipality along with the tender documents. The valid RC, PAN card & GSTIN should be accompanied with the tender documents. The tender with part E.M.D./un-pledged E.M.D./in other shape of invalid GSTIN will not be considered, the tender will be rejected. All other detail information can be available from the office of the Executive Officer, Angul Municipality. The authority reserve the right to reject any or all tenders without assigning any reason thereof.

| Sl. No. | Name of the work | Estimated amount | Cost of tender paper | E.M.D. to be deposited | Time of comple-tion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01. | Colouring of Hemsurpada club in ward No.3 | Rs. 40,000.00 | Rs. 400/- | 1% to the estimated cost | One month |
| 02. | Colouring of Satyajyoti club in ward No. 17 | Rs. 40,000.00 | Rs. 400/- | -do- | -do- |
| 03. | Electrification of community centre near Siba field in ward No. 2 | Rs. 45,000.00 | Rs. 400/- | -do- | -do- |
| 04. | Const. of c.c. drain infront of Gobinda Chandra Dhir in ward No. 12 | Rs. 49,000.00 | Rs. 400/- | -do- | -do- |
| 05. | Colouring of Sishu Udyan & community centre at Amalapada in ward No. 18 | Rs. 49,000.00 | Rs. 400/- | -do- | -do- |
| 06. | Const. of Bhagabat Tungi at Radharamanpada in ward No. 15 | Rs. 1,00,000.00 | Rs. 400/- | -do- | -do- |
| 07. | Const. of puja mandapat Sani mandira in ward No. 15 | Rs. 1,00,000.00 | Rs. 600/- | -do- | -do- |
| 08. | Renovation and repair of Executive Officers office chamber | Rs. 1,80,000.00 | Rs. 600/- | -do- | -do- |

**Sd./- Executive Officer, Angul Municipality**

**THE ODISHA STATE COOPERATIVE BANK LTD.**
**PANDIT JAWAHARLAL NEHRU MARG, BHUBANESWAR: 751 001.**
ODISHA STATE CO-OPERATIVE BANK LTD. ESTD. 1948
No. 14-LL

**PROFIT AND LOSS ACCOUNT FOR THE YEAR 2017-18**

| INCOME | | | EXPENDITURE | | |
|---|---|---|---|---|---|
| Sl | Particulars | Amount | Sl | Particulars | Amount |
| 01 | Interest and Discount | 971,25,23,574.96 | 01 | Interest paid on Deposits and Borrowings | 876,59,93,938.22 |
| 02 | Commission, Exchange & Brokerage | 60,09,292.88 | 02 | Salary and Allowances | 59,63,80,893.70 |
| 03 | Subscription & Donation | - | 03 | Directors & Local Committee members fees & Allowances | 82,90,732.00 |
| 04 | Income from Non-Banking Assets and Profit from Sale of or dealing with such assets. | - | 04 | Rent, Taxes, Insurance & Lighting etc. | 396,28,833.59 |
| 05 | Other Receipts. | 24,92,12,948.62 | 05 | Law charges, Legal Expenses | 40,33,487.00 |
| | | | 06 | Postage, Telegram & Telephone charges | 423,21,836.57 |
| | | | 07 | Audit Fees | 7,33,810.00 |
| | | | 08 | Depreciation & Repair to property | 855,82,116.13 |
| | | | 09 | Loss for sale of or dealing with Non-Banking Assets. | 10,126.76 |
| | | | 10 | Stationery, Printing & Advertisement | 94,82,562.60 |
| | | | 11 | Other Expenditures | 18,81,58,442.13 |
| | | | 12 | Provision for Taxation | 287,21,529.00 |
| | | | 13 | Profit for the year | 19,84,07,508.76 |
| | Total: | 996,77,45,816.46 | | Total: | 996,77,45,816.46 |

**BALANCE SHEET AS ON 31.03.2018**

| CAPITAL & LIABILITIES | | | PROPERTIES & ASSETS | | |
|---|---|---|---|---|---|
| Sl | Particulars | Amount | Sl | Particulars | Amount |
| 01 | Share capital (Amount called up & Paid up) | 507,12,56,858.00 | 01 | Cash in hand and with RBI/SBI/other Banks (Notified) | 346,62,97,628.86 |
| 02 | Reserve Fund and other reserves | 651,33,68,052.45 | 02 | Balance with other Banks (other than notified) | 11,08,31,852.48 |
| 03 | Principal subsidy and state partnership Fund | - | 03 | Money at call & short Notice | 3850,67,71,289.00 |
| 04 | Deposit and other Accounts | 81,16,74,78,705.01 | 04 | Investments | 1685,92,37,239.00 |
| 05 | Borrowings | 65,56,62,70,046.00 | 05 | Loans and Advances | 100,10,93,53,296.20 |
| 06 | Bills for collection being the bills receivable as per contra | 2,72,307.36 | 06 | Interest Receivable | 162,37,69,770.58 |
| 07 | Adjusting Head (Branch Adjustments) | - | 07 | Bills Receivable being the bills lodged as per contra. | 2,72,307.36 |
| 08 | Overdue Interest Reserve | 33,00,35,245.04 | 08 | Adjusting Head (Branch Adj.) | 994,81,811.66 |
| 09 | Interest payable | 321,35,01,482.34 | 09 | Premises | 558,59,761.54 |
| 10 | Other liabilities | 22,02,10,844.29 | 10 | Furniture and Fixtures less Depreciation | 192,85,449.11 |
| 11 | Profit & loss ( profit for the year 2015-16 & 2016-17) | 37,53,89,702.44 | 11 | Computer & Accessories (CBS under progress) | 111,18,51,308.75 |
| | | | 12 | Other Assets | 49,47,71,528.39 |
| | | | 13 | Non-Banking Assets acquired in satisfaction of claims | - |
| | | | 14 | Profit and loss | - |
| | Total | 162,45,77,83,242.93 | | Total | 162457783242.93 |
| | OFF BALANCE SHEET ITEM | | | | |
| | Acceptance, Endorsement & other obligations | 1,31,35,718.90 | | Constituents liabilities, Acceptance, Endorsement & other obligations | 13135718.90 |
| | Grand Total | 162,47,09,18,961.83 | | Grand total: | 162,47,09,18,961.83 |

Sd/- (P. K. Choudhury) DGM (FAID) · Sd/- (K. K. Mishra) GM(FAID) · Sd/- (Girish S.N. , IAS) Managing Director · Sd/- (S. K. Patro) Director · Sd/- (A.P. Das) Director · Sd/- (A.K.Mohanty) President · Sd/- Patro & Co. Chartered Accountants

**Auditor's Report : Odisha State Cooperative Bank Ltd., Bhubaneswar**

**Report on the Financial Statements:**
We have audited the accompanying standalone financial statements of Odisha State Co-operative Bank Limited (the Bank) as at 31st March 2018, which comprise the Balance Sheet as at 31st March, 2018 and the Statement of Profit and Loss for the year then ended, and a summary of the significant accounting policies and other explanatory information incorporating the returns of 14 (fourteen) branches and Head Office.

**Management's Responsibility for the Financial Statements:**
Management is responsible for the preparation of these financial statements that give a true and fair view of the financial position , financial performance and cash flow statements of the bank in accordance with forms A and B respectively of the third schedule to The Banking Regulation Act, 1949 (As applicable to the Co-operative societies/Co-operative Banks). the guidelines issued by the Reserve Bank of India and the guidelines issued by the National Bank for Agricultural and Rural Development, the Registrar of Cooperative Societies, Odisha, The Orissa Co Operative societies Act -1962, and The Rules, made thereunder, (as applicable) and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of the internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility:**
Our responsibility is to express an opinion on these financial statements based on our audit.
We conducted our audit in accordance with the Standards on Auditing issued by The Institute of Chartered Accountants of India. Those Standards require that we comply with ethical requirements and plan and perform the audit to obtain reasonable assurance about whether the financial statements are free from material misstatement.

An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements, in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the Banks internal controls. An audit also includes evaluating the appropriateness of the accounting policies used and the reasonableness of the accounting estimates made by the management, as well as evaluating the overall presentation of the financial statements.

We believe that the audit evidence we have obtained is sufficient and appropriate to provide a basis for our audit opinion.

**Basis of Qualified Opinion**
(I) As explained in the Note 4 (a), the bank has not accounted for interest subvention due to be received from Government of India because it is not being received in the subsequent year. Under the generally accepted accounting principle and method of accounting followed by the bank income requires to be accounted for on accrual basis. Had these amounts being accounted for, the financial statement would have been materially affected. The amount of interest subvention has not been quantified by the bank and therefore the effect on the financial statements of such failure of accounting have not been determined.
(II) As explained in Note 4 (b) & (j), the bank has not reconciled and adjusted the inter branch account balances created during 2018 and those carried over from previous years because it has not yet been able to determine the manner of adjustment / corresponding respondent branch / head of account or for other reasons. These entries therefore accounted for under Branch Adjustment account (Adjusting Head). Under the accounting principles generally accepted in India, and core banking environment, the Bank should have branch adjustment amounts promptly adjusted on day to day basis. Had these entries made / responded / adjusted on day to day basis the financial statement would have been materially affected. The effects on the financial statements of the failure to reconcile and adjust the above amounts have not been determined.
(III) As explained in Note 4 (e), the bank has not capitalized the assets created out of grant because the details of assets created have not been maintained under generally accepted accounting principles the bank should have maintained grant wise asset registers with location and value thereof. Had these accounting been done properly on regular basis, the financial statement would have been materially affected. The effect on the financial statement of failure to maintain records and accounting in accordance with such records not determined.
(IV) As explained in Note 4(h), the bank has accounted for various transactions under Suspense Recoverable pending adjustment because payments made to various parties could not be adjusted as the reasons of which were not available for adjustment. The bank should have promptly adjusted those payments to expenditure / assets or otherwise as per the respective terms. Had these amounts been adjusted, the financial statements would have been materially affected. The effect on the financial statement of failure to account for such transactions have not been determined.
(V) As explained in Note 4(i) & (m), the bank has failed to follow the accounting standards issued by the Institute of Chartered Accountants of India and are mandatorily applicable on the bank to follow as per generally accepted accounting principle. Had these accounting standards been followed properly in preparation and presentation of financial statement, the financial statement would have been materially affected. The effects on the financial statement of failure to follow the accounting standards have not been determined.
(VI) As explained in Note 4 (k), the foreign travel expenses of Managing Director and the President of the Bank has been accounted for under Travelling & Conveyance Expenditure. The above officials of the bank being deemed public servant, their foreign travel expenses in order to be borne by the bank required to be approved by the Government of Odisha. Due to the fact that these expenses are not supported by approval of government, travelling and conveyance expense has been overstated to the extent of Rs.10.44 lacs.
(VII) The bank's core banking system don't generate Suspicious Transaction Report (STR) and provide facilities for complying Know Your Customer (KYC) Direction, 2016. The bank is obliged to mandatorily comply with the above requirements as per circulars and directions issued by the Reserve Bank of India. The effects on the financial statement of failure to follow the accounting standards have not been determined.
(VIII) As explained in Note 4(c), the Bank has failed to reconcile the difference in the balance with ICICI Bank Current Account; in Note 4(f), the Bank has failed to reconcile the balances of several bank accounts and in Note 4(g), the Bank has failed to reconcile the balances as per subsidiary ledger within the general ledger balances of certain loans and deposits accounts. The effects on the financial statements of failure to reconcile the above accounts, have not been determined.

**Qualified Opinion**
In our opinion and to the best of our information and according to the explanations given to us, the financial statements together with the Notes thereon give the information required by The Banking Regulation Act, 1949 (as applicable to the Co-operative societies/Co-operative Banks). The Orissa Co Operative societies Act -1962, and the rules made there under and the guidelines issued by Reserve Bank of India and the guidelines issued by the National Bank for Agricultural and Rural Development, the Registrar of Cooperative Societies, Odisha, except for the possible effects of matters described in the Basis of Qualified Opinion paragraphs, in the manner so required and give a true and fair view in conformity with the accounting principles generally accepted in India:
(a )In the case of the Balance Sheet, of the state of affairs of the Bank as at March 31, 2018; and (b)In the case of Profit and Loss Account, of the Profit for the year ended on that date;

**Emphasis of Matter:**
We draw the attention to the following notes to financial statements:
(I)Note No. 4(d) availing short term borrowing from IDBI with approval of Managing Director.
(II)Note No. 4(l) regarding internal control over the core banking system, computerization of OSCB, CCB, PACS and Urban banks, maintenance of records at DIT department and adequacy of internal audit.
**Our opinion is not qualified in respect of these matters.**
Report on Other Legal and Regulatory Requirements:
The Balance Sheet and Profit and Loss Account have been drawn up in forms A & B respectively of the Third schedule to the Banking Regulation Act, 1949 ( as applicable to the Co-operative Societies/ Co-operative Banks).

**We report that:**
a. We have obtained all the information and explanations which to the best of our knowledge and belief were necessary for the purpose of the audit and have found to be satisfactory.
b. In our opinion, proper books of account as required by law have been kept by the Bank so far as it appears from our examination of those books and proper returns adequate for the purposes of our audit have been received from the branches/offices;
c. The transactions of the bank which have come to my/our notice have been within the powers of the Bank.
d. The Balance Sheet and Profit and Loss account dealt with by this report are in agreement with the books of account and returns;
e. In our opinion, the Balance Sheet and Profit and Loss Account comply with the applicable accounting standards;

The details as required by the Orissa Co-operative Societies Rules The final audit details and surcharge statement are given in the audit memorandum separately.

We further report that: for the year under audit, the Bank has been classified as "B+" as per Annexure enclosed separately.

Place : **Bhubaneswar,**
Date : **26th September, 2018.**

**for Patro & Co**
**Chartered Accountants**
**(FRN: 310100E)**
**(CA Ambika Prasad Mohanty)**
**Partner**
**M.No. 057820**

39012/11/0002/1819



ଯେଉଁମାନଙ୍କ ମନ ଛୋଟ, ଛୋଟିଆଟା ସେମାନଙ୍କୁ ବଡ଼ ବୋଲି ଦିଶେ।
- ଅଲିଭର ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ୩୦୦ ଟଙ୍କା ଲାଞ୍ଚ ପାଇଁ ପୂର୍ବତନ ଆର୍‌ଆଇଙ୍କୁ ୩ ବର୍ଷ ଜେଲ୍

**କଟକ ଅଫିସ, ୧୦।୧୦:** ୩୦୦ ଟଙ୍କା ଲାଞ୍ଚ ପାଇଁ ୩ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ ହୋଇଛନ୍ତି ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରଘୁପତି ନନ୍ଦ। ଜରିମାନା ଅନାଆଦାୟ ହେଲେ ତାଙ୍କୁ ଅଧିକ ୪ ମାସ ଜେଲ୍ ଭୋଗିବାକୁ ପଡିବ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ଶ୍ୟାମସୁନ୍ଦର ଦାସ ଏକ ଲାଞ୍ଚ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ରଘୁପତି ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ୨୦୦୯ରେ ଷ୍ଟାମ୍ପ୍ ଭେଣ୍ଡିଂ ଲାଇସେନ୍ସ ପାଇଁ ଆୟ ଏବଂ ବାସସ୍ଥାନ ସମ୍ପର୍କରେ ରିପୋର୍ଟ ଦେବାକୁ ବଂଶୀଧର ପ୍ରଧାନଙ୍କଠାରୁ ଲାଞ୍ଚ ନେଉ କରୁଥିବାବେଳେ ଭିଜିଲାନ୍ସ ଧରିଥିଲା। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପିପି ହେମନ୍ତ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

### ସାବଳ ମାଡ଼ରେ ଦାଦା ଗୁରୁତର, ପୁତୁରା ଗିରଫ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.):** ବାଲିପାଟଣା ଥାନା ଚଢ଼େଇବର ଗ୍ରାମରେ ଜମିବାଡି ଭାଗବଣ୍ଟାକୁ କେନ୍ଦ୍ର କରି ପୁତୁରାର ମାଡ଼ରେ ଦାଦା ଗୁରୁତର ହୋଇ ଚିକିତ୍ସିତ ହୋଇଛନ୍ତି । ଏହି ଘଟଣାରେ ପୋଲିସ ପୁତୁରା ସୁବାସ ଦାଶଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଚଢେଇବର ଗାଁର ଦୁଇ ପରିବାର ମଧରେ ଦୀର୍ଘଦିନ ଧରି ଜମିବାଡି ଭାବବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା । ଗତ ୮ ତାରିଖରେ ଜଣେ ଭଦ୍ରବ୍ୟକ୍ତିଙ୍କ ମଧସ୍ଥିରେ ଜମି ଭାଗ ସମାଧାନ ପାଇଁ ଆଲୋଚନା ଚାଲିଥିବା ବେଳେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ପୁତୁରା ସୁବାସ ଓ ତାଙ୍କ ପରିବାର ଲୋକ ମିଶି ଦାଦା ଟୁନା ଦାଶଙ୍କୁ ସାବଳରେ ଆକ୍ରମଣ କରିଥିଲେ। ଫଳରେ ଟୁନାଙ୍କ ଛାତି ଓ ଗାଲରେ ଗଭୀର କ୍ଷତ ହୋଇଥିଲା। ପ୍ରଥମେ ତାଙ୍କୁ ବାଲକାଟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଏନେଇ ଟୁନାଙ୍କ ସ୍ତ୍ରୀ ଭାରତୀ ଦାଶ ଥାନାରେ ଏକ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତ୍ତି କରି ନଂ ୧୮୪/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ କୋର୍ଟ ଚାଲାଣ କରିଥିଲେ ।

### ୯୨୧ଜଣଙ୍କୁ ରାଶନ କାର୍ଡ ଦେଲେ ଅର୍ଥମନ୍ତ୍ରୀ

**ବାଲିପାଟଣା,୧୦।୧୦(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ ହୋଇଥିବାବେଳେ ବାଲିପାଟଣା ବ୍ଲକ ୧୭ଟି ଗ୍ରାମପଞ୍ଚାୟତର ୯୨୧ଜଣଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଇଛି। ମା' କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଡ ବଣ୍ଟନ ଉତ୍ସବରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷା ସୁମିତ୍ରା ରାଉତରାୟ, ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି ଓ ବ୍ଲକ ଉପାଧକ୍ଷା କୈଳାସ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏମ.ଆଇ ଦେବସ୍ମିତା ମଲ୍ଲିକ ପରିଚାଳନା କରିଥିଲେ।

### ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ଖୋର୍ଦ୍ଧା ଅଫିସ,୧୦।୧୦:** ଖୋର୍ଦ୍ଧା ଆଇନ ସେବା କମିଟି ଆନୁକୂଲ୍ୟରେ ସାମନ୍ତରାପୁର ଉଜ୍ଜଳା ପ୍ରୋଜେକ୍ଟ ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ବୁଧବାର ପାଳିତ ହୋଇଯାଇଛି। କମିଟିର ଅଧକ୍ଷ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ବରିଷ୍ଠ ଜଜ୍ ବିକାଶ ଚନ୍ଦ୍ର ଦେ, ଜେଏମଏଫସି ଶାଶ୍ୱତି ମହାପାତ୍ର, ଆଇନଜୀବୀ ଅଶୋକ କୁମାର ମହାପାତ୍ର, ଟାଙ୍ଗୀ ଜିଲା ପରିଷଦ ସଦସ୍ୟା କ୍ରୀଷ୍ଣା ମାନଧାତା ପ୍ରମୁଖ ଯୋଗଦେଇଥିଲେ। ସେମାନେ ମାନସିକ ଅନଗ୍ରସର ପିଲାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ତାଲୁକ ଆଇନ ସେବା କମିଟିର ସହାୟକ ବସନ୍ତ କୁମାର ଶତପଥୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତିତ୍‌ଲି ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ

# ସ୍ଥାନାନ୍ତର ହେଲେ ଶତାଧିକ ଲୋକ

**ଖୋର୍ଦ୍ଧା ଅଫିସ,୧୦।୧୦**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ତିତ୍‌ଲିର ଭୟ ଖୋର୍ଦ୍ଧାବାସୀଙ୍କୁ ଘାରିଛି। ଏଭଳିସ୍ଥଳେ ଚିଲିକା ସମୁଦ୍ର ସଂଲଗ୍ନ ହୋଇଥିବାରୁ ଜୁଆର ପଶି ଆସି ଅଶାନ୍ତ କରିବା ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କ୍ଷୟକ୍ଷତି କରିବାର ସମ୍ଭାବନା ରହିଛି। ବାତ୍ୟାର ପ୍ରଭାବ ମଧ୍ୟ ଆଖପାଖ ଅଞ୍ଚଳରେ ପଡିବାର ସମ୍ଭାବନା ଅଛି। ଏଣୁ ଅଘଟଣକୁ ଏଡାଇବାକୁ ସମ୍ଭାବ୍ୟ ବାତ୍ୟା ପ୍ରତିକାର ବ୍ୟବସ୍ଥା ସ୍ୱରୂପ ପ୍ରଶାସନ ତତ୍ପର ହୋଇ ଉଠିଛି। ଚିଲିକା ବ୍ଲକ ଡୁଙ୍ଗମାଳ ପଞ୍ଚାୟତର ୧୭ ପରିବାରର ୪୪ ଲୋକ, ଜରିପଡା ପଞ୍ଚାୟତର ୭ ପରିବାରର ୩୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସୁରକ୍ଷିତ ଉଚ୍ଚ ସ୍ଥାନକୁ ନିଆଯାଇଛି। ବଡକୂଳ ଓ ନଇରୀର କେତେଜଣ ଲୋକ ମଧ୍ୟ ସ୍ଥାନାନ୍ତର ହୋଇଛନ୍ତି । ସେହିପରି ଚନ୍ଦ୍ରାପୁଟ ପ୍ରାଇମେରୀ ସ୍କୁଲରେ ଅଠରବାଟିଆ ପଞ୍ଚାୟତର ୧୫ ପରିବାରର ୪୨ ଲୋକଙ୍କୁ ସ୍ଥାନାନ୍ତର କରି ରଖାଯାଇଛି। ଅପରପକ୍ଷେ ଟାଙ୍ଗୀ ବ୍ଲକର ନରମାନବୀ, କନ୍ତଲବାଇ, ବାଲିପାଟପୁର, ବଡପାରୀ, ଅଚ୍ୟୁତପୁର, କୁଞ୍ଜୁରୀ, ମଙ୍ଗଳାଯୋଡି ଗାଁର ୩୭ ପରିବାରର ୧୪୨ ଲୋକ ମଧ୍ୟ ଅନୁରୂପ ସ୍ଥାନାନ୍ତର ହୋଇଛନ୍ତି। ବାଣପୁର ବ୍ଲକ ଦାମିଆ ବରବରା ପଞ୍ଚାୟତ ପୋଡାଖାଇ ଗାଁର ୮ ପରିବାରର ୩୯ ଲୋକ ଶାଳିଆ ଆଶ୍ରମକୁ ସ୍ଥାନାନ୍ତର ହୋଇଛନ୍ତି। ଏତଦ୍‌ବ୍ୟତୀତ



ଅଠରବାଟିଆ ଗାଁ ଲୋକେ ଚନ୍ଦ୍ରପୁଟ ସ୍କୁଲରେ ଆଶ୍ରୟ ନେଇଛନ୍ତି।

ଚିଲିକା ବ୍ଲକର ନଇରୀ, ବଉଳାବନ୍ଧ, ବଡକୂଳ, ସିଙ୍ଘେଶ୍ୱର, ସୋରଣ, ଜରିପଡା, କଳକଳେଶ୍ୱର ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳଗୁଡିକୁ ଉପଯୋଗ କରିବାକୁ ବ୍ୟବସ୍ଥା ରହିଛି। ବାତ୍ୟାର ପ୍ରକୋପକୁ ଦେଖି ସ୍କୁଲ ଗୃହ ମଧ ବାତ୍ୟା ଆଶ୍ରୟ ସ୍ଥଳ ରୂପେ ବ୍ୟବହାର କରାଯିବାକୁ ପ୍ରସ୍ତୁତ ହୋଇ ରହିଛି। ବାଲୁଗାଁ ବାତ୍ୟା ପ୍ରବଣ ଅଞ୍ଚଳର ତାଳପଟି, ଶାନ୍ତିନଗର, ସାନ୍ତରାପୁର ସହ ସିଙ୍ଘେଶ୍ୱର ପଞ୍ଚାୟତର ମଠପୁର, ଲୁଣିପୁଟ ବାସିନ୍ଦାଙ୍କୁ ବାଲୁଗାଁ ମହାବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ଯୋଜନା ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ୮ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପାଗ ଅନୁକୂଳ ନ ଥିବାରୁ ଚିଲିକାରେ ମଛଧରା ଡଙ୍ଗା ଚଳାଚଳ ବନ୍ଦ ରହିଛି।

ଜୁନ ୧୬ ତାରିଖ ଡଙ୍ଗାବୁଡିରେ ୬ ଜଣଙ୍କ ମୃତ୍ୟୁ ପରେ ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ ବନ୍ଦ ରହିଛି। ବୁଧବାର ଚିଲିକାରେ ଯାତ୍ରୀବାହୀ ଡଙ୍ଗା ଚଳାଚଳ କରିବା ନେଇ ପ୍ରଶାସନ ସ୍ତରରେ ପୂର୍ବ ପ୍ରସ୍ତୁତି କ୍ରମେ ଫିଟ୍‌ନେସ୍ ଓ ଲାଇସେନ୍ସ ପ୍ରଦାନ କରିବାର ରହିଥିଲା। ହେଲେ ସମ୍ଭାବ୍ୟ ବାତ୍ୟା ଯୋଗୁ ବୁଧବାର ଡଙ୍ଗା ଚଳାଚଳ ହୋଇପାରିନାହିଁ। କୃଷ୍ଣପ୍ରସାଦ ଖବରଦାତାଙ୍କ ସୂତ୍ରରୁ ପ୍ରକାଶ, ତିତ୍‌ଲି ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୃଷ୍ଣପ୍ରସାଦ ଅଞ୍ଚଳର ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ବିଡିଓ ଅଶୋକ କୁମାର ମହାନ୍ତି ପ୍ରଶାସନିକ ଅଧିକାରୀମାନଙ୍କୁ ସଜାଗ ରହିବାକୁ କହିଛନ୍ତି। ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ ସହ ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ କୁହାଯାଇଛି। ସେହିପରି ବୋଲଗଡ଼ ପ୍ରତିନିଧିଙ୍କ ସୂତ୍ରରୁ ପ୍ରକାଶ ତିତ୍‌ଲିର ମୁକାବିଲା ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମଧୁସୂଦନ ବେହେରାଙ୍କ ଅଧ୍ୟକ୍ଷତାରେ ତହସିଲଦାର ପ୍ରେମାଂଶୁ ଚାନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବ୍ଲକ୍‌ର ସମସ୍ତ ପଞ୍ଚାୟତରେ ସରକାରୀ କର୍ମଚାରୀମାନେ ବାତ୍ୟା ପ୍ରତି ୨୪ ଘଣ୍ଟିଆ ନଜର ରଖିବାକୁ ବୈଠକରେ ସ୍ଥିର ହୋଇଛି।

ତିତ୍‌ଲି କାରଣରୁ ପରିବା ବଜାର ଓ ଗ୍ରୋସରି ଦୋକାନରେ ବୁଧବାର ଭିଡ ଦେଖିବାକୁ ମିଳିଛି। ଫଳରେ ବଜାର ଦର ବଢ଼ିବାରେ ଲାଗିଛି। ତେବେ କୁବେରପୁରୀ ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା ଓ ସମ୍ପାଦକ ଶକ୍ତି ଶଙ୍କର ମିଶ୍ର କୁହନ୍ତି, ଆଳୁ ଓ ପିଆଜ ଅଧିକ ପରିମାଣର ଗଚ୍ଛିତ ରଖାଯାଇଛି ବୋଲି କହିଛନ୍ତି। ସେହିପରି ବାତ୍ୟାକୁ ମୁକାବିଲା କରିବାକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଜିଲାବାସୀଙ୍କୁ ସତର୍କ ରହିବାକୁ ଗଣମାଧମ ଜରିଆରେ ବାର୍ତ୍ତ ଦେଇଛନ୍ତି। ଏହାର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଉପଜିଲାପାଳ ସରୋଜ ସାହୁ କୁହନ୍ତି, ଚିଲିକାରେ ଗୋଟିଏ ଦଳ ଓଡ୍ରାଫ ଟିମ୍ ରହିଥିବାବେଳେ ଜିଲା ସଦର ମହକୁମାରେ ଅନ୍ୟ ଗୋଟିଏ ଟିମ୍ ରହିଛି। ୫ଟି ଟିମ୍ ସୁପର ଭାଇଜିଂ କରୁଥିବା ସେ କହିଛନ୍ତି।

## ବୋମା, ବନ୍ଧୁକ ମାରଣାସ୍ତ୍ର ଜବତ

# ୭ ବେଆଇନ ସୁରକ୍ଷାକର୍ମୀ ଅଟକ

**ଖୋର୍ଦ୍ଧା ଅଫିସ,୧୦।୧୦**

ପାହାଡରେ ବ୍ଲାଷ୍ଟିଂ ଓ ଖଣି ଖନନକୁ ସୁରକ୍ଷା ଦେଉଥିବା ୭ ଜଣ ବେଆଇନ ସୁରକ୍ଷାକର୍ମୀଙ୍କୁ ଖୋର୍ଦ୍ଧା ସଦର ଥାନା ପୋଲିସ ଓସିସି ଛକ ନିକଟରୁ ବୁଧବାର ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏମାନଙ୍କଠାରୁ ବୋମା, ବନ୍ଧୁକ ଓ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଜବତ ହୋଇଛି। ତେବେ ପୋଲିସ ଏମାନଙ୍କୁ ଗିରଫ ଦେଖାଇନି। କିନ୍ତୁ ବେଆଇନ ସୁରକ୍ଷାକର୍ମୀଙ୍କୁ କିଏ ନିୟୋଜିତ କରିଥିଲା, ମାରଣାସ୍ତ୍ର କେଉଁଠି ଆସୁଛି। ବେଆଇନ ଖଣି ଉତ୍ତୋଳନକାରୀ କିଏ, ଆଦି ବିଭିନ୍ନ ପ୍ରଶ୍ନର ଉତ୍ତର ପାଇବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି। ପଚାରିଲେ ଉତ୍ତର ମିଳୁଛି ଅପେକ୍ଷା କରନ୍ତୁ ତଦନ୍ତ ସରିଲେ ସବୁ କିଛି ସୂଚନା ଦିଆଯିବ।

ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରି ନ ଥାଇ ଖୋର୍ଦ୍ଧା ଜିଲାରେ ବେଆଇନ ଭାବେ ୪୪ରୁ ଉର୍ଦ୍ଧ୍ୱ ମୁଣ୍ଡିଆରେ ବ୍ଲାଷ୍ଟିଂ ହେଉଛି। ଅଭିଯୋଗ କଲେ ମାଡ ମାରି, ବୋମା ପକାଇ, ଆକ୍ରମଣ କରି, ଟଙ୍କା ଦିଆଯାଇ ମୁହଁ ବନ୍ଦ କରାଯାଉଛି। ଅନ୍ୟପକ୍ଷେ ବୋମା, ବନ୍ଧୁକ, ମାରଣାସ୍ତ୍ର ଧରି କେତେଜଣ ଯୁବକ ବେଆଇନ ଖଣି ଖନନ ଓ ପାହାଡର ବ୍ଲାଷ୍ଟିଂ ସମୟରେ ଜଗି ସୁରକ୍ଷା ଯୋଗାଉଛନ୍ତି। ଦରକାର ପଡିଲେ ବୋମା ଫୁଟାଇବା ସହ ଗୁଳି କରୁଛନ୍ତି। ଏମାନଙ୍କୁ ଖଣି ଉତ୍ତୋଳନକାରୀ ନିୟୋଜିତ କରିଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିନି।

## ୪ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ଟାଙ୍ଗୀ(ଖୋର୍ଦ୍ଧା), ୧୦।୧୦ (ଡି.ଏନ.ଏ.)**

କୁହୁଡି ଅଞ୍ଚଳର ଲୁଟ୍ ଘଟଣାରେ ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ରାତିରେ ଟାଙ୍ଗୀ ପୋଲିସ ଗିରଫ କରିଛି। ଦୀର୍ଘଦିନ ଧରି ଏମାନେ ୧୬ ନଂ ଜାତୀୟ ରାଜପଥର ଯାନବାହନ ଅଟକାଇ ଲୁଟ୍ କରି ଚାଲୁଥିବା ଅଭିଯୋଗ ହୋଇଛି। ଜନତା ମହାବିଦ୍ୟାଳୟ ପରିସରରେ ୫ ଜଣ ଲୁଟେରା ଲୁଟ୍ ପାଇଁ ପ୍ରସ୍ତୁତି ଚଳାଇଥିବା ଖବର ପାଇ ଟାଙ୍ଗୀ ପୋଲିସ ସଦଳବଳ ପହଞ୍ଚି ୪ ଜଣଙ୍କୁ କାବୁ କରିନେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା କୁହାଯାଇଛି। ବୁଧବାର ସନ୍ଧ୍ୟାରେ ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ଥାନାରେ ଏକ ପ୍ରେସ୍‌ମିଟ୍ କରି ଜବତ ମାରଣାସ୍ତ୍ର ସହ ଅଭିଯୁକ୍ତଙ୍କୁ ହାଜର କରାଇଥିଲେ। ଅଭିଯୁକ୍ତମାନେ ହେଲେ ରଣପୁରର ରଞ୍ଜିତ ନାୟକ, କୁହୁଡି ଲୋଧା ସାହିର କେଲୁ ନାୟକ, କୁଞ୍ଜୁରୀର ପ୍ରସନ୍ନ ନାୟକ ଓ ଟାଙ୍ଗୀରେ ରହୁଥିବା ଉତ୍ତର ପ୍ରଦେଶର ରାକେଶ ଯାଦବ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି। ଚଢ଼ାଉରେ ପ୍ରଭାକର ମହାପାତ୍ର ଓ କାହ୍ନୁଚରଣ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

## 'ଶିଶୁଙ୍କୁ ଚେଙ୍କ ଦେବା କୁପ୍ରଥାକୁ ରୋକିବା ଜରୁରୀ'

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ଚିକିତ୍ସା ନାଁରେ କୋମଳମତି ଶିଶୁମାନଙ୍କୁ ଚେଙ୍କ ଦେବା ଫଳରେ ଅନେକ ସମୟରେ ଶିଶୁଟି ମୃତ୍ୟୁମୁଖରେ ପଡ଼ିଥାଏ। ଏପରି ଅନ୍ଧବିଶ୍ୱାସ ଦୂର କରିବାକୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଦିଲ୍ଲୀ ଏବଂ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମିଳିତ ଆନୁକୂଲ୍ୟରେ ବୁଧବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ରୂପା କପୁର ଏଥିରେ ଅଧ୍ୟକ୍ଷତା କରି ଏହି କୁପ୍ରଥାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀମାନେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ କହିଥିଲେ। ପୁଷ୍ଟି ଥଇଥାନ କେନ୍ଦ୍ରକୁ ବ୍ଲକସ୍ତର ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାକୁ ସେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଲେ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଗୁଡ଼ିକ ମଧରେ ସମନ୍ୱୟ ରକ୍ଷାକରି ସଚେତନତା ମାଧମରେ ଏଭଳି କୁପ୍ରଥାକୁ ପ୍ରତିହତ କରାଯାଇ ପାରିବ। ବୈଠକରେ ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, କେନ୍ଦୁଝର ଜିଲାର ପ୍ରତିନିଧି, ସିଡିଏମଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଚାଇଲ୍ଡ ଲାଇନ୍‌ର ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଖୋର୍ଦ୍ଧା ଜିଲାସ୍ତରୀୟ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ସଚେତନତା ସଂଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଖୋର୍ଦ୍ଧା ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ଓ ସଂଯୋଜିକା ଯୋଗଦେଇ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଡ. ପାର୍ଥ ସାରଥି ମିଶ୍ର ଏବଂ ରାଜ୍ୟ ପରାମର୍ଶଦାତା ଡ. ନିବେଦିତା ଜେନା ଯୋଗ ଦେଇଥିଲେ। ଶିବିରକୁ ଖୋର୍ଦ୍ଧା ଜିଲା ସଂଯୋଜକ ଡ. ଅମୀୟ କୁମାର ରଥ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ବାଲକାଟୀ,୧୦।୧୦(ଡି.ଏନ୍.ଏ.)**

ସ୍ଥାନୀୟ ବ୍ଲକ ଝିଣ୍ଟି ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ସୁରଭି-୨୦୧୮ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୃତିବାସ ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ବି.ଆର.ସି.ସି ସୁରେନ୍ଦ୍ରନାଥ ସାହୁ ଯୋଗଦେଇଥିଲେ। ଏଥିରେ ବ୍ଲକର ୧୦ଟି କ୍ଲଷ୍ଟର ସିନିୟର ଓ ଜୁନିୟର ବିଭାଗରେ ୨ଶହ ଛାତ୍ରୀଛାତ୍ର ତର୍କ, ବକ୍ତୃତା, ସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ସମିତିସଭ୍ୟ ବିଜୟ ନାୟକ, ରବି ନାରାୟଣ ପାତ୍ର, ପ୍ରଦୀପ କୁମାର ଜେନା, ସହଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପାତ୍ର, ପୁରସ୍କୃତ କରାଯିବା ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ-୨୦୧୮ ସୁରଭିରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସିଆରସିସି ଶରତ କୁମାର ଜେନା । ଆୟୋଜିତ ସଭାରେ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଦିଲୀପ କୁମାର ବେହେରା।



ଭୁବନେଶ୍ୱର ସୂଚନା ଭବନଠାରେ ବୁଧବାର ଦିବ୍ୟଜ୍ୟୋତି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କେହନା ହି କ୍ୟା'ରେ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଥାନା ଆଗରେ ମହିଳାଙ୍କ ଧାରଣା

**ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)**

**ଅସଦାଚରଣ ଘଟଣାରେ ପୋଲିସ ଚୁପ**

ଜଣେ ମହିଳାଙ୍କୁ ଘର ମାଲିକ ମାଡ ମାରି ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ପକ୍ଷପାତିତା କରି ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି। ଏହା ପ୍ରତିବାଦରେ ବୁଧବାର ଅପରାହ୍ନରେ ଶତାଧିକ ମହିଳା ଚନ୍ଦ୍ରଶେଖରପୁର ଥାନା ଘେରାଉ କରିଛନ୍ତି। ବ୍ରହ୍ମପୁର ଅଞ୍ଚଳର ଜଣେ ମହିଳା ସାଲିଆସାହିରେ ରହୁଥିଲେ। ସେ ଚନ୍ଦ୍ରଶେଖରପୁର ଥାନା ଡିଷ୍ଟ୍ରିକ୍ଟ ସେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ କାର୍ଯ୍ୟ କରୁଥିଲେ। ମହିଳା ଜଣକ ଛୁଟିରେ ଗଲାବେଳେ ଘର ମାଲିକ ତାଙ୍କୁ ୨୦୦ଟଙ୍କା ଖୁସିରେ ଦେଇ ପରେ ଫେରସ୍ତ ମାଗିଥିଲେ। ପାଖରେ ଏବେ ଟଙ୍କା ନ ଥିବାରୁ ପରେ ଦେବି ବୋଲି ସେ କହିଥିଲେ। ମାତ୍ର ଘର ମାଲିକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ରାସ୍ତା ଉପରେ ଚୁଟି ଭିଡ଼ି ମାଡ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ମଧ ପୋଲିସ ନ ଶୁଣିବାରୁ ଗତ ଶୁକ୍ରବାର ମହିଳାମାନେ ଥାନା ଆଗରେ ଧାରଣ ଦେଇଥିଲେ। ଥାନା ଅଧିକାରୀ ବୁଝାଶୁଝା କରିବା ପରେ ମହିଳାମାନେ ଧାରଣାରୁ ଉଠିଥିଲେ। ମାତ୍ର ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ବୁଧବାର ପୁଣି ଶତାଧିକ ମହିଳା ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଜୋନ ଏସିପି ଓ ଥାନା ଅଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଛି।

# 'ଜନଜାଗରଣ ମହାମେଣ୍ଟ ସମୟର ଏକ ଆହ୍ୱାନ'



ମହା ସମାବେଶରେ ଯୋଗ ଦେଇଥିବା ରାଜନେତା ଓ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା),୧୦।୧୦(ଡି.ଏନ.ଏ.)**

ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସଂଗ୍ରାମ ଚଳାଇ ରଖିଥିବା ଟାଙ୍ଗୀ ଜନଜାଗରଣ ମହାମେଣ୍ଟ ସମୟର ଏକ ଆହ୍ୱାନ ବୋଲି ନେତୃବୃନ୍ଦ ପ୍ରଶଂସା କରିଛନ୍ତି। ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ରାଜୀବଗାନ୍ଧୀ ପଡିଆରେ ମହାମେଣ୍ଟ ତରଫରୁ ଏକ ମହାସମାବେଶର ଆୟୋଜନ କରାଯାଇଥିଲା। ଲଗାଣ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ସମାଗମ ଘଟିଥିଲା। ମହାମେଣ୍ଟ ସଭାପତି ବିପିନ କୁମାର ଜୟସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ, ପଞ୍ଚାନନ କାନୁନଗୋ, ସିପିଏମ୍ ନେତା ଜନାର୍ଦ୍ଦନ ପତି ଓ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ନେତୃବୃନ୍ଦ କଡ଼ା ସମାଲୋଚନା

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁର୍ନୀତିର କଡ଼ା ସମାଲୋଚନା**

କରିଥିଲେ। ଏହି ମହାମେଣ୍ଟରେ କଂଗ୍ରେସ, ଭାଜପା, ସିପିଏମ୍ ଓ ଅସନ୍ତୁଷ୍ଟ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ। ନେତୃବୃନ୍ଦ କେନ୍ଦ୍ରର ମୋଦି ସରକାର ଉପରେ ବର୍ଷିଥିବା ଯୋଗୁ ଭାଜପା କର୍ମୀଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେଣୁ ଭାଜପା କର୍ମୀମାନେ ଶୃଙ୍ଖଳା ଭଙ୍ଗ କରି ସଭାସ୍ଥଳରେ ମୋଦି ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ । ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟା ମମତା ଜେନା ଓ ଖୋର୍ଦ୍ଧା ବ୍ଲକ୍ କଂଗ୍ରେସ ସଭାପତି ପଦ୍ମଚରଣ ରାୟ ପ୍ରମୁଖ ସମୟ ଅଭାବରୁ ନିଜର ବକ୍ତବ୍ୟ ରଖିପାରିନଥିଲେ। ମହାମେଣ୍ଟର ଉପସଭାପତି ତାରାପ୍ରସାଦ ଚ୍ୟାଉପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରାସଙ୍ଗିକତା ହରାଉଛି ଓଡ଼ିଆ ସିନେମା

**ଭୁବନେଶ୍ୱର,୧୦।୧୦(ବ୍ୟୁରୋ)**

ଓଡ଼ିଆ ସିନେମା ଧୀରେ ଧୀରେ ପ୍ରାସଙ୍ଗିକତା ହରାଉଛି, ଯାହାର ପ୍ରମୁଖ କାରଣ ହେଉଛି ସିନେମା ବିଷୟରେ କିଛି ମୌଳିକ ଧାରଣା ରଖି ନ ଥିବା ଲୋକେ ଆଜିକାଲି ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଗୋଟିଏ ଭଲ ସିନେମା ତିଆରି କରିବାକୁ ହେଲେ ଭଲ କଳାକାର ସହିତ ଉପଯୁକ୍ତ ଭିତ୍ତିଭୂମି ଏବଂ ସିନେମାର ବଜେଟ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ଏହାଦ୍ୱାରା ସିନେମାଟି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥାଏ। ହେଲେ ବର୍ତ୍ତମାନ ସମୟରେ ସେ ସବୁ ଉପାଦାନ ଓଡ଼ିଆ ଫିଲ୍ମରେ ରହୁନାହିଁ, ଯାହାକି ଇଣ୍ଡଷ୍ଟ୍ରୀକୁ ନିମ୍ନଗାମୀ କରାଉଛି। ଏହାବ୍ୟତୀତ ଓଡ଼ିଆ ସିନେମା ଉପରେ ଅଧିକ ସମାଲୋଚନା ହେବା ସହିତ ଗଣମାଧମ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବାର ଆବଶ୍ୟକତା ରହିଛି ବୋଲି ଏଠାରେ ମତପ୍ରକାଶ ପାଇଛି।

ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍ ସଭାଗୃହରେ ଅନୁଷ୍ଠାନର ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗ ତରଫରୁ ବୁଧବାର ଆୟୋଜିତ 'ଓଡ଼ିଆ ଚଳଚ୍ଚିତ୍ରର ସମସାମୟିକ ସମସ୍ୟା' ଶୀର୍ଷକ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ଏଥିରେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ ଓଡ଼ିଆ ଫିଲ୍ମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ପ୍ରଯୋଜକ ଅଜୟ ରାଉତରାୟ କହିଥିଲେ, ଓଡ଼ିଆ ସିନେମା ଅନ୍ତର୍ଜାତୀୟ ସ୍ତରରେ ଅନେକ ଖ୍ୟାତି ଅର୍ଜନ କରିଥିଲେ ମଧ ଆଜି ବି ବହୁ ପଛରେ ରହିଛି। ସିନେମା ଚରିତ୍ର, ସିନେମା ତିଆରି କରିବାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ, ସର୍ବୋପରି ସମାଜ ଉପଯୋଗୀ କାହାଣୀ ମିଳିପାରିଲେ ଭଲ ସିନେମା ତିଆରି ହୋଇପାରିବ ବୋଲି ସେ ମତ ଦେଇଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ମନୋରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ସମସ୍ତ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୧, ୨୦୧୮



କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ କରିବା ପରେ ଏବେ ବେସାମରିକ ବିମାନ ଚଳାଚଳ ଉଦ୍ୟୋଗକୁ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ସରକାର ବିମାନ ଇନ୍ଧନ ମୂଲ୍ୟ ଉପରେ ଉତ୍ପାଦ ଶୁଳ୍କ ୧୪ରୁ ୧୧%କୁ ହ୍ରାସ କରିଛନ୍ତି, ଯାହାକି ପୂର୍ବ ଦରଠାରୁ ୩% କମ୍। ଗୁରୁବାରଠାରୁ ନୂଆ ଦର ଲାଗୁ ହେବ। ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ଲାଗି ସରକାର ଗତ ସପ୍ତାହରେ ଜେଟ୍ ଇନ୍ଧନ ଉପରେ ସୀମା ଶୁଳ୍କ ବଢ଼ାଇଥିଲେ। ଏବେ ଉତ୍ପାଦ ଶୁଳ୍କ ହ୍ରାସ ହେବା ପରେ ସୀମା ଶୁଳ୍କ ବାବଦ ଦେୟ ୭% କମିଯିବ।



# ‘ତିତ୍ଲି’ ମୁକାବିଲା ପାଇଁ ପ୍ରସ୍ତୁତ ରୁହ

ଭୁବନେଶ୍ୱର, ୧୦।୧୦(ବ୍ୟୁରୋ)

‘ତିତଲି’ର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଲାଗି ସବୁ ଥାନାକୁ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଥାନାରେ ରିଲିଫ ଏବଂ ପ୍ରାଥମିକ ଚିକିତ୍ସା ସାମଗ୍ରୀ ମହଜୁଦ ରଖିବା ପାଇଁ ଡିଜିପି ପରାମର୍ଶ ଦେଇଛନ୍ତି। ଏ ନେଇ ଡିଜିପିଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ପୋଲିସ ତରଫରୁ ଟୋଲ୍ ଫ୍ରି ନମ୍ବର(୦୬୭୧-୨୩୦୪୦୦୧) ଜାରି କରାଯାଇଛି। ୧୮ଟି ଓଡ୍ରାଫ ଟିମକୁ ୧୪ ଜିଲାରେ ମୁତୟନ କରାଯାଇଛି। ସବୁ ଜିଲା ଏସ୍‌ପି ଓ ଆଇଜିଙ୍କୁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରିବା ସହ ହେଲ୍‌ପଲାଇନ୍ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଛ କାଟିବାଠାରୁ ଆରମ୍ଭ କରି ରାସ୍ତା ସଫା କରିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସମସ୍ତ ଥାନାରେ ଶୁଖିଲା ଖାଦ୍ୟଠାରୁ ଆରମ୍ଭ କରି ପ୍ରାଥମିକ ଚିକିତ୍ସା ଲାଗି ଆବଶ୍ୟକ ମେଡିସିନ ଓ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା ପାଇଁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

**ସବୁ ଥାନାକୁ ଡିଜିପିଙ୍କ ନିର୍ଦ୍ଦେଶ**

- ଥାନାରେ ରିଲିଫ ମହଜୁଦ ରଖିବାକୁ ପରାମର୍ଶ
- ଟୋଲ ଫ୍ରି ନମ୍ବର ଜାରି

ସେହିପରି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ ଟୋଲ୍ ଫ୍ରି ନମ୍ବର ୧୦୦ ସମେତ ମୋବାଇଲ ନମ୍ବର ୮୨୮୦୩୩୮୩୩୨ ଜାରି କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ‘ତିତଲି’ ମୁକାବିଲା କରିବା ପାଇଁ ଓଡ୍ରାଫର ୬ଟି ଟିମ୍, ୪ଟି ଉଦ୍ଧାରକାରୀ ଦଳ, ଦୁଇଟି କ୍ଲିୟରାନ୍ସ ଟିମ୍ ଏବଂ ଗୋଟିଏ ଏନ୍‌ଡିଆର୍‌ଏଫ ଟିମ୍ ମୁତୟନ ହୋଇଛନ୍ତି। ଆର୍ମ ଡିସିପି କେ.ବି. ସାହୁଙ୍କୁ ପରିସ୍ଥିତି ଅନୁଧ୍ୟାନ କରିବାକୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏଥିସହ ୨୪ ଘଣ୍ଟିଆ ମଡର୍ନ କଣ୍ଟ୍ରୋଲ ରୁମ୍‌ର ଅନୁଧ୍ୟାନ ଦାୟିତ୍ୱରେ ଏସିପି ବାନାମ୍ବର ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR.
Tender Call Notice No. HO/P&C/T&E-E-1347/04/2018/ 20608 DT: 06.10.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Construction of 2x8MVA, 33/11KV e-substation (GIS type) and 500KVA, 11/0.4KV compact substation with 33KV and 11KV Cable laying for power supply to Electronics park at Infocity-II, Janla, Dist: Khordha.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (P&C), IDCO, IDCO Towers, Janpath, Bhubaneswar | Bid ID No.P&C/ EST/E-64/2018-19 | 11.00 Hours of dt.12.10.2018 | 17.00 Hours of dt. 29.10.2018 |

Further details can be seen from the e-procurement portal. **www.tendersodisha.gov.in** . Corrigendum or Addendum, if any will not be published in newspapers and can be seen in **e-procurement portal** as well as in **IDCO website**.

Sd/-
**Chief General Manager (P&C)**
**IDCO, Bhubaneswar**

# DISTRICT OFFICE, CUTTACK

## Land Acquisition Officer (NH) and Competent Authority, Cuttack

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (48 of 1956) the Central Government vide their Gazette Notification No. **S.O. 4132(E), Dated 21st August, 2018** have acquired the lands indicated in the Schedule here under for building (Widening/4 laning etc.) maintenance, management and operation of National Highway No. 55 on the Stretch of land from Km. 0 to Km. 28 in District of CUTTACK in the State of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (48 of 1956) it is hereby informed to the land owners and other interested persons whose lands are acquired for building (Widening/ 6 laning etc.) maintenance, management and operation of National Highway No. 55 on the Stretch of land from Km. 0 to Km. 28 in District of CUTTACK in the State of Odisha; to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations orders and Rent Receipt. (3) Conversion Certificate etc. in person or through Agents or through Advocates in the place and on the date as indicated under, to the Land Acquisition Officer and Competent Authority, NH-55 Project, Cuttack and to State their respective interest on such lands.

**Sd/- Land Acquisition Officer (NH-55) &**
**Competent Authority, Cuttack**

| Sl. No. | Name of the District | Name of the Tahasil | Name of the Village | Date & Time | The place where the land owners/ interested persons have to appear and submit their claims |
|---|---|---|---|---|---|
| 01 | Cuttack | Athagad | 1. Bali<br>2. Kuspangi<br>3. Purusottampur<br>4. Radhakrishnapur<br>5. Rampei | 25.10.18 on the working hours | Land Acquisition (NH-55) Cell, Office of the Collector, Cuttack |
| 02 | Cuttack | Tangi | 1. Gopalpur<br>2. Indranipatana Alias Goukhana<br>3. Manguli | 26.10.18 on the working hours | |

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 21st August 2018**

**S.O. 4132 (E)** – Whereas by the notification of the Government of India in the Ministry of Road Transport and Highways published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening / 4 laning, etc.), maintenance, management and operation of National Highway No.55 on the stretch of land from Km. 0 to Km 28 in District of CUTTACK in the State of ODISHA;

And whereas, the substance of the said notification has been published in "Prameya" and "Pragativadi" both dated 24th April, 2018, under sub-section (3) of section 3A of the said Act;

And whereas, objections have been received and the same have been considered and disallowed by the competent authority;

And whereas, in pursuance of the sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by sub-section(1) of section 3D of the said Act, the Central Government hereby declares that the land specified in the said Schedule annexed hereto should be acquired for the aforesaid purpose;

And, further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired with or without structure falling within the stretch of land from Km. 0 to Km.28 of the NH-55 in District of CUTTACK in the State of Odisha.**

| Sl. No. | Survey Number | Type of land | Nature of land | Area in Hectre | Name of the land owner/ interested person / Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **TALUK : ATHAGAD VILLAGE : BALI** | | | | | |
| 1 | 1452 | Government | Gochar | 1.073 | Rakhita Khata No. 486 1452 |
| **VILLAGE : KUSPANGI** | | | | | |
| 2 | 1044 | Private | Gharabari | 0.04 | Sri Jagannath Mahaprabhu Bije Nijigaon Sebayat Odisha Hindu Endowment Marfat Jaganath Das, Raghunath Das, Sitaram Das, S/o- Anandi Das of Nigigaon, 1044 |
| 3 | 653 | Private | Sarad-II | 0.04 | Adhikari Behera, S/o Kanhu Behera of Godipatna, 653 |
| 4 | 722 | Private | Sarad dofasal-II | 0.028 | Trailokyanath Pradhan, S/o- Nidhi Pradhan of Kuspangi, 722 |
| 5 | 980 | Private | Gharabari | 0.028 | Sri Jagannath Mahaprabhu Bije Nijigaon Sebayat Odisha Hindu Endowment Marfat Jaganath Das, Raghunath Das, Sitaram Das, S/o- Anandi Das of Nigigaon, 980 |
| **VILLAGE : PURUSOTTAMPUR** | | | | | |
| 6 | 151/352 | Private | Bari | 0.02 | Khirodini Tripathy, W/o Gopabandhu Tripathy of Nijigaon, 151/352 |

| Sl. No. | Survey Number | Type of land | Nature of land | Area in Hectre | Name of the land owner/ interested person / Part Survey No. |
|---|---|---|---|---|---|
| 7 | 184 | Private | Goda-I | 0.105 | Sanjay Kumar Sahoo, S/o Ganeswar Sahoo of Mansinghpatna hal sakil Purusottampur, 184 |
| **VILLAGE : RADHAKRISHNAPUR** | | | | | |
| 8 | 17 | Government | Nayanjori | 0.834 | P.W.D. Khata No. 57, 17 |
| 9 | 18 | Government | Sadak | 0.773 | P.W.D. Khata No. 57, - 18 |
| 10 | 19 | Government | Nayanjori | 0.332 | P.W.D. Khata No. 57 - 19 |
| 11 | 43 | Private | Sarad-II | 0.036 | Biswajit Dasgupta S/o Anutosh Dasgupta of Radhakrushnapur-43 |
| 12 | 7/373 | Government | Nayanjori | 0.109 | P.W.D. Khata No. 57 - 7/373 |
| **VILLAGE : RAMPEI** | | | | | |
| 13 | 1063 | Private | Sarad-II | 0.008 | Pranaya Kumar Pattanaik S/o- Sachidananda Pattanaik of Rampei - 1063 |
| 14 | 1323 | Private | Sarada - III | 0.097 | Bidhubhusan Patra S/o Joginath Patra of Rampei - 1323 |
| 15 | 1326/1825 | Private | Taila | 0.162 | Swami Shree Nigamananda Paramhansa Saraswati Sangha Dev Nilachal Saraswati Sangha Puri Marfat Mulavisikta Sampadaka Umesh Chandra Samantaray-1326/1825 |
| 16 | 1334 | Government | Nayanjori | 0.008 | P.W.D. Khata No. 554 - 1334 |
| 17 | 1335 | Government | Sadak | 0.016 | P.W.D. Khata No. 554-1335 |
| 18 | 1336 | Government | Nayanjori | 0.012 | P.W.D. Khata No. 544-1336 |
| 19 | 1408 | Private | Bari | 0.016 | Rajkishore Samantray S/o- Nabina Paikaray Srinabash Samantray S/o-Niladri Samantaray of Nijigaon - 1408 |
| 20 | 1418 | Private | Gharabari | 0.044 | Natabar Jena S/o-Jagyansen Jena of Rampei - 1418 |
| 21 | 463 | Private | Gharabari | 0.016 | Binod Kumar, Roul Baishnav Roul, Dhadi Roul S/o- Bhaiga Roul, Kailash Chandra Roul S/o- Anand Roul of Nijigaon - 463 |
| 22 | 465/1732 | Private | Sarad - II | 0.012 | Krushna Chandra Bej S/o Dhoba Bej of Rampei - 465/ 1732 |
| 23 | 679 | Government | Nayanjori | 0.016 | P.W.D. Khata No. 554/ 679 |
| 24 | 680 | Government | Sadak | 0.02 | P.W.D. Khata No. 554 / 680 |
| Taluk : Tangi | | | | | |
| Village : Gopalpur | | | | | |
| 1 | 565 | Government | Patia | 0.012 | Govt. Khata No. 148 / 565 |
| 2 | 568 | Government | Patia | 0.057 | Govt. Khata No. 148 / 568 |
| 3 | 570 | Private | Gharabari | 0.044 | Sarawati Nayak W/o - Anjan Kumar Nayak of Natuadanda PS- Konark Puri - 570 |
| 4 | 642 | Private | Gharabari | 0.028 | Bulu Behera S/o - Harekrishna Behera of Sikharpur Nadikula Sahi PS- Chauliaganja - 642 |
| 5 | 665 | Government | Nayanjori | 0.951 | P.W.D. Khata No. 151 / 665 |
| 6 | 696 | Private | Biaali | 0.016 | Braja Kishore Behera S/o- Abhimanyu Behera of Daulatabad - 696 |
| 7 | 697 | Private | Patia | 0.02 | Rabindra Kumar Bardhan S/o- Nidhi Bardhan of Laxminarayanpur - 697 |
| 8 | 708 | Government | Gochar | 0.04 | Rakhita Khata No. 150 / 708 |
| 9 | 709 | Government | Nayanjori | 0.542 | P.W.D. Khata No. 151/709 |
| 10 | 710 | Government | Road | 1.643 | P.W.D. Khata No. 151 / 710 |
| 11 | 714 | Government | Patia | 0.032 | Govt. Khata No. 148 / 714 |
| 12 | 711 | Government | Nayanjori | 1.498 | P.W.D. Khata No. 151/711 |
| Village : Indranipatana Alias Goukhana | | | | | |
| 13 | 52 | Priavte | Biaali | 0.016 | Baraju Das S/o- Padan Das Bhikari Das S/o- Basu Das of Nijigaon - 52 |
| Village : Manguli | | | | | |
| 14 | 324 | Private | Saradjala II | 0.024 | Mina Sahoo W/o- Shyam Sundar Sahoo of Choudwar - 324 |
| 15 | 328 | Government | Nayanjori | 0.234 | P.W.D. Khata No. 359 / 328 |
| 16 | 321 | Government | Patia | 0.048 | P.W.D. Khata No. 359 / 321 |
| 17 | 326 | Private | Patia | 0.04 | Muralidhar Rout S/o- Sudarsan Rout, Hemalata Rout W/o- Sudarsan Rout Ugresen Rout S/o- Udyanath Rout - 326 |
| 18 | 323 | Priavte | Patia | 0.012 | Gouripriya Sahoo, Ashok Kumar Behera of Nabagrahasahi choudwar - 323 |
| | | | Total | 9.102 | |

[F. No. NHAI/11013/2018/Odisha/PIU-Dhenkanal/3D]
**RAJESH GUPTA, Dy. Secy.**

# ପୂରଣ ହେଲା ଆଶା


ପିଙ୍କି-ଦୀପକ

କେହାଯାଏ ଆଶା ଅସୁମାରି। କେତେ ଦେଖୁନାହାନ୍ତି ନିଜର ଆଶା ପୂରଣ ହେବା ପରେ ଅଭିନେତା ଦୀପକ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ ହେବାକୁ ଯାଉଥିବା ଓଡ଼ିଆ ସିନେମା 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ତାଙ୍କର ମନଲାଖି ଭୂମିକା। ଲଭ୍, ଇମୋଶନ ଏବଂ କମେଡିଭିତ୍ତିକ କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେବ। ଏଥିରେ ଜଣେ ବିନ୍‌ଦାସ ଯୁବକ ଭୂମିକାରେ ଦେଖାଦେବେ ଦୀପକ। ହଠାତ୍ ତାଙ୍କର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଦୁହିଁଙ୍କ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ଏପରି ଭୂମିକା ବିଷୟରେ ଦୀପକ କହନ୍ତି, 'ସବୁ ଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁ ପ୍ରକାର ମସଲା ରହିଛି।' ରବୀନ୍ଦ୍ର ପଣ୍ଡାଙ୍କ ଦିଗ୍‌ଦର୍ଶନରେ ତଥା ଏକ୍ସସେଲ ମୁଭିଜ ଏବଂ ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।

## ସ୍ପେଶାଲ ବାର୍ଥ ଡେ


ସବ୍ୟସାଚୀ

ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ଲଭରବୟ ସବ୍ୟସାଚୀ ତାଙ୍କର ପ୍ରାୟ ସମସ୍ତ କାମକୁ ସ୍ପେଶାଲ କରିବାକୁ ଚାହିଁଥାଆନ୍ତି। କୌଣସି ସିନେମାର ଯେଉଁ ଭୂମିକା ମିଳୁ ନା କାହିଁକି ତାହାର ସଫଳତା ପାଇଁ ସେ ପୂରାଦମ୍‌ରେ ଅଣ୍ଟା ଭିଡିଦିଅନ୍ତି। ଏବେ ତ ସେ ଏକ ବଙ୍ଗଳା ଚଳଚ୍ଚିତ୍ରର ଶୁଟିଂରେ ବ୍ୟସ୍ତ ଅଛନ୍ତି। ତଥାପି ନିକଟରେ ନିଜ ଜନ୍ମଦିନକୁ ପାଳିବାକୁ ଭୁଲିନାହାନ୍ତି ସେ। ଏପଟେ ଓଡିଶାରେ ତାଙ୍କର ସବ୍ୟସାଚୀ ଫ୍ୟାନ୍ କ୍ଲବର ସଦସ୍ୟମାନେ ଏକତ୍ର ହୋଇ ଏହି ବାର୍ଥ ଡେ'କୁ ପାଳନ କରିଥିଲେ। ଏହି ଅବସରରେ ସେମାନେ ଏକ ମନ୍ଦିର ପରିସରରେ ଶତାଧିକ ଅସହାୟ ପିଲାଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରିବା ସହ କେକ୍ କାଟି ନିରାଡମ୍ବର ଭାବରେ ଜନ୍ମଦିନକୁ ସେଲିବ୍ରେଟ୍ କରିଥିଲେ। ଏ ବିଷୟରେ ସବ୍ୟସାଚୀ କହନ୍ତି, 'ଯେତେବେଳେ ମୋର କେତେଜଣ ପ୍ରଶଂସକ ଏ ବିଷୟରେ ମୋତେ କହିଲେ ସେତେବେଳେ ମୁଁ ସେମାନଙ୍କ ଏପରି ଉଦ୍ୟମକୁ କିପରି ପ୍ରଶଂସା କରିବି ଭାଷା ଖୋଜି ପାଇ ନ ଥିଲି। ସେମାନଙ୍କ ପାଖରେ ମୁଁ ନ ଥିଲେ ମଧ୍ୟ ସେମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି।'

# ନଭେମ୍ବରରେ ପ୍ରେମ ପାଇଁ ମହାଭାରତ

ସମ୍ବିତ-ରିୟା ଯୋଡିକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା ଆସନ୍ତା ମାସ ଅର୍ଥାତ ନଭେମ୍ବରରେ ପରଦା ଉପରକୁ ଆସିବ। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ଚିତ୍ରଟି ନିର୍ମିତ ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ଫିଲ୍ମ ନିର୍ଦ୍ଦେଶକ ନିରଞ୍ଜନ ବେହେରା କୁହନ୍ତି, 'ଏହି ସିନେମାରୁ ସବୁ ବର୍ଗର ଦର୍ଶକ ଭରପୂର ଏଣ୍ଟରଟେନ୍‌ମେଣ୍ଟ ପାଇବେ। ପ୍ରେମକୁ ଏକ ଭିନ୍ନ ଢଙ୍ଗରେ ଏଥିରେ ଦୃଶ୍ୟାୟନ କରାଯାଇଛି। କେବଳ କାହାଣୀ ନୁହେଁ, ଅଭିଜିତ ମଜୁମଦାରଙ୍କ ସ୍ୱର ସଂଯୋଜନାରେ ଏହାର ଗୀତ ଏବଂ ଅମିତ ନାୟକ ଓ ଗିରିଶ ମହାନ୍ତିଙ୍କ କୋରିଓଗ୍ରାଫି ଏହି ଫିଲ୍ମର ଅନ୍ୟତମ ଆକର୍ଷଣ ହେବ।' ନାୟକ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ତଥା ନବାଗତ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ଅପରପକ୍ଷରେ ଏହି ବ୍ୟାନରରେ ନୂଆ ସିନେମା 'ୱାଇଫ ମୋ ଲାଇଫ'ର ପ୍ରାରମ୍ଭିକ କାମ ଚାଲୁରହିଛି, ଯାହାର ନିର୍ଦ୍ଦେଶନା ଦେବେ ନିରଞ୍ଜନ ବେହେରା।


ସମ୍ବିତ୍

# ଅଲିଶାଙ୍କୁ ମହେଶ ଭରସା

ନବାଗତା ଅଲିଶା ଖାଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ପ୍ରଥମ ଅଭିନୀତ ହିନ୍ଦୀ ଫିଲ୍ମ 'ମାତୃ' ଫ୍ଲପ୍ ହେଲା। ତା'ପରେ ଭଲ ଅଫରଟିଏ ମିଳିବ ବୋଲି ଚାହିଁ ବସିଥିଲେ। ଶେଷରେ ତାଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ମହେଶ ଭଟ୍ଟଙ୍କ ଆଗାମୀ ଫିଲ୍ମରେ ସେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। କେବଳ ସେତିକି ନୁହେଁ, ହିନ୍ଦୀ ସିନେମା 'ଦ ଡାର୍କ ସାଇଡ୍ ଅଫ ଲାଇଫ : ମୁମ୍ବାଇ ସିଟି'ରେ ମହେଶ ଅତିଥି କଳାକାର ଭାବରେ ଅଭିନୟ କରିଛନ୍ତି। ପୁଣି ଏଭଳି ସଂଯୋଗ ଯେ କେତୋଟି ସିନ୍‌ରେ ଅଲିଶାଙ୍କ ସହ ମହେଶଙ୍କୁ ଦେଖିବାକୁ ମିଳିଛି। ଏହି ଫିଲ୍ମର ଶୁଟିଂ ସେଟ୍‌ରେ ଆକ୍ଟିଂ ବିଷୟରେ ଜାଣିବାକୁ ମହେଶଙ୍କ ପଛରେ ଛାଇ ପରି ବୁଲିଥିଲେ ଅଲିଶା। ଶେଷରେ ତାଙ୍କର ଦୁଇଟି ଲାଭ ହୋଇଛି। ମହେଶଙ୍କଠାରୁ ଆକ୍ଟିଂ ଟିପ୍ସ ପାଇଁ ସେ ଖୁସ୍, ତା'ସହ ତାଙ୍କର ଆଗାମୀ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। 'ମୁଁ ଏବେ ବଲିଉଡ୍‌ରେ ନୂଆ। ତେଣୁ ମାପିଚୁପି ପାଦ ପକାଇବି। ମହେଶଙ୍କ ପରି ପ୍ରଯୋଜକଙ୍କ ଫିଲ୍ମରେ କାମ କରିବାକୁ ଯାଉଛି–ଏହାକୁ ସହଜରେ ବିଶ୍ୱାସ କରିପାରୁନାହିଁ ବୋଲି କହିଛନ୍ତି ଅଲିଶା।' ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଦକ୍ଷିଣ ଭାରତୀୟ ଫିଲ୍ମ 'ଆକିଡୁଆଥମ୍'ରୁ। ତେବେ ବଲିଉଡ୍‌ରେ ଅଲିଶା କେତେଦିନ ତିଷ୍ଠି ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଦୀପିକା

# ଠାକୁର ଘରେ କିଏ ନା...

ଠାକୁର ଘରେ କିଏ ନା ମୁଁ କଦଳୀ ଖାଇନି। ଯେତେ ବୁଲେଇ ବଙ୍କେଇ ପଚାରିଲେ ସେ କଥାଟିକୁ ସ୍ୱୀକାର କରିବାକୁ ନାରାଜ। କଥା କ'ଣ କି ନିକଟରେ ଆମୀର ଖାଁଙ୍କ ବାସଭବନ ନିକଟରେ ଦୀପିକା ପାଦୁକୋନଙ୍କୁ ଦେଖିବାକୁ ମିଳିଥିଲା। ବିଲେଇ କପାଳକୁ ସିକା ଛିଣ୍ଡିଲା ପରି ଗେଟ୍ ବାହାରକୁ ବାହାରିବା ସମୟରେ କେତେଜଣ ସାମ୍ବାଦିକଙ୍କ ସହ ସାମନା ସାମନି ହୋଇଯାଇଥିଲା। ତେବେ ସେ କ'ଣ ପାଇଁ ଆମୀରଙ୍କ ଘରକୁ ଆସିଥିଲେ ପ୍ରଶ୍ନକୁ ଯଥାସମ୍ଭବ ଏଡାଇ ଦେବାକୁ ଚେଷ୍ଟା କରିଥିଲେ ଦୀପିକା। ସେ କହିଥିଲେ, 'ମୁଁ ଏମିତି ସାକ୍ଷାତ କରିବାକୁ ଆସିଥିଲି। ଏହାପଛରେ ଆଉ କିଛି କାରଣ ନାହିଁ।' ହେଲେ ଶୁଣିବାକୁ ମିଳୁଛି ଯେ ଆମୀରଙ୍କ ପରବର୍ତ୍ତୀ ସିନେମାରେ ସେ କୁଆଡେ ନାୟିକା ଭୂମିକାରେ ଅଭିନୟ କରିବେ। ତେବେ ଏକଥା କେତେ ସତ କେତେ ମିଛ ତାହା ଜାଣିବାକୁ କେବଳ ଅପେକ୍ଷା କରିବା ହିଁ ସାର।

## ଖ ବ ର ଟ ବ ର

❖ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନୂଆ ଓଡ଼ିଆ ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ'ରେ ଉଭୟ ଜ୍ୟୋତି ନାୟକ ଏବଂ ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ।

❖'ତୁ ମୋ ସୁନା ଚଢ଼େଇ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏସ. ଦିଲୀପ ପଣ୍ଡା।

❖'ସାଥୀ ତୁ ଫେରିଆ'ପରେ ବିନି ସାମଲ ଏବଂ ନିହାର ସାମଲଙ୍କ ପ୍ରଯୋଜନାରେ ଆଉ ଏକ ଅନଟାଇଟଲଡ୍ ଫିଲ୍ମର ପ୍ରାରମ୍ଭିକ କାମ ଆରମ୍ଭ ହୋଇଛି। ଏହାର ସଂଳାପ ଦାୟିତ୍ୱରେ ଡ. ରଜନୀ ରଞ୍ଜନ ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେବେ ମଳୟ ମିଶ୍ର।

❖ଏସ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶନାରେ 'ଚାମ୍ପିୟନ'ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅର୍ଚ୍ଚିତା । ଚିତ୍ରଟି ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅର୍ଚ୍ଚିତା


ଜଗବନ୍ଧୁ

# ନିଆରା ପ୍ରୟାସ

## ଅପେରା ହାଲଚାଲ

ମନୋରଞ୍ଜନର ଅନ୍ୟତମ ପ୍ରମୁଖ ମାଧ୍ୟମ ହେଲା ଅପେରା ନାଟକ। ହଜିଯାଉଥିବା ପୌରାଣିକ, ଐତିହାସିକ ତଥା କାଳ୍ପନିକ ନାଟକଗୁଡିକୁ ପୁଣି ଥରେ ମଞ୍ଚସ୍ଥ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇବାକୁ ଏକ ନିଆରା ପ୍ରୟାସ କରାଯାଇଛି ନବଗଠିତ ଆଦର୍ଶ ଅପେରା ପାର୍ଟି ମାଧ୍ୟମରେ। ଏହାର ପ୍ରତିଷ୍ଠାତା ସାଜିଛନ୍ତି ଓଡିଆ ଅପେରା ଜଗତର ବର୍ଷୀୟାନ ତଥା ଖ୍ୟାତିସମ୍ପନ୍ନ ଅଭିନେତା ଦୈତାରି ପଣ୍ଡା ଓରଫ ଦଇ ଭାଇନା। ଜଗନ୍ନାଥ ସଂସ୍କୃତି, ଓଡ଼ିଶାର ବୀରପୁରୁଷଙ୍କ ଜୀବନଗାଥାକୁ ନାଟକ ଆକାରରେ ପରିବେଷଣ କରିବା ଏହି ପାର୍ଟିର ମୁଖ୍ୟ ଲକ୍ଷ୍ୟ। ଜଗବନ୍ଧୁ ପଣ୍ଡା, ସମୀର ତ୍ରିପାଠୀ, ବୁଲୁ ପଣ୍ଡା, ଚୌଧୁରୀ ବିକାଶ ଦାସ, ରବି ମିଶ୍ର, ଦାମ ପଣ୍ଡାଙ୍କ ପରି ଅଭିଜ୍ଞ କଳାକାରଙ୍କୁ ନେଇ ଏହି ପାର୍ଟିର ରିହର୍ସାଲ ଭୁବନେଶ୍ୱରରେ ଚାଲୁ ରହିଛି। ବିଶେଷଭାବରେ ମଧ୍ୟରାତ୍ରି ପରିବର୍ତ୍ତେ ସନ୍ଧ୍ୟା ସମୟରେ ନାଟକ ପରିବେଷଣ କରିବାକୁ ଯୋଜନା ରଖାଯାଇଛି। ନାଟକ ପୂର୍ବରୁ ଆମ ରାଜ୍ୟର ଲୋକନୃତ୍ୟ ପରିବେଷଣ କରାଯିବ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ପ୍ରସ୍ତୁତ ହୋଇଛି ଆଧ୍ୟାତ୍ମିକ ନାଟକ 'ଜଗା ଆସୁଛି' (ରଚନା–ନିର୍ଦ୍ଦେଶନା : ବାପୁ ଓଝା)। ଏବର୍ଷ ପ୍ରସ୍ତୁତ ହେଉଥିବା ନାଟକଗୁଡିକ ମଧ୍ୟରେ ରହିଛି ପିତା–ପୁତ୍ରର ଭାବ, ଆବେଗ ଓ ବନ୍ଧନକୁ ନେଇ କୈଳାସ ମଲ୍ଲିକଙ୍କ ରଚିତ ତଥା ହରି ସାମନ୍ତଙ୍କ ନିର୍ଦ୍ଦେଶିତ ନାଟକ 'ପୂଜ୍ୟ ପୂଜା', ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜୀବନୀକୁ ନେଇ ଆଧାରିତ ନାଟକ 'ନାହିଁ ତିଷ୍ଠାମି ବୈକୁଣ୍ଠେ' (ରଚନା–ମହାଦେବ ମହାନ୍ତି, ନିର୍ଦ୍ଦେଶନା–ବିଜୟ ପଟ୍ଟନାୟକ), ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶକୁ ନେଇ ପଞ୍ଚାନନ ଦାସଙ୍କ ରଚିତ ଏବଂ ଲିଟିଲ ମାଷ୍ଟର ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ମିଶୁ ମୋର ଦେହ ଏ ଦେଶ ମାଟିରେ' ଏବଂ ଜଗନ୍ନାଥଙ୍କ ପରମ ଭକ୍ତ ତଥା ଛତିଆବଟ ମହନ୍ତ ହାଡି ଦାସଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ନାଟକ 'ଭକ୍ତାଧୀନ ଭଗବାନ' (ରଚନା–ସାବିତ୍ରୀ ମହାରଣା, ନିର୍ଦ୍ଦେଶନା–ବିଜୟ ପଟ୍ଟନାୟକ)। ଚଳିତ ବର୍ଷ ଦଶହରାରେ ଆଦର୍ଶ ଅପେରା ତାହାର ଯାତ୍ରା ସିଜନ ଆରମ୍ଭ କରିବ ବୋଲି ସୂଚନା ଦେଇଛନ୍ତି ଜଗବନ୍ଧୁ।

# ମ୍ୟାରେଜ ଟେନଶନ

କ୍ୟାଟ୍ରିନାଙ୍କ ଟେନଶନ ଟିକେ ବଢ଼ିଯାଇଛି। କାରଣ ଅଧିକାଂଶ ଜାଗାରେ ଗୋଟିଏ ପ୍ରଶ୍ନ ତାଙ୍କର ମୁଡ୍ ଅଫ କରିଦେଉଛି। ଆକ୍ଟିଂ କଥା ପଚାରୁ ପଚାରୁ ମ୍ୟାରେଜ ବିଷୟରେ ପଚାରି ଦେଉଛନ୍ତି। ଆଉ ସେକଥା ଶୁଣିଲା ବେଳକୁ ତାଙ୍କର ମୁହଁ ଶୁଖି ଯାଉଛି। ପୁଣି ଶୁଣିବାକୁ ମିଳୁଛି ଯେ ସଲ୍ଲୁ ମିଆଁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ କୁଆଡେ ପୁଣି ଥରେ ରି ଓପନିଂ ହୋଇଛି। ହେଲେ ଏସବୁ ପ୍ରଶ୍ନର ସେ କିଛି ଉତ୍ତର ନ ଦେଇ ନୀରବ ରହୁଛନ୍ତି। ତେବେ ଆମେ କ'ଣ ବୁଝିବା ଯେ 'ମୌନେ ସମ୍ମତି ଲକ୍ଷଣମ !'


କ୍ୟାଟ୍ରିନା

ବ୍ୟାଙ୍କଗୁଡ଼ିକ ସ୍ୱଚ୍ଛ ଋଣ ପ୍ରଦାନ ବ୍ୟବସ୍ଥା ଉପରେ କାର୍ଯ୍ୟ କରିବା ଆବଶ୍ୟକ।
– ଅରୁଣ ଜେଟଲୀ, ଅର୍ଥମନ୍ତ୍ରୀ



ଆଖୁରୁ ସିଧାସଳଖ ଇଥାନଲ୍ ପ୍ରସ୍ତୁତି ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।
– ନୀତିନ ଗଡକରୀ, କେନ୍ଦ୍ର ସଡ଼କ, ପରିବହନ ମନ୍ତ୍ରୀ



## ସଂକ୍ଷେପରେ

### ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୦-୧୦:** କେନ୍ଦ୍ର ସରକାର ବୁଧବାର ରେଳ କର୍ମଚାରୀଙ୍କୁ ଦୁର୍ଗା ପୂଜା ଭେଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ସେମାନଙ୍କୁ ୭୮ ଦିନର ବୋନସ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଦୁର୍ଗାପୂଜା ଓ ଦଶହରା ପାଇଁ ୧୨.୨୬ ଲକ୍ଷରୁ ଅଧିକ ଅଣ ଗେଜେଟେଡ ରେଳ କର୍ମଚାରୀ ପ୍ରଦର୍ଶନ ଭିତ୍ତିକ ବୋନସ ପାଇବେ। ଅର୍ଥାତ ଜଣେ କର୍ମଚାରୀଙ୍କୁ ମାସକୁ ଏହି ବାବଦରେ ପ୍ରାୟ ୭ ହଜାର ଟଙ୍କା ମିଳିବ। ଏହାକୁ ହିସାବକୁ ନେଲେ ୭୮ ଦିନ ପାଇଁ ଜଣେ କର୍ମଚାରୀ ୧୭,୯୫୧ ଟଙ୍କା ବୋନସ ପାଇବେ। ବୋନସ ଦେବା ଯୋଗୁ ରେଲୱେକୁ ୨୦୪୪.୩୮ କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ।

### ଏୟାର ଇଣ୍ଡିଆ ପୁନରୁଦ୍ଧାର ପ୍ୟାକେଜ ଚଳିତ ମାସରେ ଘୋଷଣା

**ହାଇଦ୍ରାବାଦ,୧୦-୧୦:** ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ପ୍ୟାକେଜ ସ୍ଥିର କରିସାରିଛନ୍ତି। ଚଳିତ ମାସରେ ଏହାକୁ ଘୋଷଣା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଆର.ଏନ୍.ଚୌବେ ବୁଧବାର କହିଛନ୍ତି। ଏହି ପ୍ୟାକେଜକୁ ନେଇ କୌଣସି ସମସ୍ୟା ନାହିଁ ଏଠାରେ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରର ଅନ୍ତଃରାଷ୍ଟ୍ରୀୟ ଡିପାର୍ଚର ଟର୍ମିନାଲକୁ ଉଦ୍‌ଘାଟନ କରି ସେ କହିଛନ୍ତି ଯେ, କେନ୍ଦ୍ର ସରକାର ବେସାମରିକ ବିମାନ କ୍ଷେତ୍ର ପ୍ରତି ନଜର ରଖିଛନ୍ତି। କାରଣ ଏହି କ୍ଷେତ୍ର ଟଙ୍କାର ମୂଲ୍ୟ ହ୍ରାସ ଓ ଇନ୍ଧନ ମୂଲ୍ୟ ବୃଦ୍ଧି କାରଣରୁ ଗତ ଦୁଇଟି ତ୍ରୈମାସରେ ଉନ୍ନତ ପ୍ରଦର୍ଶନ କରିନି। ବିମାନ କ୍ଷେତ୍ରକୁ ସରକାର ସମସ୍ତ ସହାୟତା ଯୋଗାଇ ଦେବେ।

### ନୋବେଲ ବିଜୟୀ ରୋମର ଆଧାର ଯୋଜନାର ପ୍ରଶଂସକ

**ନୂଆଦିଲ୍ଲୀ,୧୦-୧୦:** ଅର୍ଥନୀତିରେ ନୋବେଲ ପୁରସ୍କାର ବିଜୟୀ ପଲ୍ ମାଇକେଲ ରୋମର ଭାରତରେ ଲାଗୁ ହୋଇଥିବା ଆଧାର ଯୋଜନାର ଜଣେ ଉଚ୍ଚ ପ୍ରଶଂସକ। ଗତ ବର୍ଷ ମାର୍ଚ୍ଚରେ ସେ ବ୍ଲୁମବର୍ଗକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଆଧାର ଯୋଜନାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆଧାରର ବାୟୋମେଟ୍ରିକ ଯୋଜନା ସବୁଠାରୁ ଉନ୍ନତ ବ୍ୟବସ୍ଥା କୁହାଯାଇପାରେ। ଏହାକୁ ସାରା ବିଶ୍ୱରେ ଲାଗୁ କରାଯିବା ଉଚିତ୍ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ବିଶ୍ୱ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଭାବେ ସେତେବେଳେ ଦାୟିତ୍ୱ ତୁଲାଇଥିବା ରୋମର ଚଳିତ ବର୍ଷ ଜାନୁୟାରୀରେ ଅବସର ନେଇଥିଲେ। ତାଙ୍କ ମତରେ ମାନଦଣ୍ଡ ପୂରଣ କଲାଭଳି ଏକ ବ୍ୟବସ୍ଥା ରହିବା ଆବଶ୍ୟକ। ଏହାଦ୍ୱାରା ବିଶ୍ୱର ଯେକୌଣସି କୋଣରେ ଥିଲେ ମଧ ଜଣକ ନିକଟରେ ଏକ ପରିଚୟପତ୍ର ରହିପାରିବ।

# ଭାରତକୁ ଅତିରିକ୍ତ ତେଲ ଦେବ ସାଉଦି ଆରବ

**ନୂଆଦିଲ୍ଲୀ,୧୦-୧୦**

ଇରାନ ବିରୋଧରେ କଟକଣା ଲାଗୁ ହେବାକୁ ଯାଉଥିବା ପରିପ୍ରେକ୍ଷୀରେ ଗତ ସପ୍ତାହରେ ଅଧିକ ଅଶୋଧିତ ତେଲ ଉତ୍ପାଦନ ପାଇଁ ସାଉଦି ଆରବକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଥିଲେ। ଏହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ନଭେମ୍ବରରୁ ସାଉଦି ଆରବ ଭାରତକୁ ଅତିରିକ୍ତ ୪୦ ଲକ୍ଷ ବ୍ୟାରେଲ ତେଲ ଦେବ। ଏ ସମ୍ପର୍କରେ ବୁଧବାର ଜଣେ ଅଧିକାରୀ କହିଛନ୍ତି।

ଗତ ସପ୍ତାହରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାଉଦି ଆରବକୁ ଧମକ ଦେଇ କହିଥିଲେ ଯେ, ସେ ଦେଶର ରାଜା ଆମେରିକାର ସୈନ୍ୟ ସହଯୋଗ ବିନା ଦୁଇ ସପ୍ତାହ ଗାଦିରେ ରହିପାରିବେ ନାହିଁ।

**ଆମେରିକା ଧମକର ପ୍ରଭାବ**

- ଭାରତ ପାଇବ ଅଧିକ ୪୦ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ
- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିଲେ ଧମକ
- ସାଉଦି ଆରବରୁ ଭାରତ ମାସକୁ ୨୫ ମିଲିୟନ ବ୍ୟାରେଲ ତେଲ କିଣେ



ଏହା କହି ଟ୍ରମ୍ପ ସାଉଦି ଆରବକୁ ଅଧିକ ତେଲ ଉତ୍ପାଦନ ଲାଗି ଏକପ୍ରକାର ଚାପ ପକାଇଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆକାଶଛୁଆଁ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପ ତୈଳ ଉତ୍ପାଦନକାରୀ ଦେଶ ଓପେକ୍ ଓ ଅନ୍ୟ ରାଷ୍ଟ୍ରକୁ ଅଧିକ ତେଲ ଉତ୍ପାଦନ କରିବାକୁ ଅନୁରୋଧ କରିଥିଲେ। ତେବେ ତାଙ୍କର ଏହି ଅନୁରୋଧକୁ କେହି ଗ୍ରହଣ ନ କରିବା ଦେଖି ସେ ଶେଷରେ ଧମକ ଦେବା ଆରମ୍ଭ କରିଥିଲେ। ଇରାନ ବିରୋଧରେ କଟକଣା ଲାଗୁ ପରେ ତେଲ ଉତ୍ପାଦନ ପ୍ରଭାବିତ ହେବାକୁ ଯାଉଥିବାରୁ ଏହାର ଭରଣା କରିବାକୁ ଆମେରିକା କହିଆସୁଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ନଭେମ୍ବରରେ ଦେଶର ତୈଳ କମ୍ପାନୀଗୁଡିକ ଯଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ, ଭାରତ ପେଟ୍ରୋଲିୟମ କର୍ପୋରେଶନ ଓ ଏମ୍‌ଆର୍‌ପିଏଲ୍ ସାଉଦି ଆରବରୁ ଅତିରିକ୍ତ ୧୦ ଲକ୍ଷ ବ୍ୟାରେଲ ତେଲ କିଣିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଉଲ୍ଲେଖଥାଉ କି, ଇରାନର ତେଲ ଉପରେ ଅତିରିକ୍ତ ନିର୍ଭରଶୀଳତା କାରଣରୁ ଆମେରିକାକୁ କଟକଣା କୋହଳ ପାଇଁ ଚାପ ପକାଉଛି ଭାରତ। ଇତିମଧ୍ୟରେ ଭାରତର ଦୁଇଟି ତୈଳ କମ୍ପାନୀ ଇରାନରୁ ୯୦ ଲକ୍ଷ ବ୍ୟାରେଲ ତେଲ କିଣିବାକୁ ଯାଉଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିସାରିଛନ୍ତି। ସାଉଦି ଆରବରୁ ଭାରତ ମାସକୁ ୨୫ ମିଲିୟନ ବ୍ୟାରେଲ ତେଲ ଆମଦାନୀ କରିଥାଏ।

# ଆମ୍ରପାଲି ଗ୍ରୁପ୍‌ର ୯ ସମ୍ପତ୍ତି ସିଲ୍

**ନୂଆଦିଲ୍ଲୀ,୧୦-୧୦**

ସୁପ୍ରିମକୋର୍ଟ ଆମ୍ରପାଲି ଗ୍ରୁପ୍‌ର ୩ ଜଣ ନିର୍ଦ୍ଦେଶକଙ୍କୁ ପୋଲିସ ହେପାଜତକୁ ପଠାଇବାର ଦିନକ ପରେ ବୁଧବାର ନୋଇଡା ଏବଂ ଗ୍ରେଟର ନୋଇଡାରେ ଥିବା ଏହାର ୭ଟି ସମ୍ପତ୍ତିକୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ୪୬ଟି ସହଯୋଗୀ କମ୍ପାନୀର ଦସ୍ତାବିଜକୁ ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ବିଚାରପତି ୟୁ.ୟୁ. ଲଳିତ ଏବଂ ବିଚାରପତି ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ବିହାରର ରାଜଗୀର ଓ ବକ୍ସରରେ ଥିବା ଦୁଇଟି ସମ୍ପତ୍ତିକୁ ମଧ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଲ୍ ହେବା ପରେ ଏହାର ଚାବିକୁ ସର୍ବୋଚ୍ଚ ଅଦାଲତଙ୍କ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ୯ଟି ସ୍ଥାନ ଛଡ଼ା ଅନ୍ୟ କୌଣସି ସ୍ଥାନରେ କାଗଜପତ୍ର ଜମା ହୋଇ ରହିନାହିଁ ବୋଲି ଜଣାଇ ପୋଲିସ ହେପାଜତରେ ଥିବା ୩ ନିର୍ଦ୍ଦେଶକଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଖଣ୍ଡପୀଠ ଏହାମଧ କହିଛନ୍ତି ଯେ, ସିଲ୍ ହୋଇଥିବା ସ୍ଥାନରେ କେବଳ କୋର୍ଟ ଦ୍ୱାରା ନିଯୁକ୍ତ ଫରେନ୍ସିକ ଅଡିଟର ଅଥବା ସେମାନଙ୍କ ଦ୍ୱାରା ଅଧିକୃତ ଅଧିକାରୀ ହିଁ ଯାଇପାରିବେ। ଉଲ୍ଲେଖଥାଉ କି, ଆମ୍ରପାଲି ଗ୍ରୁପ୍ ଅଦାଲତ ସହ ଲୁଚକାଳି ଖେଳ ବନ୍ଦ କରୁ ବୋଲି ଦର୍ଶାଇ ସୁପ୍ରିମ୍‌କୋର୍ଟ ୩ ଜଣ ନିର୍ଦ୍ଦେଶକଙ୍କୁ ପୋଲିସ ହେପାଜତକୁ ପଠାଇଥିଲେ। ସମ୍ପତ୍ତି ସିଲ୍ ହେବା ପର୍ଯ୍ୟନ୍ତ ସେମାନେ ପୋଲିସ ହେପାଜତରେ ରହିବେ ବୋଲି କହିଥିଲେ।

# ଓଡ଼ିଶାରେ ଟାଟା ମୋଟର୍ସର ୪୬% ଭଲ୍ୟୁମ୍ ଅଭିବୃଦ୍ଧି

**ଭୁବନେଶ୍ୱର,୧୦-୧୦**



ଟାଟା ମୋଟର୍ସର ବାଣିଜ୍ୟିକ ଯାନ ଶୃଙ୍ଖଳା ଓଡିଶାରେ ଏହାର ଅଭିବୃଦ୍ଧି ଧାରାକୁ ବଜାୟ ରଖିଛି। ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀ ରାଜ୍ୟରେ ୪୬% ଭଲ୍ୟୁମ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। କମ୍ପାନୀ ଏହାର ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ, କଷ୍ଟ ରିଡକଶନ, ନୂଆ ପ୍ରଡକ୍ଟ ଲଞ୍ଚ ଦ୍ୱାରା ଏହାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ ଜାରି ରଖିଥିବା କମ୍ପାନୀର କମର୍ସିଆଲ୍ ଭେଇକିଲ୍ ବିଜନେଶ ୟୁନିଟ୍ ସଭାପତି ଗିରିଶ ୱାଗ୍ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କମ୍ପାନୀ ବିଏସ୍-୪ ପ୍ରଡକ୍ଟ ଶୃଙ୍ଖଳା ବଜାରକୁ ଆଣିଥିବା ବେଳେ ଏହା ଭଲ ପ୍ରଦର୍ଶନ କରିବା ସହ ଗ୍ରାହକଙ୍କ ନିକଟରୁ ଭଲ ରେସପନ୍ସ ପାଉଥିବା ସେ କହିଛନ୍ତି। କମ୍ପାନୀ ଅଂଶୀଦାରଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନା, ସେଲସ୍ ସପୋର୍ଟ ସର୍ଭିସ ଭଳି ବିଭିନ୍ନ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି।

କମ୍ପାନୀ ବର୍ତ୍ତମାନ ଓଡିଶାରେ ବାଣିଜ୍ୟିକ ଯାନ କ୍ଷେତ୍ରରେ ୪୫% ବଜାର ଅଂଶ ହାସଲ କରିଛି। ପୂର୍ବାଞ୍ଚଳରେ ବାଣିଜ୍ୟିକ ଯାନରେ କମ୍ପାନୀର ବଜାର ଅଂଶ ୫୭% ରହିଛି। ମଧ୍ୟମ ଏବଂ ଉଚ୍ଚ ବର୍ଗର ବାଣିଜ୍ୟିକ ଯାନ ଅଭିବୃଦ୍ଧି ଏଠାରେ ଉନ୍ନତ ରହିଛି। କମ୍ପାନୀ ବାଣିଜ୍ୟିକ ଯାନ ବର୍ଗରେ ଏହାର ମୋଟ ବଜାର ଅଂଶକୁ ୩% ବୃଦ୍ଧି କରିଛି। କ୍ଷୁଦ୍ର ବାଣିଜ୍ୟିକ ଯାନ ବର୍ଗରେ ୬% ଶେୟାର ଅଭିବୃଦ୍ଧି ଏବଂ ଯାତ୍ରୀବାହୀ ବାଣିଜ୍ୟିକ ଯାନ ବର୍ଗରେ କମ୍ପାନୀ ୪% ବଜାର ଅଂଶ ଉନ୍ନତ କରି ପାରିଛି। ଟାଟା ମୋଟର୍ସ ଓଡିଶାରେ ଏହାର ନେଟ୍‌ୱର୍କକୁ ଦୃଢ଼ କରିବା ସହ ୩୦ଟି ୩ ଏସ୍ ଫାସିଲିଟି ସ୍ଥାପନ କରିଛି ଏହା ମଧ୍ୟରେ ୧୨ ଡିଲର ମେନ୍ ସେଟପ୍, ୧୮ ବ୍ରାଞ୍ଚ ସେଟପ୍ ରହିଛି। ଏହା ସହ ୨୨ ୱାନ୍ ଏସ୍ ସେଲ୍‌ସ ଆଉଟଲେଟ, ୩୦ ଟାଟା ଅଧିକୃତ ସର୍ଭିସ ଷ୍ଟେଶନ ସହ ଏହା କାର୍ଯ୍ୟ କରୁଛି। ସେହିଭଳି ଏହା ଭାଲ୍ୟୁ ଆଡେଡ ସେବା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ସୂଚନା ଦେଇଛି। ୬ ବର୍ଷରେ ୬ ଲକ୍ଷ କିମିର ୱାରେଣ୍ଟି ଏହା ପ୍ରଦାନ କରୁଛି। ଗ୍ରାହକଙ୍କୁ ପିସ୍ ଅଫ୍ ମାଇଣ୍ଡ ପ୍ରଦାନ ଦିଗରେ ଏହା କାର୍ଯ୍ୟରତ ବୋଲି ପ୍ରକାଶ କରିଛି।

ଆଇଏମ୍‌ଏଫ୍‌ର ପ୍ରଶଂସା

# ବିକାଶଶୀଳ ଦେଶ ଭିତରେ କମ୍ ଋଣ ନେଇଛି ଭାରତ

**ୱାଶିଂଟନ,୧୦-୧୦**

ଭାରତ ବିଶ୍ୱରେ ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଥିବା ଦେଶ ହୋଇଥିବା ବେଳେ ଅନ୍ୟ ବଡ଼ ତଥା ବିକାଶଶୀଳ ଦେଶ ତୁଳନାରେ କମ୍ ଋଣ ନେଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ବିତ୍ତୀୟ ବ୍ୟାପାର ବିଭାଗର ନିର୍ଦ୍ଦେଶକ ଭିଟର ଗାସ୍‌ପର କହିଛନ୍ତି ଯେ, ଭାରତର ଋଣ ଅନ୍ୟ ବୃହତ ତଥା ବିକାଶଶୀଳ ଦେଶ ଠାରୁ କମ୍। ଆଇଏମ୍‌ଏଫର ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୧୭ରେ ଭାରତରେ ଘରୋଇ ଋଣର ପରିମାଣ ଜିଡିପିର ୫୪.୫% ରହିଥିବା ବେଳେ ସରକାରଙ୍କ ଋଣ ପରିମାଣ ୭୦.୪% ରହିଛି। ମୋଟ ଋଣର ପରିମାଣ ମିଶାଇ ଦେଲେ ଏହା ଜିଡିପିର ପ୍ରାୟ ୧୨୫% ରହିଛି। ସେହି ସମୟରେ ଚାଇନାର ଋଣ ପରିମାଣ ଜିଡିପିର ୨୪୭% ଥିଲା। ସେହି କାରଣରୁ ବିଶ୍ୱର ଋଣ ପରିମାଣକୁ ହିସାବକୁ ନେଲେ ଭାରତର ଋଣ ଯଥେଷ୍ଟ କମ୍ ବୋଲି ଗାସ୍‌ପର କହିଛନ୍ତି।

# ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା




**ନୂଆଦିଲ୍ଲୀ,୧୦-୧୦**

ପ୍ରମୁଖ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଏୟାର ଏସିଆ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରୁ-ବ୍ୟାଙ୍କକ୍ ସିଧାସଳଖ ବିମାନ ସେବା ସମ୍ପର୍କରେ ଘୋଷଣା ହୋଇଛି। ଏହା ଭୁବନେଶ୍ୱରରୁ ସପ୍ତାହକୁ ୩ ଦିନ ଉଡାଣ ଭରିବ। ଯାତ୍ରୀମାନେ ବୁଧବାର, ଶୁକ୍ରବାର ଏବଂ ରବିବାର ବ୍ୟାଙ୍କକ୍ ଅଭିମୁଖେ ଯାତ୍ର କରି ପାରିବେ। ସେହିଭଳି ବ୍ୟାଙ୍କକ୍ ପଟୁ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଏହା ଭୁବନେଶ୍ୱର ଫେରିବ। ଡିସେମ୍ବର ୭ରୁ ବିମାନ ସେବା ଆରମ୍ଭ ହେବାକୁ ଥିବା ବେଳେ ଏଥି ପାଇଁ ବୁକିଂ ଆରମ୍ଭ ହୋଇଥିବା ଏୟାର ଏସିଆ ଇଣ୍ଡିଆ ମାର୍କେଟିଂ ମୁଖ୍ୟ ରାଜକୁମାର ପରନ୍ତମନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗ୍ରାହକମାନେ ପ୍ରମୋଶନାଲ ଦେୟ ୨୯୯୯ ଟଙ୍କା ପ୍ରଦାନ କରି ବ୍ୟାଙ୍କକ୍‌କୁ ଯାତ୍ରା କରିବାକୁ ସକ୍ଷମ ହେବେ। ଚଳିତ ମାସ ୧୦ ତାରିଖ ଠାରୁ ୨୧ ମଧ୍ୟରେ ବୁକିଂ ଉପରେ ଗ୍ରାହକମାନେ ଡିସେମ୍ବର ୭ରୁ ୩୦ ମାର୍ଚ୍ଚ ୨୦୧୯ ମଧ୍ୟରେ ଯାତ୍ରା ସୁବିଧା ଲାଭ କରିପାରିବେ।

ସେହିଭଳି କମ୍ପାନୀ ବିଶାଖାପାଟଣାଠାରୁ ବ୍ୟାଙ୍କକ୍‌କୁ ସପ୍ତାହିକ ୪ ଥର ବିମାନ ସେବା ପ୍ରଦାନ ନେଇ ସୂଚନା ରହିଛି। ଏହା ଡିସେମ୍ବର ୮ରୁ ଆରମ୍ଭ ହେବ। ଓଡିଶା ବଜାର କମ୍ପାନୀ ପାଇଁ ଏକ ପ୍ରମୁଖ ସ୍ଥାନ ହୋଇଥିବା ଅନ୍ୟ ସ୍ଥାନଗୁଡିକୁ ସିଧାସଳଖ ବିମାନ ସେବା ଯୋଗାଣ ନେଇ ବିଚାର କରାଯାଉଛି ବୋଲି ପରନ୍ତମନ କହିଛନ୍ତି। ବଜାର ସ୍ଥିତିକୁ ଅନୁଧ୍ୟାନ କରି ଆଗାମୀ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। କମ୍ପାନୀ ଦେଶରେ ୨୧ ଡେଷ୍ଟିନେଶନରେ ଏହାର ଉପସ୍ଥିତି ଜାହିର କରିଛି। ଏହା ସହିତ ୧୧ ଅନ୍ତର୍ଜାତୀୟ ରୁଟ୍‌କୁ ଭାରତରୁ ସେବା ସଂଯୋଗ କରିଛି। ପାର୍ବଣ ସହ ପିକ୍ ମାସଗୁଡିକରେ କମ୍ପାନୀର ଅକ୍ୟୁପାନ୍ସି ୯୦% ରହିଥିବା ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ ଏହି ନୂଆ ରୁଟ୍‌ରେ ବିମାନ ସେବାକୁ ନେଇ ଆଶାବାଦୀ ରହିଛୁ ବୋଲି ସେ କହିଛନ୍ତି।

# ବ୍ରିଟିଶ୍ ଯୁଗର କମ୍ପାନୀ ବନ୍ଦ ହେବ

**ନୂଆଦିଲ୍ଲୀ,୧୦-୧୦**

କେନ୍ଦ୍ର ସରକାର କୋଲକାତାର ଏକ ବ୍ରିଟିଶ ଯୁଗର କମ୍ପାନୀ ବିକୋ ଲରି ଲିମିଟେଡକୁ ବନ୍ଦ କରି ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ କ୍ଷତି ସହିବା ପରେ ଏହାକୁ କିଣିବା ଲାଗି କେହି ଆଗ୍ରହ ପ୍ରକାଶ ନ କରିବାରୁ ବାଧ୍ୟ ହୋଇ ସରକାର ଏହାକୁ ବନ୍ଦ କରିବା ଲାଗି କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଅନ୍ୟତମ ରାଷ୍ଟ୍ରାୟତ୍ତ କମ୍ପାନୀ ନ୍ୟାଶନାଲ ଜୁଟ୍ ମାନୁଫାକଚରର୍ସ କର୍ପୋରେଶନ ଓ ଏହାର ସହାୟକ କମ୍ପାନୀକୁ ବିକ୍ରି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ବୁଧବାର କହିଛନ୍ତି।

ବ୍ରିଟିଶ ଯୁଗର ଉକ୍ତ କମ୍ପାନୀକୁ କେନ୍ଦ୍ର ସରକାର ମାତ୍ର ୧୫୩ କୋଟି ଟଙ୍କାରେ ବିକି ଦେବାକୁ ପ୍ରସ୍ତୁତ ଥିଲେ। କିନ୍ତୁ ତେଲ ମାର୍କେଟିଂ କମ୍ପାନୀମାନେ ମଧ ଏହାକୁ କିଣିବାକୁ ରାଜି ହେଲେନି। କାରଣ ସେମାନେ ଅଶୋଧିତ ତେଲ ଦର ବୃଦ୍ଧିକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏହାଛଡା ବିକୋ ଲରି ବର୍ତ୍ତମାନ ଯେଉଁ ସାମଗ୍ରୀ ଉତ୍ପାଦନ କରୁଛି, ତାହା ତୈଳ କମ୍ପାନୀଙ୍କ କାରବାର ସହ ମେଳ ଖାଉ ନାହିଁ। ଉକ୍ତ କମ୍ପାନୀ କିପରି ଲାଭରେ ପହଞ୍ଚିପାରିବ ସେ ନେଇ ସରକାର କେପିଏମ୍‌ଜିର ଦ୍ୱାରସ୍ଥ ହୋଇଥିଲେ। କମ୍ପାନୀ ବନ୍ଦ କରିବା ସମ୍ପର୍କରେ ଘୋଷଣା କରି ଆଇଟି ପ୍ରସାଦ କହିଛନ୍ତି ଯେ, ୩୦୦ କର୍ମଚାରୀଙ୍କୁ ସ୍ୱେଚ୍ଛା ଅବସର ଘୋଷଣା ମାଧ୍ୟମରେ ବିଦା କରାଯିବ। ସେହିପରି ଜୁଟ କର୍ପୋରେଶନର ସମ୍ପତ୍ତିକୁ ସରକାର ଅନ୍ୟ କାମରେ ଲଗାଇବେ।

**ପୂର୍ବ ତଟ ରେଳପଥ**

**ସମ୍ବଲପୁର ମଣ୍ଡଳରେ ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ମାମଲା-2018 ପାଇଁ ଅଦାଲତ**

ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ସମ୍ପନ୍ନ କରିବା ପାଇଁ ମଣ୍ଡଳ ସ୍ତରୀୟ ଅଦାଲତ **ତା.26.10.2018**ରିଖ (ଶୁକ୍ରବାର) ପୂର୍ବାହ୍ନ **1100 ଘଟିକା** ସମୟରେ **ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ/ସମ୍ବଲପୁର** ଠାରେ ଅନୁଷ୍ଠିତ ହେବ। ସେଥିପାଇଁ ମୃତ କର୍ମଚାରୀଙ୍କ ପରିବାର/ଶାରୀରିକ ଅକ୍ଷମ/ଶ୍ରେଣୀ ବହିର୍ଭୂତ କର୍ମଚାରୀଙ୍କ(ଯେଉଁମାନେ କେବଳ ସମ୍ବଲପୁର ମଣ୍ଡଳର ଭୌଗୋଳିକ ଅଧିକାର କ୍ଷେତ୍ର ଅଧୀନରେ କାର୍ଯ୍ୟରତ ଥିଲେ)ଦରଖାସ୍ତ ଗୁଡ଼ିକରେ ସେମାନଙ୍କର ଦୀର୍ଘ ଦିନ ଧରି ଖାଲିଥିବା ଅନୁକମ୍ପାମୂଳକ ନିଯୁକ୍ତି ଭିତ୍ତିକ ମାମଲାର ନିମ୍ନବର୍ଣ୍ଣିତ ତଥ୍ୟ (କେବଳ ଦୀର୍ଘ ଦିନଧରି ଖାଲିଥିବା ମାମଲା)ପ୍ରଦାନ କରି **"ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁର, ସା/ପୋଷ୍ଟ : ମୋଦିପଡ଼ା, ପିନ୍-768002,** ଓଡ଼ିଶା"ଙ୍କ ଠିକଣାରେ ଦରଖାସ୍ତଗୁଡ଼ିକ **ତା.22.10.2018**ରିଖ ସୁଦ୍ଧା ଦାଖଲ କରିପାରିବେ ଏବଂ ସମସ୍ତ ପ୍ରାସଙ୍ଗିକ ମୂଳ ନଥିପତ୍ର/ପ୍ରମାଣପତ୍ର ସହିତ **ତା.26.10.2018**ରିଖ ଦିନ ହେବାକୁ ଥିବା ଅଦାଲତରେ ଯୋଗ ଦେଇପାରିବେ।

(1) ଆବେଦନକାରୀଙ୍କ ନାମ ଓ ଠିକଣା :
(2) ମୃତ କର୍ମଚାରୀଙ୍କ ନାମ :
(3) ପଦନାମ, ୟୁନିଟ୍ ଏବଂ ଷ୍ଟେସନ :
(4) ପ୍ରାର୍ଥୀଙ୍କ ନାମ, ଯାହାଙ୍କ ପାଇଁ ଏହି ନିଯୁକ୍ତି ଉଦ୍ଦିଷ୍ଟ :
(5) ମୃତ/ମେଡିକାଲ ଅଣବର୍ଗିକୃତ ହେବାର ତାରିଖ :
(6) ଦରଖାସ୍ତ ତାରିଖ :
(7) ଆପତ୍ତିର ସଂପୂର୍ଣ୍ଣ ବିବରଣୀ (ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ (ଯଦି ଥାଏ) ସହିତ):

**ଦରଖାସ୍ତ ପଠାଇବା ସମୟରେ ଆବେଦନକାରୀ ନିମ୍ନବର୍ଣ୍ଣିତ ନଥିପତ୍ରଗୁଡ଼ିକ ସଂଲଗ୍ନ କରିବା ଉଚିତ୍ :**

(1) ମୃତ୍ୟୁ ପ୍ରମାଣପତ୍ର / ସ୍ୱାସ୍ଥ୍ୟଗତ ଅକ୍ଷମତା କିମ୍ବା ଶ୍ରେଣୀ ବହିର୍ଭୂତ ପ୍ରମାଣପତ୍ର,
(2) ନିରୁଦ୍ଦିଷ୍ଟ ରେଳ କର୍ମଚାରୀଙ୍କ ବିଷୟରେ ଦର୍ଜ ହୋଇଥିବା ଏଫ୍‌ଆଇଆର(FIR)।
(3) ଆଇନ୍‌ଗତ ଉତ୍ତରାଧିକାରୀ ପ୍ରମାଣପତ୍ର।
(4) ପରିବାର ସଦସ୍ୟଙ୍କ ବିଷଦ ବିବରଣୀ।
(5) ନିଯୁକ୍ତି ସହାୟତା କାମନା ଭିତ୍ତିକ ଦରଖାସ୍ତ।
(6) ଆବେଦନକାରୀଙ୍କ ଜନ୍ମ ତାରିଖ/ଯୋଗ୍ୟତା ସମ୍ପର୍କିତ ପ୍ରମାଣପତ୍ର।
(7) ଉପଲବ୍ଧ ଥିବା ମୀମାଂସା(Settlement) କାଗଜପତ୍ର।
(8) ସତ୍ୟାପିତ ହୋଇଥିବା ଆବେଦନକାରୀଙ୍କ ଫଟୋ।
(9) ପୋଷ୍ୟ ପୁତ୍ର /କନ୍ୟା ଗ୍ରହଣ ମାମଲାରେ ବୈଧ ପୋଷ୍ୟ ଗ୍ରହଣ ଦଲୀଲ।
(10) ଜ୍ୟେଷ୍ଠଙ୍କ ଠାରୁ କନିଷ୍ଠଙ୍କ ସପକ୍ଷରେ ଆପତ୍ତି ବିହୀନ ପ୍ରମାଣପତ୍ର।
(11) ଅନୁକମ୍ପାମୂଳକ ନିଯୁକ୍ତି ସପକ୍ଷରେ ଅନ୍ୟ ପ୍ରାସଙ୍ଗିକ ନଥିପତ୍ର, ଯଦି ଥାଏ।

PR-362/J/18-19 | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମ୍ବଲପୁର

# ଶୀଘ୍ର ସଞ୍ଚୟ ଆରମ୍ଭ ହିଁ ଅବସରକାଳୀନ ପାଣ୍ଠି ଗଠନର ମୂଳମନ୍ତ୍ର

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୁଁ ଧରିତ୍ରୀ "ଅର୍ଥର ଅର୍ଥ" ସ୍ତମ୍ଭର ନିୟମିତ ପାଠକ। ମୋ ବୟସ ୪୨ ବର୍ଷ ଓ ବିବାହିତ। ପୁଅ ଓ ଝିଅ ୨ଟି ପାଠ ପଢୁଛନ୍ତି। ସେମାନଙ୍କ ଭବିଷ୍ୟତ ପାଠପଢା ଓ ବାହାଘର ପାଇଁ କିଛି ସଞ୍ଚୟ କରିଛି। ଯେହେତୁ ବ୍ୟବସାୟ କରୁଛି ତେଣୁ ସେମିତି କିଛି ପେନ୍‌ସନ୍ ପାଇବା ସୁବିଧା ନାହିଁ। ପେନ୍‌ସନ ପାଇବା ପାଇଁ ଏକ ପାଣ୍ଠି ଗଠନ କରିବାକୁ ଚାହୁଁଛି। କେବେଠାରୁ ସଞ୍ଚୟ ଆରମ୍ଭ କରିବା ଉଚିତ ହେବ? ଆଗାମୀ ୨ରୁ୩ ବର୍ଷରେ ବ୍ୟବସାୟ ଟିକେ ଭଲ ଚାଲିଲେ ଭାବୁଛି ସଞ୍ଚୟ କରିବା ଆରମ୍ଭ କରିବି। କେଉଁ ସ୍କିମରେ ନିବେଶ କଲେ ଭଲ ହେବ? ଏ ବିଷୟରେ ଆପଣଙ୍କ ପରାମର୍ଶ ଲେଖିବା ପାଇଁ ଅନୁରୋଧ।**

**– ଅଜୟ ସାହୁ, ଭଞ୍ଜନଗର**

ଅବସରକାଳୀନ ପାଣ୍ଠି ଗଠନ କରିବା ଲାଗି ଯେତେଶୀଘ୍ର ପଦକ୍ଷେପ ନେବେ ସେତେ ଭଲ ହେବ। ଆମେ ପ୍ରାୟତଃ ସମସ୍ତେ ନିଜର ଅବସରକାଳୀନ ଖର୍ଚ୍ଚ ବା ପେନ୍‌ସନ୍ ପାଇଁ ଯୋଜନା କରୁଛୁ ବା ଏ ବିଷୟରେ ଭାବୁଛୁ, କିନ୍ତୁ ସାଧାରଣତଃ ଆମ ଜୀବନରେ ସବୁଠାରୁ ମୁଖ୍ୟ ଆର୍ଥିକ ଲକ୍ଷ୍ୟ ପାଇଁ ସଞ୍ଚୟ ବା ନିବେଶ କରିବା ସମୟରେ ଆଦୌ ଆଗ୍ରହ ପ୍ରକାଶ କରୁନାହୁଁ। କାଳକ୍ଷେପଣ ନୀତି ଅନୁଯାୟୀ ଆସନ୍ତା ମାସରେ କିମ୍ବା ବର୍ଷରେ କରିବା କହି ବିଳମ୍ବ କରୁଛୁ। ଅବସରକାଳୀନ ପାଣ୍ଠି ଗଠନ କରିବା କ୍ଷେତ୍ରରେ ଆଦୌ ବିଳମ୍ବ କରିବା ଉଚିତ ନୁହେଁ। ଶୀଘ୍ର ଆରମ୍ଭ କରିବା କ୍ଷେତ୍ରରେ ଆପଣଙ୍କ ମାସିକ ସଞ୍ଚୟ ରାଶି ଚକ୍ରବୃଦ୍ଧି ସୁଧହାରର ସୁବିଧା ପାଇ ପାରିବେ।

ଅବସରକାଳୀନ ପାଣ୍ଠି ଗଠନ କରିବା କ୍ଷେତ୍ରରେ ପ୍ରାୟତଃ ଅଧିକାଂଶ ଲୋକ ଆଶଙ୍କା ଓ ଆଗ୍ରହ ପ୍ରକାଶ ନ କରିବା କାରଣ ହେଉଛି ବିଳମ୍ବରେ ଆରମ୍ଭ କରିବା। ଏତେ କମ୍ ଏତେ ବର୍ଷ ଭିତରେ ସଞ୍ଚୟ କରି ପାରିବି ତ? ମୋର ଆବଶ୍ୟକତା ଅନୁଯାୟୀ ପାଣ୍ଠି ଗଠନ କରି ପାରିବ କି?

ପ୍ରକୃତ ପଦକ୍ଷେପ ହେଉଛି ଯେତେ ଶୀଘ୍ର ସଞ୍ଚୟ ଆରମ୍ଭ କରିବେ, ଏହା ହିଁ ଅବସରକାଳୀନ ପାଣ୍ଠି ଗଠନର ମୂଳମନ୍ତ୍ର। ଆପଣ ନିମ୍ନଲିଖିତ ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ ଯେ ଯିଏ ଯେତେ ବିଳମ୍ବରେ ଅବସରକାଳୀନ ପାଣ୍ଠି ଗଠନ ପାଇଁ ସଞ୍ଚୟ ଆରମ୍ଭ କରିବେ ଏହା ତାଙ୍କ ପାଇଁ ସେତେ ବ୍ୟୟସାପେକ୍ଷ ହିଁ ହେବ।

ଆମର ପରାମର୍ଶ ଆପଣ ନିଜର ଅବସରକାଳୀନ ପାଣ୍ଠି ଗଠନ ପାଇଁ ଆଜିଠାରୁ ହିଁ ପଦକ୍ଷେପ ନିଅନ୍ତୁ। ଏ ବିଷୟରେ ଭଲ ଭାବରେ ହିସାବ କରି ନିଜର ଆବଶ୍ୟକତାକୁ ଦୃଷ୍ଟି ଦେଇ ସଞ୍ଚୟ ଆରମ୍ଭ କରନ୍ତୁ। ଏହି ଅବସରକାଳୀନ ପାଣ୍ଠି ଗଠନ ଯୋଜନା ପ୍ରସ୍ତୁତ କରିବା ଓ ଏ ବିଷୟରେ ଅଧିକ ଜାଣିବା ପାଇଁ ଜଣେ 'ସାର୍ଟିଫାଏଡ୍ ଫାଇନାନ୍‌ସିଆଲ ପ୍ଲାନର'ଙ୍କ ଠାରୁ ପରାମର୍ଶ ନେବା ଭଲ ହେବ।

**ଶୀଘ୍ର ସଞ୍ଚୟ ଆରମ୍ଭ କଲେ ହିଁ ଏହା ଭଲ ଲାଭ ପ୍ରଦାନ କରିବ**

| | ଆକାଶ | ସୁବାସ | ବିକାଶ |
|---|---|---|---|
| ବର୍ତ୍ତମାନ ବୟସ (ବର୍ଷ) | ୨୫ | ୩୦ | ୩୫ |
| ଅବସରଗ୍ରହଣ ବୟସ (ବର୍ଷ) | ୬୦ | ୬୦ | ୬୦ |
| ସଞ୍ଚୟ କରିବା ସମୟସୀମା(ବର୍ଷ) | ୩୫ | ୩୦ | ୨୫ |
| ମାସିକ ସଞ୍ଚୟ (ଟଙ୍କା) | ୫୦୦୦ | ୫୦୦୦ | ୫୦୦୦ |
| ବାର୍ଷିକ ସୁଧହାର | ୧୦% | ୧୦% | ୧୦% |
| ଭବିଷ୍ୟତର ପାଣ୍ଠି (ଟଙ୍କା) | ୧୭,୯୯୩,୯୫୫ | ୧୦,୩୧୪,୨୧୭ | ୬,୧୬୬,୬୨୪ |
| ଆକାଶ ପାଣ୍ଠିର କେତେ ଭାଗ? | | ୬୦.୭% | ୩୬.୩% |

**ମୁଁ ଜଣେ ବରିଷ୍ଠ ନାଗରିକ, ଗତ ଜୁନ ମାସ ଠାରୁ ମାସିକ ପେନ୍‌ସନ୍ ପାଉଛି। ମୋର ବାର୍ଷିକ ପେନସନ ରାଶି କ'ଣ ଆୟକର ଅନ୍ତର୍ଭୁକ୍ତ ହେବ କି?**

**– ମଦନ ମୋହନ ସ୍ୱାଇଁ, କେନ୍ଦ୍ରାପଡ଼ା**

ଉ: ହଁ, ଆପଣଙ୍କ ପେନ୍‌ସନ୍ ରାଶି ଆୟକର ଅନ୍ତର୍ଭୁକ୍ତ ଏବଂ ଏହା ଉପରେ ଆୟକର ଦେବାକୁ ପଡିବ। କେତେ ଆୟକର ଦେବାକୁ ପଡିବ ଏହା ଜଣେ ବ୍ୟକ୍ତିର ବାର୍ଷିକ ଆୟ ଓ ଆୟକର ସ୍ତର ଉପରେ ନିର୍ଭର କରିଥାଏ।

**ପ୍ର: ମୋ ଝିଅକୁ ୨ ବର୍ଷ। ମୋ ଝିଅ ନାମରେ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି କରିପାରିବି କି? ମ୍ୟୁଚୁଆଲ ଫଣ୍ଡରେ ପିଲାମାନଙ୍କ ପାଇଁ କିଛି ସ୍କିମ୍ ଅଛି କି? ମୁଁ ଭାବୁଛି ମାସିକ ୧୩୦୦ ଟଙ୍କା ସଞ୍ଚୟ କରିବି। ଏ ବିଷୟରେ ପରାମର୍ଶ ଦେବା ପାଇଁ ଅନୁରୋଧ।**

**– ସୁଜତା ମିଶ୍ର, ସମ୍ବଲପୁର**

ଉ: ହଁ, ଆପଣଙ୍କ ଝିଅନାମରେ ମ୍ୟୁଚୁଆଲ ଫଣ୍ଡ(ଏସ୍‌ଆଇପି ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍)ରେ ନିବେଶ କରିପାରିବେ। କିଛି ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ପିଲାମାନଙ୍କ ଭବିଷ୍ୟତ ପାଠପଢ଼ା ଖର୍ଚ୍ଚ ଓ ବାହାଘର ଖର୍ଚ୍ଚ ପାଣ୍ଠି ଗଠନ ପାଇଁ ସ୍କିମ୍ ପ୍ରଦାନ କରୁଛନ୍ତି। ଆପଣଙ୍କ ଝିଅର ପାଠପଢ଼ା ଖର୍ଚ୍ଚ କିମ୍ବା ବାହାଘର ଖର୍ଚ୍ଚ ପାଇଁ ଏହି ସ୍କିମରେ ମଧ ଏସ୍‌ଆଇପି କରିପାରିବେ।

**ଆମ ଠିକଣା**
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

“ ଗ୍ୟାରେଥ ବାଲେଙ୍କ ଅନୁପସ୍ଥିତିରେ କାର୍ଡିଫଠାରେ ଖେଳାଯିବାକୁଥିବା ମ୍ୟାଚରେ ସ୍ପେନ୍ ଆମ ଦଳକୁ ହରାଇବା ସହଜ ନୁହେଁ ।

–ସାମ୍ ଭୋକ୍ସ, ୱେଲ୍ସ ଷ୍ଟ୍ରାଇକର



“ ଏକମାତ୍ର ବିଫଳତା ପାଇଁ ଫାଷ୍ଟ ବୋଲର ଉମେଶ ଯାଦବ ବାରମ୍ବାର ଦଳରୁ ବାଦ୍ ପଡ଼ିବା ଦୁର୍ଭାଗ୍ୟଜନକ ।

–ଭରତ ଅରୁଣ, ଭାରତୀୟ ବୋଲିଂ କୋଚ୍



## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହକି ଷ୍ଟାଡିୟମ ଉଦ୍‌ଘାଟିତ

# କଳିଙ୍ଗ ପ୍ରସ୍ତୁତ

**ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ନୂଆ ରୂପ ନେଇଥିବା ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ସହ ବାଜିଛି ହକି ବିଗୁଲ। ନଭେମ୍ବର ୨୭ରେ ହେବ ଏହି ମେଗା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ। ଗୀତିକାର ଗୁଲ୍‌ଜାର, ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍.ରହମନ ଏବଂ ବଲିଉଡ୍ ଅଭିନେତା ଶାହରୁଖ ଖାଁଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରମୁଗ୍ଧ ହେବେ ଦର୍ଶକ। ହକି ମହାକୁମ୍ଭ କ୍ରମେ ପାଖେଇ ଆସିଥିବାବେଳେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**



ହକି ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ ଆୟୋଜିତ ପ୍ରଦର୍ଶନୀ ମ୍ୟାଚ୍ ପୂର୍ବରୁ ଦିଲୀପ ତିର୍କୀ, ଧନରାଜ ପିଲେ ଦଳର ଖେଳାଳିମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର, ୧୦।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର କିଛି ସପ୍ତାହ ବାକିଥିବାବେଳେ ରାଜଧାନୀ ଭୁବନେଶ୍ୱର ଏହି ମେଗା ଇଭେଣ୍ଟ ଆୟୋଜନ ପାଇଁ ପୂରା ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବର୍ଷାଭିଜା ମନୋରମ ପରିବେଶରେ ନୂଆ ରୂପ ନେଇଥିବା ଅତ୍ୟାଧୁନିକ ହକି ଷ୍ଟାଡିୟମକୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ହକି ମହାକୁମ୍ଭ ପାଇଁ କଳିଙ୍ଗ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଥିବା ସ୍ପଷ୍ଟ ହୋଇଛି। ଗତ କେତେମାସ ଧରି ଏହି ଷ୍ଟାଡିୟମର ପୁନଃନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିଲା ଓ ଏହି ବିଶ୍ୱସ୍ତରୀୟ ହକି ଷ୍ଟାଡିୟମକୁ ଠିକ୍ ସମୟ ପୂର୍ବରୁ ପ୍ରସ୍ତୁତ୍ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ବେଶ୍ ପ୍ରଯତ୍ନ କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ପୂର୍ବତନ ହକି ତାରକା ଧନରାଜ ପିଲେ ଓ ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଏବେକାର ଭାରତୀୟ ଖେଳାଳିଙ୍କୁ ନେଇ ଗଠିତ ଦୁଇ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଆୟୋଜନ କରାଯାଇଥିଲା। ନିଜର ରୋଲ ମଡେଲ ତଥା ଆଦର୍ଶ ଖେଳାଳିଙ୍କ ସହ ଖେଳିବାକୁ ଯୁବ ଖେଳାଳିଙ୍କୁ ଏହି ମ୍ୟାଚ୍ ମାଧ୍ୟମରେ ସୁଯୋଗ ମିଳିଥିଲା। ଖେଳାଳିମାନେ ମଧ୍ୟ ଏହାର ଭରପୂର ଫାଇଦା ଉଠାଇଥିଲେ। ସେହିପରି ହକି ଲିଜେଣ୍ଡ ସନ୍ଦୀପ ସିଂ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଧାରାବିବରଣୀ ପ୍ରଦାନ କରିଥିଲେ।

ଏକ ଶ୍ରେଷ୍ଠ ଭିତ୍ତିଭୂମି ଯୋଗାଇଦେବା ପାଇଁ ଓଡ଼ିଶା ସରକାର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସର ପୁନଃ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। କଳିଙ୍ଗ ଷ୍ଟାଡିୟମ ଏବେ ସବୁ ପ୍ରକାର କ୍ରୀଡ଼ା ପାଇଁ ଉଭୟ ଅଭ୍ୟାସ ଓ ମୁଖ୍ୟ ମ୍ୟାଚ୍ ଲାଗି ଏକ ବିଶ୍ୱସ୍ତରୀୟ ତଥା ଆନ୍ତର୍ଜାତିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପରିଣତ ହୋଇଛି। ଉଭୟ ଅଭ୍ୟାସ ଓ ମୁଖ୍ୟ ମ୍ୟାଚ୍ ପାଇଁ ଏଠାରେ ନୂଆ ବ୍ଲୁ ଟର୍ଫ ବିଛାଯାଇଛି। ଫେଡେରେଶନ ଅଫ ଇଣ୍ଟରନ୍ୟାଶନାଲ ହକି (ଏଫ୍ଆଇଏଚ୍) ନିୟମ ଅନୁସାରେ ଏହି କମ୍ପ୍ଲେକ୍ସର ନିର୍ମାଣ କରାଯାଇଛି। ଷ୍ଟାଡିୟମର କ୍ଷମତା ୭,୦୦୦ରୁ ୧୫,୦୦୦କୁ ବୃଦ୍ଧି କରାଯାଇଛି। ଷ୍ଟାଡିୟମର ଉତ୍ତର ଓ ଦକ୍ଷିଣ ପଟେ ଦୁଇଟି ନୂଆ ଗ୍ୟାଲେରି ନିର୍ମାଣ କରାଯାଇଛି।

ଷ୍ଟାଡିୟମର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପୁନର୍ଗଠିତ ଷ୍ଟାଡିୟମକୁ ବେଶ୍ ପ୍ରଶଂସା କରିଥିଲେ। ଏକ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦେଶକୁ ଉତ୍ସର୍ଗ କରି ଓଡ଼ିଶାବାସୀ ଗର୍ବିତ। ଆସନ୍ତା ମାସରେ ଏହି ଷ୍ଟାଡିୟମରେ ଆମେ ବିଶ୍ୱକପ୍ ହକି ଆୟୋଜନ କରିବାକୁ ବେଶ୍ ବ୍ୟଗ୍ର ବୋଲି ସେ କହିଥିଲେ। ଏହି ବିଶ୍ୱକପ ସଫଳତାର ସହ ଆୟୋଜନ ହେବ ଓ ସାରା ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିବ ବୋଲି ସେ କହିଥିଲେ।

ଉଦ୍‌ଘାଟନୀ ମ୍ୟାଚରେ ଗୋଟିଏ ଦଳର ନେତୃତ୍ୱ ନେଇ ମୁଁ ବେଶ୍ ଖୁସି। ଏହି ପୁନର୍ଗଠିତ ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଖେଳି ମୁଁ ଗର୍ବିତବୋଲି ଦିଲୀପ କହିଥିଲେ।

ହକି ଲିଜେଣ୍ଡ ଧନରାଜ ପିଲେ ମଧ୍ୟ ଏହି ମ୍ୟାଚରେ ଅନ୍ୟ ଏକ ଦଳର ନେତୃତ୍ୱ ନେଇ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଓଡ଼ିଶା ଓ କଳିଙ୍ଗ ଷ୍ଟାଡିୟମ ହକିର ପ୍ରାଣକେନ୍ଦ୍ର ବନିଯାଇଛି। ଦିଲୀପଙ୍କ ଦଳ ସହ ଏକ ନୂଆ ଟର୍ଫରେ ମ୍ୟାଚ ଖେଳି ମୁଁ ବେଶ୍ ଆନନ୍ଦିତ ବୋଲି ପିଲେ କହିଥିଲେ। ତେଣୁ ବିଶ୍ୱକପ୍‌ରେ ଭାରତ ଘରୋଇ ପରିବେଶରୁ ଫାଇଦା ଉଠାଇ ବାଜି ମାରିବ ବୋଲି ପିଲେ ଆଶା ପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ଏବେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଷ୍ଟାଡିୟମରେ ପରିଣତ ହୋଇପାରିଛି। ସିଟ୍ ସଂଖ୍ୟା ବଢିବା ସଙ୍ଗେ ସଙ୍ଗେ ଆନୁଷଙ୍ଗିକ ସୁବିଧା ସୁଯୋଗରେ ଉନ୍ନତି ଏବେ ଏହି ଷ୍ଟାଡିୟମକ ସ୍ୱତନ୍ତ୍ର କରିପାରିଛି। ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକମାନେ ବିଶ୍ୱକପ୍ ଦେଖିବାକୁ ଭୁବନେଶ୍ୱର ଆସିବେ ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମଦ କହିଛନ୍ତି। ଟିମ୍ ଧନରାଜର କୋଚ୍ ହିସାବରେ ଦାୟିତ୍ୱ ନେଇଥିଲେ ହରେନ୍ଦ୍ର ସିଂ। ସେହିପରି ଟିମ ଦିଲୀପର କୋଚ୍ ରହିଥିଲେ କ୍ରିସ୍ ସିରିଏଲୋ। ଷ୍ଟାଡିୟମର ଉନ୍ନତି ହେବା ସଙ୍ଗେ ସଙ୍ଗେ ରାସ୍ତା ପ୍ରଶସ୍ତୀକରଣ, ନୂଆ ପାର୍କିଂ ପ୍ଲେସ୍ ମଧ୍ୟ ନିର୍ମାଣ କରାଯାଇଛି। ଡ୍ରେସିଂ ରୁମ୍, ଡାଇନିଂ ହଲ, କନଫରେନ୍ସ ହଲ, ମିଡିଆ ଟ୍ରାଇବୁନ, ବ୍ରୋଡକାଷ୍ଟର ରୁମ ମଧ୍ୟ ନିର୍ମାଣ କରାଯାଇଛି।

**ହକି ବିଶ୍ୱକପ୍**



**ଆଉ ୪୭ ଦିନ**



ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜର୍ସି ପ୍ରଦାନ ଅବସରରେ (ବାମରୁ) ହକି ଇଣ୍ଡିଆ ମହାସଚିବ ରାଜିନ୍ଦର ସିଂ, ସଭାପତି ମୁସ୍ତାକ ଅହମଦ ଓ ସିଇଓ ଏଲିନା ନର୍ମାନ।

## ଜର୍ସି ଉପହାର

ପ୍ରଦର୍ଶନୀ ମ୍ୟାଚ ପୂର୍ବରୁ ଉଭୟ ଦଳର ୱାର୍ମଅପ୍ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫିତାକାଟି ଆନୁଷ୍ଠାନିକଭାବେ ହକି ଷ୍ଟାଡିୟମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହକି ଇଣ୍ଡିଆ ସଭାପତି ମୁସ୍ତାକ ଅହମଦ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ହକି ଷ୍ଟିକ୍ ଏବଂ ବଲ୍ ଥିବା ଏକ ସ୍ମାରକୀ ପ୍ରଦାନ କରିଥିଲେ। ଏହାପରେ ହକି ଇଣ୍ଡିଆ ମହାସଚିବ ରାଜିନ୍ଦର ସିଂ ଓ ସିଇଓ ଏଲିନା ନର୍ମାନ ଗୋଟିଏ ଲେଖାଏ ଭାରତୀୟ ଦଳର ଜର୍ସି ଦେଇଥିଲେ। ମୁଖ୍ୟମନ୍ତ୍ରୀ ପଡ଼ିଆକୁ ଯାଇ ଉଭୟ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇଥିଲେ ଏବଂ ସମସ୍ତ ଖେଳାଳିଙ୍କୁ ମିଶାଇ ଏକ ଫଟୋସେସନ ଅନୁଷ୍ଠିତ ହୋଇଥିଲା। ଷ୍ଟାଡିୟମ ଉଦ୍‌ଘାଟନ ଅବସରରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା, ଏମ୍‌ପି ପ୍ରସନ୍ନ ପାଟଶାଣୀ, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# ହକିର ବିଜୟ

## ଧନ୍ ବିପକ୍ଷରେ ଦିଲ୍ ବିଜୟୀ

ନୂଆ ରୂପ ନେଇଥିବା ହକି ଷ୍ଟାଡିୟମର ଉଦ୍‌ଘାଟନୀ ଉତ୍ସବ ଅବସରରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲୀପ ତିର୍କୀଙ୍କ ନେତୃତ୍ୱାଧୀନ ଦିଲ୍ ଏକାଦଶ ୨–୧ ଗୋଲରେ ଧନରାଜ ପିଲେଙ୍କ ଧନ୍ ଏକାଦଶକୁ ପରାସ୍ତ କରିଛି। ଦିଲୀପଙ୍କ ଟିମ୍ ପକ୍ଷରୁ ଦୀପକ ଠାକୁର ୨ଟିଯାକ ଗୋଲ ଦେଇଥିବାବେଳେ ଧନରାଜଙ୍କ ଦଳର ଗୁରଜାନ୍ତ ସିଂ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଉଭୟ ଦଳରେ ଅନେକ ହକି କିମ୍ବଦନ୍ତୀଙ୍କ ସହ ବର୍ତ୍ତମାନର ସିନିୟର ଓ ଜୁନିୟର ଖେଳାଳିଙ୍କ ସମ୍ମିଶ୍ରଣ ହୋଇଥିଲା। ଗୋଟିଏ ମ୍ୟାଚରେ ଧନରାଜ, ଦିଲୀପ, ବୀରେନ ରସ୍କିନା, ସର୍ଦ୍ଦାର ସିଂ, ଯୁଗରାଜ ସିଂ, ଦୀପକ ଠାକୁର ଆଦି ଖେଳାଳିଙ୍କୁ ଦେଖିବା ଉପସ୍ଥିତ ଦର୍ଶକଙ୍କ ପାଇଁ ଭିନ୍ନ ଅନୁଭବ ଆଣିଥିଲା। ମ୍ୟାଚର ଫଳାଫଳ ଯାହା ହେଉନା କାହିଁକି ଏଠାରେ ହକିର ବିଜୟ ହୋଇଛି ବୋଲି ଉଭୟ ଦିଲୀପ ଓ ଧନରାଜ ପ୍ରକାଶ କରିଥିଲେ। ମ୍ୟାଚ ପରେ ଉଭୟ ଦଳର ସମସ୍ତ ସଦସ୍ୟଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା।

**୧୪ ବର୍ଷ ପରେ ୯ ନମ୍ବର ଜର୍ସି**

ମୁଁ ଦୀର୍ଘ ୧୪ ବର୍ଷ ପରେ ପ୍ରିୟ ୯ ନମ୍ବର ଜର୍ସି ପିନ୍ଧିବାର ସୌଭାଗ୍ୟ ପାଇଛି। ଶେଷଥର ପାଇଁ ମୁଁ ୨୦୦୪ରେ ଭାରତ ପକ୍ଷରୁ ଖେଳିବାବେଳେ ଏହି ନମ୍ବର ଜର୍ସି ପରିଧାନ କରିଥିଲି। ଏବେ ହକିର ପରିଭାଷା ବଦଳି ଯାଇଛି। ଆମ ସମୟର ହକି ତୁଳନାରେ ବର୍ତ୍ତମାନର ହକି ଗେମ୍ ଅଧିକ ଫାଷ୍ଟ ହୋଇଛି। ଦୀର୍ଘଦିନ ପରେ ଖେଳିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ସମସ୍ତ ଖେଳାଳି ବହୁତ ଭଲ ଖେଳିଲେ। ଏଠାରେ ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରିଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ। ଏହି ସର୍ଫେସରେ ଆସନ୍ତା ବିଶ୍ୱକପ ନିଶ୍ଚିତ ରୋମାଞ୍ଚକ ହେବ” ବୋଲି ଧନରାଜ ପ୍ରକାଶ କରିଛନ୍ତି।

**୨ ନମ୍ବର ଜର୍ସିରେ ଦିଲୀପ**

ପ୍ରଦର୍ଶନୀ ହକି ମ୍ୟାଚରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ନିଜର ପ୍ରିୟ ୨ ନମ୍ବର ଜର୍ସିରେ ଦେଖିବାକୁ ମିଳିଥିଲା। “ମ୍ୟାଚ ବହୁତ ଭଲ ହେଲା। ବର୍ଷାଜନିତ ପ୍ରତିକୂଳ ପାଗ ସତ୍ତ୍ୱେ ଉଭୟ ଦଳର ଖେଳାଳିମାନେ ବହୁତ ଖେଳିଲେ। ନିଜେ ଧନରାଜ ମଧ୍ୟ ବଢ଼ିଆ ପ୍ରଦର୍ଶନ କଲେ। ସମସ୍ତଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ୨୦୦୯ ପରେ ପ୍ରଥମଥର ପାଇଁ ପଡ଼ିଆକୁ ଓହ୍ଲାଇଲି। ତେଣୁ ଏହା ମୋ ପାଇଁ ମଧ୍ୟ ଏକ ଭିନ୍ନ ଅନୁଭୂତି ଆଣିଛି। କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ସମଗ୍ର ବିଶ୍ୱକୁ ଏପରି ଏକ ଷ୍ଟାଡିୟମ ଭେଟି ଦେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଏଠାରେ ବିଶ୍ୱକପ ହେବାକୁ ଯାଉଥିବାରୁ ସମସ୍ତ କ୍ରୀଡ଼ାପ୍ରେମୀଙ୍କ ନଜର ଏବେ ଭୁବନେଶ୍ୱର ଉପରେ ରହିଛି। ପ୍ରଦର୍ଶନୀ ମ୍ୟାଚ ନିଶ୍ଚିତଭାବେ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ” ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ଦିଲୀପ।



ପ୍ରଦର୍ଶନୀ ମ୍ୟାଚ ଅବସରରେ ଆକ୍ସନରେ ଧନରାଜ ପିଲେ ଓ ଦିଲୀପ ତିର୍କୀ।

# ମହିଳା ହକି ଦଳର ବୃହତ୍ ବିଜୟ

ବୁଏନ୍ସ ଏରିଜ୍, ୧୦।୧୦(ପି.ଟି.)

ଏଠାରେ ଚାଲିଥିବା ଯୁଥ ଅଲିମ୍ପିକ୍ସର ହକି ଇଭେଣ୍ଟରେ ଭାରତୀୟ ମହିଳା ଦଳ ବୁଧବାର ଏକ ବୃହତ୍ ବିଜୟ ହାସଲ କରିଛି। ୧୮ ବର୍ଷରୁ କମ୍ ଭାରତୀୟ ଦଳ ପ୍ରତିଯୋଗିତାରେ ତା’ର ତୃତୀୟ ମ୍ୟାଚ୍‌ରେ ୧୬–୦ ଗୋଲରେ ଅପେକ୍ଷାକୃତ ଦୁର୍ବଳ ଭାନୁଆଟୁକୁ ପରାସ୍ତ କରିଛି।

ଭାରତ ତରଫରୁ ଫରୱାର୍ଡ ମମତା ଖାଁ ୮, ୧୧, ୧୨ ଓ ୧୫ତମ ମିନିଟ୍‌ରେ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ। ସେହିପରି ଚେତନା ଷଷ୍ଠ, ୧୪ ଓ ୧୭ତମ ମିନିଟରେ ଚତୁରତାର ସହ ୩ଟି ଗୋଲ ଦେଇଥିଲେ। ଇନ୍ ଫର୍ମ ଷ୍ଟ୍ରାଇକର ଲାଲରେମସିଆମି ଭାରତ ପାଇଁ ଖାତା ଖୋଲିଥିଲେ। ସେ ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ୩୦ ସେକେଣ୍ଡ ପରେ ରିତ୍ ଦ୍ୱିତୀୟ ଗୋଲ ଦେଇଥିଲେ। ପୁଣି ଏହାର ଠିକ ଗୋଟିଏ ମିନିଟ ପରେ ଅଧିନାୟିକା ସଲିମା ଟେଟେ ଗୋଲ ଦେଇଥିଲେ ଓ ମାତ୍ର ୪ ମିନିଟ୍ ମଧ୍ୟରେ ଭାରତ ୩–୦ରେ ଅଗ୍ରଣୀ ହାସଲ କରିଥିଲା। ପଞ୍ଚମ ମିନିଟ୍‌ରେ ବଲଜିତ କୌର ଗୋଲ ଦେଇଥିଲେ। ଷଷ୍ଠ ମିନିଟ୍‌ରେ ଚେତନା ତାଙ୍କର ବ୍ୟକ୍ତିଗତ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ରିତ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୭–୦ରେ ଅଗ୍ରଣୀ କରାଇଥିଲେ। ମମତାଜ ଅଷ୍ଟମ ଓ ଲାଲରେମସିଆମିକ ଦଶମ ମିନିଟରେ ଗୋଲ ଦେଇଥିଲେ।

ଦ୍ୱିତୀୟ ପିରିୟଡ୍‌ରେ ମଧ୍ୟ ଭାରତ ଗୋଟିଏ ପରେ ଗୋଟିଏ ଗୋଲ ଦେଇ ବୃହତ୍ ବିଜୟ ହାସଲ କରିଥିଲା। ଭାନୁଆଟୁ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ମୋଟ୍ ଉପରେ ୩୨ଟି ଗୋଲ ବରଣ କରିଛି। ଭାରତ ଏହି ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଭାନୁଆଟୁକୁ କୌଣସି ସୁଯୋଗ ଦେଇ ନ ଥିଲା।

ଦ୍ୱିତୀୟାର୍ଦ୍ଧର ପ୍ରଥମ ୫ ମିନିଟ୍‌ରେ ଭାରତ ଗୋଟିଏ ଲେଖାଏ ଗୋଲ ଦେଇଥିଲା। ମମତାଜ ୧୧, ୧୨ ଓ ୧୫ତମ ମିନିଟ୍‌ରେ ଗୋଲ ଦେଇଥିବା ବେଳେ ସାଲିମା ୧୩ ଓ ଚେତନା ୧୪ତମ ମିନିଟରେ ଗୋଲ ଦେଇଥିଲେ। ମ୍ୟାଚ୍‌ର ୧୭ତମ ମିନିଟରେ ଚେତନା ବ୍ୟକ୍ତିଗତ ଭାବେ ତୃତୀୟ ଓ ଭାରତ ପାଇଁ ୧୫ତମ ଗୋଲ ସ୍କୋର କରିଥିଲେ। ସେହିପରି ଇଶିକା ଚୌଧୁରୀ ଶେଷ ମିନିଟ୍‌ରେ ଭାରତ ପାଇଁ ଅନ୍ତିମ ଗୋଲ ସ୍କୋର କରିଥିଲେ। କେବଳ ଗୋଲକିପରଙ୍କୁ ବାଦ ଦେଲେ ବାକି ସବୁ ଭାରତୀୟ ଖେଳାଳି ଗୋଲ ସ୍କୋର କରିଥିଲେ।



**ୟୁଥ୍ ଅଲିମ୍ପିକ୍ସ ଗେମ୍ସ**

## ଏସିଆନ୍ ପାରା ଗେମ୍ସ: ତୀରନ୍ଦାଜ ହରବିନ୍ଦରଙ୍କୁ ସ୍ୱର୍ଣ୍ଣ

ଜାକର୍ତ୍ତା, ୧୦।୧୦(ପି.ଟି.)

ଏସିଆନ୍ ପାରା ଗେମ୍ସରେ ତୀରନ୍ଦାଜ ହରବିନ୍ଦର ସିଂ ପୁରୁଷ ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଭାରତକୁ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ମୋନୁ ଘାଙ୍ଗାସ ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍‌୧୧ କାଟେଗୋରିରେ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ମହମ୍ମଦ ୟାସାର ପୁରୁଷ ଶଟ ପୁଟ ଏଫ୍‌୪୬ କାଟାଗୋରିରେ ବ୍ରୋଞ୍ଜ ପଦକ ପାଇଛନ୍ତି। ହରବିନ୍ଦର ଚାଇନାର ଝାଓ ଲିକ୍ସ୍ୟୁଙ୍କୁ ୬–୦ ବ୍ୟବଧାନରେ ହରାଇ ଡବ୍ଲ୍ୟୁ୨/ଏସ୍‌ଟି କାଟଗୋରିରେ ଶୀର୍ଷ ସଫଳତା ହାସଲ କରି ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟାକୁ ୭କୁ ବୃଦ୍ଧି କରାଇଛନ୍ତି। ଟ୍ରାକ ଓ ଫିଲ୍ଡ ଇଭେଣ୍ଟରେ ଘାଙ୍ଗାସ ୩୫.୮୯ ମିଟର ଡିସ୍‌କସ୍ ଥ୍ରୋ କରି ପୋଡିୟମ୍‌ରେ ୨ୟ ସ୍ଥାନ ଅଧିକାର କରିଥିଲେ। ସେ ଇରାନର ଓଲାଦ ମାହଦି (୪୨.୩୭)ଙ୍କ ପଛରେ ରହିଥିଲେ। ଓଲାଦ ସ୍ୱର୍ଣ୍ଣ ପଦକ ଜିତିବା ସହ ଗେମ୍ସ ରେକର୍ଡ ମଧ୍ୟ କରିଛନ୍ତି। ଏଫ୍‌୧୧ କାଟାଗୋରି ଦୃଷ୍ଟିହୀନ ଆଥ୍‌ଲେଟଙ୍କ ଲାଗି ଉଦ୍ଦିଷ୍ଟ। ଏହାର ଶଟ୍ ପୁଟ ଇଭେଣ୍ଟରେ ୧୪.୨୨ ମି. ଦୂରତା ହାସଲ କରି ୩ୟ ସ୍ଥାନରେ ରହି ସନ୍ତୁଷ୍ଟ ରହିଛନ୍ତି।

## ପ୍ରଥମ ଟେଷ୍ଟ: ଅଷ୍ଟ୍ରେଲିଆର ସଂଘର୍ଷ ଜାରି

ଦୁବାଇ, ୧୦।୧୦ (ଏଏଫପି)

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ପାକିସ୍ତାନ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ରହିଛି। ପ୍ରଥମ ଇନିଂସରେ ୨୮୦ ରନର ଅଗ୍ରଣୀ ହାସଲ କରିଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୫୭.୫ ଓଭରରେ ୬ ଉଇକେଟ ହରାଇ ୧୮୧ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୪୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୩ ଉଇକେଟ ହରାଇ ୫୦ ଓଭରରେ ୧୩୬ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ବିଜୟ ପାଇଁ ଅଷ୍ଟ୍ରେଲିଆ ୭ ଉଇକେଟ ହାତରେ ରଖି ଆହୁରି ୩୨୬ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଉସମାନ ଖ୍ୱାଜା ୫୦ ଓ ଟ୍ରାଭିସ୍ ହେଡ୍ ୩୪ ରନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଆରୋନ ଫିଞ୍ଚ୍ ୪୯ ରନ କରି ଆଉଟ ହୋଇଥିବା ବେଳେ ମିଚେଲ ମାର୍ଶ ଓ ସନ ମାର୍ଶ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଦ୍ରୁତ ବୋଲର ମହମ୍ମଦ ଆବାସ ୩ଟି ଯାକ ଉଇକେଟ ହାସଲ କରିଥିଲେ। **ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ– ୪୮୨। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୨୦୨। ପାକିସ୍ତାନ ଦ୍ୱିତୀୟ ଇନିଂସ– ୧୮୧/୬ (ଇନିଂସ ଘୋଷଣା) ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ– ୫୦ ଓଭରରେ ୧୩୬/୩ (ଖ୍ୱାଜା– ୫୦*, ହେଡ– ୩୪*, ଆବାସ– ୩/୨୬)।



“ୟୁଥ ଅଲିମ୍ପିକ୍ସରେ ମୋ ସଫଳତାକୁ ମୁଁ ଗୁରୁତ୍ୱ ଦେଉ ନାହିଁ ମୋର ଅସଲ ଲକ୍ଷ୍ୟ ଟୋକିଓ ଅଲିମ୍ପିକ୍ସ ଉପରେ ରହିଛି ।

–ଜେରେମି ଲାଲ୍‌ରିନୁଙ୍ଗା, ଭାରତୀୟ ଭାରୋତ୍ତୋଳକ

“ଆସନ୍ତା ଅଲିମ୍ପିକ୍ସରେ ମନୁ ଭାକରଙ୍କ ଭଳି ପ୍ରତିଭାସମ୍ପନ୍ନ ଶୁଟରଙ୍କଠାରୁ ପଦକ ଆଶା କରାଯାଏ ।

–ଯଶପାଲ ରାଣା, ଭାରତୀୟ ଶୁଟର



## ସଂକ୍ଷେପରେ

### ରାଜ୍ୟ ୧୯ ବର୍ଷରୁ କମ୍ ମହିଳା ଟି୨୦ ଦଳ ଘୋଷିତ

କଟକ ଅଫିସ,୧୦।୧୦ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୪ତାରିଖରୁ ୧୯ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ପ୍ରତିଯୋଗିତାର ଗ୍ରୁପ୍-ବି’ର ସମସ୍ତ ମ୍ୟାଚ୍ କଟକର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ବେଳେ ଏ ନେଇ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଇନ୍ଦ୍ରାଣୀ ଛତ୍ରିଆ ଦଳର ଅଧିନାୟିକା ରହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ମଣିପୁରକୁ ଭେଟିବ। **ଘୋଷିତ ଦଳ**- ଇନ୍ଦ୍ରାଣୀ ଛତ୍ରିଆ (ଅଧିନାୟିକା), ପୁନମ ନାୟକ (ଉପଅଧିନାୟିକା), କାଜଲ ଜେନା, ରଶ୍ମିତା ଚିନାରା, ରାଜେଶ୍ୱରୀ ଜେନା, ତରଣା ପ୍ରଧାନ, କୁସୁମ ତିରିଆ (ଉଇକେଟ କିପର), ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ଜି.ଏମ୍. ଅଳକାନନ୍ଦ, ତନ୍ମୟୀ ବେହେରା, କଳ୍ପନା ନାୟକ, ସୋନାଲି ହେମ୍ବ୍ରମ, ବିଏଲଏସ୍ ବୈଷ୍ଣବୀ, ସୁଚିତ୍ରା ରାୟ, ଶ୍ୱେତା ବେଉରା। ଇତିଶ୍ରୀ ପଟ୍ଟନାୟକ-କୋଚ୍, ବିଦ୍ୟୁତ ପ୍ରଭା ଦାସ-ଫିଜିଓ, ଟିକିଲତା ପ୍ରଧାନ-ଟ୍ରେନର, ବିଧାନ ଚନ୍ଦ୍ର ରାଉତ-ମ୍ୟାନେଜର।

### କୋଷ୍ଟାରିକା କୋଚ୍ ମାଟୋସାସ

ସାନ ଜୋସ,୧୦।୧୦(ଏଏଫ୍‌ପି): ପୂର୍ବତନ ଉରୁଗୁଏ ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ଗୁସ୍ତାଭୋ ମାଟୋସାସ କୋଷ୍ଟାରିକା ଦଳର ନୂତନ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ଏ ନେଇ କୋଷ୍ଟାରିକା ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ୫୧ ବର୍ଷୀୟ ମାଟୋସାସ ପୂର୍ବତନ କୋଚ୍ ଓସ୍କାର ରାମିରେଜଙ୍କ ସ୍ଥାନ ନେଇଛନ୍ତି। ଫିଫା ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟରେ ନିମ୍ନ ସ୍ଥାନରେ ରହିବା ପରେ ରାମିରେଜଙ୍କ ଚୁକ୍ତିର ସମୟସୀମାକୁ ବୃଦ୍ଧି କରାଯାଇ ନ ଥିଲା। ପୂର୍ବରୁ ମାଟୋସାସ ଲେଓନ କ୍ଲବ ଦାୟିତ୍ୱରେ ଥିଲେ। ତାଙ୍କ ନେତୃତ୍ୱରେ ଦଳ ମେକ୍ସିକାନ ଲିଗ୍ ଦୁଇ ଥର ଜିତିଥିଲା।

# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ଭାରତ

## ସୁଲତାନ ଜୋହର କପ୍ ହକି



ଜୋହର ବାହରୁ (ମାଲେସିଆ), ୧୦।୧୦ (ପି.ଟି.)

ସୁଲତାନ ଜୋହର କପ୍ ହକି ପ୍ରତିଯୋଗିତାରେ ଭାରତୀୟ ଜୁନିୟର ପୁରୁଷ ଦଳ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷରେ ୫-୪ ଗୋଲରେ ବିଜୟ ହାସଲ କରି ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଏହି ବିଜୟ ଦ୍ୱାରା ଆହୁରି ମଧ୍ୟ ଭାରତ ପୁଲ୍ ଏ’ର ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମେ ଏକ ପେନାଲ୍ଟି କର୍ନର ମିସ୍ କରିବା ପରେ ୫ମ ମିନିଟ୍‌ରେ ଗୁରସାହିବ ଜିତ୍ ସିଂଙ୍କ ଏକ ଫିଲ୍ଡ ଗୋଲ ବଳରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଭାରତ ପଛକୁ ପଛ ଆହୁରି ୩ଟି ଗୋଲ ସ୍କୋର କରି ମ୍ୟାଚରେ ନିଜ ସ୍ଥିତିକୁ ମଜଭୁତ କରିନେଇଥିଲା। ୧୧ତମ, ୧୪ତମ ଓ ୧୫ତମ ମିନିଟ୍‌ରେ ହସପ୍ରୀତ ସିଂ, ମନଦୀପ ମୋର ଏବଂ ବିଷ୍ଣୁକାନ୍ତ ସିଂ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୪-୦ ଗୋଲରେ ଅଗ୍ରଣୀ ଲାଭ କରିନେଇଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଭାରତ ଏହି ପ୍ରଦର୍ଶନ ଜାରି ରଖିବାରେ ବିଫଳ ହୋଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଅଷ୍ଟ୍ରେଲିଆ ଏକ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିଥିଲା। ଏହି ଗୋଲଟିକୁ ଡାମନ ଷ୍ଟିଫେନ୍ସ ସ୍କୋର କରିଥିଲେ। ସେ ପରେ ଦ୍ୱିତୀୟାର୍ଦ୍ଧ ଖେଳର ୩୫ତମ ମିନିଟ୍‌ରେ ଏକ ପେନାଲଟି କର୍ନରକୁ ଗୋଲରେ ପରିଣତ କରିବା ଦ୍ୱାରା ଗୋଲ ବ୍ୟବଧାନ ୪-୨କୁ ହ୍ରାସ କରିଥିଲେ। ଯଦିଓ ଶିଳାନନ୍ଦ ଲାକ୍ରା ୪୩ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଭାରତକୁ ୫-୩ରେ ଅଗ୍ରଣୀ କରାଇଥିଲେ। ଅଷ୍ଟ୍ରେଲିଆ ୫୯ତମ ମିନିଟ୍‌ରେ ଭାରତୀୟ ଡିଫେନ୍ସ ଉପରେ ଚାପ ସୃଷ୍ଟି କରି ଏକ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ପାଇଥିଲା। ଷ୍ଟିଫାନ୍ସ ଏହାକୁ ସହଜରେ ଗୋଲରେ ପରିଣତ କରିଥିଲେ। ଏହାସତ୍ତ୍ୱେ ଭାରତ ମ୍ୟାଚକୁ ନିଜ ସପକ୍ଷରେ ରଖିପାରିଥିଲା। ଭାରତ ଆସନ୍ତା ୧୨ରେ ଏହାର ପରବର୍ତ୍ତୀ ମ୍ୟାଚ ବ୍ରିଟେନ ବିପକ୍ଷରେ ଖେଳିବ।

## ପ୍ରଥମ ମ୍ୟାଚରେ ନିଜକୁ ପରଖିବେ ବୋଲ୍ଟ



ସିଡ୍‌ନୀ, ୧୦।୧୦ (ଏଏଫ୍‌ପି)

ସ୍ପ୍ରିଣ୍ଟ ସୁପର ଷ୍ଟାର ଉଷେନ ବୋଲ୍ଟ ଶୁକ୍ରବାର ଜଣେ ପ୍ରଫେସନାଲ ଫୁଟବଲ ଖେଳାଳି ହିସାବରେ ନିଜକୁ ପରଖିବେ। ସିଡ୍‌ନୀ ଠାରେ ମାକାର୍ଥର ସାଉଥ ୱେଷ୍ଟ ୟୁନାଇଟେଡ ବିପକ୍ଷରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲ୍ଟ। ସ୍ପ୍ରିଣ୍ଟ ସୁପର ଷ୍ଟାର ଏହି ମ୍ୟାଚର ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ସ୍ଥାନ ପାଇଥିବା କୋଚ୍ ମାଇକ୍ ମଲ୍‌ଭେ ସୂଚନା ଦେଇଛନ୍ତି। ବୋଲ୍ଟ କହିଛନ୍ତି, ମୋ ଫିଟ୍‌ନେସ ଉପରେ କୋଚ୍ ଭରସା ରଖିଥିବାରୁ ମୁଁ ଆନନ୍ଦିତ। ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ୮ଥର ଅଲିମ୍ପିକ ଚାମ୍ପିୟନ ଅଗଷ୍ଟ ମାସ ଶେଷଭାଗରେ ଫୁଟ୍‌ବଲରେ ପ୍ରଥମ ପଦାର୍ପଣ କରିଥିଲେ। ଜଣେ ବଦଳ ଖେଳାଳି ହିସାବରେ ଲେଫ୍ଟ ଉଇଙ୍ଗରେ ୨୦ ମିନିଟ ଖେଳିବାକୁ ପଡ଼ିଥିଲା। ସେ ମ୍ୟାଚରେ ଗୋଲ ସ୍କୋର କରିବା ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ସେ ଶୀଘ୍ର କ୍ଳାନ୍ତ ହୋଇପଡ଼ିଥିଲେ। ବୋଲ୍ଟ କହିଛନ୍ତି, ସେ ତାଙ୍କ ଫିଟ୍‌ନେସରେ ଉନ୍ନତି ଆଣିପାରିଛନ୍ତି। ଫ୍ରଣ୍ଟରେ ଅଧିକ ସମୟ ଖେଳିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ମ୍ୟାଚରେ ପ୍ରଦର୍ଶନକୁ ଦେଖି ସେ ଫୁଟ୍‌ବଲରେ ତାଙ୍କ ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବେ।

# ‘ଭାରତରେ ଲାରା ଜିତିପାରି ନ ଥିଲେ’

ହାଇଦ୍ରାବାଦ, ୧୦।୧୦ (ପି.ଟି.)

ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ ଜାସନ ହୋଲ୍‌ଡର ତାଙ୍କ ଦଳର ସମାଲୋଚକମାନଙ୍କୁ କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, ୯୦ ଦଶକରେ ବ୍ରାଏନ ଲାରାଙ୍କ ସମୟରେ ଆସିଥିବା ଆମଠାରୁ ଅପେକ୍ଷାକୃତ ଯଥେଷ୍ଟ ଉନ୍ନତ କ୍ୟାରିବିୟନ ଦଳ ଭାରତରେ ଟେଷ୍ଟ ସିରିଜ ଜିତି ପାରି ନାହିଁ। ୧୯୯୪ରେ ୱେଷ୍ଟଇଣ୍ଡିଜ ନିଜ ଦେଶ ବାହାରେ ଭାରତ ବିପକ୍ଷ ଟେଷ୍ଟ ସିରିଜ ଡ୍ର’ ରଖିଥିଲା। ସେତେବେଳେ ଲାରା ମୋହାଲିଠାରେ ୯୧ରନ କରିଥିଲେ। ଭାରତରେ ଲାରାଙ୍କର ଏହା ଥିଲା ଏକମାତ୍ର ଟେଷ୍ଟ ସିରିଜ। ରାଜକୋଟ୍‌ଠାରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଲଜ୍ଜାଜନକ ପରାଜୟ ସମ୍ପର୍କରେ ପଚରା ଯାଇଥିଲା, ସେ କହିଥିଲେ, ଏକଥା ମନେ ରଖିବା ଉଚିତ୍ ଯେ, ଆମେ ନମ୍ବରୱାନ ଟିମ୍ ଭାରତ ବିପକ୍ଷରେ ପୁଣି ସେମାନଙ୍କ ମାଟିରେ ଖେଳୁଛୁ। ଇତିହାସ କହୁଛି, ୧୯୯୪ ପରଠାରୁ ଆମେ ଏଠାରେ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ ଜିତିବାରେ ସମର୍ଥ ହୋଇପାରିନାହୁଁ। କୌତୂହଳର କଥା ହେଲା ଲାରାଙ୍କ ସହିତ ଯେଉଁ ମହାନ ଖେଳାଳିମାନେ ସେତେବେଳେ ଭାରତରେ ଖେଳିଥିଲେ ସେମାନଙ୍କ ମଧ୍ୟରୁ କେତେଜଣ ଆମକୁ ସମାଲୋଚନା କରୁଛନ୍ତି। ନିକଟରେ ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ କାର୍ଲ ହୁପର କହିଥିଲେ କ୍ୟାରିବିୟନ ଦ୍ୱୀପପୁଞ୍ଜର ଯୁବ ଖେଳାଳିମାନେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଭଳି ଅର୍ଥ ଉପାର୍ଜନକାରୀ ଟୁର୍ନାମେଣ୍ଟ ଲାଗି ଚୁକ୍ତି ହାସଲ କରିବା ପାଇଁ ବ୍ୟଗ୍ର। ୱେଷ୍ଟଇଣ୍ଡିଜ କ୍ରିକେଟରେ ଅଧୋପତନ ଏହାର ଅନ୍ୟତମ କାରଣ। ଅବଶ୍ୟ ସେ କୌଣସି ଖେଳାଳିଙ୍କ ନାମ ଉଲ୍ଲେଖ କରି ନ ଥିଲେ।



ଜାସନ ହୋଲ୍‌ଡର

# ପ୍ରଥମ ଟି୨୦: ଦକ୍ଷିଣ ଆଫ୍ରିକା ବିଜୟୀ

ଇଷ୍ଟ ଲଣ୍ଡନ, ୧୦।୧୦ (ଏ.ଏଫ୍.ପି)

ଲେଗ ସ୍ପିନର ଇମ୍ରାନ ତାହିରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟି୨୦ ମ୍ୟାଚ୍‌ରେ ୩୪ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ମଙ୍ଗଳବାର ସ୍ଥାନୀୟ ବୁଫାଲୋ ପାର୍କଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରି ଜିମ୍ବାୱେ ୧୭.୨ ଓଭରରେ ୧୨୬ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ମାତ୍ର ୨୩ ରନ ବ୍ୟୟ କରି ୫ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ଇମ୍ରାନ ତାହିର।

**ସଂକ୍ଷିପ୍ତ ସ୍କୋର:**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୦/୬ (ଡୁସେନ- ୫୬, ମିଲର- ୩୯, ଡୁ ପ୍ଲେସି- ୩୪, ଜାର୍ଭିସ- ୩/୩୭, ଏମ୍‌ପୋଫୁ- ୨/୨୪)।

ଜିମ୍ବାୱେ ୧୭.୨ ଓଭରରେ ୧୨୬ ଅଲଆଉଟ୍ (ମୁର- ୪୪, ମାଭୁଟା- ୨୮, ୱିଲିୟମ୍ସ- ୨୧, ଟେଲର- ୧୯, ଇମ୍ରାନ - ୫/୨୩, ଡାଲା- ୨/ ୨୫, ଫେଲୁକ୍ୱାଓ- ୨/୨୫ )।




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7735180749, 3S TVS, Ph : : 8860629978. PURI: Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHLOE : Sasmita TVS, Ph : 8860793803. **Authorised Dealers:** CRP Square, Bhubaneswar, Samir Motors, Ph.: 0674-2563343, 7537035786; Kakatpur, Manish Automobiles, Ph.: 9437112054/06758-231053; Khurda, Swastik Automobiles, Ph.: 9861128283, 06755-223244; Baghamari, Maa Mangala Automobiles, Ph.: 9238107505; Jagatpur, Sonu Motors, Ph.: 9861006854/9337268787; Pattamundai, Shree Durga Auto, Ph.: 9938602209;Jajpur Town, Shyama Motors, Ph.: 9438366160; Mangalpur, Sanji Motor, Ph : 9853486660; Balipatna, Rita Automobiles, Ph.: 0674-2462999, 9338200392; Khandagiri, Sai Auto World, Ph : 0674-2351766, 9338869966(Showroom);Athagarh, Siva Motors, Ph.: 9853429148; Salepur, Sarala Motors, Ph.: 8018556514; Pipli, Jagannath Motors, Ph.: 8093219941; Delang, Ranjana Automobiles, Ph : 9090214582; Jagatsinghpur, Gita Motors, Ph.: 06724-222717, 9778802623; Raj Sunakhala, Arnapurna Motors, Ph.: 7873510025; Daspalla, Bijayalaxmi Motors, Ph.: 9437354285; Rohibank, Maa Laxmi Automobiles, Ph : 9090507765; Kalapathar, Durgananda Communication, Ph : 9776942339;Ranpur, Omm Automobiles, Ph : 9778520193; Paradip, Abhishek Motors, Ph.: 9937392207; Nuapatana, Sandeep Motors, Ph.: 9937019555; Banki, Charchika Motors, Ph.: 9937015536; Jatani, Susil Automobiles, Ph : 8093198397; Balugaon, Satya Narayan Motors, Ph : 9937886712; Singhpur, Sai Motors, Ph : 9439002157; Duburi, Jayshree Motors, Ph : 9439176344; Kujang, Iniva Motors, Ph : 9178402368; Garadpur, Swarnakanti Motors, Ph : 9178194288; Nirakarpur, J K Motors, Ph : 9658971360, 06756-252360; Trisuliya, Ideal Motors, Ph : 9437586155, Khandapada, Spandan Automobiles, Ph : 9853479471, 9937153901; Uttara, Bhubaneswar, Jyote Uttara, Ph : 7440030006; Erasama, Krishna Motors, Ph : 9937084847; Krushnanandapur, Ashhad Motors, Ph : 9237066573; Niali, Bharat Automobiles, Ph : 0671-2803357, 9040091921; Puranakatak, Bhairabi Automobiles, Ph : 7873727545, 9439071610; Chandpur, Rashmi Agency, Ph : 9658866993, 9337112565, 9439333723; Sakhigopal, Jagannath Auto, Ph : 9861150706; Nimapara, Ustav Automobiles, Ph : 06758-252044, 9438742101; Konark, Konark Automobiles, Ph : 9078802288; Balichandrapur, Sarthak Motors, Ph : 9439200714; Anandpur, Adyasha Motor, Ph : 9438366880; Nachuni : Shree Traders, Ph : 9337788799, 7008225699; Laxmi Automobiles, Narasinghpur, Ph : 9238545610; Sai Motors, Marshaghai, Ph : 9938837705; Sai Damodar Associates, Kandarpur, Ph : 0671-2802345, 9090098000; Phulnakhara, Dhaitree Associates, Ph : 0671-2356967, 7440037801; Kuakhia, Subas Automobiles, Ph : 8114398333; Bari, L.S.Motors, Ph : 8917596087; Balianta, Pratikshya Motors, Ph : 7328080807; Mandarbasta, Soumya Auto, Ph : 9776483333; Nischintakoili, Gopinath Automobiles, Ph : 9090889132; Chandol, S B Motors, Ph : 9437108541; Brahmabarada, Friends Automobile, Ph : 9668166377, 7008050051.

McCann/Blr/Tvs/857/10/18



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ


HONDA
The Power of Dreams
The Great Honda Fest
CELEBRATING 15 LAKH HAPPY CUSTOMERS
1st SEP - 7th NOV 2018
ନିଜ ପାସ୍‌ପୋର୍ଟ ପ୍ରସ୍ତୁତ ରଖନ୍ତୁ!
ଆଜିହିଁ Honda କାର୍ କିଣନ୍ତୁ ଆଉ
LONDON-PARIS ର fully paid ଟ୍ରିପ୍# ଜିତନ୍ତୁ ।
68 Days – 68 Winners
BR-V BENEFITS UP TO ₹1,00,000/-*
WR-V BENEFITS UP TO ₹32,000/-*
New JAZZ BENEFITS UP TO ₹45,000/-*
All New AMAZE BENEFIT OF 3+2 YEAR UNLIMITED Kms WARRANTY*
CITY BENEFITS UP TO ₹62,000/-*
BRIO BENEFITS UP TO ₹19,000/-*
CR-V BENEFITS UP TO ₹1,50,000/-*
Special additional offers for Government Employees, Pensioners, CSD & CPC Customers, Select Corporates and Self-Employed Professionals (Doctors, CAs, Lawyers and Teachers).
Available in Petrol and Diesel
·i-DTEC ·i-VTEC ·CVT
For more information, SMS <Honda> to 53030 or log on to www.hondacarindia.com
For corporate sales enquiries, write to corporatesales@hondacarindia.com. To exchange any existing car with a Honda car, write to autoterrace@hondacarindia.com. Colours, features, and specifications are grade specific. *Model wise offers valid on select variants. Amaze ex-showroom price is standardised across India. Ex-showroom price is of base Petrol variant (MT). *Warranty of unlimited kms in a 3 year period from the date of new vehicle is a part of standard Amaze purchase. And extended warranty of unlimited kms in the 4th & 5th year period is a promotional offer for Oct'18 only. Actual colours may vary from the ones shown here. #The Great Honda Fest is a promotional offer by Honda Cars India Ltd. under which there is a customer contest "Exotic Trip to London and Paris". Customers who buy any new Honda car invoiced on or before 7th Nov 2018, and delivered between 1st Sep 2018 - 30th Nov 2018 and also register at www.hondacarindia.com/HondaFest2018 are eligible to participate in the contest and stand a chance to win a trip to London and Paris. 30 monthly winners of September 2018 to be declared in October 2018, 31 monthly winners of October 2018 to be declared in November 2018 and 07 monthly winners of November 2018 to be declared in December 2018. Only one ticket shall be provided against the delivery of vehicle and meeting the eligibility conditions. This offer is valid for persons of age 18 years and above. Honda Cars India Ltd. reserves the rights to extend, modify or terminate the contest/offer at any point of time. Terms & conditions apply. For detailed terms & conditions, please visit www.hondacarindia.com
353 OUTLETS 241 CITIES
Honda Auto Terrace CAR EXCHANGE
Honda ProCARE CUSTOMER SERVICE
ORISSA: BHUBANESWAR: Highway Honda, 7873999819, 7873999907, Lewis Road 7873999881; Central Honda, 8599005859, 9078000333; CUTTACK: Highway Honda, 7873999977, 7873999603; JAJPUR: Highway Honda, 7873999614; ROURKELA: Krishna Honda, 7852941115, 7852941758; SAMBALPUR: Central Honda, 7682857806, 7077732222, 0663-6550120; ANGUL: Central Honda, 8599005896; 8599005921


Hero
Sanjib Hero
ସାରା ଭାରତରେ
6,000 ରୁ ଉର୍ଦ୍ଧ୍ୱ ଶୋ'ରୁମ୍
ଏବଂ ଆଉ ଗୋଟିଏ ଆପଣଙ୍କ ନିକଟରେ ।
ଆମର ନୂଆ ଶୋ'ରୁମ୍ - ସଞ୍ଜୀବ ହିରୋ ର ଶୁଭାରମ୍ଭକୁ ଆପଣଙ୍କୁ ସ୍ୱାଗତ ଜଣାଉଛୁ ।
ସ୍ଥାନ: ମେସର୍ସ ସଞ୍ଜୀବ ଅଟୋବାଇକ୍ସ,
ସ୍ଥାନ/ପୋଷ୍ଟ– ରାମକୃଷ୍ଣ ମିଶନ୍ ସମ୍ମୁଖ, ମୋଚି ସାହି
ଜିଲ୍ଲା: ପୁରୀ, ପିନ୍ – 752001, ଓଡ଼ିଶା
ତାରିଖ: 11th ଅକ୍ଟୋବର, 2018
ସମୟ: 4.00 pm
INDIA'S FIRST 5 YEAR WARRANTY* *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two wheeler. For further information, please contact your nearest Hero MotoCorp outlet or contact on our Toll Free No.: 1800-266-0018 or visit our website www.HeroMotoCorp.com.
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com @HeroMotoCorp



ଯେଉଁମାନଙ୍କ ମନ ଛୋଟ, ଛୋଟିଆଟା ସେମାନଙ୍କୁ ବଡ଼ ବୋଲି ଦିଶେ।
-ଅଲିଭର ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଧାରଣାରେ ବସିଲେ ଶିଶୁଭବନ ସୁରକ୍ଷାକର୍ମୀ

**କଟକ ଅଫିସ,୧୦।୧୦:** ୨ ମାସ ଧରି ଦରମା ନ ମିଳିବା ପ୍ରତିବାଦରେ ଶିଶୁଭବନରେ କାର୍ଯ୍ୟରତ ସୁରକ୍ଷାକର୍ମୀମାନେ ବୁଧବାର ଧାରଣାକୁ ଓହ୍ଲାଇଛନ୍ତି। ଏପରି କି ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଗୁରୁବାର କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ଧାରଣାରତ ସୁରକ୍ଷାକର୍ମୀମାନେ ଚେତାବନୀ ଦେଇଛନ୍ତି। ଶିଶୁଭବନରେ ନିୟୋଜିତ ସୁରକ୍ଷାକର୍ମୀମାନେ ଭୁବନେଶ୍ୱରର ଏକ ଘରୋଇ ସୁରକ୍ଷାକର୍ମୀ ସଂସ୍ଥା ଅଧୀନରେ ଅଛନ୍ତି। ଦରମା ଠିକ୍ ସମୟରେ ମିଳୁନାହିଁ। ଫଳରେ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇପଡ଼ିଲାଣି ବୋଲି ସୁରକ୍ଷାକର୍ମୀମାନେ କହିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଦୁଇଥର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେମାନେ କହିଥିଲେ।

### ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ସ୍ମାରକପତ୍ର

**କଟକ ଅଫିସ,୧୦।୧୦:** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପରୋକ୍ଷ ଛାତ୍ର ସଂସଦ ନିର୍ବାଚନକୁ ବିରୋଧ କରି ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ବୁଧବାର କୁଳପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଛାତ୍ର ସଂସଦକୁ ପରୋକ୍ଷ ଭାବେ କରାଯିବା ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି ଅଭିଯାନ ପକ୍ଷରୁ ଅଭିଯୋଗ ହେବା ସହ ଛାତ୍ର ଆନ୍ଦୋଳନରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରାଯାଇଛି। ଆକ୍ରୋଶମୂଳକ ଭାବେ ଛାତ୍ରୀଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହାକୁ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଅଭିଯାନ ପକ୍ଷରୁ କୁହାଯାଇଥିଲା। ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ସିଦ୍ଧାର୍ଥ ରଥ, ପ୍ରଶାନ୍ତ ଦାସ, କ୍ଷିରୋଦ ମହାପାତ୍ର, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ଅକ୍ଷୟ ରାହୁଳ, ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ।

### କିଶୋର ନଗର ଟେଲିଫୋନ ଏକ୍ସଚେଞ୍ଜ ଅଚଳ

**କଟକ ସଦର, ୧୦।୧୦(ଡି.ଏନ.ଏ.):** କଟକ ଜିଲା କିଶୋର ନଗର ଟେଲିଫୋନ ଏକ୍ସଚେଞ୍ଜ ପ୍ରାୟ ୧୫ ଦିନ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ରହିଛି। ଏଥିଯୋଗୁ ୫୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ତହସିଲ, ଥାନା ଓ ଜଳ ସମ୍ପଦ ବିଭାଗ ଅଫିସ ସହ ସାଧାରଣ ଲୋକଙ୍କର ଯୋଗାଯୋଗ ହୋଇପାରୁନାହିଁ। ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ କିଶନ ନଗର ତହସିଲର ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଥିବାରୁ ରାଜ୍ୟ ସଚିବାଳୟ ଓ ଜିଲାପାଳଙ୍କ ଅଫିସରୁ ନିର୍ଦ୍ଦେଶନାମା ଆସିପାରୁନାହିଁ। ଉକ୍ତ ଟେଲିଫୋନ୍ ଏକ୍ସଚେଞ୍ଜ ପରିସରରେ ଥିବା ବିଏସ୍ଏନ୍ଏଲ୍ ମୋବାଇଲ ଟାୱାର ଅଚଳ ରହୁଥିବାରୁ ଏହି ଅଞ୍ଚଳରେ ସେଲ୍ଫୋନ୍ କାର୍ଯ୍ୟ କରୁନାହିଁ। ଘନଘନ ବିଦ୍ୟୁତ୍ ବିଭ୍ରାଟ ମୁକାବିଲା ପାଇଁ ଏକ୍ସଚେଞ୍ଜରେ ବ୍ୟାଟେରୀ ନ ଥିବାରୁ ଲ୍ୟାଣ୍ଡଫୋନ୍ ଓ ମୋବାଇଲ ସେବା ବ୍ୟାହତ ହେବା ପ୍ରମୁଖ କାରଣ ବୋଲି କୁହାଯାଉଛି। କଟକ ଏସ୍ଡିଓ(ଟେଲିଗ୍ରାଫ) ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ପାଇଁ ଉପଭୋକ୍ତାମାନଙ୍କ ପକ୍ଷରୁ ଦାବି ହେଉଛି।

### ଗଡଖାଇ ସୌନ୍ଦର୍ଯ୍ୟକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**କଟକ ଅଫିସ, ୧୦।୧୦:** କଟକ ବାରବାଟୀ ଦୁର୍ଗ ଗଡଖାଇର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଏମ୍ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍ସି ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଏଏସ୍ଆଇ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, କର୍ପୋରେଟର ରମଜାନ ଖାନ୍, ସିଏମ୍ସି ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଖୁବ୍ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ସମାପନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଗଡଖାଇ ପ୍ରବେଶ ସ୍ଥଳକୁ ଏକ ପୋଲରାସ୍ତା ଦ୍ୱାରା ସଂଯୋଗ କରାଯିବା ପାଇଁ ଏମ୍ପି ମହତାବ ପ୍ରସ୍ତାବ ଦେଇଥିଲେ।

## ବାତ୍ୟା ସ୍ଥିତି ସମୀକ୍ଷା କଲେ କଟକ ଜିଲାପାଳ

# ଜଳବନ୍ଦୀ ଏଡ଼ାଇବାକୁ ନିର୍ଦ୍ଦେଶ

- ଜିରୋ କାଜୁଆଲଟି ଉପରେ ଗୁରୁତ୍ୱ
- ଦୁଇଦିନ ବନ୍ଦ ରହିବ ସ୍କୁଲ୍, କଲେଜ, ଅଙ୍ଗନୱାଡି କେନ୍ଦ୍ର
- ପରବର୍ତ୍ତୀ ପରିସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ

**କଟକ ଅଫିସ, ୧୦।୧୦**

ବାତ୍ୟା 'ତିତ୍ଲି' ଓ ଏହା ପରବର୍ତ୍ତୀ ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ହୋଇଛି। ବୁଧବାର ଏନେଇ ଜିଲାପାଳଙ୍କ କର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧକ୍ଷତା କରି ବାତ୍ୟା ସ୍ଥିତି ଉପରେ ସମୀକ୍ଷା କରିଥିଲେ। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କଠାରୁ ବିଭିନ୍ନ ତଥ୍ୟ ଚାହିଁବା ସହ ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ଯୋଗୁ ଯେପରି କୌଣସି ପ୍ରକାର ଆକସ୍ମିକ ଦୁର୍ଘଟଣା ନ ଘଟେ ସେଥିପ୍ରତି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି କଟକ ସହର ଓ ଜିଲାର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଏଡାଇବା ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ନିରାପଦ ଓ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରିବାକୁ କହିଥିଲେ।

ତେବେ କଟକ ସହରର ଜଳ ନିଷ୍କାସନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ ଜିଲାପାଳ। ପ୍ରବଳ ବର୍ଷା ହେଲେ ସହରରୁ ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତୁତ ରହିବାକୁ କଟକ ମହାନଗର ନିଗମ (ସିଏମ୍ସି) କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏମ୍ସିରେ ୫୫ଟି ହାଇ ପାୱାର ପମ୍ପସେଟ୍ ରହିଛି। ଆଶ୍ରୟସ୍ଥଳଗୁଡ଼ିକ ପ୍ରସ୍ତୁତ କରି ରଖାଯାଇଥିବାବେଳେ ରିଲିଫ୍ ବଣ୍ଟନର ସୁପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସିଏମସି କମିଶନର ଶରତ ଚନ୍ଦ୍ର ନାୟକ ବୈଠକରେ କହିଥିଲେ। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ବକ୍ସିବଜାରଠାରେ ୧୦ଟି ପମ୍ପ ସେଟ୍ ରଖାଯାଇଛି। ଆବଶ୍ୟକ ହେଲେ ଅଧିକ ପମ୍ପସେଟ ଅଣାଯିବ ବୋଲି ବିଭାଗୀୟ ଅଧିକାରୀମାନେ ଜିଲାପାଳଙ୍କୁ ଜଣାଇଥିଲେ। ସେହିଭଳି ୨୬ଟି ପାୱାର ବୋଟ୍ ପ୍ରସ୍ତୁତ ରହିଥିବା ଓଡ୍ରାଫ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ। ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ମରାମତି କ୍ଷେତ୍ରରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ ସହାୟତା କରିବ ବୋଲି ଜିଲାପାଳ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରତି ବ୍ଲକ ଓ ଜିଲା ସଦର ମହକୁମାରେ ଅବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ପାଖରେ ଆବଶ୍ୟକ କିରୋସିନ ଓ ଡିଜେଲ ପହଞ୍ଚାଇବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ କହିଥିଲେ। ସେହିପରି ଜଳା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଜିଲାର ବିଭିନ୍ନ ବ୍ଲକ ଓ ସଦର ମହକୁମା ଅଞ୍ଚଳରେ ଗୋଖାଦ୍ୟ ଓ ପଶୁ ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି। ଜିଲାର ସମସ୍ତ ତହସିଲଦାର ଓ ବିଡିଓ ନିଜ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ତିତ୍ଲି ମୁକାବିଲା ପରିପ୍ରେକ୍ଷୀରେ ଜିଲାର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ର ୧୧ ଓ ୧୨ ତାରିଖ ଦୁଇଦିନ ବନ୍ଦ ରହିବ ବୋଲି ଜିଲାପାଳ ବୈଠକରେ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ହରିଶ ଚନ୍ଦ୍ର ନାୟକ, ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ଏମ.ଆର. ଖାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତିଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସିଏମ୍ସି କମିଶନର ନାୟକ ସ୍ୱତନ୍ତ୍ର ବୈଠକ ଡାକି ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଳ ନିଷ୍କାସନ ଓ ଥଇଥାନ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା।

## 'ତିତ୍ଲି'ରୁ ରକ୍ଷା ପାଇଁ ହୋମଯଜ୍ଞ



ସମ୍ଭାବ୍ୟ ବାତ୍ୟା ତିତ୍ଲିକୁ ନେଇ ଚାରିଆଡେ ଭୟ ଓ ଆଶଙ୍କା ଲାଗି ରହିଥିଲା। ବାତ୍ୟା ଆସିବାର ଅବ୍ୟବହିତ ପୂର୍ବରୁ ବୁଧବାର ଲୋକଙ୍କ ମନରେ ଭିନ୍ନ ଧାରଣା ସୃଷ୍ଟି ହୋଇଥିଲା। ତିତ୍ଲି ପ୍ରକୋପରୁ ରକ୍ଷା ପାଇବା ପାଇଁ କଟକ ସହରର ବିଭିନ୍ନ ସ୍ଥାନରେ ହୋମଯଜ୍ଞ କରାଯାଇଥିଲା। ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପରିସରରେ ଚାରଣ ଗୋଷ୍ଠୀ ପକ୍ଷରୁ ଯଜ୍ଞର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଉପସ୍ଥିତ ରହି ଠାକୁରଙ୍କୁ ପ୍ରାର୍ଥନା କରିଥିଲେ।



**'ତିତ୍ଲି' ଭୟ:** ବୁଧବାର କଟକ ଚାନ୍ଦିନୀଚୌକଠାରେ ଦଶହରା ପୂଜା ପାଇଁ ନିର୍ମିତ ଏଲଇଡ଼ି ତୋରଣକୁ ଖୋଲାଯାଉଛି।

## ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**କଣ୍ଟାପଡା, ୧୦।୧୦(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ସମ୍ଭାବ୍ୟ ବାତ୍ୟା 'ତିତ୍ଲି'ର ମୁକାବିଲା ପାଇଁ ବୁଧବାର ଅପରାହ୍ନରେ ବ୍ଲକ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଡିଓ କେ. ଅଶୋକ କୁମାର, ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାତ୍ୟାରେ ଯେପରି କୌଣସି କ୍ଷୟକ୍ଷତି ନ ହୁଏ ସେଥିପ୍ରତି ସଜାଗ ରହିବାକୁ ସମସ୍ତ ବିଭାଗର ଅଧିକାରୀଙ୍କୁ କହିଥିଲେ। ସମ୍ଭାବ୍ୟ ବାତ୍ୟାକୁ ଆଖିଆଗରେ ରଖି ସମସ୍ତ ରାଶନ କାର୍ଡଧାରୀମାନଙ୍କୁ ଆଗୁଆ ୨ମାସର ଚାଉଳ, ଗହମ ଓ ଗୋଟିଏ ମାସର କିରୋସିନ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯିବା ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବ୍ଲକ ଯୋଗାଣ ଅନୁନିରୀକ୍ଷକ ନସିମା ବେଗମଙ୍କୁ କୁହାଯାଇଥିଲା। ସେହିପରି ବ୍ଲକର ୫ଟି ସ୍ଥାନରେ ଶୁଖିଲାଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ପରିସ୍ଥିତି ପ୍ରତି ସତର୍କ ନଜର ରଖିବାକୁ ନୋଡାଲ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପଞ୍ଚାୟତସ୍ତରରେ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଆରଆଇଙ୍କୁ ନେଇ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏକ ଟିମ୍ ଗଠନ କରାଯାଇଥିଲା। ବାତ୍ୟାଜନିତ ଫସଲ କ୍ଷତି ପାଇଁ ଗ୍ରାମ୍ୟ କୃଷି କର୍ମଚାରୀମାନେ ସଜାଗ ରହିବା ସହ କ୍ଷୟକ୍ଷତି ଜନିତ ରିପୋର୍ଟ ତୁରନ୍ତ ଦେବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପ୍ରାଣୀ ଚିକିତ୍ସାଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଖାଲୁଆ ଅଞ୍ଚଳରେ ଥିବା ଗୃହପାଳିତ ପ୍ରାଣୀଙ୍କୁ ତୁରନ୍ତ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯିବା ସହ ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବାକୁ କୁହାଯାଇଥିଲା।



ଷୋଳପୂଜା ଉପଲକ୍ଷେ ମା' କଟକଚଣ୍ଡୀଙ୍କ ରାଜରାଜେଶ୍ୱରୀ ବେଶ। ମା' ଗଡଚଣ୍ଡୀଙ୍କ ତାରାବେଶ। ମା' ଝାଞ୍ଜିରୀମଙ୍ଗଳାଙ୍କ ବଗଳାମୁଖୀ ବେଶ। ମା' ବାସନ୍ତୀଦୁର୍ଗାଙ୍କ ଗଜଲକ୍ଷ୍ମୀ ବେଶ। ମା' ଧାକୁଲେଇଙ୍କ ଗାୟତ୍ରୀ ବେଶ।

## 'ଷ୍ଟୋରିଜ୍ ଫ୍ରମ ସାରଳା ମହାଭାରତ' ଉନ୍ମୋଚିତ




**କଟକ ଅଫିସ, ୧୦।୧୦**

ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଇଂଲିଶ ପୁସ୍ତକ 'ଷ୍ଟୋରିଜ୍ ଫ୍ରମ୍ ସାରଳା ମହାଭାରତ' ଉନ୍ମୋଚିତ ହୋଇଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଡ. ଜୟନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗ୍ରନ୍ଥକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଲେ, ସାରଳା ମହାଭାରତର ଚିତ୍ର, ଚରିତ୍ର, କଥା କାହାଣୀ ସମଗ୍ର ବିଶ୍ୱ ସାହିତ୍ୟରେ ଅନନ୍ୟ ଓ ଅସାଧାରଣ। ଏହା ସମଗ୍ର ପୃଥିବୀର ଏକ ସର୍ବୋତ୍ତମ ଓ ଅନୁପମ ସାହିତ୍ୟ କୃତି ବୋଲି ସେ କହିଥିଲେ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ କହିଲେ, ଷ୍ଟୋରିଜ ଫ୍ରମ୍ ସାରଳା ମହାଭାରତ ଗ୍ରନ୍ଥ ଅଜସ୍ର ପାଠକୀୟ ପ୍ରଶଂସା ଲାଭ କରିବ। ସାରଳା ଦାସଙ୍କ ମହାଭାରାତ ଓଡ଼ିଶାର ଅମୂଲ୍ୟ ସମ୍ପଦ ଓ ଏହା ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ତାଙ୍କ କୃତୀ ଓ କୀର୍ତ୍ତିକୁ ବିଶ୍ୱଖ୍ୟାତି ଆଣିଦେବା ପାଇଁ ସାରଳା ସାହିତ୍ୟ ସଂସଦ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିବା ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କବି ଡ. ସଂଗ୍ରାମ ଜେନା ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଓ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। କବି ମନୋରମା ମହାପାତ୍ର, ଡ. ସୌଦାମିନୀ ନନ୍ଦ, ଡ. ନଟବର ଶତପଥୀ, ଡ. ବାବାଜୀ ଚରଣ ପଟ୍ଟନାୟକ, ଡା. ନିମାଇଁ ଚରଣ ପରିଡା, ଡା. ନୀରଦ କୁମାର ଗୋଛାୟତ, ଡ. ପ୍ରତାପ କିଶୋର ମହାନ୍ତି, ଡ. ମହେଶ୍ୱର ମହାନ୍ତି, ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡା, ଡ. ସୁନାମଣି ରାଉତ, ପ୍ରକାଶକ ପୀତାମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା: ଏସ୍‌ସିବିକୁ ମିଳିଲା ଅନୁମତି

**କଟକ ଅଫିସ, ୧୦।୧୦**

ଏସ୍‌ସିବି ମେଡିକାଲରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ୭ ମାସ ପରେ ମିଳିଛି ଅନୁମତି। ୨୦୧୬ ଫେବୃୟାରୀ ୬ରେ ଏସ୍‌ସିବି ମେଡିକାଲକୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁମତି ଦେଇଥିଲା। ଏହାର ଅବଧି ୨୦୧୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଥିଲା। ନିୟମ ଅନୁସାରେ, ଅବଧି ଶେଷ ପୂର୍ବରୁ ମେଡିକାଲ ପକ୍ଷରୁ ଆବେଦନ କରାଯିବା କଥା। ହେଲେ ମାର୍ଚ୍ଚରୁ ଏହି ଅବଧି ଶେଷ ହୋଇଥିଲେ ମଧ ଗତ ୪ ତାରିଖରେ ବୋର୍ଡ ପକ୍ଷରୁ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍-୨୦୧୬ ଅନୁଯାୟୀ ଏହି ଅନୁମତି ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୨୧୩୨ ବେଡ୍ ବିଶିଷ୍ଟ ଏସ୍‌ସିବି ମେଡିକାଲର କମନ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଫ୍ୟାସିଲିଟିଜ୍ ରହିଛି। ଏହି ଅନୁଯାୟୀ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ମେଡିକାଲ ପରିସରରେ ଏକ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟ କରୁଛି। ମେଡିକାଲରୁ ଦୈନିକ ୪୫୦ରୁ ୫୦୦ କେଜିର ମେଡିକାଲ ବର୍ଜ୍ୟବସ୍ତୁ ବାହାରୁଛି। ଏହାର ଟ୍ରିଟମେଣ୍ଟ ନିମନ୍ତେ ମେଡିକାଲ ପରିସରରେ ଥିବା ପ୍ଲାଣ୍ଟରେ ମାଇକ୍ରୋୱେଭ, ସ୍ରେଡର ଓ ଇନସିନେରଟର ଜରିଆରେ ଏହାର ଦହନ କରାଯାଇଥାଏ। ଏହାକୁ ପରିଚାଳନା ପାଇଁ ଅନୁମତି ଦରକାର ପଡିଥାଏ। କିନ୍ତୁ ବିନାନୁମତିରେ କିପରି ବର୍ଜ୍ୟବସ୍ତୁ ପରିଚାଳନା କରାଯାଉଥିଲା ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟର ପ୍ରକଳ୍ପ ଅଧିକାରୀ ବିଶ୍ୱଜିତା ମହାନ୍ତି କୁହନ୍ତି, ଅନୁମତି ଅବଧି ଶେଷ ହେବା ପୂର୍ବରୁ ଆବେଦନ କରାଯାଇଥିଲା। ପ୍ରଦୂଷଣ ବିଭାଗ ପକ୍ଷରୁ ବିଭିନ୍ନ ଯାଞ୍ଚ କରାଯିବା ପରେ ଏହାର ପରିଚାଳନା ନିମନ୍ତେ ମେଡିକାଲକୁ ପୁନର୍ବାର ଅନୁମତି ଦିଆଯାଇଛି।

## ୩୦୦ ଟଙ୍କା ଲାଞ୍ଚ ପାଇଁ ପୂର୍ବତନ ଆର୍‌ଆଇଙ୍କୁ ୩ ବର୍ଷ ଜେଲ୍

**କଟକ ଅଫିସ, ୧୦।୧୦**

୩୦୦ ଟଙ୍କା ଲାଞ୍ଚ ପାଇଁ ୩ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ ହୋଇଛନ୍ତି ପୂର୍ବତନ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରଘୁପତି ନନ୍ଦ। ଜରିମାନା ଅନାଆଦାୟ ହେଲେ ତାଙ୍କୁ ଅଧିକ ୪ ମାସ ଜେଲ୍ ଭୋଗିବାକୁ ପଡିବ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ଶ୍ୟାମସୁନ୍ଦର ଦାସ ଏକ ଲାଞ୍ଚ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ରଘୁପତି ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ୨୦୦୯ରେ ଷ୍ଟାମ୍ପ୍ ଭେଣ୍ଡିଂ ଲାଇସେନ୍ସ ପାଇଁ ଆୟ ଏବଂ ବାସସ୍ଥାନ ସମ୍ପର୍କରେ ରିପୋର୍ଟ ଦେବାକୁ ବଂଶୀଧର ପ୍ରଧାନଙ୍କଠାରୁ ଲାଞ୍ଚ ନେଉ କରୁଥିବାବେଳେ ଭିଜିଲାନ୍ସ ଧରିଥିଲା। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପିପି ହେମନ୍ତ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## 'ଅନାହାରମୁକ୍ତ ହେବ ଓଡ଼ିଶା'

**ନିଶ୍ଚିନ୍ତକୋଇଲି/ସାଲେପୁର, ୧୦।୧୦(ସ୍ୱ.ପ୍ର./ଡି.ଏନ୍.ଏ)-**

ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ନୂତନ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କ୍ରୀଡାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଯୋଗଦେଇ ଆଗାମୀ ଦିନରେ ଓଡିଶାକୁ ଗରିବ ଓ ଅନାହାରମୁକ୍ତ କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ସୁଭଦ୍ରା ଦାସ, ମୀନକେତନ ସ୍ୱାଇଁ, ଅଚ୍ୟୁତାନନ୍ଦ ଦାସ, ଭାଗବତ ମଲିକ ଓ ପ୍ରିତମ ଦାସ ଯୋଗ ଦେଇଥିଲେ। ଏହି ଅବସରରେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ପଞ୍ଚାୟତର ୩୮୬ ଜଣଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ସେହିପରି ସାଲେପୁର ବ୍ଲକରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ ଅବସରରେ ମଧୁସ୍ମୃତି ମଣ୍ଡପ ପରିସରରେ ସାଲେପୁର ବିଡ଼ିଓ ଶିବବ୍ରତ ଘୋଷଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଉଷାଦେବୀ, ସମ୍ମାନିତ ଅତିଥିଭାବେ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଅନ୍ୟତମ ଅତିଥିଭାବେ ଜ୍ୟୋତିରେଖା ନାୟକ, ଦିଲ୍ଲୀପ ଦାଶ, ବ୍ଲକ୍ ଅଧକ୍ଷା ମମତା ରାଉତ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ମହାନ୍ତି, ଅଶୋକ କୁମାର ଭୂୟାଁ ଓ ଶୁଭାଶିଷ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବ୍ୟର୍ଥ ହେଲା ଛାତ୍ରନେତାଙ୍କ ପରିଶ୍ରମ

**କଟକ ଅଫିସ,୧୦।୧୦**

**ଛାତ୍ର ସଂସଦ ନିର୍ବାଚନ ବାତିଲ**

ବୁଧବାର ପୂର୍ବାହ୍ନରେ ଚଳଚଞ୍ଚଳ ହୋଇ ଉଠିଥିଲା ସହରର ବିଭିନ୍ନ ମହାବିଦ୍ୟାଳୟ ପରିସର। ଗୁରୁବାର ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାବେଳେ ବୁଧବାର ଥିଲା ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ଛାତ୍ରନେତାମାନେ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରକୁ ଆସିଥିଲେ। ହେଲେ ସମସ୍ତ ମହାବିଦ୍ୟାଳୟରେ ଏହି ପ୍ରାକ୍ ଛାତ୍ର ସଂସଦ ନିର୍ବାଚନ ବୈଠକ ନ ସରୁଣୁ ରାଜ୍ୟ ସରକାର ଉକ୍ତ ନିର୍ବାଚନକୁ ବାତିଲ କରିଦେଇଥିଲେ। ଫଳରେ କିଛି ମାସ ଧରି ଛାତ୍ରନେତାମାନେ କରିଚାଲିଥିବା ପରିଶ୍ରମ ବ୍ୟର୍ଥ ହୋଇଛି। ସମ୍ଭାବ୍ୟ ବାତ୍ୟା ତିତ୍ଲିର ଭୟାଭୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଘୋଷଣାନାମା ଜାରି କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ରହିଥିଲା ମହାବିଦ୍ୟାଳୟର ଛାତ୍ର ସଂସଦକୁ ହାତେଇବାର ଶେଷ ଦିନ। ଏଣୁ ସହରର ବିଭିନ୍ନ ମଣ୍ଡପ, ହୋଟେଲରେ ଛାତ୍ର ସଙ୍ଗଠନଗୁଡ଼ିକ ପକ୍ଷରୁ ଭୋଜି ଆୟୋଜିତ ହୋଇଥିଲା। ହେଲେ ନିର୍ବାଚନ ବାତିଲ ହେବା ପରେ ଛାତ୍ରୀଛାତ୍ରମାନେ ଭୋଜିରେ ଯୋଗଦେଇ ନ ଥିଲେ। ଫଳରେ ବିପୁଳ ପରିମାଣର ଖାଦ୍ୟ ବଳକା ଯାଇଛି ବୋଲି ଜଣାପଡ଼ିଛି।



କଟକ ଶହୀଦ ଭବନରେ ବୁଧବାର ଅନୁଷ୍ଠିତ ବିଶ୍ୱନାଥ ପଶାୟତଙ୍କ ଜୟନ୍ତୀ ସମାରୋହକୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି କେ.ଜି. ବାଲକ୍ରିଷ୍ଣନ ଉଦ୍‌ଘାଟନ କରୁଛନ୍ତି।



ଯେଉଁମାନଙ୍କ ମନ ଛୋଟ, ଛୋଟିଆଟା ସେମାନଙ୍କୁ ବଡ଼ ବୋଲି ଦିଶେ।
- ଅଲିଭର ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ପୁରୀ ହିଂସାର ନିରପେକ୍ଷ ତଦନ୍ତ ଦାବି

**ପୁରୀ ଅଫିସ,୧୦।୧୦:** ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ଗତ ୩ ତାରିଖରେ ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦ ଯୋଗୁ ବ୍ୟାପକ ହିଂସାକାଣ୍ଡ ଓ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ରାଜ୍ୟ ମାନବାଧିକାର ଆୟୋଗ (ଓଏଚଆରସି)ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ପୁରୀ ବାଲିସାହି ସିଦ୍ଧବକୁଳ ଲେନ୍‌ର ଲଲାଟେନ୍ଦୁ ମିଶ୍ର। ସେ ଓଏଚଆରସିଙ୍କ ନିକଟକୁ ପଠାଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ସୁପ୍ରିମ୍‌କୋର୍ଟ ଧାଡ଼ିଦର୍ଶନ ପାଇଁ ନିର୍ଦ୍ଦେଶ ଦେଇ ନ ଥିବା (କେବଳ ପ୍ରସ୍ତାବ ଥିଲା) ବେଳେ କ'ଣ ପାଇଁ ଏହା ଲାଗୁ କରାଗଲା। ଧାଡ଼ିଦର୍ଶନକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିବା ବେଳେ ଜିଲା ପ୍ରଶାସନ ଆପୋସ ଆଲୋଚନା କଲା ନାହିଁ କାହିଁକି, ବନ୍ଦ ବେଳେ ପ୍ରଶାସନ ଅଧିକ ସଂଖ୍ୟକ ସୁରକ୍ଷା ବଳ କ'ଣ ପାଇଁ ରଖି ନ ଥିଲା, ସ୍ଥାନୀୟ ବିଧାୟକ ଏବଂ ଏମ୍‌ପି ଏଥିରେ ହସ୍ତକ୍ଷେପ କଲେ ନାହିଁ କାହିଁକି, ଶ୍ରୀମନ୍ଦିର କାର୍ଯ୍ୟାଳୟର ଜରୁରୀ ନଥିପତ୍ର କିଏ ପୋଡ଼ିଲା ଇତ୍ୟାଦି ୧୨ ଦଫା ଦାବି ରଖିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ମିଶ୍ର ଓଏଚଆରସିଙ୍କୁ ନିବେଦନ କରିଛନ୍ତି।

### ରାଶନ କାର୍ଡ ବଣ୍ଟନ ସମାରୋହ

**କଣାସ,୧୦।୧୦(ଡି.ଏନ୍.ଏ.):** ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବୁଧବାର ଡେଲାଙ୍ଗ ବ୍ଲକ ପରିସରରେ ବ୍ଲକସ୍ତରୀୟ ନୂତନ ରାଶନ କାର୍ଡ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୃଷି ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଯୋଗଦେଇ ୨୦୫ ପରିବାରକୁ ୭୧୫ଟି ରାଶନ କାର୍ଡ ବଣ୍ଟନ କରିଥିବା ବେଳେ ଅବଶିଷ୍ଟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ରାଶନ କାର୍ଡ ବଣ୍ଟନ କରାଯିବ ବୋଲି ବ୍ଲକ ଯୋଗାଣ ଅଧିକାରିଣୀ ଲିପ୍‌ସା ରାଣୀ ରାଉତ କହିଛନ୍ତି। ଏହି ରାଶନ କାର୍ଡ ବଣ୍ଟନ ସମାରୋହରେ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ବିଡିଓ କ୍ଷୀରୋଦ ପ୍ରଧାନ, ସିଡିପିଓ କାମିନି ପ୍ରଭା ସ୍ୱାଇଁ, ଜିପିଇଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ, ବୈରାଗୀ ଜେନା, କିଶୋର ଛୋଟରାୟ, କବିନ୍ଦ୍ର ବଳବନ୍ତରାୟ, ଆମ୍ଭ ସଭାପତି ବିଜୟ ଚମ୍ପତିରାୟ, ବିଦ୍ୟୁଲତା ସ୍ୱାଇଁ, ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଆମ୍ଭ ସଭାପତି ବସନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

■ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବୈଠକ

# ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ

**ନିମାପଡ଼ା/ ସାକ୍ଷୀଗୋପାଳ/ ଗୋପ, ୧୦।୧୦ (ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା 'ତିତ୍‌ଲି'ର ମୁକାବିଲା ପାଇଁ ସ୍ଥାନୀୟ ବ୍ଲକ ଓ ତହସିଲ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ବିଡିଓ କମଲଜିତ ଦାସଙ୍କ ଅଧ୍ୟକ୍ଷତାରେ ନିମାପଡ଼ା ବ୍ଲକ ସଭାକକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ପରିସ୍ଥିତିରେ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଛି ବୋଲି ବିଡିଓ ଦାସ କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତ ହେଡକ୍ୱାର୍ଟରରେ ଆର୍‌ଆଇ, ବ୍ଲକ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ, ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ସଜାଗ ରହିବା ପାଇଁ ବିଡିଓ ଦାସ ନିର୍ଦ୍ଦେଶ ଦେଇଛନ୍ତି। ୩୨ ହଜାର ଲିଟର କରୋସିନ, ୭୫ କୁଇଣ୍ଟାଲ ଚୁଡ଼ା, ୨୦କୁଇଣ୍ଟାଲ ଗୁଡ, ବିସ୍କିଟ, ଚାଉଳ ଆଦି ରଖାଯାଇଛି। ତଳିଆ ଅଞ୍ଚଳ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଅଣାଯିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ କଣ୍ଟ୍ରୋଲରୁମ ଖୋଲାଯାଇଥିବାବେଳେ ସମସ୍ତ କାର୍ଯ୍ୟ ତଦାରଖ ପାଇଁ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ବିଡିଓ ଦାସ କହିଛନ୍ତି।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ସେହିପରି ସତ୍ୟବାଦୀ ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନଙ୍କ ଅଧକ୍ଷତା କରି ପ୍ରସ୍ତୁତି ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲାଯାଇଥିବାବେଳେ ନୋଡାଲ ଅଫିସରମାନେ ପଞ୍ଚାୟତ ହେଡକ୍ୱାର୍ଟରରେ ରହିବାକୁ କୁହାଯାଇଛି। ସତ୍ୟବାଦୀରେ ଥିବା ୫ଟି ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖିବା ସହ ବିଦ୍ୟାଳୟଗୁଡିକୁ ଆବଶ୍ୟକ ସ୍ଥଳେ ବ୍ୟବହାର କରିବା ପାଇଁ ଆଲୋଚନା ହୋଇଛି। ସରକାରୀ ଖୁଚରା ଖାଉଟିଦ୍ରବ୍ୟ ଯୋଗାଣ କେନ୍ଦ୍ରରେ ହିତାଧିକାରୀମାନଙ୍କ ଖାଉଟି ସାମଗ୍ରୀ ଯୋଗାଇ ଦେବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଗୋପ ବ୍ଲକ ଅଧୀନରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିବା ସହ ଖାଲୁଆ ଅଞ୍ଚଳରେ ଥିବା ଚନ୍ଦ୍ରଭାଗା ଅଞ୍ଚଳର ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗୋପ ବ୍ଲକ ପରିସରରେ ଥିବା ବୈଠକ ଗୃହରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଗ୍ନିଶମ ବିଭାଗକୁ ସଜାଗ ରହିବାକୁ କୁହାଯାଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକୀୟ ଔଷଧ ଯୋଗାଇଦେବା ପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜସ୍ମିନ୍ ଆଫ୍ରୋଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଯୋଗାଣ ବିଭାଗକୁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ, ସ୍କୁଲ କଲେଜ ଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକଙ୍କୁ ଯେପରି ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଏ ସେଥିପ୍ରତି ଯତ୍ନ ନେବାକୁ ବ୍ଲକ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଖିଲା ଖାଦ୍ୟ ଓ ମହମବତି ଜନସାଧାରଣମାନଙ୍କ ପାଖରେ ଯେପରି ଠିକ୍‌ଭାବେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତ ବଣ୍ଟନ ସାମଗ୍ରୀ ଦାୟିତ୍ୱରେ ଥିବା ଡିଲରମାନଙ୍କୁ ଯୋଗାଣ ବିଭାଗ ଅଧିକାରୀ ପ୍ରଦୀପ୍ତ କୁମାର ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

# ତିତ୍‌ଲି ଭୟ: ଫୋକସରେ କୃଷ୍ଣପ୍ରସାଦ, ବ୍ରହ୍ମଗିରି

**ପୁରୀ ଅଫିସ, ୧୦।୧୦**

ତିତ୍‌ଲି ଯଦି ଗୋପାଳପୁରଠାରେ ସ୍ଥଳଭାଗକୁ ଛୁଏଁ ତେବେ ପୁରୀ ଜିଲାର କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ବ୍ଲକ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଏହି ଦୁଇ ବ୍ଲକକୁ ଫୋକସରେ ରଖିଛି ପ୍ରଶାସନ। ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସଂକ୍ରାନ୍ତରେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। କୃଷ୍ଣପ୍ରସାଦ ଅଞ୍ଚଳରୁ ୧,୧୦୦ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୮୦ କୁଇଣ୍ଟାଲ ଚୁଡ଼ା ପଠାଯାଇଛି। କୃଷ୍ଣପ୍ରସାଦଠାରୁ ଜହ୍ନିକୁଦା ଓ ପୁରୀ-ସାତପଡ଼ା ମଧ୍ୟରେ ଯଦି ଗଛ ପଡି ରାସ୍ତା ଅବରୋଧ ହୁଏ ତେବେ ଓଡ୍ରାଫ୍ ଓ ପୂର୍ତ୍ତ ବିଭାଗକୁ ତୁରନ୍ତ ରାସ୍ତା ସଫା କରିବା ଲାଗି ସଜାଗ ରହିବାକୁ କୁହାଯାଇଛି। ଆଶ୍ରୟସ୍ଥଳକୁ ଆସିଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବାକୁ ସମସ୍ତ ସରପଞ୍ଚଙ୍କୁ କୁହାଯାଇଛି। ଗୋଖାଦ୍ୟ ମଗାଯାଇଛି, ପହଞ୍ଚିବା ପରେ ଏହା ପଠାଯିବ। କୃଷ୍ଣପ୍ରସାଦକୁ ପଠାଯାଇଥିବା ଓଡ୍ରାଫ ଟିମ୍ ମାଲୁଦଠାରେ ରହିଛନ୍ତି।

■ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା

# ନାରାୟଣୀ ମନ୍ଦିରକୁ ବିଜେ ହେଲେ ଦୁର୍ଗାମାଧବ



ଗୁପ୍ତ ଗୁଣ୍ଡିଚା ନୀତି ସମ୍ପନ୍ନ ପାଇଁ ଦୁର୍ଗାମାଧବ ଶ୍ରୀମନ୍ଦିରରୁ ଦୋଳମଣ୍ଡପ ସାହିକୁ ଯାଉଛନ୍ତି।

**ପୁରୀ ଅଫିସ, ୧୦।୧୦**

ଶ୍ରୀମନ୍ଦିରରେ ଚାଲିଛି ଦୁର୍ଗାମାଧବ ଉପାସନା। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରଥମ ଦିନରେ ମା' ବିମଳାଙ୍କ ପୀଠରୁ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ବଢିବା ପରେ ଦୁର୍ଗାମାଧବ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ବୁଧବାର ସକାଳ ଧୂପ ବଢିବା ପରେ ଦୁର୍ଗାମାଧବ ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପଠାରେ ଥିବା ବିମାନରେ ବିଜେ କରିଥିଲେ। ଘଣ୍ଟ, ଛତା, କାହାଳୀ ଓ ବୈଜୟନ୍ତି ପଟୁଆରରେ ବିମାନକୁ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହିକୁ ବିଜେ କରାଯାଇଥିଲା। ବିଜେ ସମୟରେ ବିଭିନ୍ନ ସ୍ଥାନରେ ପାରମ୍ପରିକ ପନ୍ତି ଅନୁଷ୍ଠିତ ହୋଇଥିଲା। ବିମାନକୁ ସାହି ମଝିରେ ଥିବା ମା' ନାରାୟଣୀଙ୍କ ମନ୍ଦିର ପରିସରକୁ ବିଜେ କରାଯାଇଥିଲା। ମନ୍ଦିର ଭିତର ଖଟ ଉପରେ ଦୁର୍ଗାମାଧବ ବିଜେ କରିବା ପରେ ଭିତରଚ୍ଛ ମହାପାତ୍ର ରୁପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇଥିଲେ। ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ଶ୍ରୀମନ୍ଦିରରେ ରାତ୍ର ଚନ୍ଦନ ଲାଗି ହେବା ପରେ ଦୁର୍ଗାମାଧବ ପାଲିଙ୍କିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇ ଭଣ୍ଡାରକୁ ବିଜେ କରିଥିଲେ। ଏହି ଉପାସନାକୁ ଗୁପ୍ତ ଗୁଣ୍ଡିଚା ବା ଶାକ୍ତ ଗୁଣ୍ଡିଚା କୁହାଯାଏ। ଏହିପରି ଦୁର୍ଗାମାଧବ ନବମୀ ପର୍ଯ୍ୟନ୍ତ ନାରାୟଣୀ ମନ୍ଦିରକୁ ବିଜେ କରିବେ। ସୂଚନାଯୋଗ୍ୟ, ଆଶ୍ୱିନ କୃଷ୍ଣ ଅଷ୍ଟମୀ ତଥା ମୂଳାଷ୍ଟମୀଠାରୁ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ବିମଳାଙ୍କ ଷୋଳପୂଜା ଆରମ୍ଭ ହୋଇଛି। ସେହିଦିନଠାରୁ ଦୁର୍ଗାମାଧବ ରୁନ୍ଧା ହୋଇ ପୂଜା ପାଉଛନ୍ତି। ଶ୍ରୀଦୁର୍ଗାମାଧବ ଷୋଳପୂଜାରେ ପ୍ରଥମ ୮ ଦିନ ମା' ବିମଳାଙ୍କ ମନ୍ଦିରକୁ ବିଜେ ହୋଇଥିବା ସ୍ଥଳେ ଶୁକ୍ଳ ପ୍ରତିପଦାରେ ଦୋଳମଣ୍ଡପ ସାହିସ୍ଥ ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ ହୋଇଥାନ୍ତି।

# ମଙ୍ଗଳାଙ୍କ ବଗଳାମୁଖୀ, ରାମଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ

**ପୁରୀ ଅଫିସ,୧୦।୧୦**

ଷୋଳପୂଜା ଅବସରରେ ବୁଧବାର ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠ ବେଶ୍ ଚଳଚଞ୍ଚଳ ଥିଲା। ବାଙ୍କୀମୁହାଣ ରାମଚଣ୍ଡୀ ଅନ୍ନପୂର୍ଣ୍ଣା ବେଶ ଏବଂ ବାସେଳିସାହି ବନଦୁର୍ଗା ଛକସ୍ଥିତ ମା' ମଙ୍ଗଳା ବଗଳାମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମଙ୍ଗଳାଙ୍କ ବେଶ ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟି ସଭ୍ୟ ସନ୍ତୋଷ ପଣ୍ଡା କୁହନ୍ତି, ସତ୍ୟ ଯୁଗରେ ଜୀବଜଗତକୁ ଧ୍ୱଂସ କରିଦେବା ଲାଗି ଏକ ଭୟଙ୍କର ପ୍ରଳୟ ଆସିଥିଲା। ଏହାକୁ ଦେଖି ପାଳନକର୍ତ୍ତା ବିଷ୍ଣୁ ଚିନ୍ତିତ ହୋଇପଡିଲେ। କ'ଣ କରିବେ, କେମିତି ଜୀବଜଗତକୁ ରକ୍ଷା କରିବେ ସେହି ଚିନ୍ତାରେ ସୌରାଷ୍ଟ୍ର ଦେଶର ହରିଦ୍ରା ସରୋବର ନିକଟକୁ ଯାଇ ମା' ଭଗବତୀଙ୍କୁ ପ୍ରସନ୍ନ କରିବା ପାଇଁ ଧ୍ୟାନ କଲେ। ମା' ଦୁର୍ଗା ବଗଳାମୁଖୀ ରୂପ ଧାରଣ କରି ସରୋବରରୁ ବାହାରି ଦର୍ଶନ ଦେବା ସହ ବିଧ୍ୱଂସକାରୀ ପ୍ରଳୟକୁ ନିପାତ କରିଥିଲେ। ଭଗବାନ ବିଷ୍ଣୁଙ୍କ ଧ୍ୟାନରେ ବଗଳାମୁଖୀ ପ୍ରକଟ ହୋଇଥିବାରୁ ମା'ଙ୍କୁ ପରମ ବୈଷ୍ଣବୀ କୁହାଯାଏ। ବଗଳାମୁଖୀଙ୍କୁ ପୂଜା କଲେ ମଙ୍ଗଳ ମହାଦଶା ଖଣ୍ଡନ ହେବା ସାଙ୍ଗକୁ ଶତ୍ରୁନାଶ, ବାଦ ବିବାଦରେ ଜୟ ହୋଇଥାଏ।



ବାସେଳି ସାହି ମଙ୍ଗଳାଙ୍କ ବଗଳାମୁଖୀ ବେଶ।



ବାଙ୍କୀମୁହାଣ ରାମଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।

### ମିଳିଲାନି କିରୋସିନ

**ଗୋପ,୧୦।୧୦(ଡି.ଏନ୍.ଏ.)**

ସାମ୍ଭାବ୍ୟ ବାତ୍ୟା ତିତଲକୁ ନେଇ ସମସ୍ତ ଡ଼ିଲର ପଏଣ୍ଟରେ କିରୋସିନ ତେଲ ଲୋକମାନଙ୍କୁ ଯୋଗାଇ ଦେବାକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗୋପ ବ୍ଲକର ସୁବର୍ଣ୍ଣପୁର, ଗଣେଶ୍ୱରପୁର, ବଉଳାଙ୍ଗ ଆଦି ଅଞ୍ଚଳରେ କିରୋସିନ ତେଲ ନ ମିଳିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ଗ୍ରାମାଞ୍ଚଳରେ ବିଦ୍ୟୁତ୍ କଟିଥିଲେ ମଧ ଲୋକମାନେ ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗୋପ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଦୀପ୍ତ କୁମାର ମିଶ୍ର କୁହନ୍ତି, ସମସ୍ତ ପଏଣ୍ଟକୁ କିରୋସିନ ତେଲ ଯୋଗାଇ ଦିଆଯାଇଥିଲା। କ'ଣ ପାଇଁ ବଣ୍ଟନ କରା ନ ଗଲା, ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

# ଖବରଦାତାଙ୍କୁ ମାଡ଼ ପ୍ରତିବାଦରେ ତହସିଲଦାରଙ୍କୁ ଦାବିପତ୍ର



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଣାସ,୧୦।୧୦(ଡି.ଏନ୍.ଏ.)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ବାରମ୍ବାର ମାଡ଼ ପ୍ରତିବାଦରେ ବୁଧବାର ଡେଲାଙ୍ଗ ପ୍ରେସ କ୍ଲବ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେରବୋଇ ଗାନ୍ଧୀପୀଠରୁ ଶୋଭାଯାତ୍ରା ବାହାରି ଡେଲାଙ୍ଗ ଷ୍ଟେଶନ ବଜାର ଦେଇ ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ପ୍ରେସ କ୍ଲବ ସଭାପତି ପ୍ରସନ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାମାଜିକକର୍ମୀ କ୍ଷେତ୍ରବାସୀ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ଡ. ବସନ୍ତ କୁମାର ଦାଶ, ସନ୍ତୋଷ କୁମାର ପଟ୍ଟନାୟକ, ବିଜୟ କୁମାର ମହାପାତ୍ର, ବିଜୟ ମିଶ୍ର, ଦିଲ୍ଲୀପ କୁମାର ଧାଉଡିଆ, ରଶ୍ମିରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ଜେନା, ଦୀପକ କୁମାର ମିଶ୍ର, ଗୀତାରାଣୀ ରଣଜିତ୍, ଲୋପାମୁଦ୍ରା ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, ହେମନ୍ତ ସେଠୀ, ସଞ୍ଜୟ ପ୍ରଧାନ, ଦିବାକର ଷଡଙ୍ଗୀ, ପଦ୍ମନାଭ ବରାଳ, ଲକ୍ଷ୍ମୀଧର ପ୍ରଧାନ, ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା, ସ୍ୱାସ୍ଥ୍ୟ ବୀମା କାର୍ଡରୁ ବଞ୍ଚିତ ସମସ୍ତ ଖବରଦାତାଙ୍କୁ ତୁରନ୍ତ କାର୍ଡ ପ୍ରଦାନ, କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ଓ ସହାୟତା ଆଦି ୭ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଥିଲା।

### ସମ୍ଭାବ୍ୟ ବାତ୍ୟା ନେଇ ଆତଙ୍କିତ ଉପକୂଳବାସୀ

**ବ୍ରହ୍ମଗିରି,୧୦।୧୦(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟାକୁ ନେଇ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନପାଟଣା, ଗବକୁଣ୍ଡ, ମିର୍ଜାପୁର, ଶିପକୁଦା, ଅରଖକୁଦା ଏବଂ ବ୍ରହ୍ମଗିରି ବ୍ଲକର ମୋଟ, ଜଗନ୍ନାଥ ପାଟଣା, ବଳଭଦ୍ରପୁର ଗ୍ରାମର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ବୁଧବାର ସକାଳୁ ଜୁଆର ପାଣି ଅରଖକୁଦା ଓ ସାନପାଟଣା ଗ୍ରାମରେ ପଶିବା ଫଳରେ ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯିବା ସହ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସଚେତନ କରାଯାଇଥିଲା। ବ୍ରହ୍ମଗିରି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ଉକ୍ତ ଗ୍ରାମକୁ ଯାଇ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ପରାମର୍ଶ ଦେଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ପ୍ରସ୍ତୁତ କରିବା ସହିତ ଜେନେରେଟର, ଖାଦ୍ୟ, ଔଷଧ ମହଜୁଦ ରହିଥିବା ସେ ପ୍ରକାଶ କରିଛନ୍ତି । ଏହା ସହ ବ୍ରହ୍ମଗିରି ବ୍ଲକର ବଳଭଦ୍ରପାଟଣା, ଜଗନ୍ନାଥ ପାଟଣା ଓ ଡିମିରିସେଣା ଆଦି ଗ୍ରାମରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଥିବା ବ୍ରହ୍ମଗିରି ବ୍ଲକ ବିଡିଓ ଦେବରାଜ ସେଠୀ କହିଛନ୍ତି।

■ ପୁରୀ ବନ୍ଦ ବେଳେ ଜୋତା ଷ୍ଟାଣ୍ଡ ଜାଳିଦେଲେ

# ଭକ୍ତଙ୍କୁ ମିଳୁନି ଆଉ ମାଗଣା ସେବା

**ପୁରୀ ଅଫିସ, ୧୦।୧୦**

ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥାନ୍ତି। ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ବିଶ୍ୱାସ ରଖିଥିବା ଏହି ଭକ୍ତଙ୍କ ମଧ୍ୟରେ ଅନେକ ଗରିବ ଶ୍ରେଣୀର ଶ୍ରଦ୍ଧାଳୁ ବି ଥାଆନ୍ତି। କାଳିଆ ଠାକୁରଙ୍କୁ ଦର୍ଶନ କରିବାର ମୋହରେ ସେମାନେ ଚାଲିଆସନ୍ତି ସିନା ହେଲେ ଅତ୍ୟାବଶ୍ୟକ ଖର୍ଚ୍ଚ କରିବାକୁ ବି ସେମାନଙ୍କୁ ଭାବିବାକୁ ପଡ଼େ। ଏହି ସମୟରେ ଯଦି ସେମାନଙ୍କୁ କୌଣସି ଛୋଟିଆ ଆର୍ଥିକ ସହଯୋଗ ମିଳେ ତାହା ସେମାନଙ୍କ ପାଇଁ ବି ବଡ଼ କଥା। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଗତ ୬ ମାସ ହେଲା ମାଗଣା ଜୋତା ରଖିବାର ସୁବିଧା ଯୋଗାଇ ଆସୁଥିଲା ଏକ ସଙ୍ଗଠନ। ହେଲେ ଗତ ୩ ତାରିଖ ପୁରୀ ବନ୍ଦ ବେଳେ ହୋଇଥିବା ହିଂସା ଯୋଗୁ ଭକ୍ତ ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିକ୍ଷୋଭକାରୀ ୪ଟି ମାଗଣା ଜୋତା ଷ୍ଟାଣ୍ଡକୁ ଜାଳି ପାଉଁଶ କରିଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡ ପକ୍ଷରୁ ଗତ ମାର୍ଚ୍ଚ ମାସଠାରୁ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଜୋତା ଓ ମୋବାଇଲ ଷ୍ଟାଣ୍ଡ ଆରମ୍ଭ କରାଯାଇଥିଲ। ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଗୋଟିଏ ଷ୍ଟଲ ଖୋଲିଥିଲା। ପରବର୍ତ୍ତୀ ସମୟରେ ସିଂହଦ୍ୱାର ଥାନା ନିକଟରେ ୪ଟି ଷ୍ଟଲ ଖୋଲିଥିଲା। ଭକ୍ତମାନେ ଏଠାରେ ମାଗଣାରେ ଜୋତା, ମୋବାଇଲ, ଚମଡ଼ା ବେଲ୍ଟ, ବ୍ୟାଗ୍ ଇତ୍ୟାଦି ରଖିବାର ସୁବିଧା ପାଉଥିଲେ। ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରିବା ପରେ କୁପନ ଦେଖାଇ ଯିଏ ଯାହାର ଜିନିଷ ନେଉଥିଲେ। ସେବା ମନୋବୃତ୍ତି ରଖି ପ୍ରାୟ ୭ ମାସ ହେଲା ଓଡ଼ିଶା ଶିଖ୍ ପ୍ରତିନିଧି ବୋର୍ଡ ପକ୍ଷରୁ ଯୋଗାଇ ଦିଆଯାଉଥିବା ଏହି ସେବାର ସୁଯୋଗ ନେଉଥିଲେ ଅନେକ ଗରିବ ଭକ୍ତ। ବାହାରେ ହୋଇଥିବା ଷ୍ଟାଣ୍ଡରେ ଜୋତା, ମୋବାଇଲ ଆଦି ରଖିବାକୁ ହେଲେ ଜଣଙ୍କୁ ଅନ୍ୟୁନ ୨୦ ଟଙ୍କା ଦେବାକୁ ପଡୁଥିବା ବେଳେ ଏଠାରେ ମାଗଣାରେ ଏହି ସେବା ମିଳୁଥିବାରୁ ଅନେକ ଶ୍ରଦ୍ଧାଳୁ ସନ୍ତୋଷ ବ୍ୟକ୍ତ କରୁଥିଲେ। ହେଲେ ଗତ ୩ ତାରିଖ ପୁରୀ ବନ୍ଦ ବେଳେ ପୋଡ଼ି ପାଉଁଶ ହୋଇଯାଇଛି ଏହି ମାଗଣା ଜୋତା ଷ୍ଟାଣ୍ଡ। ଶତାଧିକ ବିକ୍ଷୋଭକାରୀ ସିଂହଦ୍ୱାରଠାରେ ତୁମୁଳକାଣ୍ଡ ଭିଆଇବା ପରେ ମାଡ଼ି ଚାଲିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଅଭିମୁଖେ। ସିଂହଦ୍ୱାର ଥାନା ନିକଟରେ ଥିବା ୪ଟି ଷ୍ଟଲକୁ ପ୍ରଥମେ ଓଲଟାଇ ବାଡେଇ ବାଡେଇ ଭାଙ୍ଗିଥିଲେ। ଏହାପରେ ଏଥିରେ ନିଆଁ ଲଗାଇ ଦେଇଥିଲେ।



ପୁରୀ ବନ୍ଦ ବେଳେ ଜାଳି ଦିଆଯାଇଥିବା ମାଗଣା ଜୋତା ଷ୍ଟାଣ୍ଡ।

## ଫଟୋରେ ଖବର



ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବା ଲାଗି ବୁଧବାର ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟ ଅଧିକାରୀମାନେ ସତର୍କ କରାଉଛନ୍ତି।



ସମ୍ଭାବ୍ୟ ବାତ୍ୟା ତିତ୍‌ଲିକୁ ମୁକାବିଲା ଲାଗି ରହିଥିବା ଏନ୍‌ଡିଆର୍‌ଏଫ୍ ଦଳ।



ଶ୍ରୀକ୍ଷେତ୍ର ପୁରୀ ସହର ଉପରେ କଳାହାଣ୍ଡିଆ ମେଘର ଦୃଶ୍ୟ।